ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ଜୁନ୍ ୨୭/୨୦୨୦ (୧୬ ପୃଷ୍ଠା) | Dhenkanal, Saturday, June 27/2020 | ★★★★★
୧୬ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**କରିସ୍ମା ଭାଙ୍ଗିଥିଲେ ପରମ୍ପରା**
କପୁର ପରିବାରରେ ଝିଅଙ୍କୁ ଫିଲ୍ମରେ ଅଭିନୟ କରିବା ପାଇଁ ଅନୁମତି ନ ଥିଲା। ଏହି ପରମ୍ପରାକୁ କରିସ୍ମା କପୁର ୧୯୯୧ରେ ଭାଙ୍ଗିଥିଲେ।
୧୦

୧୬
**ଇଭାନିସେଭିଚ୍‌ଙ୍କୁ କରୋନା**
କ୍ରୋଏସିଆର ପୂର୍ବତନ ଟେନିସ ଖେଳାଳି ଗୋରାନ ଇଭାନିସେଭିଚ୍‌ଙ୍କର ହୋଇଥିବା କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଆସିଛି।



# ଚାରିଆଡୁ ଘେରିଲେ ପଡ଼ୋଶୀ

## ଆସାମକୁ ପାଣି ଛାଡ଼ିଲାନି ଭୁଟାନ
## ବିବାଦ ଉଠିବା ପରେ ସଫେଇ ଦେଲା

**ନୂଆଦିଲ୍ଲୀ,୨୬।୬**

ଚାଇନା, ପାକିସ୍ତାନ ଓ ନେପାଳ ପରେ ଏବେ ପଡ଼ୋଶୀ ଭୁଟାନ ଭାରତକୁ ହଇରାଣ କରିବା ଆରମ୍ଭ କରିଛି। ପାରମ୍ପରିକ 'ଡୋଙ୍ଗ୍' କେନାଲ ଦେଇ ଆସାମକୁ ପାଣି ଛାଡ଼ିବା ବନ୍ଦ କରିଦେଇଛି ଭାରତର ଏହି ବନ୍ଧୁରାଷ୍ଟ୍ର। ଏଥିଯୋଗୁ ଆସାମର ବକ୍ସା ଓ ଉଦଲଗୁରି ଜିଲା ସୀମାନ୍ତ ୨୫ ଗ୍ରାମର ହଜାର ହଜାର ଚାଷୀ ପ୍ରଭାବିତ ହୋଇଛନ୍ତି। ଏହାକୁ ନୂଆଦିଲ୍ଲୀ ଉପରେ କୂଟନୈତିକ ଚାପ ପକାଇବା ପାଇଁ କ୍ଷେତ୍ରୀୟ ସହଯୋଗୀଙ୍କୁ ନେଇ ବେଜିଂର ଏକ ଚାଲ୍ ଭାବେ ଦେଖାଯାଉଛି। ଅନ୍ୟପକ୍ଷରେ ଶୁକ୍ରବାର ଭୁଟାନ ଏଭଳି ଅଭିଯୋଗକୁ ଖଣ୍ଡନ କରିଛି। ଲଗାଣ ବର୍ଷା ଯୋଗୁ କେନାଲର ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବାରୁ ଆସାମକୁ ପାଣି ଛଡ଼ାଯାଇ ପାରୁନାହିଁ। ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଉଛି ବୋଲି ପ୍ରକାଶ ପାଇଥିବା ରିପୋର୍ଟରେ ସତ୍ୟତା ନାହିଁ ବୋଲି ଥିମ୍ପୁ ପକ୍ଷରୁ କୁହାଯାଇଛି। ଭୁଟାନର ନଦୀବନ୍ଧ ଯୋଜନା 'ଡୋଙ୍ଗ୍' ହେଉଛି ଶତାଧିକ ବର୍ଷ ପୁରୁଣା। ଏହି ଜଳସେଚନ ବ୍ୟବସ୍ଥାର ଦେଖାଶୁଣା ଓ ରକ୍ଷଣାବେକ୍ଷଣ ସେଠାକାର ସ୍ଥାନୀୟ ଲୋକେ କରିଥାଆନ୍ତି। ଭାରତର ଅନ୍ୟ ପ୍ରାନ୍ତଗୁଡ଼ିକରେ ଅନାବୃଷ୍ଟି ଯୋଗୁ ମରୁଡ଼ି ସ୍ଥିତି ସୃଷ୍ଟି ହେଉଥିବାବେଳେ ଡୋଙ୍ଗ୍ କେନାଲରୁ ମିଳୁଥିବା ସ୍ୱଚ୍ଛଜଳ ବ୍ୟବହାର କରି ଆସାମର ବକ୍ସା ଓ ଉଦଲଗୁରି ଜିଲାର ଚାଷୀମାନେ ଧାନ ଅମଳ କରିଥାନ୍ତି। ୧୯୫୩ ମସିହାରୁ ଡୋଙ୍ଗ୍ କେନାଲ ଦେଇ ଆସୁଥିବା ପାଣି ଉପରେ ସୀମାନ୍ତ ଚାଷୀମାନେ ନିର୍ଭର କରି ଚଳୁଥିବାବେଳେ ଏବେ ୬୭ ବର୍ଷ ପରେ ଭୁଟାନର ବ୍ୟବହାରରେ ହଠାତ୍ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ବନ୍ଧୁରାଷ୍ଟ୍ର ଭାରତକୁ ପ୍ରଥମଥର ପାଇଁ କେନାଲରେ ପାଣି ଛାଡ଼ିବା ବନ୍ଦ କରିଦେଇଛି। ଏଥିଯୋଗୁ ଉତ୍ତର-ପୂର୍ବ ସୀମାନ୍ତ ୨୫ଟି ଗ୍ରାମର ☞ପୃଷ୍ଠା-୪



ଭୁଟାନରୁ ଆସାମକୁ ଆସିଥିବା 'ଡୋଙ୍ଗ୍' କେନାଲର ଫାଇଲ ଫଟୋ।

### ସନ୍ଦେହ କାହିଁକି

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରିବା ସହ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ କରାଉଛି। ନେପାଳ ଏହାର ନୂଆ ମାନଚିତ୍ରରେ ଉତ୍ତରାଖଣ୍ଡର ଲିପୁଲେଖ, କାଲାପାନି ଓ ଲିମ୍ପିୟାଧୁରା ଅଞ୍ଚଳକୁ ସ୍ଥାନିତ କରି ନିଜ ଭୂଖଣ୍ଡ ବୋଲି ଦାବି କରିଛି। ଏପରି ସମୟରେ ଚାଇନା ସହ ଭାରତର ସୀମା ବିବାଦ ଜଟିଳ ହୋଇଛି। ଜୁନ ୧୫ରେ ଗଲ୍‌ୱାନ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ ବେଜିଂ କ୍ଷେତ୍ରୀୟ ସହଯୋଗୀମାନଙ୍କୁ ନେଇ ନୂଆଦିଲ୍ଲୀ ଉପରେ ଚାପ ପକାଇବା ଆରମ୍ଭ କରିଛି। ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି) ସରକାର ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ବିପୁଳ ପୁଞ୍ଜିନିବେଶ କରିଛି। ବାଂଲାଦେଶର ୫,୧୬୧ ସାମଗ୍ରୀ ଉପରେ ବେଜିଂ ୯୭% ଆମଦାନି ଶୁଳ୍କ ହ୍ରାସ କରି ଢାକାକୁ ନୂଆଦିଲ୍ଲୀଠାରୁ ଟାଣି ନିଜ ସପକ୍ଷକୁ ନେବା ଲାଗି ଉଦ୍ୟମ କରିଛି। ଏଭଳି ରଣନୀତି ଯୋଗୁ ଚାଇନା ଉପରେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବନ୍ଧୁରାଷ୍ଟ୍ର ଭୁଟାନ ୬୭ ବର୍ଷ ପରେ କେନାଲରେ ହଠାତ୍ ପାଣି ଛାଡ଼ିବା ବନ୍ଦ କରି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି।

## ଅବଶିଷ୍ଟ ବୋର୍ଡ ପରୀକ୍ଷା ବାତିଲ ପାଇଁ କେନ୍ଦ୍ର, ସିବିଏସ୍‌ଇକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୨୬।୬(ପି.ଟି.)**

କରୋନା ମହାମାରୀ ଯୋଗୁ ବାକି ରହିଥିବା ବୋର୍ଡ ପରୀକ୍ଷା ବାତିଲ ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଦଶମ ଓ ଦ୍ୱାଦଶ ଶ୍ରେଣୀର ବକେୟା ପରୀକ୍ଷା ଜୁଲାଇରେ ହେବା ପାଇଁ ସ୍ଥିର ହୋଇଥିଲା। ବାତିଲ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ସ୍କିମ୍ ଅନୁଯାୟୀ ନମ୍ବର ଦେବାକୁ ସର୍ବୋଚ୍ଚ ଅଦାଲତ ସବୁଜ ସଙ୍କେତ ଦେଇଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନୱିଲ୍‌କର, ଦୀନେଶ ମାହେଶ୍ୱରୀ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ପରୀକ୍ଷା ବାତିଲ ଲାଗି ବିଜ୍ଞପ୍ତି ଜାରି କରିବାକୁ ସିବିଏସ୍‌ଇକୁ ଅନୁମତି ପ୍ରଦାନ କରିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ଓ ସିବିଏସ୍‌ଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଉପସ୍ଥିତ ରହି କହିଥିଲେ, ମୂଲ୍ୟାୟନ ସ୍କିମ୍‌ରେ ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷାର ପୂର୍ବ ତିନୋଟି ପେପରରେ ରଖିଥିବା ନମ୍ବରକୁ ବିଚାରକୁ ନେଇ ବକେୟା ପେପରରେ ନମ୍ବର ପ୍ରଦାନ କରାଯିବ। ଆଇସିଏସ୍‌ଇ ମଧ୍ୟ ସିବିଏସ୍‌ଇ ଅନୁରୂପ ସ୍କିମ୍ କରିଛି। ତେବେ ଏହାର ହାରାହାରି ସୂତ୍ର ଭିନ୍ନ ଏବଂ ଦଶମ ଶ୍ରେଣୀ ପାଇଁ ପୁନଃ ପରୀକ୍ଷା ଆୟୋଜନ ଲାଗି ବିଚାର କରିପାରେ ବୋଲି ଏହାର ଓକିଲ ଅଦାଲତଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସପ୍ତାହେ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଇସିଏସ୍‌ଇ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଅବଶିଷ୍ଟ ବୋର୍ଡ ପରୀକ୍ଷା ବାତିଲ ସମ୍ପର୍କରେ ସିବିଏସଇ ଗୁରୁବାର ଘୋଷଣା କରିଥିଲା।




## ପୋଷ୍ଟାଲ ବାଲଟ ପାଇଁ ଭୋଟରଙ୍କ ବୟସସୀମା କମିଲା

**ନୂଆଦିଲ୍ଲୀ,୨୬।୬(ପି.ଟି.)**


**କୋଭିଡ୍ ପ୍ରଭାବ**

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ବରିଷ୍ଠ ନାଗରିକମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଭୋଟ ଦେବା ଲାଗି ସେମାନେ ଯେପରି ପୋଷ୍ଟାଲ ବାଲଟର ସୁବିଧା ନେଇପାରିବେ, ସେଥିପାଇଁ ବୟସସୀମାରେ କୋହଳ କରାଯାଇଛି। ଉକ୍ତ ସଂଶୋଧନ ଅନୁଯାୟୀ ୬୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଭୋଟରମାନେ ଚାହିଁଲେ ପୋଷ୍ଟାଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପୁରୁଣା ଶତ୍ରୁ ଏବେ ବନ୍ଧୁ**

**ତେଲ ପରେ ବଢୁଛି ପରିବା ଦର ।**







## ହାତୀ ଗତିବିଧି ଜାଣିବାକୁ ୩ ସ୍ତରୀୟ ବ୍ୟବସ୍ଥା

**ନୂଆ ଗାଇଡ୍‌ଲାଇନ୍ ଜାରି କଲା ବନ ବିଭାଗ**

- ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କଠାରୁ ଆର୍‌ସିସିଏଫ୍‌ଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ
- ୨୪ ଘଣ୍ଟିଆ କାର୍ଯ୍ୟ କରିବ ତ୍ରିସ୍ତରୀୟ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

ରାଜ୍ୟରେ ଜାରି ରହିଛି ହାତୀ-ମଣିଷ ଲଢ଼େଇ। ଏଥିଯୋଗୁ ପ୍ରତିବର୍ଷ ଉଭୟ ବହୁ ହାତୀ ଓ ମଣିଷଙ୍କ ଜୀବନ ଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ବାଟ ଖୋଜା ଚାଲିଥିବାବେଳେ ଆଗୁଆ ସୂଚନା ହିଁ ଏହି ଲଢ଼େଇକୁ ରୋକି ପାରିବ ବୋଲି କୁହାଯାଉଛି। ହାତୀଙ୍କ ଯାତାୟାତ ସୂଚନା ଯେତେ ଶୀଘ୍ର ଲୋକଙ୍କ ପାଖରେ ପହଞ୍ଚିବ ସେତେଶୀଘ୍ର ଲୋକେ ସତର୍କ ହେବେ ଓ ହାତୀ-ମଣିଷ ମୁହାଁମୁହିଁ ଘଟଣାକୁ ଏଡ଼ାଇ ଦିଆଯାଇ ପାରିବ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହାତୀଙ୍କ ଗତିବିଧି ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ଏକ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ୩ ସ୍ତରୀୟ ବ୍ୟବସ୍ଥା ସହ ଅନ୍ୟ କେତେକ ନିର୍ଦ୍ଦେଶ ପାଳନ କରିବା ପାଇଁ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ ତରଫରୁ ରାଜ୍ୟର ସମସ୍ତ ୱାଇଲ୍ଡଲାଇଫ୍ ଓ ଟେରିଟୋରି ଡିଏଫ୍‌ଓଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ନୂଆ ଗାଇଡ଼ଲାଇନ ଅନୁସାରେ, ୩ ସ୍ତରରେ ହାତୀଙ୍କ ଯାତାୟାତକୁ ନିରୀକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ସ୍ତରରେ ରେଞ୍ଜ ଅଧିକାରୀମାନେ ବିଟ୍ ଗାର୍ଡ ଏବଂ ସେକ୍ସନ ଫରେଷ୍ଟରଙ୍କ ଜରିଆରେ ସୂଚନା ସଂଗ୍ରହ କରି ଡିଭିଜନ ସ୍ତରରେ ଥିବା କଣ୍ଟ୍ରୋଲ ରୁମକୁ ତୁରନ୍ତ ଜଣାଇବେ। ଏଥିପାଇଁ ରେଞ୍ଜରମାନଙ୍କୁ ସରକାରୀ ମୋବାଇଲ ☞ପୃଷ୍ଠା-୪

**ଆତଙ୍କବାଦୀ ଆକ୍ରମଣରେ ଯବାନ ଶହୀଦ**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାବେଜ୍‌ବେହାର ଅନ୍ତର୍ଗତ ବଡ଼ସାହି ବାଗ୍ ବ୍ରିଜ୍ ନିକଟରେ ସିଆର୍‌ପିଏଫ୍ ୯୦ ବାଟାଲିୟନ ଉପରେ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ଗୁଳିମାଡ଼ରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ସହ ଅନ୍ୟ ଜଣେ ବାଳକ(୮) ପ୍ରାଣ ହରାଇଛନ୍ତି। ଅନ୍ୟ ଏକ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି।



ଅନ୍ତର୍ଜାତୀୟ ଡ୍ରଗ୍ ବ୍ୟବହାର ଓ ବେଆଇନ ଚାଲାଣ ନିରୋଧୀ ଦିବସ ଅବସରରେ ସଚେତନତା ସୃଷ୍ଟି ପାଇଁ ଶୁକ୍ରବାର କମ୍ବୋଡିଆର ନମ୍ ପେନ୍‌ରେ ୫୦୦ କେ.ଜି. ଡ୍ରଗ୍ସକୁ ଜାଳି ଦିଆଯାଉଛି।

# 'ଭାରତ ପ୍ରତି ଚାଇନା ବିପଦ'

**ୱାଶିଂଟନ,୨୬।୬**

ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଭାରତ, ମାଲେସିଆ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି। ପିଏଲ୍‌ଏ ସୈନ୍ୟଙ୍କ ମୁକାବିଲା ପାଇଁ ସାରା ବିଶ୍ୱରେ ଆମେରିକୀୟ ସୈନ୍ୟଙ୍କ ମୁତୟନ ନେଇ ୱାଶିଂଟନ ସମୀକ୍ଷା କରୁଛି। ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଗୁରୁବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଜର୍ମାନ ମାର୍ଶଲ ଫଣ୍ଡ୍ ପକ୍ଷରୁ ଆୟୋଜିତ ଭର୍ଚୁଆଲ ବ୍ରସେଲ୍ସ ଫୋରମ୍ ୨୦୨୦ରେ ପମ୍ପିଓ କହିଛନ୍ତି, ପିଏଲ୍‌ଏର ମୁକାବିଲା ପାଇଁ ଆମେ ସକ୍ଷମ ବୋଲି ନିଶ୍ଚିତ କରିବା ସକାଶେ ଆମେ ସେନା ମୁତୟନର ସମୀକ୍ଷା କରୁଛୁ। ଜର୍ମାନୀରେ ଆମେରିକାର ୫୨,୦୦୦ ସୈନ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କୁ ପ୍ରତ୍ୟାହାର କରି ଏହି ସଂଖ୍ୟା ୨୫,୦୦୦ରେ ସୀମିତ କରାଯାଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ରଣନୀତିରେ ଏପରି ପରିବର୍ତ୍ତନ କରାଯାଉଛି। କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳ୍ପ ସଂଖ୍ୟକ ସୈନ୍ୟ ରହିବେ। ଚାଇନାର କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଭାରତ ସମେତ ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ପ୍ରତି ବିପଦ ରହିଛି। ଉକ୍ତ ଦେଶଗୁଡ଼ିକୁ ସହଯୋଗ କରିବା ପାଇଁ ଆମେ ଏସିଆ ଓ ୟୁରୋପରେ ଆମେରିକାର ସହଯୋଗୀ ଦେଶଗୁଡ଼ିକ ସହ ବିଚାରବିମର୍ଶ କରି ପଦକ୍ଷେପ ନେବୁ ବୋଲି ପମ୍ପିଓ ସ୍ପଷ୍ଟ କରିଛନ୍ତି। ଜର୍ମାନୀରୁ ସେନା ପ୍ରତ୍ୟାହାରକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସମାଲୋଚନା କରାଯାଉଛି। ଏହାଦ୍ୱାରା ୟୁରୋପ ପ୍ରତି ରୁଷିଆଠାରୁ ବିପଦ ବଢ଼ିବ ବୋଲି ସମାଲୋଚକମାନେ କହୁଛନ୍ତି। ପମ୍ପିଓ ଏହି ଯୁକ୍ତିକୁ ଖଣ୍ଡନ କରିଛନ୍ତି।



ମାଇକ୍ ପମ୍ପିଓ

**ମୁକାବିଲା ପାଇଁ ରଣନୀତିରେ ପରିବର୍ତ୍ତନ**

**ଜର୍ମାନୀରୁ ସେନା ପ୍ରତ୍ୟାହାର ଏହାର ଏକ ଅଂଶ**

# ପଡ଼ୋଶୀଙ୍କୁ ସମ୍ଭାଳିବାକୁ ପଡ଼ିବ

**ନୂଆଦିଲ୍ଲୀ,୨୬।୬**

ଚାଇନା ସହ ସୀମା ବିବାଦ ବଢ଼ୁଥିବାବେଳେ ଏହି ସଙ୍କଟରୁ ଫାଇଦା ଉଠାଇବା ପାଇଁ ଭାରତକୁ ସମସ୍ତ ସମ୍ଭାବ୍ୟ ରଣନୈତିକ ବିକଳ୍ପ ଉପରେ ଚିନ୍ତା କରିବାକୁ ହେବ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଶକ୍ତି ସହ ନୂତନ ବୁଝାମଣା ଉପରେ ଆଲୋଚନା କରାଯାଇଛି। ଆମେରିକା ସହ ସମ୍ପର୍କକୁ ଭାରତ ଅଧିକ ଘନିଷ୍ଠ କରିବା ଉଚିତ ବୋଲି ଅଧିକାଂଶ ରଣନୀତି ବିଶେଷଜ୍ଞ ମତ ଦେଇଛନ୍ତି।

ଚାଇନା ସମ୍ପର୍କରେ ଅନ୍ତର୍ଜାତୀୟ ମତାମତ ଏକାଠି କରିବା ପାଇଁ ଏହା ଅନୁକୂଳ ସମୟ। କାରଣ ଶି ଜିନ୍‌ପିଙ୍ଗ ସରକାର ଅନ୍ତର୍ଜାତୀୟ ସ୍ତରରେ ଏକାକୀତ୍ୱ ଅନୁଭବ କରୁଛି। ତେବେ ଚାଇନା ଉପରେ ଚାପ ପକାଇବା ଲାଗି ଏହାକୁ ବିଶ୍ୱ କାର୍ଯ୍ୟାନୁଷ୍ଠାନରେ ବଦଳାଯାଇପାରିବ କି? ଏହାର ସମସ୍ତ ସମ୍ଭାବ୍ୟ ଦିଗ ଉପରେ ଭାରତ ଅନୁଶୀଳନ କରିବା ଉଚିତ। ଏଥିସହିତ ନୂତନ ମେଣ୍ଟ କିମ୍ବା ନୂଆ ବୁଝାମଣା ଭାରତ ପାଇଁ କେତେଦୂର ସକ୍ଷମ ହୋଇପାରିବ ତାହାକୁ ତର୍ଜମା କରିବାକୁ ହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦେଶର ବିକାଶ ନମୁନା ଆଧାରରେ ଅନ୍ତର୍ଜାତୀୟ ସମ୍ପର୍କ ସୃଷ୍ଟି ହୋଇଥାଏ। ନିଜର ବିକାଶ ମଡେଲ ପାଇଁ ସର୍ବାଧିକ ସ୍ଥାନ ସଂରକ୍ଷଣ କରିବା ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ହେବା ଉଚିତ।

ଚାଇନା-ସୋଭିଏତ୍ ସମ୍ପର୍କରେ ଫାଟ ସୃଷ୍ଟି ଉଦ୍ଦେଶ୍ୟରେ ଆମେରିକା ବେଜିଂ ସହ ସମ୍ପର୍କ ଯୋଡିଥିଲା। କିନ୍ତୁ ଦୀର୍ଘ ଦଶନ୍ଧି ହେଲା ସମ୍ପର୍କ ଉକ୍ତ ରଣନୀତି ଆଧାରରେ ଚାଲୁନାହିଁ ବରଂ ଉଭୟ ଦେଶର ବିକାଶର ରାଜନୈତିକ ଅର୍ଥନୀତି ତର୍କରେ ଚାଲୁଛି, ଯାହା ପାଇଁ ଉଭୟ ପରସ୍ପର ଉପରେ ନିର୍ଭରଶୀଳ। ବିକାଶ ମଡେଲ ଚାଇନା-ଆମେରିକା ସମ୍ପର୍କର ମୁଖ୍ୟ ଚାଳକ ଶକ୍ତି ହୋଇଛି। ତେବେ ଭାରତ ପାଇଁ ପ୍ରଶ୍ନ ହେଉଛି, କେବଳ ଏହାର ବିକାଶରେ ଆମେରିକା କେତେ ଅଂଶୀଦାର ହେବ ତାହା ନୁହେଁ, ବରଂ ଏହା ପଚାରିବାକୁ ହେବ ଯେ ଭାରତର ବିକାଶ ଆବଶ୍ୟକତା ଆମେରିକା ବିକାଶ ଢାଞ୍ଚା ପାଇଁ କେତେ ଉପଯୁକ୍ତ ହେବ। ରାଜନୈତିକ ଅର୍ଥନୀତି ଯେପରି ଚାଇନାଠାରୁ ଆମେରିକାକୁ ଦୂରେଇ ଦେଇଛି, ସେଭଳି ସ୍ଥିତି ଭାରତ ସହ ସମ୍ପର୍କରେ ଆସିବନି ତ?


ଆମେରିକାର ବଡ଼ ବ୍ୟବସାୟୀ ଗୋଷ୍ଠୀ ଭାରତ ସପକ୍ଷରେ ଯୁକ୍ତି କରିପାରନ୍ତି, କିନ୍ତୁ ରାଜନୈତିକ ଅର୍ଥନୀତିର ଗତିଶୀଳତା ସେତେ ଅନୁକୂଳ ନୁହେଁ। ବାଣିଜ୍ୟ, ବୌଦ୍ଧିକ ସମ୍ପତ୍ତି, ନିୟମାବଳୀ, କୃଷି, ଶ୍ରମ ପରିଚାଳନା ଆଦିରେ ଭାରତ ଚାହୁଁଥିବା ସୁବିଧା ଆମେରିକା ଯୋଗାଇଦେବ କି? ଭାରତର ଅର୍ଥନୀତି ପାଇଁ ଏହିସବୁ କ୍ଷେତ୍ରରେ ସ୍ୱାଧୀନତା ଅପରିହାର୍ଯ୍ୟ। ନିଜ ନାଗରିକଙ୍କ ପାଇଁ ନିଯୁକ୍ତି ସଂରକ୍ଷିତ ରଖିବାକୁ ଚାହୁଁଥିବା ଆମେରିକା ଆତ୍ମନିର୍ଭର ଭାରତ ସହ କେତେଦୂର ଯୋଡ଼ିହେବ।

ଇରାକ ସହ ଯୁଦ୍ଧ ବେଳେ ଭାରତ ଦୂରେଇ ରହିବା ବିଜ୍ଞତାର କାର୍ଯ୍ୟ ଥିଲା। ସେହିପରି ରୁଷିଆକୁ ସମ୍ପୂର୍ଣ୍ଣ ଅଣଦେଖା ନ କରିବା ଏବଂ ଆମେରିକାର ଇରାନ ନୀତିକୁ ସମର୍ଥନ ନ କରିବା ମଧ୍ୟ ଭାରତ ପାଇଁ ବିଜ୍ଞତାର ପରିଚୟ। ତେବେ ଭାରତର ଏଭଳି ନୀତିକୁ ଦେଶର ଗୋଟିଏ ଗୋଷ୍ଠୀ ରଣନୀତିକାର ଏକପ୍ରକାର ବିଚାରଗତ ଦୁର୍ବଳତା କହିଥାନ୍ତି।

ଚାଇନାରୁ ସୃଷ୍ଟ କରୋନା ଭୂତାଣୁ ସାରା ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଘାତକ ଭାଇରସ୍ ବିଶ୍ୱ ବାଣିଜ୍ୟ କାରବାର ପାଇଁ ଖରାପ ସମୟ ଆଣିଛି। ଏକଥା ସମସ୍ତେ ସ୍ୱୀକାର କରୁଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଶ୍ୱ ସ୍ତରରେ ଆଗ୍ରହ ଦେଖାଯାଉନାହିଁ। ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରତି ଅନ୍ତର୍ଜାତୀୟ ସମୁଦାୟର ପ୍ରତିକ୍ରିୟା ଏହାର ଏକ କୌତୂହଳପୂର୍ଣ୍ଣ ଉଦାହରଣ। ଅନେକ ଦେଶ ବିଆର୍‌ଆଇ ଋଣ ପରିଶୋଧ କରିବା ପାଇଁ ସଂଘର୍ଷ କରୁଛନ୍ତି। ଚାଇନା ଋଣରେ ଅନେକ ଦେଶ ଛନ୍ଦିହୋଇଯାଇଛନ୍ତି। ସେମାନେ ଚାଇନାର ଆର୍ଥିକ ସହାୟତା ଉପରେ ନିର୍ଭରଶୀଳ ହୋଇପଡ଼ିଥିବାବେଳେ ଏଥିରୁ ସେମାନଙ୍କୁ ମୁକ୍ତ କରିବାକୁ କୌଣସି ଅନ୍ତର୍ଜାତୀୟ ଗୋଷ୍ଠୀ ଆଗେଇଆସୁଥିବା ଦେଖାଯାଉନାହିଁ। ତେଣୁ ଉକ୍ତ ଅଞ୍ଚଳରେ ପରିବର୍ତ୍ତନ ପାଇଁ ବିଶ୍ୱ କାର୍ଯ୍ୟାନୁଷ୍ଠାନ କଥା ଚିନ୍ତା କରିବା କଷ୍ଟକର। କାରଣ ଆମେରିକା, ରୁଷିଆ ଭଳି ବୃହତ ଶକ୍ତି ସବୁବେଳେ ସେମାନଙ୍କର ସ୍ୱତନ୍ତ୍ର ବିଚାରଧାରା ବଜାୟ ରଖିବାକୁ ଚାହାନ୍ତି। ଏଭଳି ସମୟରେ ଆମେ ଏପରି ଏକ ବିରୋଧାଭାସୀ ଦୁନିଆରେ ରହୁଛୁ, ଯେଉଁଠି ଚାଇନା ବିରୋଧରେ ଅବଶିଷ୍ଟ ବିଶ୍ୱ ଏକାଠି ହେବା ଲାଗି ରଣନୈତିକ ଆବଶ୍ୟକତା ସେତେ ଅଧିକ ହୋଇପାରିନାହିଁ।

ଆଞ୍ଚଳିକ ବିବାଦ ସମାଧାନରେ ବୈଶ୍ୱିକ ମେଣ୍ଟ ଏବଂ ଜନମତର ମୂଲ୍ୟ ସବୁବେଳେ ଦୁଇଟି କାରଣ ପାଇଁ ସୀମିତ। ପ୍ରଥମ ହେଲା କେତେକ ବୃହତ୍ ଶକ୍ତି ଦ୍ୱାରା ପରିଚାଳିତ ଶସ୍ତା ଅପ୍ରତିସାମ୍ୟତା ବିକଳ୍ପକୁ ନିଷ୍କ୍ରିୟ କରିବା ପାଇଁ ଅନ୍ତର୍ଜାତୀୟ ସମୁଦାୟର ଉଦ୍ୟମ ନାହିଁ। ପାକିସ୍ତାନ ଏଭଳି କୌଶଳ ଅବଲମ୍ବନ କରୁଛି। ଦ୍ୱିତୀୟଟି ହେଲା ଭାରତ ପାଖରେ ଯଥେଷ୍ଟ ସାମରିକ ରହିଛି। ତେବେ ଏହାକୁ ଏକ ନିର୍ଦ୍ଦିଷ୍ଟ ସୀମା ବାହାରେ ବିଶ୍ୱର ସମର୍ଥନ ମିଳିବ ବୋଲି କୁହାଯାଇପାରିବ ନାହିଁ। ତେଣୁ ଏକଥା ମାନି ନେବାକୁ ହେବ ଯେ, ଭାରତ-ଚାଇନା ବିବାଦରେ ଅନ୍ୟ କୌଣସି ଦେଶ ଗମ୍ଭୀର ଭାବେ ମୁଣ୍ଡ ପୂରାଇବ ନାହିଁ। ଭାରତ ନିଜେହିଁ ଚାଇନା ଓ ପାକିସ୍ତାନକୁ ସମ୍ଭାଳିବାକୁ ପଡ଼ିବ।

**ଭାରତ-ଚାଇନା ବିବାଦରେ ମୁଣ୍ଡ ପୂରାଇବେନି ଅନ୍ୟ ଦେଶ**




# ଆତଙ୍କବାଦ ବିରୋଧରେ ପାକିସ୍ତାନ କ୍ୱଚିତ୍ ପଦକ୍ଷେପ ନେଉଛି

**ଇସ୍‌ଲାମାବାଦ,୨୬।୬**

**ଆମେରିକା ରିପୋର୍ଟ**

ଆଫଗାନିସ୍ତାନରେ ସକ୍ରିୟ ଥିବା ଦୁର୍ଦ୍ଧର୍ଷ ହକାନି ନେଟ୍‌ୱର୍କ ସମେତ ଭାରତକୁ ଟାର୍ଗେଟ କରୁଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ ପାକିସ୍ତାନ କ୍ୱଚିତ୍ ପଦକ୍ଷେପ ନେଉଥିବା ୱାଶିଂଟନ ପକ୍ଷରୁ ପ୍ରକାଶିତ ବାର୍ଷିକ ଆତଙ୍କବାଦ ରିପୋର୍ଟରେ କୁହାଯାଇଛି। ଆମେରିକା ପରରାଷ୍ଟ୍ର ବିଭାଗର ସମାଲୋଚନା ଇସ୍‌ଲାମାବାଦକୁ କ୍ଷୁବ୍ଧ କରିଛି। ଆମେରିକାର ଏହି ରିପୋର୍ଟ ପାକ୍ ପାଇଁ ଏକ ଚେତାବନୀ ବୋଲି ଆତଙ୍କବାଦୀ ସଂଗଠନଗୁଡ଼ିକ ଉପରେ ନଜର ରଖିଥିବା ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ ଫର୍ ପିସ୍ ଷ୍ଟଡିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିର ରାଣା କହିଛନ୍ତି। ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର କଳାତାଲିକାରୁ ବର୍ତ୍ତିବାକୁ ହେଲେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଏବଂ ଉକ୍ତ ନେଟ୍‌ୱର୍କଗୁଡ଼ିକୁ ଧ୍ୱଂସ କରିବା ଦିଗରେ ପାକିସ୍ତାନକୁ ବହୁତ କିଛି କରିବାକୁ ହେବ। ୨୦୧୮ରୁ ଏଫ୍‌ଏଟିଏଫ୍ ପାକିସ୍ତାନକୁ ଧୂସର (ଗ୍ରେ) ତାଲିକାରେ ରଖିଛି। କଳାତାଲିକାରୁ ବର୍ତ୍ତିବାକୁ ହେଲେ ତୁରନ୍ତ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ ପଦକ୍ଷେପ ଗ୍ରହଣ କରିବା ଲାଗି ଚଳିତ ମାସରେ ଟାସ୍କଫୋର୍ସ ଇସ୍‌ଲାମାବାଦକୁ ଜଣାଇଦେଇଛି।

# ଏକ୍ସପ୍ରେସ୍‌ୱେରେ ଓହ୍ଲାଇଲା ବାୟୁସେନା ହେଲିକପ୍ଟର



**ନୂଆଦିଲ୍ଲୀ,୨୬।୬(ଆଇଏଏନ୍‌ଏସ୍)**

ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରତୀୟ ବାୟୁସେନାର ଚିତାହ ହେଲିକପ୍ଟର ଶୁକ୍ରବାର ଇଷ୍ଟର୍ନ ପେରିଫେରାଲ ଏକ୍ସପ୍ରେସ୍‌ୱେରେ ଜରୁରୀ ଅବତରଣ କରିଛି। ହିଣ୍ଡୋନ ଏୟାରବେସ୍‌ରୁ ହେଲିକପ୍ଟରଟି ହଲୱାରା ଅଭିମୁଖେ ଯାଉଥିଲା। ୧୪ ନଟିକାଲ ମାଇଲ୍ ଦୂରରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା ବୋଲି ବାୟୁସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଜରୁରୀ ଅବତରଣ ଯୋଗୁ କୌଣସି କ୍ଷୟକ୍ଷତି ହୋଇନାହିଁ।

## ୩.୬ ଲକ୍ଷ ଭାରତୀୟ ଫେରିଲେଣି

ନୂଆଦିଲ୍ଲୀ,୨୬।୬(ପି.ଟି.): ଲକ୍‌ଡାଉନ ଯୋଗୁ ବିଭିନ୍ନ ଦେଶରେ ଅଟକି ରହିଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ଲାଗି ଗତ ମେ' ୭ରେ ବନ୍ଦେ ଭାରତ ମିଶନ ଆରମ୍ଭ ହୋଇଥିଲା। ଏହି ମିଶନରେ ଇତିମଧ୍ୟରେ ବିଭିନ୍ନ ଦେଶରୁ ୩.୬ ଲକ୍ଷରୁ ଅଧିକ ଭାରତୀୟ ଦେଶକୁ ଫେରିଲେଣି। ବିଦେଶରେ ଥିବା ମୋଟ ୫,୧୩,୦୪୭ ଭାରତୀୟ ସ୍ୱଦେଶ ଫେରିବା ଲାଗି ବନ୍ଦେ ଭାରତ ମିଶନରେ ନାମ ପଞ୍ଜୀକରଣ କରିଥିଲେ। ୨୫ ତାରିଖ ସୁଦ୍ଧା ସେମାନଙ୍କ ମଧ୍ୟରୁ ୩,୬୪,୨୦୯ ଜଣ ଫେରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ପାକ୍ ଭିଜା ଥିବା ୨୧୮ କଶ୍ମୀର ଯୁବକ ନିଖୋଜ

**ନୂଆଦିଲ୍ଲୀ, ୨୬।୬**

ଜମ୍ମୁ-କଶ୍ମୀରର ୨୧୮ ଯୁବକଙ୍କ ପତ୍ତା ମିଳୁନି। ୨୦୧୭ ଜାନୁୟାରୀରୁ ପାକିସ୍ତାନ ହାଇକମିଶନ ପକ୍ଷରୁ ଜମ୍ମୁ-କଶ୍ମୀରର ୩୯୯ ଯୁବକଙ୍କୁ ଭିଜା ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୮ ଯୁବକଙ୍କ ଖୋଜ ଖବର ମିଳୁ ନ ଥିବାରୁ ମନ୍ଦ ଉଦ୍ଦେଶ୍ୟରେ ସେମାନଙ୍କୁ ପାକିସ୍ତାନ ବ୍ୟବହାର କରିପାରେ ବୋଲି ସନ୍ଦେହ ସୃଷ୍ଟିହୋଇଛି। ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଜମ୍ମୁ-କଶ୍ମୀରରେ ଷଡ଼ଯନ୍ତ୍ର ରଚିପାରେ ବୋଲି ଆଶଙ୍କା କରାଯାଉଛି। ଗୋଇନ୍ଦା ବିଭାଗ ପକ୍ଷରୁ ଏନେଇ ସତର୍କ କରାଯାଇଛି। ଜମ୍ମୁ-କଶ୍ମୀର ଯୁବକଙ୍କୁ ପାକିସ୍ତାନ ଟାର୍ଗେଟ କରି ସେମାନଙ୍କୁ ପ୍ରଶିକ୍ଷଣ, ଅସ୍ତ୍ରଶସ୍ତ୍ର ଯୋଗାଇ ୨୦୧୯ ଫେବୃୟାରୀରେ ହୋଇଥିବା ପୁଲ୍‌ୱାମା ଆକ୍ରମଣ ଭଳି କାର୍ଯ୍ୟରେ ବ୍ୟବହାର କରିପାରେ ବୋଲି ସନ୍ଦେହ କରାଯାଉଛି।


ଗତ ଏପ୍ରିଲ ୫ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ୫ ଆତଙ୍କବାଦୀଙ୍କ ମଧ୍ୟରୁ ୩ ଜମ୍ମୁ-କଶ୍ମୀରର ଥିଲେ।

# ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ଟପିଲା

**ନୂଆଦିଲ୍ଲୀ, ୨୬।୬**

**ଦେଶରେ ଗଲାଣି ୧୫,୪୮୭ ଜୀବନ**

ମହାମାରୀ କରୋନା ସ୍ଥିତି ଦେଶରେ ଅସମ୍ଭାଳ ହେଲାଣି। ଶୁକ୍ରବାର ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ଟପିଥିବା ବେଳେ ୧୫, ୪୮୭ ଜୀବନ ଗଲାଣି। ବିଶ୍ୱର ଚତୁର୍ଥ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଦେଶ ତାଲିକାରେ ଭାରତ ରହିଥିବା ବେଳେ ଗତ କିଛିଦିନ ହେବ ଉଗ୍ର ସଂକ୍ରମଣ ଯୋଗୁ କୋକୁଆ ଭୟ ସୃଷ୍ଟିହୋଇଛି। ଗୁରୁବାର ସର୍ବାଧିକ ୧୭ ହଜାରରୁ ଅଧିକ ନୂଆ ମାମଲା ଲୋକଲୋଚନକୁ ଆସିବା ପରେ ଶୁକ୍ରବାର ପ୍ରାୟ ୧୨ ହଜାର ନୂଆ ମାମଲା ନଜରକୁ ଆସିଛି। ମହାରାଷ୍ଟ୍ରରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଦେଢ଼ଲକ୍ଷ ଟପିଥିବା ବେଳେ ତାମିଲନାଡୁରେ ଏହା ୭୫ ହଜାର ପାର୍‌କରିଛି। ରାଜଧାନୀ ଦିଲ୍ଲୀରେ ସଂଖ୍ୟା ୭୭ ହଜାର ଉପରେ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ତାମିଲନାଡୁରେ ୩, ୬୪୫ ଓ ଦିଲ୍ଲୀରେ ୩,୪୬୦ ନୂଆ ମାମଲା ଦେଖିବାକୁ ମିଳିଛି। ଯଦିଓ ୨.୯୨ ଲକ୍ଷରୁ ଅଧିକ ଆରୋଗ୍ୟଲାଭ କଲେଣି ତଥାପି ୧. ୯୩ ଲକ୍ଷ ଆକ୍ଟିଭ୍ ମାମଲା ସହ ଉଗ୍ର ସଂକ୍ରମଣ ପରିସ୍ଥିତିକୁ ଗୋଳମାଳିଆ କରିପକାଇଛି।



# ଉତ୍ତପ୍ତ ହେଉଛି ଉତ୍ତର ମେରୁ

**ମସ୍କୋ,୨୬।୬**

**ସାଇବେରିଆର ଗ୍ରୀଷ୍ମ ଲହରି ବୈଜ୍ଞାନିକଙ୍କ ଚିନ୍ତା ବଢ଼ାଇଛି**

ଉତ୍ତର ମେରୁ ଅଞ୍ଚଳ (ଆର୍କଟିକ୍)ରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ବିଶ୍ୱର ଅନ୍ୟ ଭାଗରେ ଏହାର କିଭଳି ପ୍ରଭାବ ପଡ଼ିବ ତାକୁ ନେଇ ବୈଜ୍ଞାନିକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ରୁଷିଆର ଆର୍କଟିକ୍ ସହର ଭେର୍ଖୋୟାନ୍‌ସ୍କରେ ଗତ ଶନିବାର ତାପମାତ୍ର ୩୮ ଡିଗ୍ରୀ ସେଲ୍‌ସିୟସ (୧୦୦.୪ ଡିଗ୍ରୀ ଫାରେନ୍‌ହାଇଟ)ରେ ପହଞ୍ଚିଥିଲା। ଜଣକୁ ଜ୍ୱର ହେଲେ ଶରୀରର ତାପମାତ୍ରା ଏହି ସ୍ତରକୁ ଯାଇଥାଏ। କିନ୍ତୁ ସାଇବେରିଆର ତୁଷାରାବୃତ ଅଞ୍ଚଳରେ ତାପମାତ୍ରା ଏଭଳି ବୃଦ୍ଧି ପାଇବା ଅନେକ ଆଶଙ୍କା ସୃଷ୍ଟି କରିଛି। ଆର୍କଟିକ୍ କ୍ଷେତ୍ରର ଉତ୍ତର ଭାଗରେ ଏଭଳି ତାପମାତ୍ରା ଅଭୂତପୂର୍ବ। ତାପମାତ୍ରା ଅଧ୍ୟୟନକୁ ଯାଞ୍ଚ କରିବାକୁ ହେବ ବୋଲି ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ କୁହାଯାଇଛି।

ଆର୍କଟିକ୍‌ରେ ନିଆଁ ଲାଗିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅଙ୍ଗାରକାମ୍ଳ ସ୍ତର ବଢ଼ିବା ଏବଂ ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ପ୍ରଭାବ ଯୋଗୁ ତାପମାତ୍ରା ଯେଉଁ ହାରରେ ବଢ଼ିବ ବୋଲି ଚିନ୍ତା କରାଯାଉଥିଲା, ତାହାଠାରୁ ଯଥେଷ୍ଟ ଅଧିକ ଉତ୍ତପ୍ତ ହେଉଛି ଏହି ଅଞ୍ଚଳ। ଫଳରେ ବରଫ ଦ୍ରୁତ ତରଳିବା ସହ ଜଙ୍ଗଲ ନିଆଁ ବଢ଼ିବ ଜଳବାୟୁ ବୈଜ୍ଞାନିକ ତଥା ମିଚିଗାନ ବିଶ୍ୱବିଦ୍ୟାଳୟର ପରିବେଶ ସ୍କୁଲ ଡିନ୍ ଜୋନାଥନ ଓଭରପେକ୍ କହିଛନ୍ତି। ସାଇବେରିଆରେ ରେକର୍ଡ ଉଷ୍ମତା ଅଧିକାଂଶ ଅଞ୍ଚଳ ପାଇଁ ଚେତାବନୀ ବୋଲି ଓଭରପେକ୍ ଇ-ମେଲ୍‌ରେ ଲେଖିଛନ୍ତି। ଚଳିତ ବର୍ଷ ଜାନୁୟାରୀରୁ ମେ' ଶେଷ ପର୍ଯ୍ୟନ୍ତ ସାଇବେରିଆର ଅଧିକାଂଶ ଅଞ୍ଚଳରେ ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୮ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା ବୋଲି ବର୍କେଲେ ଆର୍ଥ ନାମକ ଏକ ଜଳବାୟୁ ବିଜ୍ଞାନ ସଂସ୍ଥା ପକ୍ଷରୁ କୁହାଯାଇଛି। ଚରମ ତାପମାତ୍ରା ପାଇଁ ସାଇବେରିଆ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହାର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ୧୦୬ ଡିଗ୍ରି ସେଲ୍‌ସିୟସ୍ ବ୍ୟବଧାନ ସୃଷ୍ଟି ହୋଇଛି। ଅର୍ଥାତ୍ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୬୮ ଡିଗ୍ରୀ ସେଲ୍‌ସିୟସ୍‌ରୁ ବର୍ତ୍ତମାନ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଏଭଳି ଦୀର୍ଘଦିନ ଧରି ଗ୍ରୀଷ୍ମ ପ୍ରବାହ ହଜାର ହଜାର ବର୍ଷ ମଧ୍ୟରେ କେବେ ଦେଖାଦେଇ ନ ଥିଲା। ବିଶ୍ୱରେ ଉତ୍ତାପ ବଢ଼ିବାରେ ରୁଷିଆର ଆର୍କଟିକ୍ ଅଞ୍ଚଳ ସବୁଠୁ ଆଗରେ ରହିଛି। ପ୍ରତି ୧୦ ବର୍ଷରେ ପୃଥିବୀର ତାପମାତ୍ରା ୦.୧୮ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଉଛି। କିନ୍ତୁ ରୁଷିଆରେ ଏହା ୦.୪୭ ଡିଗ୍ରୀ ବଢ଼ୁଥିବାବେଳେ ରୁଷିଆ ଆର୍କଟିକ୍ ଅଞ୍ଚଳରେ ୦.୬୯ ଡିଗ୍ରୀ ବୃଦ୍ଧି ପାଉଥିବା ଜଣାପଡିଛି। ତାପମାତ୍ରା ବୃଦ୍ଧି ଫଳରେ ମେରୁ ଅଞ୍ଚଳର ସ୍ଥାୟୀ ବରଫ ଅଧିକରୁ ଅଧିକ ତରଳି ଗର୍ତ୍ତ ସୃଷ୍ଟି ହେବ, ଯାହାକୁ ଶୀତଋତୁ ମଧ୍ୟ ଅଟକାଇପାରିବ ନାହିଁ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି। ଗତମାସରେ ନୋରିଲସ୍କ ସହରରେ ଭୁଶୁଡ଼ି ପଡ଼ିଥିବା ଷ୍ଟୋରେଜ୍ ଟାଙ୍କିରୁ ପ୍ରଚୁର ତୈଳ ନିର୍ଗତ ହୋଇଥିଲା। ସ୍ଥାୟୀ ବରଫ ତରଳିବାକୁ ଏଥିପାଇଁ ଦାୟୀ କରାଯାଉଛି। ୨୦୧୧ରେ ଏହି କାରଣରୁ ଯାକୁତ୍‌ସ୍କ ସହରର ଏକ ବିଲ୍ଡିଂ ଆଂଶିକ ଭୁଶୁଡ଼ି ପଡ଼ିଥିଲା। ଗତବର୍ଷ ଅଗଷ୍ଟରେ ସାଇବେରିଆର ୪ ନିୟୁତ ହେକ୍ଟର ଜମିରେ ନିଆଁ ଲାଗିଥିଲା। ଚଳିତ ବର୍ଷ ମଧ୍ୟ ଜଙ୍ଗଲ ନିଆଁ ଆରମ୍ଭ ହୋଇଗଲାଣି। ଉତ୍ତପ୍ତ ବାୟୁମଣ୍ଡଳ ସାଙ୍ଗକୁ ଜଙ୍ଗଲ ନିଆଁ ମେରୁ ବରଫକୁ ଶୀଘ୍ର ତରଳାଇବ। ଫଳରେ ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଇବ ବୋଲି କୁହାଯାଉଛି।



## ବିଏସ୍ଏନ୍ଏଲ୍ ଅସ୍ଥାୟୀ କର୍ମଚାରୀଙ୍କ ମାମଲା ଏନ୍ଏଚ୍ଆର୍‌ସିରେ

ଜୟପୁର,୨୬।୬ (ଡି.ଏନ୍.ଏ): କୋରାପୁଟ ଜିଲାର ବିଏସ୍ଏନ୍ଏଲ୍‌ରେ କାର୍ଯ୍ୟରତ ୨୬୦ ଅସ୍ଥାୟୀ କର୍ମଚାରୀଙ୍କୁ ୧୨ ମାସର ଦରମା ମିଳିନାହିଁ। ଏନେଇ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଗ୍ରହଣ କରି ଶୁକ୍ରବାର ଏକ ମାମଲା ରୁଜୁ କରିଛନ୍ତି। ବିଏସ୍ଏନ୍ଏଲ୍‌ର କର୍ମଚାରୀମାନେ ଗତ ୧୦ରୁ୨୦ ବର୍ଷ ହେଲା କାର୍ଯ୍ୟରତ। ୧୨ ମାସ ହେଲା ସେମାନଙ୍କୁ ଦରମା ମିଳିନାହିଁ। ଏହାଦ୍ୱାରା ସେମାନଙ୍କ ମାନବ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ଆଇନଜୀବୀ ଅନୁପ ପାତ୍ର କାଜୁଆଲ କର୍ମଚାରୀ ସଂଘ ପକ୍ଷରୁ ଏକ ମାମଲା କମିଶନଙ୍କ ନିକଟରେ ଦାଖଲ କରିଥିଲେ।

### ସଂକ୍ଷେପରେ

## ହୀରାକୁଦ ଡ୍ୟାମ୍: ୧୦ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୨୬।୬(ବ୍ୟୁରୋ): ହୀରାକୁଦ ଡ୍ୟାମ୍‌ର ୧୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଶୁକ୍ରବାର ବାମ ପାର୍ଶ୍ୱରେ ୪ ଓ ଡାହାଣ ପାର୍ଶ୍ୱରେ ୬ଟି ଏହିପରି ମୋଟ ୧୦ଟି ସ୍ଲୁଇସ ଗେଟ ଖୋଲା ଯାଇଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୩ ହଜାର ୮୦୦ କ୍ୟୁସେକ ଜଳ ପ୍ରବେଶ କରୁଛି ଏବଂ ୧ ଲକ୍ଷ ୭୦ ହଜାର ୫୮୫ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଡ୍ୟାମ୍‌ର ଜଳସ୍ତର ୬୧୭.୦୦ ଫୁଟ୍ ରହିଛି ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ତଳମୁଣ୍ଡ ବେଲଗାଁରେ ୧୩ ହଜାର ୨ଶହ କ୍ୟୁସେକ, ପର୍ଥଲାରେ ୩୪ ହଜାର ୧୯୭, ଖଇରମାଳରେ ୨ ଲକ୍ଷ ୪୬ ହଜାର, ବରମୁଳାରେ ୬୪ ହଜାର, ମୁଣ୍ଡଳିରେ ୧ ଲକ୍ଷ ୧୦ ହଜାର ୬୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ଜଣାପଡିଛି।

## ଧରାକୋଟ ବ୍ଲକ ଉପାଧ୍ୟକ୍ଷଙ୍କ ମୃତ୍ୟୁ, କରୋନା ସନ୍ଦେହ

ଧରାକୋଟ,୨୬।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଉପାଧ୍ୟକ୍ଷ ଭଗବାନ ସ୍ୱାଇଁ(୭୮)ଙ୍କ ଗୁରୁବାର ଅପରାହ୍ନ ୫ଟାରେ ମୃତ୍ୟୁ ଘଟିଛି। ତାଙ୍କର ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗ ଥିଲା। ୮ ଦିନ ତଳେ ଜ୍ୱରରେ ପୀଡିତ ହୋଇଥିଲେ। ଗତ ମଙ୍ଗଳବାର ଅଧିକ ଅସୁସ୍ଥ ଅନୁଭବ କରିବାରୁ ଭଗବାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଯାଇଥିଲା। ବୁଧବାର ରିପୋର୍ଟ କରୋନା ପଜିଟିଭ ଆସିଥିବା ଉପାଧ୍ୟକ୍ଷଙ୍କ ପୁଅ ତ୍ରିବିକ୍ରମ ସ୍ୱାଇଁ କହିଛନ୍ତି। କୋଭିଡ୍-୧୯ ଗାଇଡ୍‌ଲାଇନ୍ ପ୍ରକାରେ ବ୍ରହ୍ମପୁର ନିକଟସ୍ଥ ଶିଳତାପଲ୍ଲୀଠାରେ ମୃତଦେହ ସତ୍କାର କରାଯାଇଥିବା ପରିବାର ଲୋକେ କହିଛନ୍ତି। ଧରାକୋଟ ବ୍ଲକ ଜାହାଡ଼ା ଗ୍ରାମର ମୂଳବାସିନ୍ଦା ଭଗବାନ ଗୋଟିଏ ଥର ଜାହାଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ, ୨ଥର ସମିତିସଭ୍ୟ ଓ ୨ଥର ଜାହାଡ଼ା ସେବା ସମବାୟ ସମିତିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବାର୍ଦ୍ଧକ୍ୟରେ ବି ସେ ବ୍ଲକ ଉପାଧ୍ୟକ୍ଷ ପଦବୀରେ ରହି କରୋନା ଯୋଦ୍ଧା ଭଳି କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷରେ ବ୍ଲକର ଜଣେ ଡାଟା ଏଣ୍ଟ୍ରି ଅପରେଟର କରୋନା ପଜିଟିଭ୍ ଥିବା ଜଣାପଡିଛି। ତାଙ୍କ ସଂସ୍ପର୍ଶରେ ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀମାନେ ଆସିଛନ୍ତି। ଏ ନେଇ ବିଡିଓ ବିଭୁଧ ଗଡ଼ନାୟକଙ୍କ ସହ ଯୋଗାଯୋଗ କରିବାରୁ, ସମସ୍ତ କର୍ମଚାରୀଙ୍କୁ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା କହିଛନ୍ତି। ବିଡିଓ ଓ କର୍ମଚାରୀମାନେ ବ୍ଲକ ପରିସରରେ ସଙ୍ଗରୋଧରେ ରହିଛନ୍ତି।

# ହର୍ପିସ ପଞ୍ଝାରେ ହାତୀ

ଢେଙ୍କାନାଳ ଅଫିସ, ୨୬।୬



- ହିନ୍ଦୋଳ ରେଞ୍ଜରେ ବଢୁଛି ସଂକ୍ରମଣ
- ଦେଢ଼ ବର୍ଷରେ ମଲେଣି ୩ ହାତୀ
- ଚିକିତ୍ସାକୁ ଗୁରୁତ୍ୱ ଦେଉନି ବନ ବିଭାଗ

ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲରେ ନିର୍ଭୟରେ ବିଚରଣ କରୁଥିବା ହାତୀଙ୍କ ପାଇଁ ଘାତକ ସାଜିଛି ମାରାତ୍ମକ ହର୍ପିସ୍। ବିଶେଷ କରି ହିନ୍ଦୋଳ ରେଞ୍ଜରେ ରହୁଥିବା ହାତୀଙ୍କ ଶରୀରରେ ଏହି ଭୂତାଣ ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି। ଗତ ଦେଢ଼ବର୍ଷ ମଧ୍ୟରେ ହର୍ପିସ୍‌ରେ ସଂକ୍ରମିତ ହୋଇ ୩ ହାତୀ ମୃତ୍ୟୁମୁଖରେ ପଡ଼ିଲେଣି। ବନ ବିଭାଗ ପକ୍ଷରୁ ଚିକିତ୍ସା ଲାଗି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏହି ଭୂତାଣୁ ହାତୀଙ୍କ ପାଇଁ କାଳ ସାଜିଥିବା ଅଭିଯୋଗ ହେଉଛି। ଅପରପକ୍ଷେ ହାତୀ ଭଳି ସାମାଜିକ ପ୍ରାଣୀ ପଲରେ ରହିବାକୁ ପସନ୍ଦ କରୁଥିବାବେଳେ ଭୂତାଣୁଜନିତ ଗଣସଂକ୍ରମଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଯଦି ଏପରି ହୁଏ ତେବେ ଢେଙ୍କାନାଳରୁ ହାତୀବଂଶ ବିଲୋପ ହୋଇଯିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ହିନ୍ଦୋଳ ରେଞ୍ଜ୍‌ରେ ହର୍ପିସ୍‌ରେ ସଂକ୍ରମିତ ହୋଇ ୨୦୧୯ ଜାନୁୟାରୀରୁ ୨୦୨୦ ଜୁଲାଇ ମଧ୍ୟରେ ୩ ହାତୀଙ୍କ ମୃତ୍ୟୁ ଘଟିଛି। ସେଥିରୁ ଗୋଟିଏ ମାଈ ଏବଂ ଅନ୍ୟ ୨ଟି ଛୁଆ ହାତୀ। ସେହିପରି ବର୍ଷକ ତଳେ କପିଳାସ ହାତୀ ରେସକ୍ୟୁ ସେଣ୍ଟରରେ ମରିଥିବା ହାତୀ ଛୁଆ ମଧ୍ୟ ଏହି ଭୂତାଣୁ କବଳରେ ପଡ଼ିଥିବା ସନ୍ଦେହ କରାଯାଇଥିଲା। ହେଲେ ବନ ବିଭାଗ ଏହାକୁ ସ୍ପଷ୍ଟ ନ କରିବାରୁ ଏହା ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହିଛି। ଦୁଇଦିନ ତଳେ ହିନ୍ଦୋଳ ରେଞ୍ଜରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଉକ୍ତ ହାତୀଟି ହର୍ପିସ୍ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ୩ଦିନ ଧରି ଅସୁସ୍ଥ ହୋଇ ବୁଲିବା ପରେ ହାତୀଟି ମୃତ୍ୟୁବରଣ କରିଥିଲା। ଏ ସମ୍ପର୍କରେ ବନ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ହାତୀଟିର ଚିକିତ୍ସା ଦିଗରେ ଗୁରୁତ୍ୱ ଦିଆଯାଇ ନ ଥିଲା। ସେହିପରି ଗତବର୍ଷ ଏକ ଅସୁସ୍ଥ ହାତୀ ଶାବକ ଜଙ୍ଗଲରୁ ରାସୋଳ ସେକ୍ସନ୍ ଅଞ୍ଚଳକୁ ପଳାଇ ଆସିଥିଲା। ଏହି ହାତୀ ଛୁଆ ମଧ୍ୟ ହର୍ପିସ୍‌ରେ ଆକ୍ରାନ୍ତ ହୋଇଥିଲା। ସେତେବେଳେ ମଧ୍ୟ ହାତୀଛୁଆର ଚିକିତ୍ସା ଲାଗି ବନ ବିଭାଗ ତତ୍ପରତା ଦେଖାଇ ନ ଥିଲା। ସାତକୋଶିଆରୁ ବରିଷ୍ଠ ଚିକିତ୍ସକମାନେ ପହଞ୍ଚି ହାତୀଛୁଆର ତୁରନ୍ତ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଥିଲା। ଫଳରେ ଉଦ୍ଧାର ହେବାର ଦିନକ ପରେ ମୃତ୍ୟୁମୁଖରେ ପଡ଼ିଥିଲା। ରୋଗର ପ୍ରତିକାର ଲାଗି ଥିବା ଆଣ୍ଟି ଭାଇରାଲ ଇଞ୍ଜେକ୍ସନର ଦାମ ୨୦ରୁ ୨୫ ହଜାର ଟଙ୍କା ଦେଇ କିଣିବାକୁ ପଡ଼େ। ଏତେ ଟଙ୍କା ଖର୍ଚ୍ଚ କରିବାକୁ ବନ ବିଭାଗ ପଛଘୁଞ୍ଚା ଦେଉଥିବାରୁ ଜିଲାରେ ହର୍ପିସ ସଂକ୍ରମଣରେ ହାତୀମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ହିନ୍ଦୋଳ ରେଞ୍ଜ୍‌ରେ ମରିଥିବା ମାଈ ହାତୀଟି ହର୍ପିସ ଆକ୍ରାନ୍ତ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଜିଲା ବନଖଣ୍ଡ ଅଧିକାରୀଙ୍କର ନନ୍ଦନକାନନକୁ ଉପନିର୍ଦ୍ଦେଶକ ଭାବେ ବଦଳି ହୋଇଯାଇଥିବାରୁ ସେ ଏ ସମ୍ପର୍କରେ ଅଧିକ କିଛି ନ କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

## ବିପଜ୍ଜନକ କାହିଁକି

ଏଲିଫ୍ୟାଣ୍ଟ ଏଣ୍ଡୋଥେଲିଓଟ୍ରପିକ୍ ହର୍ପିସ୍ ଭାଇରସ୍ (ଇଇଏଚ୍‌ଭି) ଏବଂ ଏଲିଫ୍ୟାଣ୍ଟଇଡ୍ ବେଟା ହର୍ପିସ୍ ଭାଇରସ୍-୧ (ଇଏଲ୍ଏଚ୍‌ଭି-୧) ଭୂତାଣୁ ହାତୀଙ୍କ କ୍ଷେତ୍ରରେ ବେଶି ମାରାତ୍ମକ। ଏଥିରେ ସଂକ୍ରମିତ ହାତୀଙ୍କ ମୃତ୍ୟୁହାର ଅଧିକ। ତେବେ ସବୁଠାରୁ ଚିନ୍ତାର କଥା ଯେ, ଏହି ଭୂତାଣରୁ ସଂକ୍ରମଣ ଯୋଗୁ କମ୍ ବୟସ୍କ ତଥା ଯୁବ ହାତୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ବେଶି। ବିଶେଷ କରି ଏସିଆନ ହାତୀ ପାଇଁ ଦୀର୍ଘଦିନ ଧରି ହର୍ପିସ୍ ଭୂତାଣୁ ଚିନ୍ତାର କାରଣ ହୋଇ ରହିଛି। ଏହି ଭୂତାଣୁ ସଂକ୍ରମଣ ହେଲେ ହାତୀଙ୍କ ଅନ୍ତଃସ୍ରାବୀ ଗ୍ରନ୍ଥି ସମେତ ଶରୀରରେ ଛୋଟ ଛୋଟ ଘା ହୋଇଥାଏ। ଏଥିରୁ ଅନବରତ ରକ୍ତସ୍ରାବ ହୋଇଥାଏ। ଯଦିଓ ଆଣ୍ଟିବାୟୋଟିକ୍ ଦ୍ୱାରା ଏହାର ଚିକିତ୍ସା ସମ୍ଭବ ତଥାପି ରୋଗ ଜଣାପଡ଼ିବା ବେଳକୁ ହାରାହାରି ୯୦% ହାତୀ ମୃତ୍ୟୁ ମୁଖରେ ପଡ଼ି ସାରିଥାନ୍ତି। ମାତ୍ର ଏକ ତୃତୀୟାଂଶ ହାତୀଙ୍କ କ୍ଷେତ୍ରରେ ଆଣ୍ଟିବାୟୋଟିକ୍ ଥେରାପୀ ପ୍ରଭାବୀ ସାବ୍ୟସ୍ତ ହେଉଥିବା ଏକ ଆକଳନରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସାତକୋଶିଆ ଅଭୟାରଣ୍ୟର ବରିଷ୍ଠ ବନ୍ୟପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ କୁହନ୍ତି, ଏସିଆନ ଏଲିଫ୍ୟାଣ୍ଟ ହର୍ପିସ୍-୧ ଏବଂ ଆଫ୍ରିକାନ୍ ଏଲିଫ୍ୟାଣ୍ଟ ହର୍ପିସ-୨ରେ ସଂକ୍ରମିତ ହେବା ଦେଖାଯାଏ। ହାତୀଛୁଆଙ୍କ କ୍ଷେତ୍ରରେ ହର୍ପିସ୍-୧ ଘାତକ। ଏହି ଭୂତାଣୁ ସଂକ୍ରମଣ ହେଲେ ତଣ୍ଟି ଓ ମୁହଁରେ ଘା' ହୋଇଯାଏ। ଜିଭ ଫୁଲିଯାଏ। ହାତୀ ଶାବକ ଖାଦ୍ୟ ଗ୍ରହଣ କରିପାରେ ନାହିଁ। ଧୀରେ ଧୀରେ ଦୁର୍ବଳ ହୋଇ ମୃତ୍ୟୁମୁଖରେ ପଡ଼େ। ସେହିପରି ଉପଯୁକ୍ତ ଚିକିତ୍ସା ନ ମିଳିଲେ ଏକ ହର୍ପିସ ଆକ୍ରାନ୍ତ ବଡ଼ହାତୀ ସର୍ବନିମ୍ନ ୨୪ ଘଣ୍ଟା ଏବଂ ସର୍ବାଧିକ ୨୦ଦିନ ମଧ୍ୟରେ ମୃତ୍ୟୁମୁଖରେ ପଡ଼ିଥାଏ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ହର୍ପିସ୍‌ର ଅନ୍ୟ ଏକ କାରଣ ସମ୍ପର୍କରେ ସେ କହିଛନ୍ତି ଯେ, ଦନ୍ତାହାତୀ ଶିକାର ବଢୁଥିବାରୁ ହାତୀପଲରେ ସନ୍ତୁଳନ ବିଗିଡ଼ି ଯାଉଛି। ମାଈ ହାତୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ମଧ୍ୟରେ ଇମ୍ୟୁନିଟି ପାୱାର କମିଯାଉଛି, ଯାହା ଚିନ୍ତାଜନକ ବିଷୟ ବୋଲି ସେ କହିଛନ୍ତି।

# ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ଜାମିନ

କଟକ ଅଫିସ,୨୬।୬

**ଉଲିବୁରୁ ଖଣି ଦୁର୍ନୀତି ମାମଲା**

- ମାସେ ପାଇଁ ସର୍ତ୍ତମୂଳକ ଜାମିନ ଦେଲେ ହାଇକୋର୍ଟ
- କୋଟିଏ ଟଙ୍କା ଜମା, ଦୁଇ କୋଟିର ଜାମିନଦାର
- ପାସ୍‌ପୋର୍ଟ ଦାଖଲ କରିବେ, ନଚେତ୍ ସତ୍ୟପାଠ


ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କୁ ଶୁକ୍ରବାର ହାଇକୋର୍ଟରୁ ଏକ ମାସ ପାଇଁ ସର୍ତ୍ତମୂଳକ ଜାମିନ ମିଳିଛି। ତାଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଙ୍ଗମ୍ କୁମାର ସାହୁ ଜାମିନ ଦେଇଛନ୍ତି। କୋଟିଏ ଟଙ୍କା ଜମାରାଶି ଓ ୨ କୋଟି ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ ଜାମିନ ଦିଆଯିବ। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଅନୁମତି ବିନା ସେ ରହୁଥିବା ଅଞ୍ଚଳ ବାହାରକୁ ଯାଇପାରିବେ ନାହିଁ। ସେ କେଉଁଠାରେ ରହିବେ, ନିଜ ଫୋନ୍ ନମ୍ବର ଓ ଇ-ମେଲ୍ ଭିଜିଲାନ୍ସ ପାଖରେ ଦାଖଲ କରିବେ। ପ୍ରମାଣକୁ ନଷ୍ଟ କରିବା କିମ୍ବା ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ପାସ୍‌ପୋର୍ଟ ଥିଲେ ଭିଜିଲାନ୍ସ କୋର୍ଟରେ ଦାଖଲ କରିବେ। ନଚେତ୍ ଭିଜିଲାନ୍ସ କୋର୍ଟରେ ଏନେଇ ସତ୍ୟପାଠ ଦାଖଲ କରିବାକୁ ହେବ। ଶୁଣାଣି ତାରିଖରେ କୋର୍ଟରେ ହାଜର ହେବେ। ଅନ୍ତରୀଣ ଜାମିନ ଅବଧି ସରିବା ପରେ ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି।

ପ୍ରକାଶ ଯେ, ୧୮ କୋଟି ଟଙ୍କା ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକଙ୍କୁ ବାଲେଶ୍ୱର ଭିଜିଲାନ୍ସ ବିଭାଗ ୨୦୧୩ ସେପ୍ଟେମ୍ବର ୫ରେ ଗିରଫ କରିଥିଲା। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଦୀପକ ବିଚାରାଧୀନ କଏଦୀ ଭାବେ ରହିଛନ୍ତି। ପୂର୍ବରୁ ଦୀପକଙ୍କ ଜାମିନ ଆବେଦନ ହାଇକୋର୍ଟରେ ୫ ଥର ଓ ସୁପ୍ରିମ୍‌କୋର୍ଟରେ ୨ ଥର ଖାରଜ ହୋଇଛି। ଶେଷଥର ପାଇଁ ତାଙ୍କ ଜାମିନ ଆବେଦନ ଭିଜିଲାନ୍ସ କୋର୍ଟରେ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଅଗଷ୍ଟ ୭ରେ ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। କିନ୍ତୁ ମାମଲାର ତ୍ୱରିତ ଶୁଣାଣି ପାଇଁ ଭିଜିଲାନ୍ସ କୋର୍ଟଙ୍କୁ ନିର୍ଦ୍ଦେଶ ହୋଇଥିଲା। ତଥାପି ଶୁଣାଣିରେ ବିଳମ୍ବ ହେଉଥିବା ଦର୍ଶାଇ ଗତ ଫେବୃୟାରୀ ୪ରେ ଦୀପକ ପୁଣି ଥରେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଶୁକ୍ରବାର ଜାମିନ ଆବେଦନର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସନ୍ତୋଷ ମୁଣ୍ଡ ଯୁକ୍ତି ରଖିଥିଲେ। ଶୁଣିବା ପରେ କୋର୍ଟ କହିଥିଲେ ଯେ, ସିଆର୍‌ପିସିର ଧାରା ୩୦୯ ଅନୁଯାୟୀ, ସମସ୍ତ ସାକ୍ଷୀଙ୍କ ବୟାନ ଗ୍ରହଣ ପରେ ନିୟମିତ ମାମଲାର ଶୁଣାଣି ହେବା ଆବଶ୍ୟକ। କିନ୍ତୁ ଭିଜିଲାନ୍ସ କୋର୍ଟ ଏହାକୁ ପାଳନ କରିନାହାନ୍ତି। ନିୟମିତ ଶୁଣାଣି ଦିଗରେ କୋର୍ଟ ପଦକ୍ଷେପ ନେବା ଜରୁରୀ। ଅଭିଯୁକ୍ତ ଦୀର୍ଘ ସମୟ ହେଲା ବିଚାରାଧୀନ କଏଦୀ ଭାବେ ଥିବା ଯୋଗୁ ତାଙ୍କୁ ଅନ୍ତରୀଣ ଜାମିନ ଦିଆଯାଉଥିବା କୋର୍ଟ କହିଛନ୍ତି।

## ୪,୫୦୦ କୋଟି ଟଙ୍କାର ପ୍ରକଳ୍ପକୁ ଏଚ୍‌ପିସି ଅନୁମୋଦନ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଗ୍ରାମ୍ୟ ରାସ୍ତା, ପୋଲ, ବିଦ୍ୟୁତୀକରଣ, ପାନୀୟଜଳ, ଆଡ଼ିବନ୍ଧ, ବ୍ୟାରେଜ ନିର୍ମାଣ, ଗ୍ରାମାଞ୍ଚଳ ଜୀବନଜୀବିକା ଉନ୍ନତୀକରଣ ଆଦି ୪,୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କର ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି (ଏଚ୍‌ପିସି)ରେ ଅନୁମୋଦନ କରାଯାଇଛି। ନାବାର୍ଡ ପକ୍ଷରୁ ଦିଆଯାଉଥିବା ଋଣରେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବ। ପ୍ରକଳ୍ପ ପାଇଁ ସମସ୍ତ ଅର୍ଥ ନାବାର୍ଡ ରାଜ୍ୟ ସରକାରଙ୍କୁ ଋଣ ଆକାରରେ ଯୋଗାଇବ। ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଚ୍‌ପିସି ବୈଠକରେ ଆରଆଇଡିଏଫ ପ୍ରଦତ୍ତ ଅର୍ଥରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ସଚିବ, କୃଷି ବିଭାଗ ସଚିବ, ଜଳ ସମ୍ପଦ ବିଭାଗ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ପୂର୍ତ୍ତ ସଚିବ, ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଚିଫ୍ ଜେନେରାଲ ମ୍ୟାନେଜର ଯୋଗ ଦେଇଥିଲେ।




# 'ବାହୁଡ଼ା ନୀତି କରିବେ କୋଭିଡ୍ ନେଗେଟିଭ୍ ସେବାୟତ'

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେ ଆଦି କାର୍ଯ୍ୟକ୍ରମର ସୁପରିଚାଳନା ବିଷୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରି ଯେଭଳି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସୁଚାରୁରୂପେ ସମ୍ପାଦିତ ହେଲା, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ, ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁରୀର ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ବାହୁଡା, ସୁନାବେଶ ଆଦି ନୀତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଠିକ୍ ସମୟରେ କରିବା ସହିତ କେବଳ କୋଭିଡ୍ ନେଗେଟିଭ୍ ଥିବା ସେବାୟତମାନଙ୍କୁ ନେଇ ନୀତି ସମ୍ପାଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୁରୀ ସହରରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ କୋଭିଡ୍ ସର୍ଭେ କାର୍ଯ୍ୟକୁ ମଧ୍ୟ ଆହୁରି ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ କୋଭିଡ୍ ପରୀକ୍ଷା ମଧ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବାହୁଡା,ସୁନାବେଶ, ଅଧରପଣା, ନୀଳାଦ୍ରି ବିଜେ କାର୍ଯ୍ୟକ୍ରମକୁ ଜନସାଧାରଣ ଯେପରି ଘରେ ବସି ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ବିଭିନ୍ନ ଚ୍ୟାନେଲ ଜରିଆରେ ସିଧାପ୍ରସାରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସାରା ବିଶ୍ୱ ଆମ ଉପରେ ନଜର ରଖିଛି। ତେଣୁ କୋଭିଡ-୧୯ ନିର୍ଦ୍ଦେଶାବଳୀ ଏବଂ ଲକ୍‌ଡାଉନର ନିୟମାବଳୀକୁ ଠିକ୍ ଭାବେ ପାଳନ କରିବା ପାଇଁ ଆମେ ସର୍ବୋତ୍ତମ ଉଦ୍ୟମ ଜାରି ରଖିବା ଆବଶ୍ୟକ। ଆଇନମନ୍ତ୍ରୀ ପ୍ରତାପ ଜେନା, ପୋଲିସ ମହାନିର୍ଦ୍ଦେଶକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରଥଯାତ୍ରାର ସଫଳ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ବାହୁଡା ଓ ସୁନାବେଶର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଏହି ଆଲୋଚନାରେ ରଥଯାତ୍ରା ପାଇଁ ପୁରୀ ଦାୟିତ୍ୱରେ ଥିବା ମନ୍ତ୍ରୀ ଏବଂ ଯୋଜନାଡା ବୋର୍ଡ ଉପାଧ୍ୟକ୍ଷଙ୍କ ସମେତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲାପାଳ ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଜ୍ଞତାସମ୍ପନ୍ନ ଏସ୍‌ଓପି ପାଳନ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

**ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

- ମରାମତି ହୋଇଛି ୭୯୬ ବାତ୍ୟା ଆଶ୍ରୟସ୍ଥଳ
- ତେଲ-ଅବନ୍ତୀ ନଦୀ ସଙ୍ଗମ ସ୍ଥଳରେ ବ୍ୟାରେଜ ନିର୍ମାଣ କରାଯାଉ: ବିରୋଧୀ ଦଳ ନେତା
- ଚେକ୍‌ଡ୍ୟାମ୍ ଦୁର୍ନୀତିର ତଦନ୍ତ ହେଉ: ନରସିଂହ

ଆଗୁଆ ପ୍ରସ୍ତୁତି, ତ୍ୱରିତ ଉଦ୍ଧାର ଏବଂ ପୁନର୍ଗଠନ ପାଇଁ ପଦକ୍ଷେପ ସହିତ ଦୀର୍ଘକାଳୀନ ମୁକାବିଲା ହେଉଛି ବିପର୍ଯ୍ୟୟ ପରିଚାଳନାର ମୂଳନୀତି। ଆମର ପ୍ରସ୍ତୁତି ଗତିଶୀଳ, ସାମଗ୍ରିକ ଏବଂ ଭାଗୀଦାରିମୂଳକ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଭିଡିଓ କନଫରେନ୍ସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନକୁ ଅଭିଜ୍ଞତାସମ୍ପନ୍ନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ପାଳନ ସହ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅନେକ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ଆମେ ଯେ କୌଣସି ପରିସ୍ଥିତିରେ ମୁକାବିଲା କରିବାକୁ ପ୍ରସ୍ତୁତ ରହିଛୁ। ଗତବର୍ଷ ଫନୀ ଓ ବୁଲ୍‌ବୁଲ୍ ଭଳି ବାତ୍ୟା ସହିତ ବନ୍ୟା, ବର୍ଷା ଏବଂ ଅନେକ ସ୍ଥାନୀୟ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥିଲା। ଚଳିତ ବର୍ଷ ମଧ୍ୟ ଉତ୍ତର ଉପକୂଳ ଜିଲାଗୁଡ଼ିକ ମେ ମାସ ତୃତୀୟ ସପ୍ତାହରେ ବାତ୍ୟା ଅମ୍ଫନ ଦ୍ୱାରା ପ୍ରଭାବିତ ହୋଇଥିଲା। ଓଡ଼ିଶାର ଜନସାଧାରଣଙ୍କ ସହଯୋଗରେ ଆମେ କେବଳ ଏହି ସବୁ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ସଫଳ ହୋଇ ନାହୁଁ, ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ମଧ୍ୟ ବିପଦ ସମୟରେ ସହାୟତା ଯୋଗାଇ ଦେଇପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜୁନ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସି ପାରେ। ଏହି ସବୁ ପାଇଁ ଆମର ପ୍ରସ୍ତୁତି ଦରକାର ବୋଲି ସେ କହିଛନ୍ତି।

ଗତ ୩ ମାସ ଧରି କୋଭିଡ୍-୧୯ ମହାମାରୀ ଜନସାଧାରଣଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛି। ରାଜ୍ୟରେ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଯୋଗୁ ଓଡ଼ିଶା ଆଜି ଏ କ୍ଷେତ୍ରରେ ଭଲ ପରିସ୍ଥିତିରେ ରହିଛି। ଏହି ପରିସ୍ଥିତିରେ କୋଭିଡ ମୁକାବିଲାରେ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କୋଭିଡଠାରୁ ଆରମ୍ଭ କରି ଅମ୍ଫନ, ବୁଲବୁଲ, ପଙ୍ଗପାଳ ପର୍ଯ୍ୟନ୍ତ ବିଭିନ୍ନ ଦୁର୍ବିପାକ ନିରାକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଭିଡିଓ କନଫରେନ୍ସରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାର ଫେଲ୍ ମାରିଛନ୍ତି। କାଗଜପତ୍ରରେ ବିପର୍ଯ୍ୟୟ ପରିଚାଳନା ହେଉଛି। କଳାହାଣ୍ଡି, ବଲାଙ୍ଗୀର ଜିଲାରେ ସବୁବେଳେ ମରୁଡି ହେଉଛି। ତେଲ ଓ ଉଦନ୍ତୀ ନଦୀରେ ବ୍ୟାରେଜ କରାଗଲେ ବିଦ୍ୟୁତ୍ ଉତ୍ପାଦନ ହେବା ସହ କୃଷି କ୍ଷେତ୍ରକୁ ଜଳସେଚନ କରିବାକୁ ଦାବି କରିଛନ୍ତି।

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିରେ ଯୋଗ ଦେଇ ବଲାଙ୍ଗୀର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଯେଉଁସବୁ ଯୋଜନା ହାତକୁ ନେଇଛନ୍ତି ତାହା ପ୍ରଶଂସନୀୟ। ଗତବର୍ଷ ଅଗଷ୍ଟ ୧୩ ତାରିଖ ଜିଲାରେ ହୋଇଥିବା ବନ୍ୟାର ପୁନର୍ବିନ୍ୟାସ ପାଇଁ ଜଳ ସେଚନ ବିଭାଗକୁ ମାଗିଥିବା ୨୩ କୋଟି ଟଙ୍କାରୁ ମାତ୍ର ୮୬ ଲକ୍ଷ ଟଙ୍କା ମିଳିଥିବା ବେଳେ ଡିଆରଡିଏ ପକ୍ଷରୁ ୧୪ ବ୍ଲକ ପାଇଁ ୫୦ କୋଟି ୯୦ ଲକ୍ଷ ୪୭ ହଜାର ୫୦୦ ଟଙ୍କା ମଗାଯାଇଥିବା ବେଳେ ମିଳିଥିଲା ମାତ୍ର ୨୧,୩୪,୦୭୭ ଟଙ୍କା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ୩୯,୬୬,୮୬୦୦୦ ଟଙ୍କା ମାଗିଥିବା ବେଳେ ମିଳିଛି ମାତ୍ର ୨୭,୩୨, ୨୦୦ ଟଙ୍କା। ଏଥିରୁ ବଲାଙ୍ଗୀର ଜିଲା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି ନରସିଂହ ଅଭିଯୋଗ କରିଥିଲେ।

ଜୁନ୍ ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ପ୍ରତି ଜିଲା ସଦର ମହକୁମାରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ବେଳେ ଟେଲି ଯୋଗାଯୋଗ ସୁବିଧା ନ ଥିବା ବନ୍ୟାପ୍ରବଣ ଅଞ୍ଚଳରେ ୧୫ ଅସ୍ଥାୟୀ ଭିଏଚ୍ଏଫ୍ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି। ୨୦ ଓଡ୍ରାଫ ଟିମ୍‌କୁ ଆବଶ୍ୟକ ସହାୟତା ସହିତ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ନଦୀବନ୍ଧରେ ୪୯ଦୁର୍ବଳ ସ୍ଥାନ ଚିହ୍ନଟ କରାଯାଇଛି। ସହରାଞ୍ଚଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ୮୭୯ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଯାଞ୍ଚ କରାଯାଇ ୭୯୬ଟିର ମରାମତି କରାଯାଇଛି।

# କାର୍ଯ୍ୟକାରୀ ହେଉନାହିଁ ବୋଟ୍ ରୁଲ୍‌ସ

କେନ୍ଦ୍ରାପଡ଼ା ଅଫିସ, ୨୬।୬



ହଂସୁଆ ନଦୀରେ ଦେଶୀଡଙ୍ଗାରେ ଯାତ୍ରୀ ପରିବହନ।

ଗତ ୧୯ ତାରିଖରେ ମହାକାଳପଡା ବ୍ଲକ ପୀତାପାଟ ଗ୍ରାମ ନିକଟ ମହାନଦୀରେ ଡଙ୍ଗା ଓଲଟିବାରୁ ୫ ଶ୍ରମିକ ପହଁରି ନିଜ ଜୀବନ ବଞ୍ଚାଇଥିଲେ। ଏହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ ତାରିଖରେ ଡଙ୍ଗା ବୁଡି ଜଗତ୍‌ସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳିଙ୍କ ଜୀବନ ଯାଇଥିଲା। ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡି ଯୋଗୁ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନି ହୋଇଥିଲା। ପଦନୀପାଳ, ଏକମାଣିଆ, ସିଂହଗାଁ ଆଦି ନଦୀ ପରିବେଷ୍ଟିତ ୧୭ ପଞ୍ଚାୟତକୁ ଅଦ୍ୟାବଧି ସେତୁ ନିର୍ମାଣ ହୋଇନାହିଁ। ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବଲିଖଟି, ବଟୀଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଜ୍ଜନକ ଭାବେ ଲୋକେ ନୌକାରେ ଯାତାୟାତ କରୁଛନ୍ତି। ନୌକା ଅଥବା ଦେଶୀ ଡଙ୍ଗା ସ୍ଥାନୀୟ ଅଞ୍ଚଳରେ ଯାତାୟାତର ମାଧ୍ୟମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ୨୦୦୪ ମସିହାର ବୋଟ ରୁଲ୍ସ କାର୍ଯ୍ୟକାରୀ ହେଉ ନାହିଁ। ଲାଇଫ ଜ୍ୟାକେଟ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି। ଫଳରେ ନୌପରିବହନ ଏବେ ବିପଦରେ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସାମାଜିକ କର୍ମୀ ଅଭିତାଭ ଚାନ୍ଦ କୁହନ୍ତି, ରାଜ୍ୟ ସରକାରଙ୍କ ବୋଟ ରୁଲ୍ସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟଚାଳକ ଓ ଡଙ୍ଗା ବୀମାଭୁକ୍ତ ହୋଇନାହିଁ। ଏପରି କି ଫିଟ୍‌ନେସ ନ ଥିବା ବୋଟରେ ଯାତ୍ରୀ ଯା'ଆସ କରୁଛନ୍ତି। କୌଣସି କାରଣରୁ ଡଙ୍ଗାବୁଡି ହେଲେ ମୃତ ଯାତ୍ରୀଙ୍କୁ କ୍ଷତିପୂରଣ ମିଳିବା ସମ୍ଭବ ହେବନାହିଁ। ୬୦ରୁ ଊର୍ଦ୍ଧ୍ୱ ବୋଟ ଜାତୀୟ ଉଦ୍ୟାନ ମଧ୍ୟରେ ବିନା ଫିଟ୍‌ନେସରେ ଚାଲୁଥିବା ସେ ଦର୍ଶାଇଛନ୍ତି। ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର ସାହୁ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ ଲୁଣା କୁମ୍ଭୀର ଅଛନ୍ତି। ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଳା, ଜୟନଗର, ଖରିନାସୀ, ବାହକୁଦ, ଜମ୍ବୁ ଅଞ୍ଚଳରୁ ବୋଟଗୁଡିକ ଆତଯାତ ହେଉଛି। ତେବେ ବହୁ ବୋଟ ଚାଳକ ଅନଭିଜ୍ଞ ଓ ନାବାଳକ ଥିବା ସେ ପ୍ରକାଶ କରିଛନ୍ତି। ଏହାସହ ଡଙ୍ଗାରେ ଅଧିକ ଲୋକ ଚଢୁଥିବା ଯୋଗୁ ଏହି ଦୁର୍ଘଟଣା ହେଉଥିବା ବେଳେ ଅର୍ଥଲୋଭରେ ଡଙ୍ଗାଚାଳକ ଯାତ୍ରୀ ପରିବହନ କରୁଛନ୍ତି। ମହାକାଳପଡାର ବିଭୂତି ରାଉତ କୁହନ୍ତି, ସେତୁ ନିର୍ମାଣ ହେଉ ନ ଥିବାରୁ ଡଙ୍ଗା ଅଥବା ବୋଟରେ ଲୋକେ ଯାତାୟାତ କରୁଛନ୍ତି। ବାହକୁଦ ଓ ଖରିନାସୀ ସେତୁ ଏବେ ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀ କୂଳରେ ବହୁ ପରିବାର ବସବାସ କରୁଛନ୍ତି। ପ୍ରତିଦିନ ଦେଶୀ ଡଙ୍ଗାରେ ଯାଆସ କରୁଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବୋଟ ଚାଳକ ଓ ବୋଟର ବୀମା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ଏ ନେଇ ସଚେତନ କରାଯାଉଛି। ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ ନଦୀରେ ଯାତାୟାତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

## କେନ୍ଦ୍ରାପଡ଼ା ଜିଲାରେ ଚାଲିଛି ବିପଜ୍ଜନକ ନୌପରିବହନ

**ଆଜିର ମନ୍ତବ୍ୟ**

ଯଦି ଭାରତୀୟ ଭୂଖଣ୍ଡକୁ ଚାଇନା ଦଖଲ କରିନାହିଁ ତେବେ ଆମ ୨୦ ଯବାନ କାହିଁକି ଶହୀଦ ହେଲେ?
**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହସ୍ପିଟାଲ ପରିସରରେ ନାବାଳିକାଙ୍କୁ ବଳାତ୍କାର

- ଆହତ ବଡ଼ଭଉଣୀଙ୍କ ଯତ୍ନ ନେବା ପାଇଁ ରହିଥିଲେ
- ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ଚଢ଼ାଉ

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ରାଜଧାନୀ ଖଣ୍ଡଗିରି ଥାନା ଅନ୍ତର୍ଗତ ଏମ୍ସ ପରିସରରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇପିସି ଦଫା ୩୭୬ ଏବଂ ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୩୫୫/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କ ବୟସକୁ ନେଇ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବା ପରେ ବୟସ ଏବଂ ବଳାତ୍କାର ନେଇ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ କିଛି ଦିନ ତଳେ ତଙ୍କର ମା'ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହାପରେ ବାପା ଦୁଇ ଝିଅଙ୍କୁ ଛାଡି ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ବଡ଼ ଭଉଣୀ ସହ ନାବାଳିକା ଜଣକ ପୁରୀ ଆସି ରହିଥିଲେ। ପୁରୀରେ ଆର୍ଥିକ ସମସ୍ୟା ହେବାରୁ ନାବାଳିକା ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ନିକଟରେ ଜଣଙ୍କ ଘରେ ଭଡ଼ା ରହି କାମ କରୁଥିଲେ। ଏହି ସମୟରେ ରାଜମହଲ୍ ନିକଟରେ ରହୁଥିବା ଜଣେ ଯୁବକ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। କିଛି ଦିନ ତଳେ ନାବାଳିକାଙ୍କ ବଡ଼ ଭଉଣୀଙ୍କ ଏକ ଦୁର୍ଘଟଣାରେ ଅଣ୍ଟା ଓ ଗୋଡ଼ ଭାଙ୍ଗି ଯାଇଥିଲା। ସେ ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ନିକଟରେ ନାବାଳିକା ଜଣକ ରହି ସେବା କରୁଥିଲେ। ଏହା ଜାଣି ସମ୍ପୃକ୍ତ ଯୁବକ ଜଣକ ଏମ୍ସ ଯାଇ ନାବାଳିକାଙ୍କୁ ଧମକ ଚମକ ଦେଇ ସେଠାରେ ମଧ୍ୟ ବଳାତ୍କାର କରିଥିଲେ। ଶାରିରୀକ ସମ୍ପର୍କ ରଖିବାକୁ ନାବାଳିକା ମନା କରିବାରୁ ସେଠାରେ ତାଙ୍କୁ ଯୁବକ ଜଣଙ୍କ ମାରଧର ମଧ୍ୟ କରିଥିଲେ। ନାବାଳିକାଜଣକ ଦୁଇଦିନ ତଳେ ଏକାକୀ ଏମ୍ସରେ ବୁଲାବୁଲି କରୁଥିବା ଜଣେ ସାମାଜିକ କର୍ମୀ ଦେଖି ଚାଇଲ୍ଡ ହେଲ୍ପ ଲାଇନ୍‌କୁ ଫୋନ୍ କରି ଜଣାଇଥିଲେ। ଚାଇଲ୍ଡ ହେଲ୍ପ ଲାଇନ୍ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରିବା ପରେ ନାବାଳିକା ଜଣଙ୍କ ତାଙ୍କ ସହ ହୋଇଥିବା ବଳାତ୍କାର କଥା କହିଥିଲେ। ଏନେଇ ନାବାଳିକା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏମ୍ସରେ ଲାଗିଥିବା ସିସିଟିଭି ଫୁଟେଜକୁ ପୋଲିସ ଜବତ କରି ସମ୍ପୃକ୍ତ ଯୁବକଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ଚାରିଆଡୁ ଘେରିଲେ ...

ହଜାର ହଜାର ଚାଷୀ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଚାଷଜମିକୁ ଜଳସେଚନ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ଗୁଆହାଟୀରେ ଶତାଧିକ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କାଳିପୁର-ବୋଗାଜୁଲି-କାଲାନଦୀ ଆଞ୍ଚଳିକ ଡୋଙ୍ଗ୍ ବନ୍ଧ ସମିତି ବ୍ୟାନରରେ ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀଙ୍କ ଦାବି ହେଉଛି କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଭୁଟାନ ପ୍ରତିପକ୍ଷଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ। ତେବେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ କେନ୍ଦ୍ର କିମ୍ବା ଆସାମ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷରେ ଭୁଟାନ ପକ୍ଷରୁ ଏନେଇ ଭିନ୍ନ ଭିନ୍ନ କାରଣ ଦର୍ଶାଯାଇଛି। ଭୁଟାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ, ମୌସୁମୀ ଆସିବା ପରେ ଲଗାଣବର୍ଷା ଯୋଗୁ ବୃଷ୍ଟିପାତ ବଢ଼ିବା ସହ ବନ୍ୟା ଆସିବା ଯୋଗୁ ଭୁଟାନର ଜଳସେଚନ ବ୍ୟବସ୍ଥା ଭୁଶୁଡ଼ିଯାଇଛି। ଫଳରେ କେନାଲରେ ପାଣି ଛଡ଼ାଯାଇ ପାରି ନ ଥିଲା। କେନାଲ ମରାମତି ପରେ ଭାରତୀୟ ଚାଷୀଙ୍କ ପାଇଁ ପାଣି ଯୋଗାଇ ଦିଆଯିବ। ଜାଣିଶୁଣି ପାଣି ଛଡ଼ାଯାଉ ନାହିଁ ବୋଲି ପ୍ରକାଶ ପାଉଥିବା ରିପୋର୍ଟ ସମ୍ପୂର୍ଣ୍ଣ ମିଥ୍ୟା। ଭୁଟାନ ଓ ଆସାମର ଲୋକଙ୍କ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଏପରି ଗୁଜବ କରାଯାଉଛି। ସେହିପରି ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ଡୋଙ୍ଗ୍‌ନଦୀର ଉତ୍ପତ୍ତିସ୍ଥଳ ହେଉଛି ଚାଇନା। ଦକ୍ଷିଣ ଚାଇନାର ଗୁଆଙ୍ଗ୍‌ଡୋଙ୍ଗ୍ ପ୍ରଦେଶସ୍ଥିତ ପାର୍ଲନଦୀର ଏହା ହେଉଛି ଶାଖାନଦୀ। ହୁବେଇ ପ୍ରଦେଶସ୍ଥିତ ଉହାନରୁ ସଂକ୍ରମିତ ହୋଇଥିବା କରୋନା ଭାଇରସ୍‌ର ମୁକାବିଲା ପାଇଁ ଡୋଙ୍ଗ୍ କେନାଲରେ ପାଣି ଛାଡ଼ିବା ବନ୍ଦ କରାଯାଇଛି। ଭୁଟାନକୁ ବିଦେଶୀ ନାଗରିକଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଉକ୍ତ କେନାଲ ପାଣିକୁ ଚାଷ କାର୍ଯ୍ୟରେ ବ୍ୟବହାର କରୁଥିବା ଭାରତୀୟ ଚାଷୀମାନେ ବିଦେଶୀ ନାଗରିକ ହୋଇଥିବାରୁ ସେମାନଙ୍କୁ ଅନୁମତି ଦିଆଯାଇ ନାହିଁ ବୋଲି ଥିମ୍ପୁ ପକ୍ଷରୁ କୁହାଯାଇଛି। ଖବରକାଗଜ 'ଦି ଭୁଟାନିଜ୍' ସମ୍ପାଦକ ତେଞ୍ଜିନ୍ ଲାମସଙ୍ଗଙ୍କ ମତରେ ଭୁଟାନ ପ୍ରତିବର୍ଷ ଆସାମର ଚାଷୀମାନଙ୍କୁ ସୀମା ଅତିକ୍ରମ କରି ନଦୀ ଜଳର ଦିଗ ପରିବର୍ତ୍ତନ କରାଇ କେନାଲକୁ ପାଣି ନେବା ପାଇଁ ଅନୁମତି ଦେଇଥାଏ। ଚଳିତବର୍ଷ କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ସୀମାକୁ ସମସ୍ତ ବିଦେଶୀ ନାଗରିକଙ୍କ ପାଇଁ ବନ୍ଦ କରାଯାଇଛି। ଏପରି କି ମାର୍ଚ୍ଚ ପରଠୁ ସ୍ୱଦେଶ ଫେରୁଥିବା ଭୁଟାନ ନାଗରିକମାନଙ୍କୁ ୨୧ ଦିନିଆ କ୍ୱାରାଣ୍ଟାଇନରେ ଯିବା ପାଇଁ ବାଧ୍ୟ କରାଯାଉଛି। ସେମାନଙ୍କ ରିପୋର୍ଟ ନେଗେଟେଭ୍ ଆସିବା ପରେ ଅନ୍ୟମାନଙ୍କ ସହ ମିଳାମିଶା ପାଇଁ ସୁଯୋଗ ଦିଆଯାଉଛି। ତେଣୁ ଏହି ପ୍ରସଙ୍ଗକୁ ନେଇ ରାଜନୀତି କରା ନ ଯାଉ ବୋଲି ସେ ଟୁଇଟ୍ କରିଛନ୍ତି।

### ହାତୀ ଗତିବିଧି ଜାଣିବାକୁ ...

ଫୋନ ଯୋଗାଇ ଦିଆଯିବ ଓ ଉକ୍ତ ଫୋନ୍ ନମ୍ବର ବହୁଳ ଭାବରେ ପ୍ରଚାର କରାଯିବା ସହ ଡିଭିଜନ ୱେବ୍‌ସାଇଟ୍‌ରେ ମଧ୍ୟ ଦିଆଯିବ। ପ୍ରତିଦିନ ଦ୍ୱିପହର ସମୟରେ ରେଞ୍ଜରମାନେ ଗାର୍ଡ ଏବଂ ଫରେଷ୍ଟରଙ୍କ ନିକଟରୁ ଗତ ରାତିରୁ ହାତୀଙ୍କ ଯାତାୟାତ ସମ୍ବନ୍ଧରେ ଖବର ନେବା ସହ ଷ୍ଟାଫ୍ ଏବଂ ହାତୀ ସ୍କ୍ୱାଡ୍‌ର କର୍ମଚାରୀଙ୍କଠାରୁ ଫିଡ୍‌ବ୍ୟାକ୍ ନେବେ। ତେବେ ସ୍କ୍ୱାଡ୍ କର୍ମଚାରୀମାନେ ସକାଳ ପୂର୍ବରୁ କିମ୍ବା ନିଜର ଡ୍ୟୁଟି ସରିବା ପୂର୍ବରୁ ଜିପିଏସ୍ ଲୋକେଶନ ଥାଇ ଫୋଟୋ ପଠାଇବାକୁ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ୨୪ ଘଣ୍ଟିଆ ତ୍ରିସ୍ତରୀୟ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ଡିଭିଜନ ସ୍ତରରେ ପ୍ରଥମ, ସର୍କଲ ସ୍ତରରେ ଦ୍ୱିତୀୟ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟରେ ତୃତୀୟ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଡିଭିଜନ ସ୍ତରରେ କଣ୍ଟ୍ରୋଲ ରୁମ୍ ପରିଚାଳନା ପାଇଁ ଜଣେ ଏସିଏଫ୍‌ଙ୍କ ନେତୃତ୍ୱରେ ଜଣେ ରେଞ୍ଜର, ଜଣେ ଡେପୁଟି ରେଞ୍ଜର, ୨ଜଣ ଫରେଷ୍ଟର ଓ ୩ ଜଣ ଗାର୍ଡ ରହିବେ। ରାତିରେ ରେଞ୍ଜର କିମ୍ବା ଡେପୁଟି ରେଞ୍ଜର କଣ୍ଟ୍ରୋଲ ରୁମ ସମ୍ଭାଳିବେ। ସର୍କଲ ସ୍ତରରେ ଥିବା କଣ୍ଟ୍ରୋଲ ରୁମ ପରିଚାଳନା ଭାର ସ୍ଥାନୀୟ ଆର୍‌ସିସିଏଫ୍ ନେବେ। ଏହି ଦାୟିତ୍ୱରେ ଜଣେ ଡିସିଏଫ୍ କିମ୍ବା ଏସିଏଫ୍ ରହିବେ। ତାଙ୍କ ଅଧୀନରେ ୨ଜଣ ରେଞ୍ଜର, ୨ ଫରେଷ୍ଟର, ୩ ଗାର୍ଡ କାର୍ଯ୍ୟ କରିବେ। ସେହିପରି ତୃତୀୟ କଣ୍ଟ୍ରୋଲ ରୁମ୍ ପାଇଁ ଜଣେ ଡିସିଏଫ୍‌ଙ୍କ ନେତୃତ୍ୱରେ ୨ଜଣ ଏସିଏଫ୍, ୩ ରେଞ୍ଜର ଏବଂ ଅନ୍ୟ କର୍ମଚାରୀମାନେ ରହିବେ। ଏହା ୨୪ ଘଣ୍ଟା କାମ କରିବ। ଏଥିପାଇଁ ପ୍ରତି ସିଫ୍ଟରେ ଜଣେ ରେଞ୍ଜର କାମ କରିବେ। ଡିସିଏଫ୍ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବେ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଏହି ଗାଇଡ଼ଲାଇନ ଠିକ୍ ଭାବେ ପାଳନ କରାଗଲେ ହାତୀ-ମଣିଷ ଲଢ଼େଇ କମିଯିବ। ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କଠାରୁ ଆର୍‌ସିସିଏଫ୍‌ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତେଣୁ ସେମାନେ କାମ କରିବାକୁ ବାଧ୍ୟ ହେବେ।

### ପୋଷ୍ଟାଲ ବାଲଟ ପାଇଁ ...

ବାଲଟର ସୁଯୋଗ ନେଇପାରିବେ। ଗତ ୧୯ ତାରିଖରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ସଂଶୋଧିତ ନିୟମାବଳୀ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। କରୋନା ମହାମାରୀ ଆରମ୍ଭ ହେବା ପରେ ପ୍ରଥମ ରାଜ୍ୟ ଭାବେ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ବିହାର ଭୋଟରମାନେ ଏହି ସଂଶୋଧିତ ନିୟମାବଳୀର ପ୍ରଥମ ସୁଯୋଗ ନେଇପାରିବେ। ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଭିନ୍ନକ୍ଷମ ଏବଂ ୮୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଭୋଟରମାନଙ୍କୁ ପୋଷ୍ଟାଲ ବାଲଟର ସୁଯୋଗ ଦେବା ପାଇଁ ଆଇନ ମନ୍ତ୍ରଣାଳୟ ୨୦୧୯ ଅକ୍ଟୋବରରେ ନିର୍ବାଚନ ପରିଚାଳନା ନିୟମାବଳୀରେ ସଂଶୋଧନ କରିଥିଲେ। ନିର୍ବାଚନ କମିଶନଙ୍କ ପ୍ରସ୍ତାବକ୍ରମେ ଆଇନ ମନ୍ତ୍ରଣାଳୟ ନିୟମରେ ପରିବର୍ତ୍ତନ କରି କୋଭିଡ୍-୧୯ ସନ୍ଦିଗ୍ଧ କିମ୍ବା ପ୍ରଭାବିତ ବ୍ୟକ୍ତିଙ୍କୁ ପୋଷ୍ଟାଲ ବାଲଟ ସୁବିଧା ନେବା ଲାଗି ଅନୁମତି ପ୍ରଦାନ କରିଛି। ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପ୍ରତି କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ରହିଥିବାରୁ ବୟସସୀମା ୬୫ ବର୍ଷକୁ ହ୍ରାସ କରାଯାଇଥିବା ନିର୍ବାଚନ କମିଶନ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି।

# ବୀରମିତ୍ରପୁର ଥାନା ଅଧିକାରୀ ନିଲମ୍ବିତ

**ରାଉରକେଲା ଅଫିସ/ ସୁନ୍ଦରଗଡ଼, ୨୬।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ରଖି ଜଣେ ନାବାଳିକାଙ୍କୁ କ୍ରମାଗତ ବଳାତ୍କାର କରିବା ଏବଂ ପୀଡ଼ିତାଙ୍କ ଗର୍ଭପାତ କରାଇବା ଘଟଣାରେ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝିଙ୍କୁ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନଙ୍କ ସୁପାରିସକ୍ରମେ ଡିଜିପି ଅଭୟ ଅଭିଯୁକ୍ତ ଥାନାଧିକାରୀଙ୍କୁ ନିଲମ୍ବନ କରିଛନ୍ତି।



ଆନନ୍ଦ ଚନ୍ଦ୍ର ମାଝି

ଗୁରୁବାର ନାବାଳିକାଙ୍କ ଡାକ୍ତରୀମାଇନା କରିବାକୁ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଗର୍ଭପାତ ପରେ ରକ୍ତସ୍ରାବ ବନ୍ଦ ହେଉ ନ ଥିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଛି। ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏପରି ସ୍ପର୍ଶକାତର ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗରେ ଶୁକ୍ରବାର ବୀରମିତ୍ରପୁର କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନି ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ବିଭିନ୍ନ କାରଣକୁ ନେଇ ମାନସିକ ଅସ୍ଥିରତା ଲାଗି ରହିବ। ଅବଶ୍ୟ ଅଟକି ରହିଥିବା କାମଗୁଡିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ଆଜି ଅଫିସ୍‌ରୁ ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସୀ ହେବେ।

**ବୃଷ** ଶୁକ୍ରଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ନିଜର ସମ୍ପର୍କୀୟ ମାନଙ୍କ ଅସହଯୋଗରୁ କେତେକ ନୂତନ ସମସ୍ୟା ସୃଷ୍ଟି ହେବ। ଆଦୌ ଭଲ ସମ୍ପର୍କ ନ ଥିବା ଲୋକ ମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ, ବିଶେଷତଃ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ।

**ମିଥୁନ** ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ ନଚେତ୍ ଝମେଲା ଅଧିକ ବଢି ଯାଇପାରେ। ଅଷ୍ଟମସ୍ଥ ଶନି ଓ ବୃହସ୍ପତିଙ୍କ କାରଣରୁ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବା କଷ୍ଟକର ହୋଇପାରେ।

**କର୍କଟ** ଧନାଧିପ ଶୁଭଭାବରେ ଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ,ସମୃଦ୍ଧି ମନକୁ ଖୁସୀ କରିବାରେ ସାହାଯ୍ୟ କରିବ। ପୁରୁଣା ରାଗକୁ ଶୁଝାଇବା ସକାଶେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ଓ କଳା, ସାହିତ୍ୟରେ ଉନ୍ନତି କରିବେ।

**ସିଂହ** ମଙ୍ଗଳ ଦୁଃସ୍ଥାନଗତ ହେବା କାରଣରୁ ପାରିବାରିକ ଖର୍ଚ୍ଚ ବିଶେଷ ବୃଦ୍ଧି ପାଇବା ହେତୁ ଚିନ୍ତିତ ରହିବେ। କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପିଲାମାନଙ୍କ ସକାଶେ ମନ ଅସ୍ଥିର ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଲୋଚନା ପରେ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା** ଯେତେ ପ୍ରକାରର ସମସ୍ୟା ଆସିଲେ ମଧ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଉପରିସ୍ଥଙ୍କ ଆଲୋଚନା ବିଷୟରେ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ତୁଳା** ସ୍ଥଗିତ କାମଗୁଡିକୁ ସମ୍ପନ୍ନ କରିବାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଅବଶ୍ୟ ପାଇବେ। ବିଶାଖା ନକ୍ଷତ୍ରର ଅବହେଳାଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା** ଯେତେ ସତର୍କରେ ଚଳିଲେ ମଧ୍ୟ କିଛିନା କିଛି ସମସ୍ୟା ମନକୁ ଅସ୍ଥିରତା ଭିତରକୁ ଠେଲିଦେବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ବନ୍ଧୁଙ୍କ ସହ ବିତର୍କ ଘଟିବାର ଆଶଙ୍କା ରହିଛି। ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ନିଜର ଲୋକ ମାନଙ୍କ ଉପରେ ଲଘୁ କ୍ରୋଧ ଓ ଅଭିମାନ କରି ପରିବେଶକୁ ସରଗରମ କରିପାରନ୍ତି। କୌଣସି ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରି ରଖିପାରେ। ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରିବେ।

**ମକର** ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁକମ୍ପା ଅପୂରଣୀୟ କାମନାକୁ କର୍ମକ୍ଷମ କରାଇବାରେ ସାହାଯ୍ୟ କରିବ। ଆନୁଷଙ୍ଗିକ ସାହାଯ୍ୟ,ସହଯୋଗ ଲାଭପୂର୍ବକ ଶିଳ୍ପ, ବାଣିଜ୍ୟ,ବ୍ୟବସାୟ,ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ।

**କୁମ୍ଭ** ଆଜି ଯାହା କରନ୍ତୁ କିମ୍ବା ଯୁଆଡେ ଯାଆନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ। କୃତୀ ଓ କୃତିତ୍ୱ କାରଣରୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବ।

**ମୀନ** ମାନସିକ ଅସ୍ଥିରତାବଶତଃ ଅପରାହ୍ନରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆଲୋଚନା ଅନୁଯାୟୀ ଆଜିର କାମ ଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ପରିସ୍ଥିତି ଅନୁସାରେ ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ଆଜି ଆଷାଢ଼ ଶୁକ୍ଳ ସପ୍ତମୀ ଶନିବାର, ଆଜି ହେଉ ୫ମୀ, ଜୁନ୍ ୨୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦.୦୫ମି. ଗତେ ଉତ୍ତରାଫାଲଗୁନୀ/ସିଂହ,ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୨.୦୧ମି.ଗତେ ଘ.୦୩.୪୭ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୮ମି.ଗତେ ଘ.୦୭.୫୨ମି.ମଧ୍ୟେ, ରାତ୍ରି ଘ.୧୧.୩୮ମି.ଗତେ ଘ.୦୧.୩୮ମି.ମଧ୍ୟେ, ଘ.୦୩.୦୪ମି.ଗତେ ଘ.୦୫.୧୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୪ମି. ଗତେ ଘ.୦୬.୦୬ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୨.୧୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୮.୩୨ମି.ଗତେ ଘ.୧୦.୧୧ମି. ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକୁଳିଟିଏ**
**ଟୋକୁଳି ହାତରେ ଚକୁଳିଟିଏ।**
କେତେଙ୍କର ଟକଳା ପ୍ରକୃତି ରହିଥାଏ। ଯାଉଣୁ ଆସୁଣୁ ସବୁବେଳେ ତାଙ୍କର ପାଟି ଚାଲୁଥାଏ। ଯେତେ ଖାଇଥିଲେ ମଧ ପାଟିରେ କ'ଣ ଟିକେ ନ ପକେଇଲେ ଭଲ ଲାଗି ନ ଥାଏ। ଟକଳି ଝିଅଟିର ଖାଦ୍ୟାଭାସ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠେକା ପଚାରଇ ବେକାରେ,**
**ତୁ କୋଉ ମଣିଷରେ ଲେଖାରେ।**
**ଠେକି ପଚାରଇ ବେକୀଲୋ,**
**ତୁ କୋଉ ମଣିଷରେ ଲେଖିଲୋ ।**
ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡିଥାଏ। ସମାନ ସ୍ତରର ଦୁଇ ବ୍ୟକ୍ତି ପରସ୍ପରର କ୍ଷମତା ପ୍ରତି ଆକ୍ଷେପ ଓ ପ୍ରତି ଆକ୍ଷେପରତ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।
**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**


# classifieds Everyday 0674-2580101, 2549302



**SALE**

ଦିଲ୍ଲୀ ଯିବା ପୂର୍ବରୁ ବିକ୍ରି ହେବାପାଇଁ ଅଛି ସ୍କୁଟି ପେପ୍ ଓ ସାମସଙ୍ଗ ଟିଭି Contact- 7008437072. within two days. D-67754



**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 6371569855. D-69110

**Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.** D-69124

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft. କୁ sqft-1400 ରେ ବିକ୍ରିହେବ। 7991052183.** D-69121

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot କିଣନ୍ତୁ। 9937166932.** D-69317

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**Investment plot Nakhara 7,80,000/-, Balianta 11,40,000/- and Residential Rudrapur 19,80,000/- developed limited plots. 9040059669.** D-68695

**GENERAL**

**SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517



3 BHK semi furnished house in Banaja Apartment, Unit-6. Contact: 6372133218. D-17593

2BHK flat with parking at Lingipur rent family. Contact: 7894381416. D-59952

2320 sqft Go-down for Rent, Talasahi, Shikarpur, Cuttack Rs.20/-per sqft (Three month advance). Contact Saroj- 8895331410, 9437552432. D-17597

Furnished 1BHK AC House, Car parking, Oldtown, Bhubaneswar. 7,000/-, 9437388990. D-69417

Unit No. 430,DLF, Patia, 1225 sft. semi furnished available for rent from 1st July 2020 (Commercial use). Mob: 9652457167. D-17549

Cold storage size 15 x 12 x 10, Rasulgarh, Bhubaneswar. Mob: 8917525377. D-17574

**Two Bed Room, Toilet, Kitchen, Bike parking, Garden space in Tamando, Rs.6000pm.Contact: 9439288171.** D-17575

Ground Floor with Bed Room, Drawing Cum, Dining, Bathroom, Kitchen and Garage for rent Jagamara. 8895529789, 6372496582. D-17576

**AFFIDAVIT**

By virtue of affidavit sworn before Notary Public, Cuttack dt. 25.6.2020, I have changed my name from Manju Lata Mohanty, W/o Jayanta Kumar Mohanty to Sasmita Mohanty. Henceforth, I shall be known as Sasmita Mohanty for all purposes. D-17598

**ଅଧ୍ୟକ୍ଷଙ୍କ ଡକ୍ଟରେଟ ଉପାଧି ଲାଭ**



ଢେଙ୍କାନାଳ, ୨୫।୬: ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (Diet)ର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର ଭୋପାଳସ୍ଥିତ Sri Satya Sai University of Technology and Medical Sciences ରୁ "Factors Influencing Mathematical Performance of Learn at Elementary Level: An Exhaustive Study" ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଗଣିତ ଶିକ୍ଷାରେ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ଶ୍ରୀ ମିଶ୍ର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ନରହରିପୁର ଶାସନ ନିବାସୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମିଶ୍ର ତଥା ସ୍ୱର୍ଗତା ଚିତ୍ରରେଖା ମିଶ୍ରଙ୍କ ସୁପୁତ୍ର ଏବଂ କାମାକ୍ଷାନଗର ବ୍ଲକ ମାଣ୍ଡକୁରା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ବିନୋଦ କୁମାର ନନ୍ଦଙ୍କ ଜାମାତା। ଏହି ସଫଳତା ପାଇଁ ସେ ତାଙ୍କ ପରିବାର, ବନ୍ଧୁ, ସହକର୍ମୀ ଓ ମାର୍ଗଦର୍ଶକ ଡ. କାର୍ତ୍ତିକେଶ୍ୱର ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ସଚ୍ଚିଦାନନ୍ଦ ମିଶ୍ର, ଅଧ୍ୟକ୍ଷ, ଡିଆଇଇଟି, ଢେଙ୍କାନାଳ, ମୋ: ୯୪୩୭୨୩୨୯୮୧
ଧ-୬୬୮୬୫

**ଡକ୍ଟରେଟ୍ (Ph.D.) ଲାଭ**



ଗବେଷକ ନିଳାଦ୍ରୀ ସରକାର ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (VSSUT)ର ରସାୟନ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧିପ୍ରାପ୍ତ କରିଛନ୍ତି । ପ୍ରଫେସର ଓ ଡିନ୍ ଡକ୍ଟର ଶରତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ । ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Layered Nanostructure Embedded Polymeric Nanocomposites Hydrogel : Synthesis, Characterization and Study of Dye Removal Behaviors" ଟି Morocco ର Prof. (Dr.) Rachid Boufid ଏବଂ IIT, Kharagpur ର Prof. (Dr.) Susanta Banerjee ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି । ସେ କୋଲକତାର ସାଉଥ୍ ୨୪ ପ୍ରଗଣା ଜିଲାର ଲକ୍ଷ୍ମଣପୁର ଗ୍ରାମର ଶ୍ରୀମତୀ ଚାଇନା ସରକାର ଓ ସ୍ୱ ଅରବିନ୍ଦ ସରକାରଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଉପରୋକ୍ତ ସଫଳତାର ଶ୍ରେୟ ସେ ତାଙ୍କର ଗାଇଡ୍ ପ୍ରଫେସର ଶରତ କୁମାର ସ୍ୱାଇଁଙ୍କୁ ଦେବା ସଙ୍ଗେ ସଙ୍ଗେ ଡଃ. ପ୍ରିୟରଞ୍ଜନ ମହାପାତ୍ର, ବଡଭାଇ ହିମାଦ୍ରୀ ସରକାର, ଭାଉଜ ମିଷ୍ଟୁ ସରକାର ଏବଂ ସହପାଠୀମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଡଃ ସରକାର ବର୍ତ୍ତମାନ ରାୟଗଡା ସ୍ଥିତ Centurian University of Technology & Management ରେ Asst. Professor ଭାବରେ କାର୍ଯ୍ୟରତ ।
ଧ-୧୭୫୯୬

**ଡକ୍ଟରେଟ୍ (Ph.D.) ଲାଭ**



ଗବେଷକ ଦୀପକ ସାହୁ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (VSSUT)ର ରସାୟନ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧିପ୍ରାପ୍ତ କରିଛନ୍ତି । ପ୍ରଫେସର ଓ ଡିନ୍ ଡକ୍ଟର ଶରତ କୁମାର ସ୍ୱାଇଁ ଓ ସହଯୋଗୀ ପ୍ରଫେସର ଡ. ପ୍ରିୟରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ । ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Designing of Nanostructured silver and gold embedded Nano composites for sensing of $Hg^{2+}$ ion" ଟି Malaysia ର Prof. Zaidon Ashaari ଏବଂ IIT, Madras ର Prof. A.K. Mishra ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି । ସେ ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଭିଞ୍ଜେତୋରା ଗ୍ରାମର ଶ୍ରୀମତୀ ଗୌରୀ ସାହୁ ଓ ଶ୍ରୀ ଅଧିକାରୀ ସାହୁଙ୍କ କନିଷ୍ଠ ପୁତ୍ର ଅଟନ୍ତି । ଉପରୋକ୍ତ ସଫଳତାର ଶ୍ରେୟ ସେ ତାଙ୍କର ଗାଇଡ୍ ପ୍ରଫେସର ଶରତ କୁମାର ସ୍ୱାଇଁ ଓ ଡଃ ପ୍ରିୟରଞ୍ଜନ ମହାପାତ୍ରଙ୍କୁ ଦେବା ସଙ୍ଗେ ସଙ୍ଗେ ବଡବାପା ଗୁଣନିଧି ସାହୁ, ବଡ ମାଆ ଶାରଦା ସାହୁ, କାକା ତରଣୀସେନ ସାହୁ, ଝିଅ ରାସେଶ୍ୱରୀ ସାହୁ, ଭାଇ, ଭାଉଜ, ଭଉଣୀ- ବିନ୍ଦୁ, ପୁତୁରା, ଝିଆରୀ, ଗ୍ରାମବାସୀ ବୃନ୍ଦ ଏବଂ ସହପାଠୀମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ଡଃ ସାହୁ ବର୍ତ୍ତମାନ ରାୟଗଡା ସ୍ଥିତ Centurian University of Technology & Management ରେ Asst. Professor ଭାବରେ କାର୍ଯ୍ୟରତ ।
ଧ-୧୭୫୯୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସୁସ୍ଥ ହୋଇ ଫେରିଲେ ୨ ଆକ୍ରାନ୍ତ**

ଢେଙ୍କାନାଳ ଅଫିସ, ୨୬।୬-ଢେଙ୍କାନାଳ ଜିଲାରେ ଆଉ ୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ୫୩ ଜଣ ସୁସ୍ଥ ହୋଇ ଫେରିଲେଣି। ଜିଲାରେ ମୋଟ୍ ୭୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୯ ମାମଲା ଆକ୍ଟିଭ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ, ୨ ଗୁରୁତର

**ପରଜଙ୍ଗ, ୨୬।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମାଣିକମରା ପଞ୍ଚାୟତ ଜକା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ବିଜୟ ସାହୁଙ୍କ ପ୍ରଥମ ସ୍ତ୍ରୀ ଅଞ୍ଜନା ସାହୁ (୩୯)ଙ୍କ ମୃତ୍ୟୁ ହୋଇଛି। ଏଥିରେ ବିଜୟଙ୍କ ଦ୍ୱିତୀୟ ସ୍ତ୍ରୀ ଦମୟନ୍ତୀ ଏବଂ ଗ୍ରାମର ଅନ୍ୟ ଜଣେ ମହିଳା ଉଷା ଦେହୁରୀ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ଜଣ ଜମିରେ କାମ କରୁଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଅଞ୍ଜନାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣଙ୍କୁ ଚିକିତ୍ସା ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଅନୁମତି ନ ଥିବାରୁ ମଲ୍ ବନ୍ଦ

**ଢେଙ୍କାନାଳ ଅଫିସ, ୨୬।୬:** ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ ରୋଡ୍‌ରେ ଶୁକ୍ରବାର ଶୁଭାରମ୍ଭ ହୋଇଥିବା 'ରିଲାଏନ୍ସ ସ୍ମାର୍ଟ ସୁପର ଷ୍ଟୋର'କୁ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି। କୋଭିଡ୍-୧୯ ଗାଇଡ୍ ଲାଇନ୍ ଅନୁଯାୟୀ ପ୍ରଶାସନଠାରୁ ଅନୁମତି ଆଣି ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଲକ୍ଷ୍ମୀଧର ରାଉତ, ପୌର ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ ପୋଲିସ ସହ ପହଞ୍ଚି ଏହାକୁ ବନ୍ଦ କରିଥିଲେ।

### ଚୋରା କଫ୍ ସିରପ୍ ଜବତ, ଜଣେ ଗିରଫ

**ଅନୁଗୋଳ ଅଫିସ୍, ୨୬।୬:** ଚୋରା କଫ୍ ସିରପ୍ କାରବାର ଅଭିଯୋଗରେ ଅନୁଗୋଳ ଥାନା ପୋଲିସ ଅମଲାପଡ଼ା ଅଞ୍ଚଳର ସୁବାସ ବେହେରା (୨୩)ଙ୍କୁ ଶୁକ୍ରବାର ଗିରଫ କରିଛି। ତାଙ୍କ ନିକଟରୁ ୫୪ ବୋତଲ କଫ୍ ସିରପ୍ ଜବତ କରାଯାଇଛି। ଗୋଟିଏ ବୋତଲକୁ ସେ ଅଢେଇ ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରୁଥିବା ପୋଲିସ କହିଛି। ତେବେ ସେ କେଉଁଠାରୁ ଏହାକୁ ଆଣୁଥିଲେ ତାହାର ଖୋଳାତାଡ଼ ଚାଲିଛି। ଜିଲାରେ ଚୋରା କଫ୍ ସିରପ୍ ବ୍ୟବସାୟ ବଢୁଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

# କଲମ ହାତରେ କୋଡ଼ି କୋଦାଳ

**ଖମାର, ୨୬।୬**

କୋଡି କୋଦାଳ ଧରି ମାଟି ହାଣିବା ପରି ଶରୀର ହୋଇନି। ମୂଲ ଖଟିବାର ବୟସ ଆସିନାହିଁ। ପରିବାର ବୋଝ ଉଠାଇବାର ସମୟ ମଧ୍ୟ ନୁହେଁ। ହେଲେ ସେକଥା ଭାବିବାକୁ ବେଳ ନାହିଁ ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଶଙ୍ଖପୁର ପଞ୍ଚାୟତ ରଞ୍ଜା ଗ୍ରାମର ନାବାଳିକା ସଞ୍ଜୁ ମୁଣ୍ଡା (୧୨)ଙ୍କ ନିକଟରେ। ହଜିଯାଇଥିବା ପୁଅ, ଝିଅ ଓ ଜ୍ୱାଇଁଙ୍କ ବିୟୋଗ ପରେ ରୋଗଣା ହୋଇଯାଇଥିବା ଆଈ ଅଜାଙ୍କ ପେଟକୁ ମୁଠାଏ ଦାନା ଦେବାକୁ ସେ ଖଟୁଛନ୍ତି ମଜୁରି। ତାଙ୍କ ପରି ପିଲା କଲମ ଧରିବା ବାଧ୍ୟତାମୂଳକ ବୋଲି ସରକାରଙ୍କ ଆଇନ କହୁଥିବା ବେଳେ ଅଜାଙ୍କ ପରିବାର ପ୍ରତି ସେହି ସରକାରଙ୍କ ଅବହେଳା ହିଁ ତାଙ୍କୁ କୋଡି କୋଦାଳ ଧରିବାକୁ ବାଧ୍ୟ କରିଥିବା ସଞ୍ଜୁ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ସଞ୍ଜୁଙ୍କ ଅଜା ସାଗର ମୁଣ୍ଡା (୬୪)ଙ୍କ କହିବା ଅନୁଯାୟୀ, ପନ୍ଦର ବର୍ଷ ହେବ କାମ କରିବାକୁ ଘରୁ ଯାଇଥିବା ଏକମାତ୍ର ପୁଅ ଏଯାଏ ଫେରିନି। କେଉଁଠି ସେ ହଜିଗଲା ତାହା ଆଜିଯାଏ କେହି କହିପାରୁ ନାହାନ୍ତି। ବିବାହିତ ଝିଅ ଓ ଜ୍ୱାଇଁ ହିଁ ଥିଲେ ଆଶା ଭରସା। ହେଲେ ଦଇବ ସେ ଦୁହିଁଙ୍କୁ ମଧ୍ୟ ଛଡ଼ାଇନେଲା। ଡକାଡକି ହୋଇ ଯିବାଭଳି ଝିଅ ଓ ଜ୍ୱାଇଁଙ୍କ ମୃତ୍ୟୁ ପରେ ୨ ନାତୁଣୀ ଓ ଗୋଟିଏ ନାତିର ବୋଝ ତାଙ୍କୁ ଉଠାଇବାକୁ ପଡ଼ିଲା। କିନ୍ତୁ ପୁଅ ଓ ଝିଅ ଜ୍ୱାଇଁଙ୍କୁ ଝୁରି ଝୁରି ସ୍ତ୍ରୀ ଜେମା ମୁଣ୍ଡା (୫୮) ମାନସିକ ରୋଗୀ ହୋଇଯିବା ତାଙ୍କ ପରିବାରକୁ ଆହୁରି ଦୁର୍ଦ୍ଦିନ ମଧ୍ୟକୁ ଠେଲିଦେଲା। ବୃଦ୍ଧ ବୟସରେ ଅଣ୍ଟା ରୋଗ ତାଙ୍କ ମୂଲ ମଜୁରିରେ ପ୍ରତିବନ୍ଧକ ସାଜିଲା। ସରକାରୀ ସହାୟତା କହିଲେ ରାଶନ କାର୍ଡ ଖଣ୍ଡକ ଛଡ଼ା ଆଉ କିଛି ନାହିଁ ତାଙ୍କ ନିକଟରେ। ନା ତାଙ୍କ ପରି ଗରିବ ଅସହାୟଙ୍କୁ ମିଳୁଥିବା ସରକାରୀ ଘର ଖଣ୍ଡେ ପାଇଛନ୍ତି ନା ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରାଯାଇଛି। ରୋଗ ଯୋଗୁ ସେ ପଞ୍ଚାୟତ ଓ ବ୍ଲକ ଅଫିସରେ ପହଞ୍ଚିପାରୁ ନ ଥିବା ଜାଣିଥିଲେ ବି ଏଯାଏ ତାଙ୍କୁ କୌଣସି ସହାୟତା ଯୋଗାଇ ଦେଇନି ପ୍ରଶାସନ। ତେଣୁ ଏପରି ଅବସ୍ଥାରେ ଘର ଚଳାଇବାର ବୋଝ ଉଠାଇଛି ତାଙ୍କ ନାତୁଣୀ ସଞ୍ଜୁ ମୁଣ୍ଡା। ଯେଉଁ ବୟସରେ ସେ ଖାତା, କଲମ ଧରି ସ୍କୁଲ ଯିବା କଥା, ସାଙ୍ଗଙ୍କ ସହ ବାଲି ଘର କରିବା କଥା, ସେହି ବୟସରେ ସେ ସମ୍ଭାଳୁଛି ଆଈ ଅଜାଙ୍କ ଘର। ଏଠାରୁ ବଡ଼ ଦୁଃଖ ଆଉ କ'ଣ ଅଛି ବୋଲି ସାଗର ପ୍ରକାଶ କରିଛନ୍ତି। ନାତୁଣୀ ସଞ୍ଜୁ କହିଛନ୍ତି, ତାଙ୍କର ବି ଇଚ୍ଛା ହେଉଛି ସ୍କୁଲ ଯିବାକୁ। ହେଲେ ମୂଲ କରି ନ ଗଲେ ସମସ୍ତେ ଓପାସ ରହିବେ। ଆଈ ଏବଂ ଅଜାଙ୍କ ଔଷଧ ମଧ୍ୟ ଆସିପାରିବନି। ସେଥିପାଇଁ ତାଙ୍କୁ କଲମ ଛାଡ଼ି କୋଡି କୋଦାଳ ଧରିବାକୁ ପଡୁଥିବା ସଞ୍ଜୁ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଶଙ୍ଖପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ କହିଛନ୍ତି, ଭତ୍ତା କି ଆବାସ ଯୋଜନା ପାଇଁ ସାଗର କେବେ ଆବେଦନ କରିନାହାନ୍ତି। ତଥାପି ସରକାରଙ୍କ ଯୋଜନାରେ ତାଙ୍କୁ ସମସ୍ତ ସହାୟତା ଯେପରି ଯୋଗାଇ ଦିଆଯିବ ସେ ନେଇ ପଞ୍ଚାୟତ ପକ୍ଷରୁ ଉଦ୍ୟମ କରାଯିବ। ପାଲଲହଡ଼ା ବିଡିଓ ରବିନାରାୟଣ ମାଝି କହିଛନ୍ତି, ଏମିତି ଘଟଣା ନଜରକୁ ଆସିନାହିଁ। ଘଟଣାର ଅନୁଧ୍ୟାନ ପରେ ସରକାରୀ ଯୋଜନା ପାଇଁ ସାଗର ଯୋଗ୍ୟ ହୋଇଥିଲେ ତାଙ୍କୁ ଏଥିରେ ନିଶ୍ଚିତ ସାମିଲ କରାଯିବ।



ଭଙ୍ଗା ଘର ଦୁଆରେ ଅଜା ସାଗର ଓ ଆଈ ଜେମା ମୁଣ୍ଡା।



ମୂଲ ଲାଗୁଥିବା ନାତୁଣୀ ସଞ୍ଜୁ ମୁଣ୍ଡା।

- ୧୨ ବର୍ଷ ବୟସରେ ମୂଲ ଲାଗୁଛନ୍ତି ନାତୁଣୀ
- ରୋଗଗ୍ରସ୍ତ ଆଈ, ଅଜାଙ୍କ ମୁହଁରେ ଦେଉଛନ୍ତି ଦାନା
- ସରକାରୀ ଯୋଜନାରୁ ବଞ୍ଚିତ ପରିବାର

# ଘରୋଇ ଚିକିତ୍ସାଳୟରେ ଯାଞ୍ଚ ଆରମ୍ଭ

**ଢେଙ୍କାନାଳ ଅଫିସ, ୨୬।୬**

- ଜ୍ୱର ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବାଧ୍ୟତାମୂଳକ
- କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ ଅନେକ ଘରୋଇ ଚିକିତ୍ସାଳୟ କୋଭିଡ୍ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ଆସିବା ପରେ ଚିନ୍ତା ବଢ଼ିଛି। ଏହାପରେ ଜିଲାସ୍ତରରେ ସମସ୍ତ ଘରୋଇ ହସ୍ପିଟାଲ ଉପରେ ନଜର ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାରଠାରୁ ଢେଙ୍କାନାଳ ସହର ସମେତ ଜିଲାର ବିଭିନ୍ନ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ କ୍ଲିନିକ୍‌ଗୁଡ଼ିକରେ ଯାଞ୍ଚ ଆରମ୍ଭ ହୋଇଛି। କୋଭିଡ୍-୧୯ ନିର୍ଦ୍ଦେଶାବଳୀ ସମ୍ପର୍କିତ ୯ ପଏଣ୍ଟ ଉପରେ ଯାଞ୍ଚ କରାଯାଉଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ଲକ୍ଷ୍ମୀଧର ରାଉତ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ପୋଲିସ ସହ ଯାଞ୍ଚ କରୁଛନ୍ତି। ଅପରାହ୍ନରେ ସ୍ଥାନୀୟ ଗୋପବନ୍ଧୁ ବଜାରସ୍ଥିତ ଜଗନ୍ନାଥ ଚିକିତ୍ସାଳୟରେ ଯାଞ୍ଚ କରାଯାଇଥିଲା। ଜ୍ୱର ଲକ୍ଷଣ ଥିବା ରୋଗୀଙ୍କ ପରୀକ୍ଷା ଲାଗି ଫିଭର କ୍ଲିନିକ୍ ଖୋଲିବାକୁ କୁହାଯାଇଛି। ସେହିପରି ଚିକିତ୍ସାଳୟକୁ ସାନିଟାଇଜ୍, ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ସୁଦ୍ଧା ଗାଇଡ୍ ଲାଇନ୍ ଅନୁଯାୟୀ ବ୍ୟବସ୍ଥା ନ ହେଲେ ଜିଲାପାଳଙ୍କୁ ଏ ସମ୍ପର୍କିତ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



ଅଧିକାରୀମାନେ କ୍ଲିନିକ୍‌ରେ ଯାଞ୍ଚ କରୁଛନ୍ତି।

# ତୈଳ ଦର ବୃଦ୍ଧି ବିରୋଧରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୨୬।୬**

କରୋନା ମହାମାରୀ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପେଟ୍ରୋଲ, ଡିଜେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିରୋଧ କରାଯାଇଛି। ସଙ୍ଗଠନ ପକ୍ଷରୁ ଶୁକ୍ରବାର ଅନୁଗୋଳ ରାଜା ଛକଠାରେ ବିକ୍ଷୋଭ କରାଯିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏପରି ନୀତିର ତୀବ୍ର ବିରୋଧ କରାଯାଇଥିଲା। ବିକ୍ଷୋଭରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ କମିଟି ସଦସ୍ୟ ଜୟସେନ ମେହେର, ବ୍ରଜବନ୍ଧୁ ସାହୁଙ୍କ ସମେତ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ମାନସ ପାଳ, ମନ୍ଦୋଦରୀ ରାଉଳ, କୈଳାସ ସାହୁ, ସଙ୍ଗଠକ ନିରଞ୍ଜନ ନାୟକ, ପ୍ରତାପ ସାହୁ ପ୍ରମୁଖ ସାମିଲ ଥିଲେ।

# କିଶୋରନଗରରୁ ୯୨ ଜଣଙ୍କ ସ୍ୱାବ୍ ସଂଗ୍ରହ

**ବଇଣ୍ଡା, ୨୬।୬(ଡି.ଏନ.ଏ.)**

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ବ୍ଲକର ବଇଣ୍ଡା, ଇଚ୍ଛାପୁର, ଅଙ୍ଗପଡ଼ା ହାଇସ୍କୁଲରେ ସଙ୍ଗରୋଧରେ ଥିବା ପ୍ରବାସୀଙ୍କ କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଛି। ବଇଣ୍ଡା ହାଇସ୍କୁଲରୁ ୬ ଜଣ, ବଇଣ୍ଡାର ଏକ ପରିବାରର ୧୫ ଜଣ, ଇଚ୍ଛାପୁର ହାଇସ୍କୁଲରେ ୨୩ ଜଣ, ଅଙ୍ଗପଡାରେ ୪୮ ଜଣଙ୍କ ନମୁନା ନିଆଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ ନନ୍ଦ, ସତ୍ୟରଞ୍ଜନ ଚାନ୍ଦ, ରୁପ୍‌ସାନା ବେଗମ, ସନ୍ଦୀପ ସାହୁ, ମୋନାଲିସା ଗଡନାୟକ, ସ୍ୱାସ୍ଥ୍ୟକର୍ମୀ ନିହାରିକା ନାୟକ, ଚନ୍ଦନା ସାହୁ, ନାରାୟଣ ଦେହୁରୀ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ।

# ୟୁନିୟନର ନୂତନ କର୍ମକର୍ତ୍ତା



ଦିଲୀପ ରାଉତ।



ବିପ୍ଳବ ଜେନା।

**ବଣ୍ଡାଁରପାଳ, ୨୬।୬(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଯୋରଗାଡିଆସ୍ଥିତ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଟାଟାଷ୍ଟିଲ ବିଏସ୍‌ଏଲ ଶ୍ରମିକ କଂଗ୍ରେସ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ବିପ୍ଳବ ଜେନାଙ୍କୁ ସଭାପତି ଓ ଦିଲୀପ କୁମାର ରାଉତଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ରଞ୍ଜିତ ଗଡ଼ନାୟକ କାର୍ଯ୍ୟକାରୀ ସଭାପତି, ଅର୍ଜୁନ ବେହେରା ଓ ସୁବ୍ରତ ତ୍ରିପାଠୀ ଉପସଭାପତି, ଦୁଷ୍ମନ୍ତ ବେହେରା, ଗୋବିନ୍ଦ ଧୀର, ଦୁଃଶାସନ ଦାସ, ନିତ୍ୟାନନ୍ଦ ରାଉତ ପ୍ରମୁଖ ସମ୍ପାଦକ, ବ୍ରଜବନ୍ଧୁ ରାଉତ, ଗଗନ ନାୟକ, ଚନ୍ଦନ ସାହୁ ଓ ବାଦଲ ସାମଲ ପ୍ରମୁଖ ଯୁଗ୍ମ ସମ୍ପାଦକ ଭାବେ ଚୟନ ହୋଇଛନ୍ତି। ଶ୍ରୀବତ୍ସ ସିଂ କୋଷାଧ୍ୟକ୍ଷ ଓ ଚନ୍ଦ୍ରକାନ୍ତ ଦାସଙ୍କୁ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକାରୀ ସଭ୍ୟ ଭାବେ ସୁଜନ ନାୟକ, ପପୁଲୁ ରାଉତ, ରାଜ କୁମାର ମାରାଣ୍ଡି, ଅରବିନ୍ଦ ରାଉତ, ଟିଟ ନାୟକ, କସ୍ତୁ ରାଉତ, କୈଳାସ ମୁର୍ମୁ, ଟୁକୁନା ରାଉତ ଓ ସିଲୁ ସାମଲଙ୍କୁ ଚୟନ କରାଯାଇଛି।

# ଡକାୟତି ଯୋଜନା ପଣ୍ଡ
## ମାରଣାସ୍ତ୍ର ଜବତ, ୬ ଗିରଫ

**ଅନୁଗୋଳ ଅଫିସ, ୨୬।୬**

ଅନୁଗୋଳ ଆର୍‌ଏମ୍‌ସି ହାଟ ନିକଟ ଧୂସର ପଡ଼ିଆରେ ବସି ଗୁରୁବାର ରାତିରେ ଏକ ଡକାୟତି ଯୋଜନା କରାଯାଉଥିବା ବେଳେ ତାହାକୁ ପଣ୍ଡ କରିଛି ପୋଲିସ। ଅଭିଯୁକ୍ତମାନେ ଏକ ପେଟ୍ରୋଲ ପମ୍ପରେ ଲୁଟ୍ କରିବାକୁ ଉଦ୍ୟମ ଚଳାଇଥିବାବେଳେ ଏସ୍‌ଆଇ ପ୍ରକାଶ ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୋଲିୟରି ଥାନା ଲିଙ୍ଗିଯୋଡିର ସାନନ୍ଦ ନାଏକ, ଭାଲୁଗାଡ଼ିଆର ସଂଗ୍ରାମ ନାଏକ, ତାଳଚେର ଥାନା କନ୍ଧାଳର ପଙ୍କଜ କୁମାର ପ୍ରଧାନ, ଅନୁଗୋଳ ଥାନା ଖଲାରିର ସୌମ୍ୟ ରଞ୍ଜନ ପ୍ରଧାନ, ଅମଲାପଡ଼ାର ପ୍ରତି ରଞ୍ଜନ ସାହୁ ଓ ସୁଧୀର ଗୁପ୍ତା। ଅନ୍ୟମାନେ ଫେରାର ଅଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି।

ପୋଲିସ ସୂଚନା ମୁତାବକ, ଆର୍‌ଏମ୍‌ସି ହାଟ ନିକଟ ପଡିଆରେ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଏକତ୍ର ହୋଇ କଲେଜ ଛକଠାରେ ଥିବା ପେଟ୍ରୋଲ ପମ୍ପରୁ ଲୁଟ୍ କରିବାକୁ ଯୋଜନା କରୁଥିଲେ। ଖବରପାଇ ଅନୁଗୋଳ ପୋଲିସ ସେଠାରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ କଟୁରି, ୨ଟି ଛୁରି ଓ ୨ଟି ବାଇକ୍ ଜବତ କରାଯାଇଛି। ସୁଧୀରଙ୍କ ଘର ଗୋରଖପୁରରେ ବୋଲି ଜଣାପଡିଛି। ପଚରାଉଚରା ପରେ ସେମାନେ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦିଲୀପ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଏକ ଡକାୟତି ଯୋଜନାରେ ସମ୍ପୃକ୍ତ ଥିବା ସାନନ୍ଦ, ପଙ୍କଜ ଓ ସଂଗ୍ରାମ ଫେରାର ଥିଲେ।

**ବ୍ଲକସ୍ତରୀୟ ନିଯୁକ୍ତି**
Required 7th to +3, ITI, Diploma, B.Tech Qualification ଥିବା candidate ଆବଶ୍ୟକ।
ଦରମା - 7000/- ରୁ 38000/-
7894509327

**REQUIRED**
Marketing Executive of COVID-19 accessories for door to door sale on commission basis. Qualification 10th pass & above. Contact: Best Enterprises, Bhubaneswar.
Mobile: 9437015357 | 7381350131

**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Plot No.45/48, Jayadev Vihar, Unit-16
Bhubaneswar-751030

**RECRUITMENT NOTICE**

No.CAD-213:- Pursuant to Advertisement No.01/2020 dated 18.01.2020 published in the Odia daily "The Sambad" & "The Dharitri" for recruitment to the post of Accounts Officer, the Written and Practical Examination for the shortlisted candidates will be conducted on 17.07.2020 (Friday) as per the following programme:-

| Date of Exam | Timing | Type of Exam |
|---|---|---|
| 17.07.2020 (Friday) | 10 A.M. - 5 P.M. | Written Test & Practical |

The candidates will report at **9.30 A.M. in ORSAC Annex Building.**
**No Mobile Phone, Smart Watch & Scientific Calculators are allowed in the Examination Hall.** Normal calculator is permitted.
The list of shortlisted candidates for the written and practical test are available in ORSAC Website www.orsac.gov.in and Govt. of Odisha portal www.odisha.gov.in

CHIEF EXECUTIVE
OIPR-28007/11/0001/2021

**ପୂର୍ବ ତଟ ରେଳପଥ**
**ନୟା ଭାଗୀରଥିପୁର ପାସେଞ୍ଜର ହଲ୍ଟ ନିମନ୍ତେ ହଲ୍ଟ ଏଜେଣ୍ଟ୍ ନିଯୁକ୍ତି**

ବିଜ୍ଞପ୍ତି ସଂଖ୍ୟା.G.51/P.H/Halt Agent/NBT, ତା. 19.06.2020

ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ନୟା ଭାଗୀରଥିପୁର ପାସେଞ୍ଜର ହଲ୍ଟ (ହିନ୍ଦୋଳ ରୋଡ୍ ଓ ମେରାମଣ୍ଡଳୀ ମଧ୍ୟରେ) ଷ୍ଟେସନଗୁଡ଼ିକଠାରେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ୍ ଭାବେ ନିଯୁକ୍ତି ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି।

ହଲ୍ଟ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :
ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ଦେୟ କମିଶନ : • ଟ.1-15,000/- : 15%, • ଟ.15,001-50,000/- : 12%, • ଟ.50,001-1,00,000/- : 9%, • ଟ.1,00,001-2,00,000/- : 6%, • ଟ.2,00,001 ଏବଂ ତଦୁର୍ଦ୍ଧ୍ୱ : 3%

ସୁରକ୍ଷା ଜମା ରାଶି : ଟ.2,500/- (ସୁରକ୍ଷା ଜମା ବାବଦକୁ ଟ.2,000/- + ରେଳବାଇ ସାମଗ୍ରୀ ମୂଲ୍ୟର 50% ବାବଦକୁ ଟ.500/-)।

କିପରି ଆବେଦନ କରିବେ : ଆବାସ ଦୃଷ୍ଟିକୋଣରୁ ଯୋଗ୍ୟ ସାବ୍ୟସ୍ତ ହୋଇଥିବା ପ୍ରାର୍ଥୀମାନେ ଉପରୋକ୍ତ ପାସେଞ୍ଜର ହଲ୍ଟ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟ୍‌ରେ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ପିନ୍-752050** ଙ୍କ ଠିକଣାରେ ଆବେଦନ କରିବେ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ୍, ପୋଷ୍ଟ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖା ଯାଇଥିବା ବାକ୍ସରେ ପକାଇ ପାରିବେ। ଡାକ ସେବା କିମ୍ବା କୌଣସି ଅନ୍ୟାନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ରଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପଯୁକ୍ତ ଭାବେ ଫର୍ମାଟ୍ ଅନୁଯାୟୀ ପୂରଣ କରାଯାଇଥିବା ଆବେଦନ ପତ୍ରଗୁଡ଼ିକୁ ଉପରୋକ୍ତ କାର୍ଯ୍ୟାଳୟରେ ତା.24.07.2020ରିଖ (ଶୁକ୍ରବାର) 1500 ଘଟିକା କିମ୍ବା ତା ପୂର୍ବରୁ ପହଞ୍ଚିବା ଆବଶ୍ୟକ। ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.24.07.2020ରିଖ ଦିନ ଛୁଟି ଦିବସ ରୂପେ ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ। ଗ୍ରହଣ କରାଯାଇଥିବା ଆବେଦନ ପତ୍ର ତା.24.07.2020ରିଖ (ଶୁକ୍ରବାର) 1530 ଘଟିକାରେ ଖୋଲାଯିବ।

ରେଳବାଇ ପ୍ରଶାସନ ଯେକୌଣସି ଦରଖାସ୍ତକୁ କୌଣସି କାରଣ ନ ଦର୍ଶାଇ ଗ୍ରହଣ କିମ୍ବା ଖାରଜ କରିବାର ଅଧିକାର ନିଜ ପାଖରେ ସୁରକ୍ଷିତ ରଖିଛନ୍ତି।

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ପାଇଁ ୱେବସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-118/L/20-21 | ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍

**1 NATION TAX MARKET**

**COMMISSIONERATE OF CT & GST**
**(Under Finance Department; GOVERNMENT OF ODISHA)**

## ATTENTION GST TAXPAYERS

**Waiver of Late Fees & Interest / Concessional Rate of Interest**

No. S-09: Taxpayers who have not filed GST returns for February, March and April 2020 may please take note that the relief granted in shape of complete waiver of late fee and complete / partial waiver of interest (9%) for delayed filing of returns was subject to the condition that the delayed returns are filed by the dates as given below:

| Sl. No. | Category of Taxpayers | February 2020 | March 2020 | April 2020 |
|---|---|---|---|---|
| 1 | With Turnover more than Rs. 1.5 Crore upto Rs. 5 Crore | 29.06.2020 | 29.06.2020 | 30.06.2020 |
| 2 | With Turnover upto Rs. 1.5 Crores | 30.06.2020 | 03.07.2020 | 06.07.2020 |

- **Taxpayers failing to file their pending returns as per the datelines indicated above will not get the benefit of waiver of late fee and waiver / concession of interest rate.**
- **All Taxpayers are therefore advised to file the pending returns without waiting till the last date to avoid rush.**

**Help Desk: 1800-345-6753 (Toll Free)**
**email : ctdho@odishatax.gov.in**

**Commissioner of CT & GST**
**Government of Odisha, Cuttack**

**OIPR-05006/11/0002/2021**

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ- ଏବଂ ସେତିକି ମାତ୍ର ବିଶ୍ୱାସ ସହିତ ନିଜକୁ ବାନ୍ଧି ରଖ- ଏବଂ ଭାବ ଯେ, ସେତିକି ହିଁ ବିଶ୍ୱର ଏକମାତ୍ର ସତ୍ୟ- ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। -ଶ୍ରୀମା



# ପୁରୁଣା ଶତ୍ରୁ ଏବେ ବନ୍ଧୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍-୧୯ ମହାମାରୀ ପୁରୁଣା ଶତ୍ରୁମାନଙ୍କୁ ବି ଏବେ ବନ୍ଧୁରେ ପରିଣତ କରିଦେଇଛି। କାର୍ଯ୍ୟକାଳ ପୂରା ହେବା ପୂର୍ବରୁ ଆରବିଆଇ ଗଭର୍ଣ୍ଣର ପଦରୁ ୧୮ ମାସ ତଳେ ଅବ୍ୟାହତି ନେଇଥିବା ଉର୍ଜିତ ପଟେଲ ଏବେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି (ଏନ୍ଆଇପିଏଫ୍‌ପି)ର ଚେୟାରମ୍ୟାନ୍ ଭାବରେ ନିଯୁକ୍ତି ପାଇଛନ୍ତି। ୨୦୧୮ରେ ସେ ଆର୍‌ବିଆଇ ବୋର୍ଡରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ତାରିଦିନ ପୂର୍ବରୁ ଇସ୍ତଫା ଦେଇଥିଲେ, ଯେଉଁ ବୈଠକରେ ମୋଦି ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତପାର୍ଥକ୍ୟ ଉପରେ ଆଲୋଚନା ହେବାର ଥିଲା। ବର୍ତ୍ତମାନ ପଟେଲ ପୂର୍ବତନ ବାବୁ ବିଜୟ କେଲକରଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି, ଯିଏ ୫ଟି ବର୍ଷ ଧରି ଏନ୍ଆଇପିଏଫ୍‌ପିର ମୁଖ୍ୟ ପଦରେ ରହିଥିଲେ। ପଟେଲ ଏବେ ଏହି ପଦରେ ଚାରିବର୍ଷ ରହିବେ। ସରକାର କାହିଁକି ଏମିତି ଜଣେ ଅର୍ଥନୀତିଜ୍ଞଙ୍କୁ ଫେରାଇ ଆଣିଲେ ଯାହାଙ୍କ ସହ ଏକଦା ଘୋର ମତପାର୍ଥକ୍ୟ ଥିଲା? ଆର୍‌ବିଆଇରେ ପଟେଲଙ୍କ କାର୍ଯ୍ୟକାଳ ବିଭିନ୍ନ ପ୍ରସଙ୍ଗରେ ଅର୍ଥ ମନ୍ତ୍ରଣାଳୟ ସହିତ ତାଙ୍କର ବିବାଦ ପାଇଁ ଜଣାଶୁଣା। କିନ୍ତୁ ଏ ଭିତରେ ଅନେକ କିଛି ବଦଳିଯାଇଛି। ଆର୍ଥିକ ମାନ୍ଦାବସ୍ଥା ସହ ସମ୍ପ୍ରତି କରୋନା ଭୂତାଣୁ ଜନିତ ବିପର୍ଯ୍ୟୟ ସରକାରଙ୍କ ବିକଳ୍ପକୁ ସୀମିତ କରିଦେଇଛି। ବର୍ତ୍ତମାନର ଅର୍ଥନୈତିକ ପରାମର୍ଶଦାତାମାନେ ସାମ୍ପ୍ରତିକ ସମସ୍ୟାର ସମାଧାନ ପାଇଁ କେଉଁ ମାର୍ଗରେ ଦେଶର ଅର୍ଥନୀତିକୁ ଚଳାଇବାକୁ ହେବ, ସେ ନେଇ କୌଣସି ଦିଶା ନିର୍ଦ୍ଦେଶ କରିବାକୁ ସକ୍ଷମ ହୋଇ ନାହାନ୍ତି। ତେଣୁ ସେହି ଲୋକମାନଙ୍କ ଉପରେ ସରକାର ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି, ଯେଉଁମାନଙ୍କ ସହ ମତପାର୍ଥକ୍ୟ ଯୋଗୁ ବା ଯେଉଁମାନେ ସରକାରଙ୍କ କଥାରେ ନ ଚାଲିବାରୁ ସରକାର ତାଙ୍କୁ ଏକଦା ବଳପୂର୍ବକ ବାହାର କରିଦେଇଥିଲେ। ଯାହା ଜଣାଯାଏ, ମୋଦି ସରକାର ବର୍ତ୍ତମାନ ସ୍ଥିତି ସଜାଡ଼ିବାକୁ ଚେଷ୍ଟା କରୁଛନ୍ତି। ଖାଲି ସେତିକି ନୁହେଁ, ଏହି ପ୍ରତିକୂଳ ସମୟରେ ନିଜର ନୀତି ବଦଳାଇଥିବା ସରକାର ପଟେଲଙ୍କ ଅଭିଜ୍ଞତାକୁ କାମରେ ଲଗାଇବାକୁ ଚାହୁଁଛନ୍ତି। ପଟେଲଙ୍କ ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ରଘୁରାମ ରାଜନଙ୍କୁ ଫେରାଇ ଆଣିବା ପାଇଁ ମଧ୍ୟ ଚାପ ବଢ଼ୁଛି, ଯିଏ ବିମୁଦ୍ରୀକରଣ ପ୍ରସଙ୍ଗରେ ସରକାରଙ୍କ ସହ ରହି ନ ପାରି ପଦତ୍ୟାଗ କରିଥିଲେ। ଆଶା କରାଯାଉଛି, ମୋଦି ସରକାରଙ୍କ ସହ ପଟେଲଙ୍କ ଦ୍ୱିତୀୟ ଇନିଂସ ଭଲରେ ବିତିବ।

### ବିଶେଷଜ୍ଞଙ୍କ ନିଯୁକ୍ତି

ଅମଲାତନ୍ତ୍ରରେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞଙ୍କୁ ଭର୍ତ୍ତି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସଦା ଜୀବନ୍ତ ରହିଛି। ଗତବର୍ଷ ୟୁପିଏସ୍‌ସି ମାଧ୍ୟମରେ ନିର୍ଦ୍ଦେଶକ ଓ ଡେପୁଟି ସେକ୍ରେଟାରୀ ପାହ୍ୟାରେ ଆଠଜଣ ବିଶେଷଜ୍ଞଙ୍କ ନିଯୁକ୍ତି ପରେ ପାର୍ଶ୍ୱପ୍ରବେଶ ବିଷୟରେ ଏଯାଏ ଆଉ କିଛି ଶୁଣାଯାଇ ନ ଥିଲା। ସରକାରୀ ଥିଙ୍କ୍ ଟ୍ୟାଙ୍କ ନୀତି ଆୟୋଗ ନିର୍ଦ୍ଦେଶକ ତଥା ଡେପୁଟି ସେକ୍ରେଟାରୀ ସ୍ତରରେ ପାର୍ଶ୍ୱପ୍ରବେଶ ମାଧ୍ୟମରେ ୩୮ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଉଥିବା ଜଣାଯାଇଛି। ସେମାନଙ୍କର ପାରଦର୍ଶିତା ଅର୍ଥଶାସ୍ତ୍ର ଓ ବିତ୍ତ, ବ୍ୟାପାର ଓ ବାଣିଜ୍ୟ ଏବଂ ତଥ୍ୟ ପରିଚାଳନା ଓ ବିଶ୍ଳେଷଣଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ବିକାଶ ଓ ଶିକ୍ଷାକ୍ଷେତ୍ର ସଂପୃକ୍ତ ପଦବୀ ପର୍ଯ୍ୟନ୍ତ ରହିଛି। ମାର୍ଚ୍ଚରେ ନିଯୁକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ୨୦ ଜଣ ନିଯୁକ୍ତ ବ୍ୟକ୍ତି ନୀତି ଆୟୋଗରେ ଯୋଗ ଦେଇସାରିଥିବା ବେଳେ କୋଭିଡ୍-୧୯ ଯୋଗୁ ଅବଶିଷ୍ଟ ବାବୁମାନଙ୍କ ଯୋଗଦାନରେ ବିଳମ୍ବ ଘଟିଛି। କୌତୂହଳର ବିଷୟ ହେଲା, ୟୁପିଏସ୍‌ସି ମାଧ୍ୟମରେ ନିଯୁକ୍ତ ପାର୍ଶ୍ୱପ୍ରବେଶକାରୀମାନେ କ୍ୟାରିୟର ପ୍ରଶାସନିକ ବାବୁମାନଙ୍କ ଭଳି ସମାନ ସୁବିଧା ପାଇବାର ପ୍ରାବଧାନ ଥିବାବେଳେ, ଚୁକ୍ତିନାମା ଭିତ୍ତିରେ ନିଯୁକ୍ତ ଅଧିକାରୀମାନେ ସରକାରୀ ଘର, ସରକାରୀ ପରିବହନ, ଛୁଟି ଭଙ୍ଗାଇବା କିମ୍ବା ଅନ୍ୟାନ୍ୟ ଭତ୍ତା/ସୁବିଧା ଆଦି ନିୟମିତ ସରକାରୀ କର୍ମଚାରୀଙ୍କ ଭଳି ପାଇବେ ନାହିଁ।

### ବିଦେଶୀ ତାଲିମ ବନ୍ଦ

କୋଭିଡ୍-୧୯ ମହାମାରୀ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ପ୍ରଭାବିତ କରିଛି। ଏହି ଭୂତାଣୁ ସଂକ୍ରମଣ ଯୋଗୁ ମୋଦି ସରକାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଅମଲାତନ୍ତ୍ରୀଙ୍କ ପାଇଁ ବିଦେଶୀ ତାଲିମ ବ୍ୟବସ୍ଥା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆର୍ଥିକ ଦୃଷ୍ଟିରୁ ବର୍ତ୍ତମାନ ସରକାର ତାଲିମ କାର୍ଯ୍ୟକ୍ରମରୁ ଆନ୍ତର୍ଜାତିକ ବିଷୟଟିକୁ ହଟାଇ ଦେଇଛନ୍ତି। ସୂଚନାନୁସାରେ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସମସ୍ତ କ୍ୟାଡର ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ଏବଂ କେନ୍ଦ୍ରୀୟ ତାଲିମ ପ୍ରତିଷ୍ଠାନକୁ ୨୦୨୦-୨୧ ଆର୍ଥିକ ବର୍ଷରେ କୌଣସି ବିଦେଶୀ ତାଲିମ ବ୍ୟବସ୍ଥା ନ କରିବାକୁ ଏକ ସର୍କୁଲାର ଜାରି କରିଥିବା ଜଣାଯାଇଛି। ଆର୍ଥିକ ପରିସ୍ଥିତି ଛଡ଼ା ସ୍ୱାସ୍ଥ୍ୟ ଓ ନିରାପତ୍ତା ଦୃଷ୍ଟିରୁ ମଧ୍ୟ ଏଭଳି ନିଷ୍ପତ୍ତି ନେବା ଆବଶ୍ୟକ ଥିଲା ବୋଲି ସରକାର ଅନୁଭବ କରିଛନ୍ତି। ସର୍କୁଲାରରେ ଆହୁରି କୁହାଯାଇଛି ଯେ, ଯଦି କୌଣସି ପ୍ରଶାସନିକ ବାବୁଙ୍କୁ ବିଦେଶ ପଠାଇବା ପାଇଁ ଜରୁରୀ ଆବଶ୍ୟକତା ପଡ଼େ, ତେବେ କର୍ତ୍ତୃପକ୍ଷଙ୍କୁ ସେଥିପାଇଁ ଡିଓପିଟିରୁ ଅନୁମତି ନେବାକୁ ପଡ଼ିବ। କୋଭିଡ୍-୧୯ ମହାମାରୀ ଅମିବାର ନାଁ ଧରୁ ନ ଥିବାରୁ ଏହାର ମୁକାବିଲା କରିବାରେ ଉପଲବ୍ଧ ସମ୍ବଳ ବିନିଯୋଗ କରିବା ବର୍ତ୍ତମାନ ସରକାରଙ୍କ ପ୍ରଥମ ଦାୟିତ୍ୱ ହୋଇପଡ଼ିଛି।

Email: dilipcherian@gmail.com

# ରାଜ୍ୟର ରାଜସ୍ୱ ଚିନ୍ତା



ଅମରେନ୍ଦ୍ର ଦାସ

କରୋନା ମହାମାରୀ ସମଗ୍ର ମାନବଜାତି ସମ୍ମୁଖରେ କେବଳ ଏକ ଅଦୃଶ୍ୟ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ତାହା ନୁହେଁ, ସମଗ୍ର ବିଶ୍ୱରେ ଏକ ଉତ୍କଟ ଆର୍ଥିକ ସଙ୍କଟ ମଧ୍ୟ ସୃଷ୍ଟି କରିଛି। ଗୋଟିଏ ପଟରେ ଅଭିବୃଦ୍ଧି ହାର ହ୍ରାସ ପାଇବାର ସଂଶୟ ବୃଦ୍ଧି ପାଇବାରେ ଲାଗିଛି; ଅନ୍ୟପଟରେ ନିମ୍ନଗାମୀ ଅର୍ଥନୀତିକୁ ସୁଧାରିବା ପାଇଁ ଆବଶ୍ୟକ ରାଜସ୍ୱ ଯୋଗାଡ଼ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଆସିଥିବା ପ୍ରାୟ ସମସ୍ତ ଆକଳନରୁ ଏହା ସ୍ପଷ୍ଟ ହୋଇଗଲାଣି ଯେ ବିଶ୍ୱ ଅର୍ଥନୀତି ସହିତ ଭାରତୀୟ ଅର୍ଥନୀତି ୨୦୨୦-୨୧ ଆର୍ଥିକ ବର୍ଷରେ ସଂକୁଚିତ ହେବ। ସରଳ ଭାଷାରେ କହିବାକୁ ଗଲେ ଗତବର୍ଷ ବିଶ୍ୱ ଅର୍ଥ ବ୍ୟବସ୍ଥା ଯେତିକି ମୋଟ ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥିଲା, ଚଳିତ ଆର୍ଥିକ ବର୍ଷରେ ତାହା ବ୍ୟାପକ ଭାବରେ ହ୍ରାସପାଇବ। ଉତ୍ପାଦନ ହ୍ରାସ ପାଇବାର ତୁରନ୍ତ ପରିଣାମ ହେଲା ନିଯୁକ୍ତିରେ ହ୍ରାସ, ଲୋକଙ୍କ ଆୟରେ ହ୍ରାସ, ମୋଟ ଚାହିଦାରେ ହ୍ରାସ ଏବଂ ସରକାରଙ୍କର ରାଜସ୍ୱ ସଂଗ୍ରହ ହ୍ରାସ।

ଏପରି ନିରାଶାର ବାତାବରଣ ମଧ୍ୟରେ ଅର୍ଥନୀତିକୁ ସୁଧାରିବା ପାଇଁ ଯେକୌଣସି ପ୍ରତ୍ୟେକ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପଡ଼ିବ। ଏହି ଭୂମିକାଟି ହେଲା ସରକାରୀ ବ୍ୟୟବୃଦ୍ଧି। ନିରାଶାର ବାତାବରଣ ମଧ୍ୟରେ ପୁଞ୍ଜିପତିମାନେ ଅଧିକ ପୁଞ୍ଜିନିବେଶ କରିବେ ନାହିଁ, ନୂତନ ଉଦ୍ୟୋଗ ସୃଷ୍ଟିହେବାର ସମ୍ଭାବନା ମଧ୍ୟ କ୍ଷୀଣ। ତେଣୁ ଏହି ପରିସ୍ଥିତିରେ ପ୍ରତ୍ୟେକ ସରକାର ଅଧିକରୁ ଅଧିକ ବ୍ୟୟ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ସହିତ ନାଗରିକମାନଙ୍କର ଆୟ ବୃଦ୍ଧି ପାଇଁ ପଦକ୍ଷେପ ନେବା ଉଚିତ। ନାଗରିକମାନଙ୍କର ଆୟବୃଦ୍ଧି ହେଲେ, ଚାହିଦାରେ ବୃଦ୍ଧିପାଇବ, ଏବଂ ପୁଞ୍ଜିପତିମାନେ ପୁଣି ସେମାନଙ୍କର ଉତ୍ପାଦନ ବୃଦ୍ଧି କରିବେ ଏବଂ ନୂତନ ଉଦ୍ୟୋଗ ପ୍ରତିଷ୍ଠା ହେବ।

ଏସବୁ କରିବା ପାଇଁ ସରକାରଙ୍କ ପାଖରେ ଆର୍ଥିକ ସମ୍ବଳ ଆବଶ୍ୟକ। ଏହି ସମ୍ବଳ ଆସିବ କେଉଁଠୁ? ସରକାର ମୁଖ୍ୟତଃ ତିନିଟି ଉପାୟରେ ଅର୍ଥସଂଗ୍ରହ କରିଥାନ୍ତି: (୧) କର ସଂଗ୍ରହ (ଆୟକର, ଏବଂ ଦ୍ରବ୍ୟ ଓ ସେବାକର), (୨) ଅଣ-କର ରାଜସ୍ୱ (ବିଭିନ୍ନ ପାଉଣା, ଜରିମାନା, ପ୍ରାକୃତିକ ସମ୍ପଦ ବିକ୍ରି ଇତ୍ୟାଦି) ଏବଂ (୩) ଋଣ। ଅର୍ଥନୀତିରେ ଅଭିବୃଦ୍ଧି ହେଲେ ରାଜସ୍ୱ ସଂଗ୍ରହ ମଧ୍ୟ ବୃଦ୍ଧିପାଏ। ସେହିପରି ଅର୍ଥନୀତି ସଂକୁଚିତ ହେଲେ ରାଜସ୍ୱ ସଂଗ୍ରହ ହ୍ରାସପାଏ। ଉଦାହରଣସ୍ୱରୂପ, ଓଡ଼ିଶା ଆର୍ଥିକ ସର୍ବେକ୍ଷଣ ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ଉତ୍ପାଦ ଏକ ପ୍ରତିଶତ ବୃଦ୍ଧି ହେଲେ ରାଜସ୍ୱ ସଂଗ୍ରହ ପ୍ରାୟ ଦୁଇ ପ୍ରତିଶତ ବୃଦ୍ଧି ପାଇଥାଏ। ଠିକ୍ ସେହିପରି ଅଭିବୃଦ୍ଧି ହାର ହ୍ରାସ ପାଇଲେ ରାଜସ୍ୱ ସଂଗ୍ରହ ହ୍ରାସ ପାଇବ। କରୋନାରେ ଆକ୍ରାନ୍ତ ହେବା ପୂର୍ବରୁ ଆମ ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଦେଢ଼ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ। ଏଥିମଧ୍ୟରୁ ରାଜ୍ୟସରକାର ନିଜସ୍ୱ କର ଏବଂ ଅଣକର ମାଧ୍ୟମରେ ପ୍ରାୟ ୫୬୦୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଆକଳନ କରିଥିଲେ; କେନ୍ଦ୍ର ସରକାରଙ୍କଠାରୁ କର-ଭାଗ ଏବଂ ଅନୁଦାନ ମାଧ୍ୟମରେ ୬୮୩୦୦ କୋଟି ଟଙ୍କା ପାଇବାର ଆକଳନ କରିଥିଲେ। ଏହିପରି ଭାବରେ ରାଜ୍ୟ ସରକାର ୧୨୪୩୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବାର ଆକଳନ କରିଥିଲେ। ବାକି ୧୪୭୦୦ କୋଟି ଟଙ୍କା ବିଭିନ୍ନ ଋଣ ଆଦାୟ (୨୫୦ କୋଟି) ଏବଂ ନୂଆ ଋଣ (୨୪୪୫୦ କୋଟି) ମାଧ୍ୟମରେ ସଂଗ୍ରହ କରିବାର ପ୍ରସ୍ତାବ ରଖିଥିଲେ।

କରୋନାକୁ ନିୟନ୍ତ୍ରଣ କରିବା ପାଇଁ ଜାରି କରାଯାଇଥିବା ତାଲାବନ୍ଦୀ ଫଳରେ ରାଜ୍ୟ ଅର୍ଥନୀତି ବ୍ୟାପକ ଭାବରେ ପ୍ରଭାବିତ ହୋଇଛି। ଆମର ଆକଳନରୁ ଜଣାପଡୁଛି ଯେ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଉତ୍ପାଦ ପ୍ରାୟ ୧୩ରୁ ୧୬.୬ ପ୍ରତିଶତ ହ୍ରାସ ପାଇବ। ଏହାଫଳରେ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ବ୍ୟାପକ ଭାବରେ ହ୍ରାସ ପାଇବ। ଆମ ରାଜ୍ୟ ସରକାର ୨୦୨୦ ମସିହାର ଅପ୍ରେଲ ମାସର ରାଜସ୍ୱ ସଂଗ୍ରହ ତଥ୍ୟ ଅର୍ଥ ବିଭାଗର ୱେବ୍‌ସାଇଟରେ ପ୍ରଦର୍ଶିତ କରିଛନ୍ତି। ଏଥିରୁ ଜଣାପଡୁଛି ଯେ, ଗତବର୍ଷ ଅପ୍ରେଲ ମାସ ତୁଳନାରେ ୨୦୨୦ ଅପ୍ରେଲ ମାସରେ ରାଜ୍ୟର ନିଜସ୍ୱ କର ସଂଗ୍ରହ ପ୍ରାୟ ୭୬ ପ୍ରତିଶତ ହ୍ରାସପାଇଛି। ନିଜସ୍ୱ କର ମଧ୍ୟରେ ରାଜ୍ୟ ଅବକାରୀ କର ସର୍ବାଧିକ ୯୭ ପ୍ରତିଶତ ହ୍ରାସପାଇଛି, ସମ୍ପତ୍ତି ପୁଞ୍ଜି ନେଣଦେଣରୁ ସଂଗୃହୀତ କର ୮୯ ପ୍ରତିଶତ ହ୍ରାସ ପାଇଛି, ଦ୍ରବ୍ୟ ଏବଂ ଯାତ୍ରୀଙ୍କଠାରୁ ସଂଗୃହୀତ କର ୮୭ ପ୍ରତିଶତ ହ୍ରାସ ପାଇଛି, ଯାନବାହାନରୁ ସଂଗୃହୀତ କର ୭୮ ପ୍ରତିଶତ ହ୍ରାସ ପାଇଛି, ରାଜ୍ୟ ଦ୍ରବ୍ୟ ଓ ସେବାକର ୬୪ ପ୍ରତିଶତ ହ୍ରାସ ପାଇଛି। ସେହିପରି ରାଜ୍ୟର ଅଣ-କର ରାଜସ୍ୱ ସଂଗ୍ରହ ପ୍ରାୟ ୫୫ ପ୍ରତିଶତ ହ୍ରାସ ପାଇଛି। ଅଣ-କର ରାଜସ୍ୱ ସଂଗ୍ରହରେ ଖଣିଜ ସଂପଦରୁ ମିଳୁଥିବା ରାଜଭାଗର ଏକ ସିଂହଭାଗ ଥାଏ। କିନ୍ତୁ ଅପ୍ରେଲ ୨୦୨୦ରେ ଏହି ରାଜସ୍ୱ ସଂଗ୍ରହ ପ୍ରାୟ ୬୭ ପ୍ରତିଶତ ହ୍ରାସ ପାଇଛି। ଏହିପରି ଭାବରେ ରାଜ୍ୟର ମୋଟ ନିଜସ୍ୱ ରାଜସ୍ୱ ସଂଗ୍ରହ ପ୍ରାୟ ୫୯ ପ୍ରତିଶତ ହ୍ରାସ ପାଇଛି।

କେନ୍ଦ୍ରରୁ ଆସୁଥିବା କର-ଭାଗ ଅପ୍ରେଲ ଏବଂ ମେ ମାସରେ ଗତବର୍ଷ ତୁଳନାରେ ପ୍ରାୟ ସାତ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଏହି ସମୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅନୁଦାନ ଗ୍ରହଣ କରିଛନ୍ତି। ଦ୍ରବ୍ୟ ଏବଂ ସେବାକର ପାଇଁ ରାଜ୍ୟ ପାଇବାକୁ ଥିବା କ୍ଷତିପୂରଣ ନ ମିଳିବାର ସୂଚନା ମିଳୁଛି।

କରୋନାର ପ୍ରକୋପ କମୁ ନ ଥିବା ଫଳରେ ବୃହତ୍ ବ୍ୟବସାୟ ପ୍ରତିଷ୍ଠାନ ଏପର୍ଯ୍ୟନ୍ତ ସ୍ୱାଭାବିକଭାବେ ଚାଲୁ ହୋଇନାହିଁ। ଆମେ ଧରିନେଉଛୁ ଯେ, ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକ ବେଳକୁ ଆର୍ଥିକ କାରବାରରେ ଆଉ କିଛିଟା ସୁଧାର ଆସିବ ଏବଂ ତୃତୀୟ ଓ ଚତୁର୍ଥ ତ୍ରୈମାସିକ ବେଳକୁ ପ୍ରାୟ ସ୍ୱାଭାବିକ ହୋଇଯାଇଥିବ। ଏସବୁକୁ ଆଖିରେ ରଖି ଆମେ ଅନୁମାନ କରୁଛୁ ଯେ ଚଳିତ ପ୍ରଥମ ତ୍ରୈମାସିକରେ ରାଜ୍ୟର ନିଜସ୍ୱ ରାଜସ୍ୱ ସଂଗ୍ରହ ବଜେଟ ଆକଳନର ମାତ୍ର ଅଧା ସମ୍ଭବ ହେବ ଏବଂ ଦ୍ୱିତୀୟ ତ୍ରୈମାସିକ ବେଳକୁ ଏହା ୭୦ ପ୍ରତିଶତ ହେବ। ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକ ବେଳକୁ ରାଜସ୍ୱ ସଂଗ୍ରହ ପ୍ରାୟ ସ୍ୱାଭାବିକ ହେବ। କେନ୍ଦ୍ରରୁ ଆସୁଥିବା କର-ଭାଗ ଏହିବର୍ଷ ବଜେଟ ଆକଳନଠାରୁ ପ୍ରାୟ ସାତ ପ୍ରତିଶତ ହ୍ରାସ ପାଇବ, କିନ୍ତୁ ଅନୁଦାନରେ କୌଣସି ହ୍ରାସ ପାଇବ ନାହିଁ। ଏପରି ସ୍ଥିତିରେ ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟରେ ଆକଳନ କରିଥିବା ୧୨୪୩୦୦ କୋଟି ଟଙ୍କା ସଂଗ୍ରହ କରିପାରିବେ ନାହିଁ ଏବଂ ଏହା ୧୧୦୫୫୯ କୋଟି ମଧ୍ୟରେ ସୀମିତ ରହିବ। ଅର୍ଥାତ୍ ରାଜ୍ୟ ସରକାର ଏବର୍ଷ ବଜେଟ ଆକଳନଠାରୁ ପ୍ରାୟ ୧୩୭୪୧ କୋଟି ଟଙ୍କାର ରାଜସ୍ୱକ୍ଷତି ସହିବେ। ଏହା ହେଲେ, ପ୍ରାୟ ୧୫ବର୍ଷ ପରେ ରାଜ୍ୟ ସରକାର ୪୨୩୨ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ସମ୍ମୁଖୀନ ହେବେ ଯାହାକି ରାଜ୍ୟର ମୋଟ ଉତ୍ପାଦର ପ୍ରାୟ ୦.୭ ପ୍ରତିଶତ ହେବ। ୨୦୨୦-୨୧ ବର୍ଷର ବଜେଟରେ ଲକ୍ଷ୍ୟ ରଖାଯାଇଥିବା ଦେଢ଼ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ହେଲେ ରାଜ୍ୟ ସରକାରଙ୍କୁ ୩୮୧୯୧ କୋଟି ଟଙ୍କା ଋଣ କରିବାକୁ ପଡ଼ିବ ଯାହା କି ରାଜ୍ୟର ମୋଟ ଉତ୍ପାଦର ପ୍ରାୟ ୮.୨ ପ୍ରତିଶତ ହେବ। ଅର୍ଥାତ୍ ରାଜ୍ୟର ମୋଟ ଆର୍ଥିକ ନିଅଣ୍ଟ ୩୭୬୬୮ କୋଟି ଟଙ୍କା ହେବ ଯାହା କି ରାଜ୍ୟର ମୋଟ ଉତ୍ପାଦର ପ୍ରାୟ ସାତ ପ୍ରତିଶତ ହେବ।

ସାମ୍ପ୍ରତିକ ଆର୍ଥିକ ପରିସ୍ଥିତିକୁ ଅନୁଧ୍ୟାନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସମସ୍ତ ରାଜ୍ୟଙ୍କୁ ୨୦୨୦-୨୧ ବର୍ଷ ପାଇଁ ମୋଟ ଆର୍ଥିକ ନିଅଣ୍ଟ ପୂର୍ବନିର୍ଦ୍ଧାରିତ ତିନି ପ୍ରତିଶତରୁ ବୃଦ୍ଧିକରି ପାଞ୍ଚ ପ୍ରତିଶତ କରିବାକୁ ଅନୁମତି ଦେଇଛନ୍ତି। ଏହା ଆମ ରାଜ୍ୟ ପାଇଁ ପର୍ଯ୍ୟାପ୍ତ ହେବ ନାହିଁ। ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ହେବ ଯେ ସାମ୍ପ୍ରତ କଠିନ ପରିସ୍ଥିତିରେ ଅର୍ଥନୀତିକୁ ସଜାଡ଼ିବାର ଏକମାତ୍ର ଉପାୟ ହେଲା ସରକାରୀ ବ୍ୟୟ ବୃଦ୍ଧିକରି ନିଯୁକ୍ତି ସୃଷ୍ଟିକରିବା ତଥା ନାଗରିକମାନଙ୍କର ଆୟ ବୃଦ୍ଧିକରିବା। ଏଥିନିମନ୍ତେ ରାଜ୍ୟ ସରକାର ବଜେଟରୁ ହ୍ରାସ କରିବା ଭାବନାରୁ କ୍ଷାନ୍ତ ରହିବା ଉଚିତ ଏବଂ ବଜେଟ ଅନୁମୋଦିତ ବ୍ୟୟ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ଋଣ କରିବା ଉଚିତ। ଚଳିତ ବର୍ଷର କଠିନ ଆର୍ଥିକ ପରିସ୍ଥିତିରେ ରାଜ୍ୟ ସରକାର ଆର୍ଥିକ ଦାୟିତ୍ୱବୋଧ ଏବଂ ବଜେଟ ପରିଚାଳନା ଆଇନର କଟକଣା ଅନୁପାଳନ କରିବାରେ ସକ୍ଷମ ହେବେ ନାହିଁ। ତେଣୁ ଏହି କଟକଣାକୁ ଅତିକ୍ରମ କରିବାକୁ ହେଲେ ଆଇନ ସଂଶୋଧନ ଆବଶ୍ୟକତା ରହିଛି। ଅତି ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ନୂତନ ପ୍ରକଳ୍ପକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବେ। ରାଜ୍ୟ ସରକାର ବ୍ୟୟରେ ସର୍ବପ୍ରଥମେ କରୋନା ପାଇଁ ମାଗଣା ଚିକିତ୍ସା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ; ତା'ପରେ ଖାଦ୍ୟସୁରକ୍ଷା ଏବଂ ନିଯୁକ୍ତି ସୃଷ୍ଟି ଉପରେ ପ୍ରାଧାନ୍ୟ ଦେବା ବାଞ୍ଛନୀୟ।

ପ୍ରାଧ୍ୟାପକ, ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ, dasamarendra@gmail.com

# ବର୍ଷାରେ ସତର୍କତା



ଡା. ବାସୁଦେବ ପ୍ରଧାନ

ଖରା ପରେ ଧରାକୁ ଆସେ ବର୍ଷା ଋତୁ। ଆକାଶରେ କଳାମେଘର ଗାଦୁଆ ବନ୍ଧାହୁଏ। କେବେ ଘଡ଼ଘଡ଼ି କେବେ ଚଡ଼ଚଡ଼ି। ଆକାଶରେ ଇନ୍ଦ୍ରଧନୁ ଶୋଭାପାଏ। ବନ୍ଧାହୁଏ ଚଗର-ରୋଟ-କଦମ-ଫୁଲର ତୋରଣ। ଘାସଗାଲିଚାରେ ଥିରି ଥିରି ଚାଲେ ସାଧବବୋହୂ। ଗଛଡାଳରେ ଝିଙ୍କାରି ଗୀତ ଗାଏ ବର୍ଷା ଆଗମନୀ। ଆଦ୍ୟ ଆଷାଢ଼ର ପହିଲି ବର୍ଷାରେ ମାଟିରୁ ବାଷ୍ପ ବାହାରେ। ମାଟିର ମହକରେ ମହକିଯାଏ ଚଉଦିଗ। ଜୀବଜଗତ ବିମୋହିତ ହୁଏ। ସତେ କି ଆମ୍ଭାରେ ପ୍ରାଣସଞ୍ଚାର ହୁଏ। ପୁଲକିତ ହୁଏ ମନ-ପ୍ରାଣ-ହୃଦୟ। ବର୍ଷାକୁ ଉପଭୋଗ କରିବାକୁ ଇଚ୍ଛାହୁଏ। କିଏ ବର୍ଷାରେ ଭିଜେ, କିଏ ବର୍ଷାରେ କବିତା ଲେଖେ। ଆଉ ପିଲାଏ କାଗଜଡଙ୍ଗା କରି ପାଣିସୁଅରେ ଭସାଇ ଦିଅନ୍ତି। ବର୍ଷା ନ ଥିଲେ ଜୀବଜଗତ ତିଷ୍ଠି ରହିବା ଅସମ୍ଭବ। ବର୍ଷା ସବୁବେଳେ ମଙ୍ଗଳକାରୀ। ବର୍ଷା ଯୋଗୁ ଟାଙ୍ଗରା ଭୂଇଁରେ ଘାସ କଅଁଳେ। ନଈନାଳ, ପୋଖରୀ, ନଦନଦୀ ଜଳରେ ପରିପୂର୍ଣ୍ଣ ହୁଏ। ଚାଷୀ ଚାଷବାସ ପାଇଁ ଆଗଭର ହୁଏ। ବର୍ଷାକୁ ଖାତିର ନ କରି ଚାଷକାମରେ ଲାଗିଯାଏ। ମୁଣ୍ଡଝାଳ ତୁଣ୍ଡରେ ମାରି ଫସଲ ଆଦାୟ କରେ। ନିଜେ ଖାଏ ଅନ୍ୟକୁ ଖୁଆଏ। ତେବେ ବର୍ଷାଋତୁ ମଙ୍ଗଳମୟ ହେଲେ ମଧ୍ୟ ବେଳେବେଳେ ଅଶୁଭିରେ ପରିଣତ ହୁଏ। କମ୍ ବର୍ଷା, ଅତି ବର୍ଷା ବା ଅନିୟମିତ ବର୍ଷା ଯୋଗୁ ଫସଲହାନି ହୁଏ। ଏସବୁ ଲକ୍ଷଣ ସହିତ ଆମେ ପରିଚିତ। ସାଧାରଣତଃ ବର୍ଷା ଚାରିମାସ ହୁଏ। ଆଷାଢ଼ ଓ ଶ୍ରାବଣକୁ ବର୍ଷାଋତୁ କୁହାଗଲେ ମଧ୍ୟ ଭାଦ୍ରବ ଓ ଆଶ୍ୱିନ ମାସ ଯାଏ ବର୍ଷା ଲାଗି ରହେ। ତେଣୁ ବର୍ଷା ଋତୁକୁ 'ଚତୁର୍ମାସ୍ୟା' କୁହାଯାଏ। ହେଲେ ଆଜିକାଲି ଚାରିମାସ ବର୍ଷା ହେଉ ନାହିଁ କି 'ଧାରା ଶ୍ରାବଣ' ଆଉ ନାହିଁ। ଅବେଳରେ ମଧ୍ୟ ଝଡ଼ତୋଫାନ ହୋଇ ବହୁ ଧନଜୀବନ ନଷ୍ଟ ହେଉଛି। ହେଲେ ବର୍ଷା ଋତୁରେ ବର୍ଷା କମିଯାଉଛି। ଏହି ଋତୁଟି ଚାଷବାସୀ ପାଇଁ ଉତ୍ତମ। ତେଣୁ ସମସ୍ତଙ୍କର ପ୍ରିୟ। ତେବେ ଏହି ଋତୁରେ କେତେକ ସମସ୍ୟା ଦେଖାଯାଏ। ଯେଉଁମାନେ ଖଟିମାଟି ବା କଚାଘରେ ରୁହନ୍ତି ସେମାନଙ୍କର ଘର ଭାଙ୍ଗିଯାଏ। ଖାଲଖମା ବା ଗାତରେ ପାଣି ପଶିବା ଫଳରେ ବିଷଧର ସାପ, ବିଛା ଘରେ ପ୍ରବେଶ କରନ୍ତି। ସର୍ପଦଂଶନରେ ବର୍ଷାଋତୁରେ ବହୁତ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି। ସେହିପରି ବଜ୍ରପାତରେ ଜୀବନହାନି ହୁଏ। ତେଣୁ ଏସବୁ ପ୍ରତି ଆମକୁ ସତର୍କ ରହିବାକୁ ପଡ଼ିବ। ବର୍ଷା ପୂର୍ବରୁ ଘର ଛପର କରାଇଦେବା ଆବଶ୍ୟକ। ଘର ଚାରିପାଖ ସଫାସୁତୁରା ରଖିବା ଦରକାର। ଏହି ଋତୁରେ ଜଳବାହିତ ରୋଗ ଅଧିକ ହୁଏ। ଅର୍ଥାତ୍ ଦୂଷିତ ପାଣି ପିଇବା ଦ୍ୱାରା ଡାଇରିଆ ହୁଏ। ମଶା କାମୁଡ଼ିବା ଫଳରେ ମ୍ୟାଲେରିଆ, ଡେଙ୍ଗୁ ବ୍ୟାପିଥାଏ। ତେଣୁ ମଶାରି ପକାଇ ଶୋଇବାକୁ ଅଭ୍ୟାସରେ ପରିଣତ କରିବା ଦରକାର।

ଏ ଋତୁରେ ସାଧାରଣତଃ ହଜମ ଶକ୍ତି କମ୍ ଥାଏ। ତେଣୁ ଗରମ ଖାଦ୍ୟ ଖାଇବା ଆବଶ୍ୟକ। ପୁରୁଣାଚାଉଳ ଭାତ, ଗହମଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ। ଆୟୁର୍ବେଦଶାସ୍ତ୍ର ବର୍ଷାଋତୁଚର୍ଯ୍ୟା ମାନି ଚଳିବା ଆବଶ୍ୟକ। ଦିନରେ ଶୋଇବା ଅନୁଚିତ। ଘିଅ, ମହୁ, ଗୁଡ଼କୁ ତ୍ରିମଧୁ କୁହାଯାଏ। ବର୍ଷା ଋତୁରେ ଏହି ତିନିଟି ଦ୍ରବ୍ୟ ଖାଇବା ଆବଶ୍ୟକ। ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଇବା ଉଚିତ। ବର୍ଷାରେ ନ ଭିଜିଲେ ଭଲ। ଯଦି ବର୍ଷାରେ ଭିଜନ୍ତି ତେବେ ତୁରନ୍ତ ଓଦାବସ୍ତ୍ର ବଦଳାଇ ଶୁଖିଲାବସ୍ତ୍ର ପରିଧାନ କରିବା ଆବଶ୍ୟକ। ପିମ୍ପୁଡ଼ି, ତୁଳସୀ ଓ ବାସଙ୍ଗକୁ ନିୟମିତ ବ୍ୟବହାର କରିବା ଉଚିତ। ସେହିପରି ଲବଙ୍ଗଚୂର୍ଣ୍ଣ ଓ ମହୁ ଦିନକୁ ଦୁଇ ଥର ଖାଇବା ଭଲ। ନାକ ବନ୍ଦ ରହୁଥିଲେ ପୋଦିନା ପତ୍ର ଓ ଯୁଆଣି ବାମ୍ପ ନେଲେ ବନ୍ଦ ନାକ ଖୋଲେ ଏବଂ ଶ୍ୱାସକ୍ରିୟା ସୁବ୍ୟବସ୍ଥା ହୁଏ।

ଏବେ ସମଗ୍ର ବିଶ୍ୱରେ ମହାମାରୀ କରୋନା ଆତଙ୍କ ସୃଷ୍ଟି କରିଚାଲିଛି। ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଯାଏ ପ୍ରତିଷେଧକ ବାହାରି ନାହିଁ। କରୋନା ଯୋଗୁ ଜୀବନଶୈଳୀ ବଦଳିଯାଇଛି। ଅଜଣା ଭୟ ମନରେ ବସା ବାନ୍ଧିଛି। ଦିନକୁ ଦିନ ଆର୍ଥିକ ସମସ୍ୟା ବଢ଼ିବାରେ ଲାଗିଛି। ଲୋକମାନେ ନିଜ ନିଜର ବୃତ୍ତି ହରେଇଲେଣି। ଆଗକୁ କ'ଣ ହେବ ଆଜିଠୁ କହିବା କଷ୍ଟକର। ତେଣୁ ଶୃଙ୍ଖଳିତ ଜୀବନଶୈଳୀ ଆପଣେଇବାକୁ ପଡ଼ିବ। କରୋନା ଆମର ଶତ୍ରୁ ହୋଇ ଧନଜୀବନ ନଷ୍ଟ କଲେ ମଧ୍ୟ କେତେକ ଶିକ୍ଷା ଦେଇଛି। ତାକୁ କାମରେ ଲଗାଇବା ଆବଶ୍ୟକ। ସେଗୁଡ଼ିକ ହେଲା- ମିତବ୍ୟୟିତା ଅର୍ଥାତ୍ ଅଳ୍ପ ଖର୍ଚ୍ଚରେ ଚଳିବା। ବିନା କାରଣରେ ବାହାରେ ନ ବୁଲିବା। ଘରତିଆରି ଖାଦ୍ୟ ଖାଇବା। ମୁହଁରେ ମାସ୍କ ଲଗାଇବା। ସାମାଜିକ ଦୂରତା ଅବଲମ୍ବନ କରିବା। ସଫାସୁତୁରା ରହିବା, ବାରମ୍ବାର ସାବୁନରେ ହାତ ଧୋଇବା, ପାନଗୁଣ୍ଡ଼ି ନ ଖାଇବା, ଏଣେତେଣେ ଛେପ ନ ପକାଇବା ଇତ୍ୟାଦି। ଏସବୁ ନ କରିବା ଦ୍ୱାରା ଆମେ କେବଳ କରୋନା ନୁହେଁ, ଅନେକ ରୋଗକୁ ନିଜ ଘରକୁ ଆମନ୍ତ୍ରଣ କରିଥାଉ। ଘରପିନ୍ଧା ଲୁଗା ଅଲଗା ଏବଂ ବାହାର ଲୁଗା ଅଲଗା ରଖିବା ଆବଶ୍ୟକ।

ପ୍ରସଙ୍ଗର ଶେଷ ଭାଗରେ ଆୟୁଷବାର୍ତ୍ତାକୁ ଗ୍ରହଣ କଲେ ଆମେ ନୀରୋଗ ରହିପାରିବା ଏବଂ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରିପାରିବା। ସେଗୁଡ଼ିକ ହେଲା- ଶୀଘ୍ର ଶୋଇବା, ଶୀଘ୍ର ଶଯ୍ୟାତ୍ୟାଗ କରିବା। ପ୍ରାତଃକାଳରେ ଶୁଦ୍ଧ ଶୌଚ ହେଲା ପରେ ଅଧଘଣ୍ଟାଏ ଯୋଗ-ପ୍ରାଣାୟାମ କରିବା। ନିୟମିତ ଏକ ଚାମଚ ଅର୍ଥାତ୍ ୧୦ ଗ୍ରାମ୍ ଚ୍ୟବନପ୍ରାଶ ଖାଇବା। ପାଞ୍ଚବର୍ଷ ପର୍ଯ୍ୟନ୍ତ ଶିଶୁ ଅଧଚାମଚ ଅର୍ଥାତ୍ ୫ ଗ୍ରାମ୍ ଚ୍ୟବନପ୍ରାଶ ଖାଇବା। ଉଷୁମ କ୍ଷୀର କିମ୍ବା ଉଷୁମ ପାଣିରେ ଅଧଚାମଚ ଲେଖାଏ ହଳଦୀ ମିଶାଇ ପିଇବା ଆବଶ୍ୟକ। ଦିନକୁ ୨ ଥର ହର୍ବାଲ ଚା ପିଇଲେ ଭଲ। ଶୁଣ୍ଠି, ପିପ୍ପଳି, ଡାଲଚିନି, ଗୋଲମରିଚ, ତୁଳସୀକୁ କାଢ଼ା କରି ପିଇବା ଆବଶ୍ୟକ। ସନ୍ତୁଳିତ ଖାଦ୍ୟ, ଗରମ ଖାଦ୍ୟ ଓ ପାନୀୟ ବର୍ଷାଋତୁ ପାଇଁ ଭଲ।

ସାଧାରଣତଃ ବର୍ଷାଋତୁରେ ଅଧିକ ମାତ୍ରାରେ ଥଣ୍ଡା, କାଶ, ଜ୍ୱର ଦେଖାଯାଏ। ସବୁ ଥଣ୍ଡା-କାଶ-ଜ୍ୱର କରୋନା ନୁହେଁ। ତେଣୁ ଭୟଭୀତ ହେବା ଅନୁଚିତ। ତେବେ ସରକାରଙ୍କ ତରଫରୁ ପ୍ରଦତ୍ତ ସ୍ୱାସ୍ଥ୍ୟବାର୍ତ୍ତା ମାନି ଚଳିବା ଦରକାର। ଘରୋଇ ଉପଚାରରେ ଡାକ୍ତରଙ୍କ ପରାମର୍ଶରେ ତୁଳସୀ ଓ ବାସଙ୍ଗପତ୍ର ରସକୁ ମହୁ ସହ ମିଶାଇ ପିଇବା। ସେହିପରି ଲକ୍ଷ୍ମୀବିଳାସ ବଟିକା, ତ୍ରିକଟୁ ଚୂର୍ଣ୍ଣ, ତାଳୀସାଦି ଚୂର୍ଣ୍ଣ, ବ୍ୟାଘ୍ରୀ ହରିତକୀ ପ୍ରଭୃତି ବ୍ୟବହାର କରାଯାଇ ପାରିବ। ଆମ ରାଜ୍ୟରେ ୩ଟି ଆୟୁର୍ବେଦ କଲେଜ ଓ ୬୨୦ଟି ଆୟୁର୍ବେଦ ଡିସପେନ୍ସାରି ରହିଛି। ପ୍ରାଥମିକ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କଠାରୁ ବର୍ଷାଦିନିଆ ଥଣ୍ଡା-କାଶ-ଜ୍ୱର ପାଇଁ ପରାମର୍ଶ ନେଇପାରିବେ। ଏବେ ସମସ୍ତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ଔଷଧ ଉପଲବ୍ଧ ଅଛି। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ବ୍ୟବହାର କରାଯାଇପାରିବ।

ଆମେ ବର୍ଷା ଋତୁକୁ ସ୍ୱାଗତ କରିବା। ବର୍ଷା ଦିନଚର୍ଯ୍ୟା ମାନି ଚଳିବା। ଯେଉଁଠି ଖାଲି ଜାଗାଟିଏ ଅଛି ସେଠାରେ ତୁଳସୀ, ବାସଙ୍ଗ, ଅଶ୍ୱଗନ୍ଧ, ଦୁଦୁରା, ବେଲ, ଅଶୋକ, ହରିଡ଼ା, ବାହାଡ଼ା, ଅଁଳା ଗଛ ଲଗାଇବା। ତାଳ, ଖଜୁରି, କଇଁଥ ଗଛ ଲଗାଇବା। ଆମେ ଜାଣିବା ଜରୁରୀ ତାଳଗଛ ଥିଲେ ବଜ୍ରପାତଜନିତ ଜୀବନହାନି କମ୍ ହୁଏ। ସମୟ ଆସିଛି ଆମର ପୁରୁଣା ଚଳଣିକୁ ଫେରିବାକୁ ପଡ଼ିବ। ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିଲେ କରୋନା ଓ ତା'ପରି ସବୁ ରୋଗକୁ ପ୍ରତିହତ କରିପାରିବା।

ଭୁବନେଶ୍ୱର, ମୋ: ୯୪୩୭୩୩୦୫୦୪୫

## ଏଇ ଭାରତରେ

ଚାକିରିରୁ ଅବସର ନେବା ପରେ ସମୟର ଠିକ୍‌ଭାବେ ସଦୁପଯୋଗ କରାଯାଏ ସେ କ୍ଷେତ୍ରରେ ଜଣେ ସେନା ଅଧିକାରୀଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ଏହି ଅଧିକାରୀ ଜଣକ ହେଉଛନ୍ତି କର୍ଣ୍ଣେଲ୍ ସୁବାସ ଦେଶୱାଲ। ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ସିକନ୍ଦରାବାଦ ଗାଁରେ ତାଙ୍କ ଘର। ଦୀର୍ଘ ୨୧ ବର୍ଷ ଭାରତୀୟ ସେନାରେ ଚାକିରି କରି ଅବସର ନେବା ପରେ ନିଜ ଗାଁରେ ଇଂଲିଶ ଗାଜର ଚାଷ କରୁଛନ୍ତି। ଏହି ଗାଜର ଉତ୍ପାଦନରେ ସେ ଏବେ ଦେଶରେ ସବୁଠୁ ଆଗରେ। ସେଥିପାଇଁ କର୍ଣ୍ଣେଲ୍ ଦେଶୱାଲ କ୍ୟାରୋଟ କିଙ୍ଗ୍ ବା ଗାଜର ରାଜା ଭାବେ ଜଣାଶୁଣା। ତାଙ୍କ ଚାଷରେ ସାମିଲ ହୋଇଛନ୍ତି ତାଙ୍କ ସାଙ୍ଗ ଲାଲକୃଷ୍ଣ ଯାଦବ। ଏମାନଙ୍କ ପାଖରେ ପ୍ରଥମେ ଜମି ନ ଥିଲା। ସିକନ୍ଦରାବାଦର ଜଣେ କୃଷକଙ୍କଠାରୁ ୨ ଏକର ଜମି ଲିଜ୍‌ରେ ଆଣି ବିଭିନ୍ନ ପ୍ରକାର ଚାଷ ଆରମ୍ଭ କରିଥିଲେ। ପରେ ୨୦୦୬ରେ ସେ ସନ୍‌ସାଇନ ଭେଜିଟେବଲ ପ୍ରାଇଭେଟ ଲିମିଟେଡ୍ ପ୍ରତିଷ୍ଠା କରି କେବଳ ଇଂଲିଶ ଗାଜର ଚାଷ ଆରମ୍ଭ କରି ସେମାନଙ୍କ ସହ ସ୍ଥାନୀୟ ଚାଷୀମାନଙ୍କୁ ସାମିଲ କରିଛନ୍ତି। ବର୍ତ୍ତମାନ ତାଙ୍କ କମ୍ପାନୀ ସହ ୧୦୦ ଜଣ କୃଷକଙ୍କୁ ସାମିଲ କରିବା ସହ ୯୦୦ ଶ୍ରମିକଙ୍କୁ ଚାଷ କାର୍ଯ୍ୟରେ ଲଗାଉଛନ୍ତି। ଜମି ଅନୁସାରେ କୃଷକମାନଙ୍କୁ ଲାଭାଂଶ ପ୍ରଦାନ କରୁଛନ୍ତି। ପ୍ରତିବର୍ଷ ୨୦,୦୦୦ ମେଟ୍ରିକ ଟନ୍ ଗାଜର ଉତ୍ପାଦନ କରି ଦେଶର ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ଉତ୍ପାଦନ ସମୟରେ ସେଥିରୁ ସେମାନେ ଅଧା ବିକ୍ରି କରି ଆଉ ଅଧା ଗଚ୍ଛିତ କରି ରଖୁଛନ୍ତି। ବର୍ଷର ବିଭିନ୍ନ ସମୟରେ ଚାହିଦା ଦେଖି ବଜାରକୁ ପଠାନ୍ତି। ସିକନ୍ଦରାବାଦ ଗାଁର ଚାଷକୁ ଦେଖି ବୁଲନ୍ଦସହର ଜିଲାରେ ୫୦୦ କୃଷକ ଇଂଲିଶ ଗାଜର ଚାଷ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳେ ଧରିତ୍ରୀ

୨୭ ଜୁନ୍ ୧୯୯୫

- ୟୁରୋପୀୟ କପ୍ ସୁପର ଡିଭିଜନ ଚାମ୍ପିୟନଶିପ୍‌ରେ ଟ୍ରିପଲ ଜମ୍ପରେ ଜୋନାଥନ ଏଡ୍‌ୱାର୍ଡ଼ସଙ୍କ ନୂତନ ବ୍ରିଟିଶ ରେକର୍ଡ।
- ଜାତିସଂଘ ଉନ୍ନୟନ କାମରେ ଯୋଗଦେବା ପାଇଁ ବଲାଙ୍ଗୀର ଜିଲା ଯୁବ ସଂଯୋଜକ ଦିଲୀପ କୁମାର ସାହୁ ଭାରତ ସରକାରଙ୍କ ଦ୍ୱାରା ମନୋନୀତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | 0 | | 9 | | D | | C | | 3 | | | |
| | 8 | 2 | | A | | E | 0 | | | | 1 | 4 | | |
| 0 | | 7 | | | | C | | | 4 | E | | | | |
| | | | | 4 | | | | | D | | | | | 1 |
| | | | C | | | | B | 6 | 7 | | | D | 3 | |
| C | 7 | | | | | | | | | 2 | | 9 | | |
| | 1 | 6 | 8 | | B | 4 | C | 9 | | | A | | | 2 |
| | E | | A | | 1 | B | | | | | | 5 | | |
| | | | | | | A | 3 | | | 6 | C | | | |
| | | 4 | | | | 2 | | | | | E | | | |
| | | | | | | | | | 5 | 9 | 7 | E | 2 | 6 |
| | | 0 | | 6 | | 5 | 2 | | | | | 1 | | |
| | | | | | D | 8 | | | | | E | | | |
| | | | 9 | | E | 7 | A | | 3 | | | | | C |
| B | | | | | | | 4 | D | | 8 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | 1 | 2 | A | B | 5 | 3 | D | 7 | 0 | 8 | 6 | 4 | C |
| D | 0 | B | 9 | 6 | C | A | 1 | 8 | 2 | 5 | 4 | E | 3 | 7 |
| C | 6 | 8 | 5 | D | 3 | 4 | 7 | 0 | E | 9 | A | 1 | B | 2 |
| 4 | 3 | A | 0 | 7 | 8 | B | 2 | E | C | 6 | 1 | 9 | D | 5 |
| 7 | 5 | 2 | 1 | E | 4 | 6 | C | 9 | B | 3 | [illegible] | 8 | 0 | A |
| E | 7 | 6 | B | C | 5 | 3 | 8 | A | 0 | 4 | 9 | D | 2 | 1 |
| 1 | D | 0 | A | 4 | 2 | 9 | 5 | 6 | 3 | E | B | 7 | C | 8 |
| A | 2 | 4 | 6 | 8 | 9 | 1 | B | 7 | 5 | C | D | 0 | E | 3 |
| 5 | B | C | 7 | 3 | D | 0 | E | 2 | 8 | 1 | 6 | 4 | A | 9 |
| 8 | 9 | 3 | E | 1 | 0 | C | D | 4 | A | 7 | 2 | B | 5 | 6 |
| C | A | 5 | 8 | 0 | E | 2 | 9 | 1 | D | B | 7 | 3 | 6 | 4 |
| B | 4 | E | D | 9 | 7 | 8 | A | C | 6 | 3 | 5 | 2 | 1 | 0 |
| 2 | 6 | D | 3 | 5 | 1 | 7 | 0 | B | 4 | 8 | C | A | 9 | E |
| 3 | 8 | 9 | 4 | B | A | E | 6 | 5 | 1 | 2 | 0 | C | 7 | D |
| 0 | 1 | 7 | C | 2 | 6 | D | 4 | 3 | 9 | A | E | 5 | 8 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟରେ ସହାୟତା ଲୋଡ଼ା

ମହାଶୟ,

ସଂପ୍ରତି ବୃଦ୍ଧ ମାତାପିତାଙ୍କ ପ୍ରତି ନିଷ୍ଠୁର ତଥା ଅମାନବିକ ନିର୍ଯାତନା ବୃଦ୍ଧି ପାଇଚାଲିଛି। ମାତାପିତାଙ୍କ ପ୍ରତି ପୁତ୍ର ଭୁଲିଯାଉଛି ତା'ର କର୍ତ୍ତବ୍ୟ ବରଂ ଅମାନୁଷିକ ଆଚରଣ ପ୍ରଦର୍ଶନ କରିବାକୁ ପଶ୍ଚାତ୍‌ପଦ ହେଉନାହିଁ। ବୟସ ବଢ଼ିଲେ ସମସ୍ତେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗ କରନ୍ତି। ଏହା ଜାଣି ସୁଦ୍ଧା ବୃଦ୍ଧ ମାତାପିତାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେଇ ନିଜ ପୁତ୍ରକନ୍ୟା, ପତ୍ନୀଙ୍କୁ ନେଇ ତଥାକଥିତ ନିଜ ପରିବାରର ସଂକୀର୍ଣ୍ଣତା ମଧ୍ୟରେ ନିଜକୁ ଆବଦ୍ଧ ରଖୁଛନ୍ତି। ଅସହାୟ ମାତାପିତା ଅନାହାର ଓ ଅର୍ଦ୍ଧାହାରରେ ରୋଗଯନ୍ତ୍ରଣାରେ ଛଟପଟ ହୋଇ ଶେଷନିଶ୍ୱାସ ତ୍ୟାଗ କରୁଛନ୍ତି। କେତେକ ସ୍ଥଳେ ପୁଅବୋହୂଙ୍କ ଅକଥନୀୟ ନିର୍ଯାତନାର ଶିକାର ହେବା ଅପେକ୍ଷା ବୃଦ୍ଧାଶ୍ରମ ବା ତୀର୍ଥସ୍ଥାନରେ ଆଶ୍ରୟ ନେବାକୁ ବୃଦ୍ଧ ମାତାପିତା ଶ୍ରେୟ ମଣୁଛନ୍ତି। ନିଜ ସ୍ୱାର୍ଥକୁ ଆଦର କରିବାରେ ଆପତ୍ତି ନାହିଁ, କିନ୍ତୁ ମା' ପ୍ରତି ଅନାଦର ଭାବ ଆଦୌ ସମୀଚୀନ ନୁହେଁ। ଭାରତୀୟ ସଂସ୍କୃତିର 'ପିତୃଦେବୋ ଭବ, ମାତୃଦେବୋ ଭବ' ବାଣୀକୁ ସମସ୍ତେ ସ୍ମରଣ ଓ ପାଳନ କଲେ ଏ ସମସ୍ୟାର ସମାଧାନ ହୋଇପାରିବ।

ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା କଲେଜ, ସିଂହପୁର, ଯାଜପୁର

### ଚିରନ୍ତନୀ

ବିଶ୍ୱରାଶି
ନିଭାଇ ଦେଲ
ଆସିଲା ଗୋଟିଏ ତମ
ସମ୍ମୁଖରେ ଡାହାଣ ବାମେ ମମ!
(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପାରଳାଖେମୁଣ୍ଡି, ଉମରକୋଟ୍ ଶଟଡାଉନ୍

ପାରଳାଖେମୁଣ୍ଡି/ନବରଙ୍ଗପୁର,୨୬।୬ (ସ୍ୱ.ପ୍ର.): କରୋନା ସଂକ୍ରମଣ ରୋକିବା ପାଇଁ ଗଜପତି ଜିଲାର ପାରଳାଖେମୁଣ୍ଡି, ଗୁମ୍ମା, ଗୋଶାଣୀ ବ୍ଲକ ସହ କାଶୀନଗର ବ୍ଲକର ରାଣୀପେଣ୍ଠ ପଞ୍ଚାୟତକୁ ୩ଦିନ ପାଇଁ ଶଟଡାଉନ୍ କରାଯାଇଛି। ୨୮ରୁ ୩୦ ପର୍ଯ୍ୟନ୍ତ ଉପରୋକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେହିପରି ନବରଙ୍ଗପୁର ଜିଲା ଉମରକୋଟକୁ ଶୁକ୍ରବାର ମଧ୍ୟରାତ୍ରିରୁ ସୋମବାର ସକାଳ ୭ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରାଯାଇଛି।

**ସଂକ୍ଷେପରେ**

## ରାଜ୍ୟରେ ୬ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା ଦିନକରେ ୨୧୮ ପଜିଟିଭ ଚିହ୍ନଟ, ୧୩୧ ସୁସ୍ଥ

**ଭୁବନେଶ୍ୱର, ୨୬।୬(ବ୍ୟୁରୋ):** ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ଟପିଯାଇଛି। ଗତ ୨୪ ଘଣ୍ଟାରେ ଆଉ ୨୧୮ ନୂଆ ପଜିଟିଭ ଚିହ୍ନଟ ହେବାପରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୧୮୦କୁ ବୃଦ୍ଧି ପାଇଛି। ୧୯୮ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୨୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ୪୯, ଜଗତ୍‌ସିଂହପୁରରୁ ୨୯, ଗଜପତିରୁ ୨୨, ଭଦ୍ରକରୁ ୨୫, ଖୋର୍ଦ୍ଧାରୁ ୧୭, ସୁନ୍ଦରଗଡ଼ରୁ ୧୧, ପୁରୀରୁ ୧୦, ମୟୂରଭଞ୍ଜରୁ ୯, ବାଲେଶ୍ୱରରୁ ୭, କେନ୍ଦ୍ରାପଡ଼ାରୁ ୬, ଝାରସୁଗୁଡ଼ାରୁ ୪, ନୂଆପଡ଼ା, କେନ୍ଦୁଝର ଓ ସମ୍ବଲପୁରରୁ ୨ଜଣ ଲେଖାଏ ଥିବାବେଳେ ନବରଙ୍ଗପୁର, ଅନୁଗୋଳ, କନ୍ଧମାଳ, ଯାଜପୁର, ବୌଦ୍ଧ ଓ କୋରାପୁଟରୁ ଜଣେ ଲେଖାଏ ରହିଛନ୍ତି। ସେପଟେ ରାଜ୍ୟରେ ଆଉ ୧୩୧ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି।

# କରୋନା ବିଫଳତା ନେଇ ୧୩ ଦଳର ପ୍ରତିବାଦ




**ଭୁବନେଶ୍ୱର,୨୬।୬(ବ୍ୟୁରୋ):** କରୋନା ସମୟରେ ରାଜ୍ୟ ସରକାରଙ୍କ ପରିଚାଳନାଗତ ବିଫଳତାକୁ ନେଇ ଶୁକ୍ରବାର କଂଗ୍ରେସ ସମେତ ରାଜ୍ୟର ୧୩ ରାଜନୈତିକ ଦଳ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତାଲାବନ୍ଦ ଯୋଗୁ ରାଜ୍ୟ ତଥା ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାସହ ଦେଶର କୋଭିଡ୍ ଟେଷ୍ଟିଂ ହାର ଯଥେଷ୍ଟ କମ୍ ରହିଥିବାରୁ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଦୁର୍ଦ୍ଦଶା ଭୋଗୁଥିବା ପ୍ରବାସୀ ତଥା ଆୟକର ପରିସରଭୁକ୍ତ ହୋଇ ନ ଥିବା ପରିବାରକୁ ମାସିକ ୭ହଜାର ୫୦୦ଟଙ୍କା ଦେବାକୁ ସେମାନେ ଦାବି କରିଛନ୍ତି। କରୋନା ମହାମାରୀ ପରିଚାଳନାରେ ବିଫଳତା ସହିତ ବ୍ୟାପକ ଦୁର୍ନୀତି ତଥା ଜନସାଧାରଣଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇଥିବା ସମ୍ପର୍କରେ ମଧ୍ୟ ଅଭିଯୋଗ ଆଣିଛନ୍ତି।

ଏନେଇ ବିକ୍ଷୋଭକାରୀ କହିଛନ୍ତି ଯେ, ଆମେ ସମସ୍ତେ ଏକ ସର୍ବ ନିମ୍ନ ଦାବିକୁ ଭିତ୍ତିକରି ୧୩ଟି ରାଜନୈତିକ ଦଳ ଏକାଠି ହୋଇଛୁ। ବର୍ତ୍ତମାନ ବିଚାର କରୁଛୁ କରୋନା ମୁକାବିଲା କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସଙ୍କୁଚିତ କରିବାକୁ ଲକ୍‌ଡାଉନ ଓ ଶଟ୍‌ଡାଉନକୁ ବ୍ୟବହାର କରାଯାଉଛି। ଲକ୍‌ଡାଉନ କେବେହେଲେ କୌଣସି ରୋଗର ଔଷଧ ନୁହେଁ। ଯେତିକି କରୋନା ପରୀକ୍ଷା ହେବା କଥା ସେତିକି ହେଉନାହିଁ। କେନ୍ଦ୍ର ସରକାର କହିଲେ କରୋନା ଲକ୍ଷଣ ନ ଥିଲେ ଟେଷ୍ଟ କରନାହିଁ, ତାହା ଠିକ୍ ନୁହେଁ। ସମସ୍ତଙ୍କ ଟେଷ୍ଟ ନିମନ୍ତେ ଦାବି କରାଯାଇଛି। ପ୍ରତ୍ୟେକ ପରିବାରକୁ ଆସନ୍ତା ୬ ମାସ ପର୍ଯ୍ୟନ୍ତ ମୁଣ୍ଡ ପିଛା ୧୦ କେଜି ଚାଉଳ କିମ୍ବା ଗହମ ମାଗଣାରେ ଦିଆଯାଉ। ଏହାସହ ପିପିଇ, ମାସ୍କ ଓ ସାନିଟାଇଜର କିଣା ହୋଇଥିବା ଦୁର୍ନୀତି ବିରୋଧରେ ତଦନ୍ତ କରାଯାଉ ବୋଲି ବିରୋଧୀ ଦାବି କରିଛନ୍ତି। ପ୍ରତିନିଧି ଦଳ ଉପରୋକ୍ତ ସମସ୍ୟାଗୁଡିକ ଉପରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ୧୭ ଦଫା ଦାବି ପୂରଣ ନିମନ୍ତେ ବିହିତ ପଦକ୍ଷେପ ନେବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ।

## ପିସିସି ସଭାପତିଙ୍କୁ ୫ଶହ ଟଙ୍କା ଜରିମାନା

**ଭୁବନେଶ୍ୱର,୨୬।୬(ବ୍ୟୁରୋ)-** ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରି ଜରିମାନା ଗଣିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଶୁକ୍ରବାର ପଟ୍ଟନାୟକଙ୍କ ସମେତ ଅନ୍ୟ କେତେଜଣ ସମର୍ଥକଙ୍କୁ କମିଶନରେଟ ପୋଲିସ ୫ଶହ ଟଙ୍କା ଲେଖାଏଁ ଜରିମାନା କରିଛି। କିଛିଦିନ ତଳେ କଂଗ୍ରେସ ଭବନରେ ରାଜ୍ୟ ଯୁବ କଂଗ୍ରେସର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ପିସିସି ସଭାପତି ପଟ୍ଟନାୟକ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ସେହିଭଳି କରୋନା ମହାମାରୀ ପରିଚାଳନାରେ ସରକାରଙ୍କ ବିଫଳତାକୁ ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ଦେବାକୁ ସମର୍ଥକଙ୍କ ସହ ଯାଇଥିଲେ ପିସିସି ସଭାପତି ଏହି ସମୟରେ ମଧ୍ୟ ସାମାଜିକ ଦୂରତ୍ୱ ନିୟମକୁ ନ ମାନି ସମର୍ଥକଙ୍କ ସହ ଏକାଠି ହୋଇଥିଲେ।

## ରାଜ୍ୟପାଳଙ୍କୁ ୧୭ ଦଫା ସମ୍ବଳିତ ଦାବିପତ୍ର

# ପୂର୍ବଭଳି ଚାଲିବ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

■ ହ୍ରାସ ଦୂରକଲା ପୂର୍ବତଟ ରେଳପଥ

ଦେଶରେ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ନିୟମିତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ବନ୍ଦ ରହିଛି ହେଲେ ସ୍ପେଶାଲ ଟ୍ରେନ୍‌ଗୁଡ଼ିକ ପୂର୍ବଭଳି ଚଳାଚଳ କରିବ ଓ ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଯେଉଁ ସ୍ପେଶାଲ ଟ୍ରେନ୍‌ଗୁଡ଼ିକ ମେ' ୧୨ ଓ ଜୁନ ପହିଲାଠାରୁ ସ୍ୱତନ୍ତ୍ର ରୁଟ୍ ଓ ଟାଇମ୍ ଟେବୁଲ୍‌ରେ ଚଳାଚଳ କରୁଛି ତାହା ସେହିଭଳି ଜାରି ରହିବ। ଲକ୍‌ଡାଉନ୍ ପରେ ଏହି ଟ୍ରେନ୍‌ଗୁଡ଼ିକରେ ଯେଉଁମାନେ ଟିକେଟ୍ କରିଛନ୍ତି ତାହା ବିଧିମାନ୍ୟ ବା ଭାଲିଡ୍ ରହିବ। ଅନ୍ୟପକ୍ଷରେ ପୂର୍ବରୁ ଜୁନ୍ ୩୦ ମଧ୍ୟରାତ୍ରି ପର୍ଯ୍ୟନ୍ତ ବାତିଲ ହୋଇଥିବା ନିୟମିତ ମେଲ୍/ଏକ୍ସପ୍ରେସ୍ ଟ୍ରେନ୍, ପ୍ରିମିୟମ ଟ୍ରେନ୍, ଇଣ୍ଟରସିଟି ଓ ଲୋକାଲ ପାସେଞ୍ଜର ଟ୍ରେନ୍ ସହ ମେମୁ ଟ୍ରେନ୍‌ଗୁଡ଼ିକ ମଧ୍ୟ ପୁନର୍ବାର ଅଗଷ୍ଟ ୧୨ ପର୍ଯ୍ୟନ୍ତ ବାତିଲ କରାଯାଇଛି। ଯେତେସବୁ ଟ୍ରେନ୍‌ର ଟିକେଟ୍ କରିଥିବା ଯାତ୍ରୀଙ୍କୁ ନିୟମାନୁସାରେ ସମ୍ପୂର୍ଣ୍ଣ ମୂଲ୍ୟ ଫେରସ୍ତ କରାଯିବ। ସେହିଭଳି ଲକ୍‌ଡାଉନ ପୂର୍ବରୁ ହୋଇଥିବା ଟିକେଟ୍‌ଗୁଡ଼ିକ ବାତିଲ ହୋଇଯିବ। ସେସବୁ ଟିକେଟର ସମ୍ପୂର୍ଣ୍ଣ ଦେୟ ମଧ୍ୟ ଫେରନ୍ତ ହେବ। ରେଳପଥ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରରୁ ନୂଆଦିଲ୍ଲୀ ମଧ୍ୟରେ ଏବେ ଏକ ଯୋଡ଼ା ରାଜଧାନୀ ସ୍ପେଶାଲ ଟ୍ରେନ୍ ଚଳାଚଳ କରୁଥିବାବେଳେ ଓଡ଼ିଶାରୁ ଦେଶର ବିଭିନ୍ନ ପ୍ରାନ୍ତକୁ ୬ ଯୋଡ଼ା ସ୍ପେଶାଲ ଟ୍ରେନ୍ ଚଳାଚଳ କରୁଛି। ସେହିଭଳି ରାଜ୍ୟ ମଧ୍ୟରେ ୬ଟି ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚାଲୁଛି। ମେ' ୧୨ ରୁ ଆରମ୍ଭ ହୋଇଥିବା ରାଜଧାନୀ ସ୍ପେଶାଲ ଟ୍ରେନ୍‌ରେ ସର୍ବାଧିକ ଯାତ୍ରୀ ଯାତାୟତ କରିଛନ୍ତି। ମେ' ୧୩ରୁ ଜୁନ୍ ୨୪ ମଧ୍ୟରେ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ସ୍ପେଶାଲ ଟ୍ରେନ୍‌ର ଅକ୍ୟୁପାନ୍ସି ୧୦୪% ରହିଥିବାବେଳେ ଭୁବନେଶ୍ୱର-ନୂଆଦିଲ୍ଲୀ ୪୫.୪୭% ରହିଥିଲା। ଅନ୍ୟପକ୍ଷରେ ଦେଶର ବିଭିନ୍ନ ପ୍ରାନ୍ତରୁ ଓଡ଼ିଶା ଆସିଥିବା ଟ୍ରେନ୍‌ର ଅକ୍ୟୁପାନ୍ସି ଅଧିକ ରହିଥିବାବେଳେ ରାଜ୍ୟ ମଧ୍ୟରେ ଚଳାଚଳ କରୁଥିବା ସ୍ପେଶାଲ ଟ୍ରେନ୍‌ରେ ଅପେକ୍ଷାକୃତ କମ୍ ଯାତ୍ରୀ ଯାତାୟତ କରିଛନ୍ତି। ଅଧିକାଂଶ ଅନ୍ତଃରାଜ୍ୟ ଟ୍ରେନ୍‌ରେ ୭୦%ରୁ ଅଧିକ ଯାତ୍ରୀ ଯାତାୟତ କରିଥିବାବେଳେ ଆନ୍ତଃରାଜ୍ୟ ଟ୍ରେନ୍‌ରେ ସିଟ୍ ସଂଖ୍ୟାର ମାତ୍ର ୨୦ରୁ ୩୦% ଯାତ୍ରୀ ଯାତାୟତ କରିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ଆଠଗଡ଼ ଅଞ୍ଚଳର ପାନୀୟ ଜଳ ସମସ୍ୟା ଦୂର ଲାଗି ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** କରୋନା ପରିସ୍ଥିତିରେ ଆଠଗଡ଼ ନିର୍ବାଚନମଣ୍ଡଳୀର ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ଉନ୍ନତି କରିବା ଦିଗରେ ତତ୍ପରତା ପ୍ରକାଶ କରିବା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ଆଠଗଡ଼ ନିର୍ବାଚନମଣ୍ଡଳୀର ପାନୀୟ ଜଳ ଯୋଗାଣ ଓ ପରିମଳ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ଓ ତିଗିରିଆ ବ୍ଲକ୍ ସମେତ ଟାଙ୍ଗୀ ଚୌଦ୍ୱାରର ୬ ପଞ୍ଚାୟତରେ ଚାଲୁ ରହିଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ମନ୍ତ୍ରୀ କହିଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍:(୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା 49 — **ବିଜ୍ଞାପନ** — ତା 05.06.20

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ସ୍ୱ ଦୁର୍ଯ୍ୟୋଧନ ମେହେର ପି-ସ୍ୱ ମହାଦେବ ମେହେର ଗ୍ରା/ପୋ- ରେମେଣ୍ଡା ଥା- ଭେଡେନ୍ ଜି-ସମ୍ବଲପୁର | ଏଲ୍.ସି.ଆର-୨୩୩ ଛେଣ୍ଡ୍ କଲୋନୀ ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧) ସୁଭଦ୍ରା ମେହେର (ସ୍ତ୍ରୀ) ୨) ନାରାୟଣ ମେହେର (ପୁତ୍ର) ୩) ସବିତା ମେହେର (ବି.କନ୍ୟା) ୪) କ୍ରିଷ୍ଣ ଚନ୍ଦ୍ର ମେହେର (ପୁତ୍ର) ୫) ବିଷ୍ଣୁ ପ୍ରସାଦ ମେହେର (ପୁତ୍ର) |

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା



## ODISHA HYDRO POWER CORPORATION LIMITED

OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R); FAX: 06861-232541, E-Mail unit.head_balimela@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**
ODISHA STATE POLICE HOUSING & WELFARE CORPORATION BUILDING. VANIVIHAR CHOUK, JANAPATH, BHUBANESWAR-22
Tel: 91-0674-2542983, 2542802, 2545526, Fax: 2542102, GRAM: HYDROPOWER,
E-MAIL: ohpc.co@gmail.com/ md@ohpcltd.com, web: www.ohpcltd.com, CIN: U40101OR1995SGC003963

**TENDER CALL NOTICE NO.: BHEP-12/2020-21; DATED- 24.06.2020**

No. CAD - 210:- Sealed tenders are invited in two parts from the Contractor/Firm/Agency having valid IT PAN, GST Regsitration Certificate with minimum qualifying eligibility criteria for the following work.

| Sl. No. | Description of Work | Estimated Cost in Rs. | Cost of Tender Paper | EMD in Rs. |
|---|---|---|---|---|
| 1 | AMC Services for electrical maintenance of (4x60 + 2x75) MW Balimela Hydro-Electric Project with assignments ranging from Protection & Control of Units, Feeders, Valve House, Auxiliaries, Transformers, Switchgears, Illumination System, Relay/Control Panels, Battery Bank, Chargers, DC Distribution System, Station Auxiliary System to Maintenance of 220 KV Switchyard, Grass and bushes cleaning & major breakdown of 220KV switchyard, BHEP, Balimela for a period of one year on Job contract basis. | Rs.81,77,440/- | Rs.11800/- (Rs.10,000/- + GST @18%) (Non-Refund-able) | Rs.82,000/- |

The sale of Tender Paper will be from : dtd 30.06.2020 to 13.00 Hrs. on dt 15.07.2020
The last date & time of receipt of tender : Up to 16.00 Hrs. on dt. 15.07.2020.
The date and time of opening of technical bid of tender: At 16.30 Hrs. on dtd. 15.07.2020.
**The due date and time of opening of Price bid will be intimated later on to the Technically qualified bidders.**
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**.

Sd./- C&P Head, BHEP, Balimela
OIPR- 04019/11/0012/2021



## ODISHA HYDRO POWER CORPORATION LIMITED

OHPC
BALIMELA HYDRO ELECTRIC PROJECT, POST: BALIMELA, DIST.: MALKANGIRI (ODISHA), PIN: 764051, Phones: 06861-232581 (O)/ 232659 (O), FAX: 06861-232541, E-mail: unit.head_balimela@yahoo.com

**REGD. OFFICE: ODISHA HYDRO POWER CORPORATION LTD.**
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, Fax: 2542102, GRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**TENDER CALL NOTICE**
**TENDER CALL NOTICE No. BHEP-13/2020-21 Dated: 24.06.2020**

No. CAD-211: Sealed tenders are invited in two part bid basis (Techno-Commercial Bid & Price Bid) for the following works from reputed Manufacturers/Authorized Dealer/Channel Partner/Reputed supplier as per eligibility criteria for the following work.

| Group | Description of Work | Cost of Tender Paper | EMD in Rs. |
|---|---|---|---|
| A | "Procurement of ACSR Panther & Zebra Conductor for 220KV Switchyard, BHEP, Balimela | Rs.7080/- (Rs.6,000/- + GST @ 18%) (Non refundable) | Rs.11,000/- |
| B | Procurement of Control Cables for BHEP, Balimela | Rs.7080/- (Rs.6,000/- + GST @ 18%) (Non refundable) | Rs.11,000/- |

The sale of tender paper will be from : Dtd. 30.06.2020 to 13.00 Hrs. on Dt.15.07.2020
The last date & time of receipt of tender : Upto 16.00 Hrs. on Dtd.15.07.2020
The date and time of opening of Technical Bid of tender : At16.30 Hrs. on Dtd.15.07.2020
For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.

OIPR-04019/11/0013/2021 — Sd./- C&P Head, BHEP, Balimela


## ଲାଞ୍ଚ: କିରାଣି ଗିରଫ

**ମାଲକାନଗିରି,୨୬।୬ (ଡି.ଏନ୍.ଏ.):** ସରକାରୀ ଜାଗାରେ ଘର କରିବା ନେଇ ହୋଇଥିବା ମାମଲାକୁ ଉଠାଇଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣି ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ତାଙ୍କ ନାମ ଅକ୍ଷୟ ନାୟକ। ମୋଟୁ ଥାନା ଅନ୍ତର୍ଗତ ଏମ୍‌ଭି-୮୨ ଗ୍ରାମର ଜୀବନ ମଣ୍ଡଳ ମାଲକାନଗିରି ସଦର ମହକୁମାସ୍ଥିତ ଡିଏନ୍‌କେଠାରେ ଏକ ସରକାରୀ ଜମିରେ ଘର କରୁଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଏକ ମାମଲା ହୋଇଥିଲା। ଏହି ମାମଲାକୁ ଉଠାଇଦେବାକୁ କହି ନାୟକ ତାଙ୍କୁ ଏଥିପାଇଁ ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଜୀବନ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ଜଣାଇଥିଲେ। ଶୁକ୍ରବାର ନାୟକ ଟଙ୍କା ନେଉଥିବା ବେଳେ ଡିଏସ୍‌ପି ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଚଢ଼ାଉ କରି ନାୟକଙ୍କୁ ଧରି ଗିରଫ କରିଥିଲେ।

## ସିଲ୍ ପରେ ବି ଖୋଲୁଛି ସୁନା ଦୋକାନ

**ନୟାଗଡ଼ ଅଫିସ,୨୬।୬:** କରୋନା ସଂକ୍ରମଣ ରୋକିବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସହରର ସମସ୍ତ ସୁନା ଦୋକାନ ସିଲ୍ କରାଯାଇଛି। ହେଲେ ଅଧିକାଂଶ ସୁନା ଦୋକାନ ଖୋଲାରହୁଥିବା ଦେଖାଯାଉଛି। ବ୍ୟବସାୟୀମାନେ ଶର୍ଟର ଅଧା ବନ୍ଦ କରି ବ୍ୟବସାୟ କରୁଛନ୍ତି। ନୟାଗଡ ସହର ଖଣ୍ଡପଡା ରୋଡ୍‌ର ଜଣେ ସୁନା ବ୍ୟବସାୟୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୧୦ ଜଣ ଚିହ୍ନଟ ହୋଇସାରିଲେଣି। ଏହାକୁ ଆଖିଆଗରେ ରଖି ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ପକ୍ଷରୁ ଜିଲା ସଦର ମହକୁମାରେ ଥିବା ୨୨ ସୁନା ଦୋକାନ ସିଲ୍ କରାଯାଇଥିଲା। କିନ୍ତୁ ଏହା ପରେ ପ୍ରଶାସନର ନୀରବତାକୁ ଦେଖି କେତେଜଣ ବ୍ୟବସାୟୀ ସୁନା ଦୋକାନ ଖୋଲୁଛନ୍ତି। ନୟାଗଡ଼ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ସୁନା ଦୋକାନ ଖୋଲୁଥିବା ଆମେ ଜାଣି ନ ଥିଲୁ। ଏବେ ପୋଲିସ ପକ୍ଷରୁ ଧରପଗଡ ଆରମ୍ଭ ହୋଇଛି। ନୟାଗଡ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଆମେ ଅଭିଯୋଗ ପାଇବା ପରେ ଖୋଲିଥିବା ସୁନା ଦୋକାନ ଶୁକ୍ରବାର ବନ୍ଦ କରାଇଛୁ।


## REQUEST FOR PROPOSAL (RFP) FOR SELECTION OF AN AGENCY FOR DOCUMENT DESIGN, PRINTING AND PUBLISHING - 2020

**TENDER NOTICE**

No. X-01: Poverty & Human Development Monitoring Agency (PHDMA), P & C Department, Government of Odisha invites bids from the reputed Design Agency having valid GSTIN and PAN Nos. for Designing, Printing and Publishing of documents developed by PHDMA on annual rate contract basis.
The RFP document shall be available from the advertisement date till the due date of Bid on the website of **https://www.odisha.gov.in** and **http://www.phdmaodisha.nic.in**
The timeline for submission of bids/proposals are given below as:

| Description | Date | Time |
|---|---|---|
| Date of uploading of RFP | 26.06.2020 | 3.30 P.M. |
| Date for Pre-Bid meeting at the office of **Poverty & Human Development Monitoring Agency (PHDMA)**, P & C Department, 2nd Floor, North Annex Building, Lokseva Bhavan, Bhubaneswar - 751001 | 09.07.2020 | 11.30 A.M. |
| Last date of submission of Bid | 14.07.2020 | 5.00 P.M. |
| Date of opening of Technical Bid | 15.07.2020 | 3.30 P.M. |

PHDMA reserves the right to cancel any or all the Bids or annul the Bidding process without aassigning any reason thereof. All proposals are to be submitted through Speed Post/Registered Post/Courier Services only.

Sd./- Member Secretary
Poverty & Human Development Monitoring Agency (PHDMA),
Lokaseva Bhavan, Bhubanewar - 751001
OIPR-21001/11/0001/2021



## କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା

ସି-୧, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

No. TT-02: ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୧୯ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି। ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ.୧,୦୦,୦୦୦/-ଙ୍କାର ଅର୍ଥରାଶି ୨୦୨୦ ମସିହା ଅଗଷ୍ଟମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବକେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୧୯ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ଆବେଦନ/ସୁପାରିସ ଗୁଡ଼ିକ ସମ୍ପାଦକ, ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୨୦।୦୭।୨୦୨୦ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ **www.sportsodisha.gov.in** ରେ ଉପଲବ୍ଧ ଅଟେ।

ସମ୍ପାଦକ
ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା
OIPR-29001/11/0002/2021



## GOVERNMENT OF ODISHA
## ST & SC DEVELOPMENT DEPARTMENT
**QUOTATION CALL NOTICE**

**No. 8639/SSD, Dated Bhubaneswar the, 26, June, 2020**
**STSCD-OM-MV-0003-2020**

No. V-05: Sealed quotations/tenders having valid GST Registration Certificate are invited in the prescribed format (Given in Annexure - III) from interested reputed Travel Agencies/Tour Operators or private individuals for providing 01 (One) No. of Swift Dzire (Petrol) vehicle for use in ST & SC Development, M&BC Welfare Department on monthly rent basis. The application form of quotations/tender containing General Bid Information & Terms and Conditions for Hiring of vehicle will be available in the Office of Deputy Secretary to Govt. (OE), ST & SC Development Department on payment of Rs.100/- or can be downloaded from Odisha Govt. website **www.odisha.gov.in** and department website **www.stscodisha.gov.in** from 27.06.2020 to 13.07.2020. In case the application form is downloaded from the websites, the applicant shall furnish a Demand Draft for an amount Rs.100/- (Rupees one hundred) only towards the cost of application along with terms and conditions.

**Sd./- Deputy Secretary to Govt.**
**OIPR-26001/11/0001/2021**



## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No. PP-02: ଏତଦ୍ୱାରା ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ତା୧୪।୦୩।୨୦୨୦ରିଖରେ ବିଜ୍ଞାପନ ମାଧ୍ୟମରେ ବିଭିନ୍ନ ଯୋଜନା ପାଇଁ ତା୧୫।୦୪।୨୦୨୦ରିଖ ସୁଦ୍ଧା ଦରଖାସ୍ତ ଆହ୍ୱାନ କରାଯାଇଥିଲା। କିନ୍ତୁ ତା୨୩।୦୩।୨୦୨୦ରିଖରୁ କୋଭିଡ୍-୧୯ ସମ୍ପର୍କିତ ରାଜ୍ୟବ୍ୟାପୀ ତାଲାବନ୍ଦ ହେତୁ ହସ୍ତଶିଳ୍ପ କାରିଗରମାନେ ବିଭିନ୍ନ ଯୋଜନା ପାଇଁ ଆବେଦନ କରିପାରି ନାହାନ୍ତି ।
ରାଜ୍ୟର ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ତା୧୦।୦୭।୨୦୨୦ ସୁଦ୍ଧା ବିଭିନ୍ନ ଯୋଜନା ପାଇଁ ଦରଖାସ୍ତ ପୁନଃ ଆହ୍ୱାନ କରାଯାଉଅଛି। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ଜିଲ୍ଲା ଶିଳ୍ପକେନ୍ଦ୍ର ବା ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ଦାଖଲ କରିପାରିବେ କିମ୍ବା ନିମ୍ନରେ ସୂଚିତ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ।
ଆଞ୍ଚଳିକ ଶିଳ୍ପକେନ୍ଦ୍ର, ଢେଙ୍କାନାଳ **(ricdkl@nic.in)**, ଆଞ୍ଚଳିକ ଶିଳ୍ପକେନ୍ଦ୍ର, ସମ୍ବଲପୁର **(ricsam@nic.in)**, ଆଞ୍ଚଳିକ ଶିଳ୍ପକେନ୍ଦ୍ର, ଜଗତପୁର **(rickngr@nic.in)**, ଆଞ୍ଚଳିକ ଶିଳ୍ପକେନ୍ଦ୍ର, ରାୟଗଡ଼ା **(ricrgd@nic.in)**, ଆଞ୍ଚଳିକ ଶିଳ୍ପକେନ୍ଦ୍ର, ରାଉରକେଲା **(rickl@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଅନୁଗୁଳ **(dicangul@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ବାଲେଶ୍ୱର **(dicbal@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ବରଗଡ଼ **(dicbargarh@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଭଦ୍ରକ **(dicbhadrak@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଭୁବନେଶ୍ୱର **(dicbbs@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ବଲାଙ୍ଗୀର **(dicblg@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ବୌଦ୍ଧ **(dicboudh@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, କଟକ **(dicctc@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଦେଓଗଡ଼ **(dicdeogarh@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଗଜପତି **(dicgajapati@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଗଞ୍ଜାମ **(dicgan@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତ୍‌ସିଂହପୁର **(dicjspur@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଝାରସୁଗୁଡ଼ା **(dicjharsuguda@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, କଳାହାଣ୍ଡି **(dickal@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦ୍ରାପଡ଼ା **(dickendrapara@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, କେଉଁଝର **(dicjkr@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, କୋରାପୁଟ **(dickor@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ମାଲକାନଗିରି **(dicmalkangiri@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ମୟୂରଭଞ୍ଜ **(dicmay@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ନବରଙ୍ଗପୁର **(dicnabarangpur@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ନୟାଗଡ଼ **(dicnayagarh@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ନୂଆପଡ଼ା **(dicnuapada@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ଫୁଲବାଣୀ **(dicphb@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ପୁରୀ **(dicpur@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ସୁବର୍ଣ୍ଣପୁର **(dicsubarnapur@nic.in)**, ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼ **(dicsng@nic.in)**।
ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

ନିର୍ଦ୍ଦେଶକ
ସ୍ୱା./- ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-43002/11/0001/2021



Dr. Ganeswar Jena, OAS (GAG)
Chief General Manager (P&A)
idco — ODISHA NEW OPPORTUNITIES
No. IDCO:HO/HK/E-2355/19-20/9266 — Date: 24.06.2020

**TENDER CALL NOTICE**

No. CAD-215: The Chief General Manager (P&A), IDCO, Bhubaneswar invites sealed tender in Double Cover System from experienced Caterers/Canteen Owners/Restaurants Owners having experience in the same field for the last 5 years for "Running of the Corporate Canteen of IDCO" at the Annex Building of IDCO Towers, Janpath, Bhubaneswar. The bid document comprising of eligibility criteria, scope of service, documents to be submitted etc. can be downloaded from the website **www.idco.in** upto 5.00 P.M. on 20.07.2020. Bid documents will not be issued from the office. For any clarification, the interested bidder can contact officer-on-special duty, IDCO on working days during office hours.
The Technical and Financial Bid for the above work should reach the Chief General Manager (P&A), IDCO, IDCO Towers, Janpath, Bhubaneswar - 751022 by 21.07.2020 upto 4.00 P.M. by Speed Post or Registered Post only. The undersigned will not be held responsible for any postal delay. The Technical Bid should include Credential and Experience of the Firm, PAN and GST Registration and Earned Money Deposit of Rs.1,20,000.00 (Rupees one lakh twenty thousand) only in shape of Demand Draft drawn in favour of "Odisha Industrial Infrastructure Development Corporation" payable at Bhubaneswar without which the offer will be rejected. Financial Bid in the prescribed format as enclosed in the Bid document is to be submitted in a separate envelope. Both the Technical and Financial Bid is to be put inside one sealed envelope superscribed "Tender for Running of the Corporate Canteen of IDCO". The Technical Bid will be opened on **21.07.2020 at 5.00 P.M.** in the office chamber of Chief General Manager (P&A) in the presence of the bidder or their authorized representatives. The Financial Bid of the technically qualified bidder will be opened on a later date with intimation to the qualified bidder.
The right of IDCO to accept/reject any or all tenders without assigning any reason thereof.

**Sd./- Chief General Manager (P&A)**
OIPR-14003/11/0036/2021



## BERHAMPUR MUNICIPAL CORPORATION, GANJAM
**INVITATIONS FOR BIDS (IFB)**

**No. 7966/XVIII.E6.5/20** — **Date: 26.06.20**
**No. C-62** — **Invitation for Bids**
**Bid Identification No. BMC (BAM)-225/2020-21**

| | | |
|---|---|---|
| 1 | The Municipal Commissioner, Berhampur, invittes percentage rate bids in ONLINE MODE only, as per Annexure "A" | |
| 2 | Nature of Work | Electrical Works |
| 3 | No. of Work | DETAILED ESTIMATE FOR THE WORK: Electrical, Air Conditioning & Sound System of BeMC New Conference Hall Building, Berhampur, Odisha FOR THE YEAR 2020-2021. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | Class of Contractor | As per the Annexure "A" |
| 7 | Availability of Bid documents in the website | From 15.00 hrs. of Dt.29.06.2020 to 17.00 hrs. of 20.07.2020 |
| 8 | Date of Opening of Bid | 11.30 hrs. onwards on Dt.21.07.2020 |
| 9 | Mode of submission of tender | Tender should be submitted Online in **www.tendersorissa.gov.in** |
| | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addednum/corrigendum/cancellation of tender can also be seen in the said website only. | |

**Sd./- Commissioner**
**Berhampur Municipal Corporation**
**Berhampur, Odisha**
OIPR-13035/11/0012/2021

**ପ୍ରବାସୀ ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ଦାବି**

କଣିହାଁ, (ଡି.ଏନ.ଏ.)- ଲକ୍‌ଡାଉନ ସମୟରେ କାମ କରିଥିବା ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ ପାଇଁ କଣିହାଁ ବ୍ଲକ ଏଆଇୟୁଟିୟୁସି ତରଫରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହ ଯେଉଁମାନେ କାମ ପାଇନାହାନ୍ତି ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ହ୍ରାସ କରିବା ଆଦି ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରହ୍ଲାଦ ଚନ୍ଦ୍ର ସାହୁ, ଭିକାରି ପ୍ରଧାନ, ପ୍ରତାପ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ।

## ସଂକ୍ଷେପରେ

### ଉତ୍ତର-କେନ୍ଦ୍ରାଞ୍ଚଳ ପୋଲିସରେ ଅଦଳବଦଳ

**ଅନୁଗୋଳ ଅଫିସ, ୨୬।୬:** ଅନୁଗୋଳ ଜିଲା ତାଳଚେରରେ ଥିବା ଉତ୍ତର-କେନ୍ଦ୍ରାଞ୍ଚଳ ପୋଲିସ ରେଞ୍ଜରେ ଛୋଟ ଧରଣର ଅଦଳ ବଦଳ ହୋଇଛି। ୪ ଜଣ ଇନ୍‌ସପେକ୍ଟର ଓ ୮ ଜଣ ସବ୍‌ଇନ୍‌ସପେକ୍ଟରଙ୍କ ବଦଳି ହୋଇଥିବା ଆଇଜି ନରସିଂହ ଭୋଲ ସୂଚନା ଦେଇଛନ୍ତି। କଣିହାଁ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ଓ ନାଲ୍‌କୋର ପୂର୍ବତନ ଇନ୍‌ସପେକ୍ଟର ସରୋଜିନୀ ସାମ୍ଭତାଙ୍କ ଢେଙ୍କାନାଳକୁ ବଦଳି ହୋଇଛି। ସେହିପରି ଢେଙ୍କାନାଳ ଜିଲା ଟାଉନ୍ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଓ ନିହାଲପ୍ରସାଦ ଥାନାଧିକାରୀ ରତ୍ନାକର ମଲ୍ଲିକଙ୍କର ଅନୁଗୋଳ ଜିଲାକୁ ବଦଳି ହୋଇଛି। ଦେବଗଡ଼ ଜିଲାରେ କାର୍ଯ୍ୟରତ ୮ ଜଣ ସବ୍‌ଇନ୍‌ସପେକ୍ଟରଙ୍କ ମଧ୍ୟରୁ ୫ ଜଣଙ୍କ ଢେଙ୍କାନାଳ ଓ ୩ ଜଣଙ୍କ ଅନୁଗୋଳକୁ ବଦଳି ହୋଇଥିବା ଆଇଜି ସୂଚନା ଦେଇଛନ୍ତି।

### ବଦଳିଲେ ଅନୁଗୋଳ ପିଡି

**ଅନୁଗୋଳ ଅଫିସ, ୨୬।୬:** ଅନୁଗୋଳ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥାର ନିର୍ଦ୍ଦେଶକ(ପିଡି) ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ରାଜସ୍ୱ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଚମ୍ପତିରାୟ ଓଡ଼ିଶା ପୋଲ ଓ କନ୍‌ଷ୍ଟ୍ରକଶନ୍ କୋଅପରେଶନ୍ ଲିମିଟେଡର ଓଏସ୍‌ଡି ଭାବେ ଯୋଗଦେବେ ବୋଲି ଜଣାପଡିଛି। ସୂଚନାଥାଉ କି, ୨୦୧୭ ମେ'ରୁ ଚମ୍ପତିରାୟ ଅନୁଗୋଳରେ ପିଡି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କର ପଦୋନ୍ନତି ସହ ଚଳିତ ବର୍ଷ ଫେବୃୟାରୀରେ ବଦଳି ହୋଇଥିଲେ ମଧ୍ୟ ସେ ଅନୁଗୋଳରେ ପିଡି ଦାୟିତ୍ୱ ତୁଲାଉଥିଲେ।

### କଲୋନୀରୁ ଚୋରି ଘଟଣା, ୨ ଗିରଫ

**ଅନୁଗୋଳ ଅଫିସ୍, ୨୬।୬:** ସ୍ଥାନୀୟ ତାମ୍ରିତ କଲୋନୀ କାଳୀମନ୍ଦିର ନିକଟରେ ରହୁଥିବା ବିମଳା ନାଥଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ପୋଲିସ ବିଶ୍ୱଜିତ ନାଏକ (୨୧) ଓ ଇଡ୍‌କୋ ଛକର ରାହୁଲ ଗୋଚ୍ଛାୟତ (୨୦)ଙ୍କୁ ଗିରଫ କରିଛି। ଚୋରି ହୋଇଥିବା ୨ ମୋବାଇଲ ଫୋନ, ପିତଳ ଚୁଡିକୁ ପୋଲିସ ଜବତ କରିଛି। ବୁଧବାର ଭୋର ସମୟରେ ବିମଳା ପ୍ରାତଃ ଭ୍ରମଣରେ ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ଚୋରି କରିଥିଲେ।

# ଗୁଣ୍ଡିଚା ମନ୍ଦିରରେ ପଶିଲେ ୨ ଅଣସେବାୟତ

**ପୁରୀ ଅଫିସ,୨୬।୬**



ସେବାୟତ ବେଶରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିବା ୨ଯୁବକ।

**■ଗିରଫ ପରେ ନୋଟିସ୍ ଦେଇ ଛାଡ଼ିଲା ପୋଲିସ**

**■ନକଲି ପାସ୍‌ଧାରୀ ବି ଧରାପଡ଼ିଲେ**

ମହାମାରୀ କରୋନା ପାଇଁ ଏଥର ଭକ୍ତଶୂନ୍ୟ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ନବଦିନାତ୍ମକ ଯାତ୍ରାରେ ଆସି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଦର୍ଶନ ପାଇଁ କୌଣସି ଭକ୍ତଙ୍କୁ ମନ୍ଦିରକୁ ଛଡ଼ାଯାଉନି। ଫଳରେ ଆଡ଼ପ ମଣ୍ଡପ ଦର୍ଶନରୁ ଶ୍ରଦ୍ଧାଳୁ ବଞ୍ଚିତ ରହିଛନ୍ତି । ଏଥିପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହାସତ୍ତ୍ୱେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରକୁ ୨ଜଣ ଅଣସେବାୟତ ପ୍ରବେଶ କରିଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି ପରେ ନୋଟିସ ଦେଇ ଛାଡ଼ିଛି। ସେହିପରି ଅପରାହ୍ନରେ ଅନ୍ୟ ଜଣେ ନକଲି ପାସ୍‌ଧାରୀ ଗୁଣ୍ଡିଚା ମନ୍ଦିର ଭିତରକୁ ପ୍ରବେଶ କରଥିବାବେଳେ ମୁଖ୍ୟ ଗେଟ୍ ପାଖରେ ପୋଲିସ ତାଙ୍କୁ କାବୁ କରିଥିଲା।

ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଚାଲିଥିବାବେଳେ ସେବାୟତ ବେଶରେ ଦୁଇଜଣ ଯୁବକ ମନ୍ଦିରରେ ପ୍ରବେଶ କରିଥିଲେ। ସେମାନଙ୍କ ଚାଲିଚଳଣି ଏବଂ ହାବଭାବ ଦେଖି ଅନ୍ୟ ସେବାୟତଙ୍କ ସନ୍ଦେହ ହୋଇଥିଲା। ସେମାନେ ଛଦ୍ମବେଶୀ ବୋଲି ନିଶ୍ଚିତ ହେବାପରେ ସେବାୟତମାନେ ପୋଲିସକୁ ଖବର ଦେଇଥିଲେ। କୁମ୍ଭାରପଡ଼ା ପୋଲିସ ପହଞ୍ଚି ଏହି ଦୁଇ ଅଣସେବାୟତ ମାର୍କଣ୍ଡେଶ୍ୱର ସାହିର ସ୍ମୃତିରଞ୍ଜନ ମହାନ୍ତି ଏବଂ କୁମ୍ଭାରପଡ଼ାର ଅଜୟ କୁମାର ମହାପାତ୍ରଙ୍କୁ ଧରି ଥାନାକୁ ନେଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୫୯/୨୦) ରୁଜୁ ହୋଇ ଉଭୟଙ୍କୁ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ସିଆର୍‌ପିସି ଧାରା ୪୧ରେ ନୋଟିସ ଦିଆଯାଇ ଛଡ଼ାଯାଇଛି ବୋଲି ଥାନା ଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ସେହିପରି ଅପରାହ୍ନରେ ମଧ୍ୟ ଜଣେ ନକଲି ପାସ୍‌ଧାରୀ ଗୁଣ୍ଡିଚା ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣେ ସେବାୟତଙ୍କ ଯୋଗାଣିଆ ଭାବେ କାମ କରନ୍ତି। ସେ ସେବାୟତଙ୍କୁ ପ୍ରଦାନ କରାଯାଇଥିବା ପାସ୍ ପକାଇ ମନ୍ଦିର ଭିତରକୁ ଯାଉଥିବାବେଳେ ପୋଲିସ ମୁଖ୍ୟଦ୍ୱାରରୁ ତାଙ୍କୁ ମାଡ଼ି ବସିଥିଲା। ଯାଞ୍ଚ ପରେ ସେହି ପାସ୍ ତାଙ୍କର ନୁହେଁ ବୋଲି ଜଣାପଡ଼ିବା ପରେ ତାଙ୍କୁ ସେହିଠାରୁ ବିଦା କରାଯାଇଥିଲା ।

# ଗୁଣ୍ଡିଚା ମନ୍ଦିରରେ ବନକଲାଗି

**ପୁରୀ ଅଫିସ,୨୬।୬**

## ଧାଡ଼ିରେ ଆସି ଅବଢ଼ା ନେଲେ

ଘୋଷଯାତ୍ରାରେ ବାହାରି ମହାପ୍ରଭୁ ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। କିନ୍ତୁ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିପାରୁ ନାହାନ୍ତି। ମହାମାରୀ କରୋନା ପାଇଁ କଟକଣା ଯୋଗୁ ଭକ୍ତଙ୍କ ମନ୍ଦିର ପ୍ରବେଶ ବନ୍ଦ ରହିଛି। ତେବେ ଦର୍ଶନ କରିପାରୁ ନ ଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ମିଳୁଛି ଆଡ଼ପ ଅବଢ଼ା। ଅନ୍ୟପକ୍ଷରେ ଦ୍ୱିତୀୟ ଭୋଗମଣ୍ଡପ ପରେ ଠାକୁରଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଛନ୍ତି। ଶନିବାର ହେରାପଞ୍ଚମୀ। ଏହି ନୀତିକୁ ସୁରୁଖୁରରେ ସମ୍ପନ୍ନ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଶୁକ୍ରବାର ସକାଳ ୬ଟାରେ ଦ୍ୱାରଫିଟା ଯାଇ ୬ଟା ୩୫ରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ୭ଟା ୩୫ରେ ଅବକାଶ ପୂଜା, ୮ଟା ୫୦ରେ ଗୋପାଳ ବଲ୍ଲଭ ପୂଜା ଏବଂ ୯ଟା ୪୦ରେ ସକାଳ ଧୂପ ଶେଷ ହୋଇଥିଲା। ପୂର୍ବାହ୍ନ ୧୦ଟା ୪୦ ସୁଦ୍ଧା ବାହାରିଥିଲା ଆଡପ ଅବଢ଼ା। ମହାପ୍ରଭୁଙ୍କ ଦର୍ଶନ ମିଳି ନ ଥିଲେ ସୁଦ୍ଧା ବହୁ ସଂଖ୍ୟକ ଭକ୍ତ ଆଡ଼ପ ଅବଢା ନେଇଥିଲେ। ପ୍ରଶାସନ ଏବଂ ସୁଆର ମହାସୁଆର ସହଯୋଗରେ ଭକ୍ତମାନେ କିପରି ସୁବିଧାରେ ମହାପ୍ରସାଦ ପାଇପାରିବେ ତାହାର ବ୍ୟବସ୍ଥା ହୋଇଛି। ବସ୍‌ଷ୍ଟାଣ୍ଡ ପରିସରରେ ଶେଡ୍ କରାଯାଇ ସେଠାରେ ଟୋକନ ବ୍ୟବସ୍ଥା କରାଯାଇଛି। ବରାଦ ମୁତାବକ ଶ୍ରଦ୍ଧାଳୁ ଅବଢ଼ା ପାଉଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବା ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଅପରାହ୍ନ ୪ଟା ୧୫ରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ।

# ଚେୟାରରେ ବସି ଅବଢ଼ା ଖାଇଲେ ପୋଲିସବାବୁ



ପୋଲିସ ଅଧିକାରୀମାନେ ଚେୟାରରେ ବସି ମହାପ୍ରସାଦ ଖାଉଛନ୍ତି।

## ସୋସିଆଲ ମିଡିଆରେ ଫଟୋ ଭାଇରାଲ

**ପୁରୀ ଅଫିସ,୨୬।୬**

ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ରହିଛି ଗଭୀର ଭକ୍ତି ଏବଂ ବିଶ୍ୱାସ। ହେଲେ ମହାପ୍ରସାଦ ସେବନର ଏକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଶୁକ୍ରବାର କିଛି ପୋଲିସ ଅଧିକାରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଏକ ଗଛ ତଳେ ପିଣ୍ଡିରେ ଅବଢା ରଖି ଚେୟାରରେ ବସି ସେବନ କରୁଥିବା ଦେଖିବାକୁ ମିଳିଛି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତଳେ ବସି କଦଳୀ ପତ୍ରରେ ମହାପ୍ରସାଦ ଖାଇବା ପରମ୍ପରା ରହିଥିବାବେଳେ ପୋଲିସ ବାବୁଙ୍କ ଏଭଳି କାର୍ଯ୍ୟକୁ ବୋଲି ଅନେକ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପିତ ହେଉଥିବା ପ୍ରସାଦକୁ ଶ୍ରୀମହାପ୍ରସାଦ ବୋଲି କୁହାଯାଏ। ଷଡ଼ଙ୍ଗ ସଂସ୍କାର ମାଧ୍ୟମରେ ମହାପ୍ରସାଦ ଠାକୁରଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଯେଉଁ ମହାପ୍ରସାଦ ପ୍ରସ୍ତୁତ କରାଯାଏ ଶାସ୍ତ୍ରାନୁସାରେ ତାହାକୁ ମହାଲକ୍ଷ୍ମୀ ନିଜେ ପ୍ରସ୍ତୁତ କରିଥାନ୍ତି । ଏହି ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ଲାଗି ଚାହିଁ ରହିଥାନ୍ତି। ମହାପ୍ରସାଦ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନିନ୍ଦା କରିବା ଉଚିତ ନୁହେଁ । ଏହିଭଳି ବିଶ୍ୱାସ ଏବଂ ପରମ୍ପରା ସହ ସାମିଲ ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନ ଭକ୍ତସମାଜକୁ ଗଭୀର ଆଘାତ ପହଞ୍ଚାଇଛି ।

## ଆଜି ହେରା ପଞ୍ଚମୀ

### ନନ୍ଦିଘୋଷ ରଥ ଭାଙ୍ଗିବେ ଲକ୍ଷ୍ମୀ ଠାକୁରାଣୀ

**ପୁରୀ ଅଫିସ, ୨୬।୬**

ଶ୍ରୀଦେବୀ(ଲକ୍ଷ୍ମୀ ଠାକୁରାଣୀ)ଙ୍କୁ ଛାଡ଼ି ଜଗନ୍ନାଥ ମହାପ୍ରଭୁ ଭଉଣୀଭାଇଙ୍କୁ ସାଥିରେ ଧରି ନବଦିନାତ୍ମକ ଯାତ୍ରା କରିଛନ୍ତି। ତାଙ୍କୁ ସାଙ୍ଗରେ ଆଣି ନ ଥିବାରୁ ଅଭିମାନରେ ରହିଛନ୍ତି ଶ୍ରୀଦେବୀ। ତେଣୁ କାଳିଆ ଠାକୁରଙ୍କୁ ଫେରାଇ ନେବାକୁ ଗୁଣ୍ଡିଚା ମନ୍ଦିର ଆସନ୍ତି ଶ୍ରୀଦେବୀ। ହେଲେ ୯ଦିନର ଯାତ୍ରା ନ ସରିବା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀମନ୍ଦିର ଫେରିବେ ନାହିଁ ବୋଲି ଶ୍ରୀଦେବୀଙ୍କୁ କୁହନ୍ତି। ଏଥିରେ ରାଗିଯାଇ ଫେରିଲା ବେଳେ ମହାପ୍ରଭୁଙ୍କ ରଥ ଭାଙ୍ଗି ଦେଇଯାନ୍ତି। ଏହି ପରମ୍ପରାକୁ ହେରାପଞ୍ଚମୀ କୁହାଯାଏ। ଶନିବାର ପାଳିତ ହେବ ଏହି ନୀତି। ଶ୍ରୀମନ୍ଦିରରୁ ଶ୍ରୀଦେବୀ ଆସିବେ ଗୁଣ୍ଡିଚା ମନ୍ଦିର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଛି।

# ଶ୍ରମିକଙ୍କୁ ମାସ୍କ ବଣ୍ଟନ



ଡ. ଅବିନାଶ ସାମଲ ମାସ୍କ ବଣ୍ଟନ କରୁଛନ୍ତି।

**ବଣ୍ଟାରପାଳ, ୨୬।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ କଣ୍ଟାବଣିଆ ଅଞ୍ଚଳର ଶ୍ରମିକମାନଙ୍କୁ ରଥଯାତ୍ରା ଅବସରରେ ସ୍ୱେଚ୍ଛାସେବୀ ତଥା ଏମ୍ପିଓ ଗ୍ରୁପ୍‌ର ଚେୟାରମ୍ୟାନ ଡ. ଅବିନାଶ ସାମଲ ମାସ୍କ ବଣ୍ଟନ କରିଛନ୍ତି। ଏଥିସହ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସେମାନଙ୍କୁ ସଚେତନ କରାଇଛନ୍ତି। ବ୍ରାହ୍ମଣୀ ଟ୍ରକ୍ ମାଲିକ ୱେଲଫେୟାର ସଂଘ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ବେଳେ ସଂଘ ସଦସ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗତ ଏପ୍ରିଲ୍‌ରେ ମଧ୍ୟ ଅବିନାଶ ବ୍ଲକର ବିଭିନ୍ନ ଗ୍ରାମରେ ୨୦ଦିନ ଧରି ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ, ମାସ୍କ, ସାନିଟାଇଜର ଆଦି ପ୍ରଦାନ କରିବା ସହ ମନ୍ଦିର ପୂଜକଙ୍କୁ ଆର୍ଥିକ ସହାୟତା ଯୋଗାଇଥିଲେ।

# କରୋନାରେ ବାପାଙ୍କ ମୃତ୍ୟୁ, ଅନ୍ତିମ ଦର୍ଶନ ପାଇଲେନି ଡାକ୍ତର ପୁଅ

**ଏକାଠି ଚିକିତ୍ସିତ ହେଉଥିଲେ ଆକ୍ରାନ୍ତ ବାପା-ପୁଅ**

**କଟକ ଅଫିସ,୨୬।୬:** କରୋନା ଭୂତାଣୁ ଏପରି ସ୍ଥିତି ସୃଷ୍ଟି କରିଛି ଯେ ସେଥିରେ ଆକ୍ରାନ୍ତ ବାପାଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତିମ ଦର୍ଶନ କରିବାର ସୁଯୋଗ ମଧ୍ୟ ପାଉନାହିଁ ପୁଅ। ଏସ୍‌ସିବି ଭେଷଜ ବିଭାଗର ଜଣେ ଡାକ୍ତର ଗତ ୨୩ ତାରିଖରୁ କରୋନା ସଂକ୍ରମିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହା ପୂର୍ବରୁ ଉକ୍ତ ଡାକ୍ତରଙ୍କ ୬୫ ବର୍ଷୀୟ ବାପା ମଧ୍ୟ କରୋନା ସଂକ୍ରମିତ ହୋଇ ସେହି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶୁକ୍ରବାର ସକାଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅସ୍ଥିର ରହିଥିଲା। ଡାକ୍ତରୀ ଟିମ୍‌ର ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଛି। କିନ୍ତୁ ଦୁଃଖର ବିଷୟ ହେଲା ଯେ ଗୋଟିଏ ହସ୍ପିଟାଲରେ ରହି ବାପ ପୁଅ ଚିକିତ୍ସିତ ହେଉଥିବା ବେଳେ ବାପାଙ୍କ ଅନ୍ତିମ ଦର୍ଶନ କରିବାକୁ ଡାକ୍ତର ପୁଅ ସୁଯୋଗ ପାଇଲେ ନାହିଁ। ପରିବାରର ଅନ୍ୟ ସଦସ୍ୟ ହସ୍ପିଟାଲରେ ପହଞ୍ଚିଥିଲେ ବି କାହାରିକୁ କରୋନା ଗାଇଡ୍‌ଲାଇନ୍ ମୁତାବକ ସୁଯୋଗ ଦିଆଯାଇ ନ ଥିଲା।

# ଠିକା କିରାଣିଙ୍କ ବହିଷ୍କାର ଦାବିକଲା ଭାଜପା



ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଅନୁଗୋଳ ଅଫିସ, ୨୬।୬:** ଜିଲା ପ୍ରଶାସନ ଦେଇଥିବା ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରା ନ ଯିବା ଓ ଜେନେରାଲ ଇଲେକ୍ଟ୍ରିକ ଡିଭିଜନ୍ (ଜିଇଡି)ଠାରୁ ସ୍ଥିରୀକୃତ କରା ନ ଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୮ଟି ଏସି ଲଗାଯାଇଥିଲେ ମଧ୍ୟ ପ୍ରଶାସନ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। ଅନୁଗୋଳ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ନିର୍ଦ୍ଦେଶ ଉଲ୍ଲଂଘନ କରି ୩୮ ଏସି ଲଗାଇବା ଘଟଣା**

ପ୍ରତାପ ଚନ୍ଦ୍ର ପ୍ରଧାନ ଶୁକ୍ରବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଠିକା କିରାଣିଙ୍କୁ ଚାକିରିରୁ ବହିଷ୍କାର ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଅର୍ଥରେ କିଣା ହୋଇଥିବା ୩୮ଟି ଏସିକୁ ତରବରିଆ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଗାଯାଇଛି। ଏସିଗୁଡ଼ିକ କେଉଁଠି ଲାଗିବ ତାହା ଜିଇଡି କର୍ତ୍ତୃପକ୍ଷ ସ୍ଥିର କରିବେ ବୋଲି ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ ବି ତାହାକୁ ଉଲ୍ଲଂଘନ କରାଯାଇଛି। ଫଳରେ ସେସବୁ ରୋଗୀଙ୍କ କାମରେ ଆସୁନାହିଁ। କେବଳ ଏସି ଲଗାଯିବା ଘଟଣା ନୁହେଁ, ବରଂ ମେଡିକାଲରେ ହେଉଥିବା ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ କିରାଣି ସଂଶ୍ଳିଷ୍ଟ ଥିବା ଅଭିଯୋଗ ହେଉଛି। ତେଣୁ ଏହାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।


**CLASSIFIED DISPLAY**

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର**

ପତ୍ର ନଂ.୧୫୭୩/୨୦୨୦ ତା୨୫।୦୬।୨୦୨୦

**ବିଜ୍ଞାପନ**

ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ Quotation Call Notice No.1568 Date 25.06.2020 ପ୍ରକାରେ ଆବଶ୍ୟକୀୟ ଉପକରଣ କ୍ରୟ କରିବା ନିମନ୍ତେ Quotation ଆହ୍ୱାନ କରିଅଛନ୍ତି । ଇଚ୍ଛୁକ ବ୍ୟକ୍ତିବିଶେଷ/ ଫାର୍ମ http://www.nabarangpur.nic.in websiteକୁ ଯାଇ ତା୨୯।୦୬।୨୦୨୦ରିଖ ଦିବା ୧୦ ଘଟିକାଠାରୁ ତା୧୬।୦୭।୨୦୨୦ରିଖ ଅପରାହ୍ନ ୫ ଘ. ୩୦ ମିନିଟ ମଧ୍ୟରେ ଆବଶ୍ୟକୀୟ Quotation Call Notice download କରିପାରିବେ ।

ସ୍ୱା./– ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

**CUTTACK MUNICIPAL CORPORATION**
Choudhury Bazar, Cuttack-753001
Phone No.0671-230865, Email Id: mccmc@nic.in

No.5381 Date: 25.06.2020

**Request for Proposal (RFP)**
**For Appointment of Social Media Management Agency for Cuttack Municipal Corporation, Cuttack**

Proposals are invited from interested firms for Appointment of Social Media Management Agency for Cuttack Municipal Corporation, Cuttack by Dt.25.06.2020. The detailed document is available in the website of CMC i.e. http://cmccuttack.gov.in.

The selection shall be based on the capability and experience of the applicants. For any assistance in this regard or for any clarification w.r.t. this tender document, the prospective firm may contact Smt. Latashree Bag, Mobile No.9556256600/9439650350.

Sd./- Commissioner
Cuttack Municipal Corporation
Choudhury Bazar, Cuttack-753001
Phone No.-0671-230865, Email Id-mccmc@nic.in

CMC, Cuttack reserves right to accept or reject any application and to annul the selection process at any time, without incurring any liability and without assigning any reason thereof.

**COLLECTORATE, NAYAGARH**
**(ST & SC DEV. SECTION)**
Office Phone No.06753-254260, Mail Id: - dwonayagarh@gmail.com
NO.1196 /DT.25.06.2020

**NOTIFICATION**

NO.V-04:- In pursuance of this office Advertisement No. 1706/dtd.10.09.2019 the valid and reject list separately of candidates applied for the post of Lady Matron with reference for inviting objection in respect of Nayagarh District is hereby published. This lists are available in the District Website i.e. www.nayagarh.nic.in as well as in the notice board of the District Welfare Office, Nayagarh. The candidates are advised to submit the objection if any by person from dt. 29.06.2020 to 13.07.2020 (10.00AM to 5.30PM) in working days with sufficient documentary proof to the District Welfare Officer, Nayagarh. No objection will be received after dt.13.7.2020 (5.30PM). Additional if any document will not be accepted.

Sd./- Collector, Nayagarh
OIPR-24009/11/0001/2021

**TENDER CALL NOTICE**
**NO. 2970/CW/2020, Date: 24.06.2020**

No.n-02:- Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

| Sl. No. | Detail of Tender |
|---|---|
| 1 | Construction of 02 Nos. of Big Size Hall with Compound Hall and School Gate with Name Board at Sagar UGHS, Lamtaput Block, EMD: Rs.20,900/- & Tender Cost: Rs.6,000/- ('B' & 'C' Class Contractor) |
| 2 | Construction of 04 Nos. of ACR Two Storied at Chandrapada UGHS, Boipariguda Block, EMD: Rs.36,900/- & Tender Cost: Rs.6,000/- ('B' & 'C' Class Contractor) |
| 3 | Construction of ACR at Khamara UGHS, Nandapur Block, EMD: Rs.37,500/- & Tender Cost: Rs.6,000/- ('B' & 'C' Class Contractor) |
| 4 | Construction of 02 Nos. of ACR at Upperkuttinga UGHS of Laxmipur Block, EMD: Rs.16,500/- & Tender Cost: Rs.6,000/- ('D' & 'C' Class Contractor) |
| 5 | 1. The Tnder Documents will be available in the District Website i.e. (www.koraput.nic.in) from 25.06.2020 to 13.07.2020 upto 5.00 P.M. and can be downloaded from the Website. 2. The Tenders will be opened at 11.00 A.M. on 14.07.2020. 3. Other details can be seen in the District Website www.koraput.nic.in. |

Sd./- District Project Coordinator
RTE-SS, Koraput
OIPR-27035/11/0001/2021

idco | ODISHA NEW OPPORTUNITIES — No. CAD-212

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR - 751022**
**TENDER CALL NOTICE**
No. H.O./P&C/EST-/E-1543/04/2020-9116 Dt.19.06.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | FIRE FIGHTING AND FIRE ALARAM SYSTEM FOR ATHELETIC STADIUM INSIDE KALINGA STADIUM, BHUBANESWAR | Rs.402.38 Lakh | 06 (Six) Calendar Months |

1. Other details :

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar - 751022 | Bid ID No. PC-EST-E-19/2020-21 | 17.00 Hours of 01.07.2020 | 17.00 Hours of 20.07.2020 |

Further details can be seen from the e-Procurement Portal: **www.tendersodisha.gov.in**. Corrigendum or addendum if any will not be published in Newspapers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in**.

Sd./- Chief General Manager (P&C) I/C
IDCO, Bhubaneswar
OIPR-14003/11/0035/2021

## ସଂକ୍ଷେପରେ

### ୫୨ ହଜାର ଟପିପାରେ ସୁନା

**ନୂଆଦିଲ୍ଲୀ,୨୬।୬:** କରୋନା ମାମଲା ଯେଭଳି ଭାବେ ବଢୁଛି ସେଭଳି ତା'ର ପ୍ରଭାବ ନିବେଶକଙ୍କ ମନୋଭାବ ଉପରେ ପଡୁଛି। ଏଭଳି ସ୍ଥିତିରେ ସାରା ଦୁନିଆର ନିବେଶକ ନିବେଶର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସୁନାର ଚାହିଦା ବଢୁଥିବାରୁ ଦାମରେ ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି। ସୁନା ଯଦି ଏଭଳି ଭାବେ ବଢିଚାଲେ ତେବେ ଆଗାମୀ ଦୀପାବଳି ବେଳକୁ ସୁନା ଦର ୧୦ ଗ୍ରାମ ପିଛା ୫୨ ହଜାର ଟପିଯିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ନୂଆଦିଲ୍ଲୀରେ ଶୁକ୍ରବାର ସୁନାଦର ୨୩୯ ଟଙ୍କା ବୃଦ୍ଧି ଘଟି ୧୦ ଗ୍ରାମ ପିଛା ଦର ୪୯,୦୫୮ ଟଙ୍କା ରହିଛି। ଗୁରୁବାର ଏହି ଦର ୪୮,୮୧୯ ଟଙ୍କା ରହିଥିଲା। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢିବା ଯୋଗୁ ଦରରେ ପରିବର୍ତ୍ତନ ଆସିଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ ପକ୍ଷରୁ କୁହାଯାଇଛି। ଏହି ସମୟରେ ରୁପା ଦର ୮୪୫ ଟଙ୍କା ବଢିଥିବା ଜଣାପଡିଛି।

### ୨୦% ବଢ଼ିଛି ସବ୍‌ସିଡି ଏଲ୍‌ପିଜି ଦର

**ନୂଆଦିଲ୍ଲୀ,୨୬।୬:** ଗତ ଗୋଟିଏ ବର୍ଷ ମଧ୍ୟରେ ସବ୍‌ସିଡି ଏଲ୍‌ପିଜି ଦର ୨୦% ବଢ଼ିଛି। ସମାନ ସମୟ ଅବଧି ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ପ୍ରାୟ ୪୦% ଖସିଥିଲେ ମଧ୍ୟ ସବ୍‌ସିଡି ଏଲ୍‌ପିଜି ଦରରେ ଏଭଳି ବୃଦ୍ଧି ଘଟିଥିବା ଜଣାପଡିଛି। ଏଲ୍‌ପିଜିର ଚୂଡାନ୍ତ ଦର ସ୍ଥାନୀୟ ପରିବହନ ଖର୍ଚ୍ଚ ପରେ ହିଁ ନିର୍ଦ୍ଧାରିତ ହୋଇଥାଏ। ଏହାକୁ ବିଚାର କଲେ ଗ୍ରାହକ ମାମୁଲି ସବ୍‌ସିଡି କିମ୍ବା କେତେକ କ୍ଷେତ୍ରରେ ଜିରୋ ସବ୍‌ସିଡି ଲାଭ କରୁଥିବା ଜଣାପଡିଛି। ଦିଲ୍ଲୀରେ ୧୪ ଲିଟର ବିଶିଷ୍ଟ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ଗତ ବର୍ଷ ଜୁନ୍‌ରେ ୪୯୭ ଟଙ୍କା ରହିଥିଲା। ଏହା ବର୍ତ୍ତମାନ ୫୯୩ ଟଙ୍କାକୁ ବଢିଛି। ଦିଲ୍ଲୀରେ ରହୁଥିବା ଲୋକଙ୍କର ଏଲ୍‌ପିଜି ଗ୍ୟାସ୍ ସବ୍‌ସିଡି ୨୪୦ ଟଙ୍କାରୁ ହ୍ରାସ ଘଟି ଶୂନ ପର୍ଯ୍ୟନ୍ତ ଆସିଯାଇଛି।

# ଜୁଲାଇ ୧୫ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବାତିଲ

**ନୂଆଦିଲ୍ଲୀ,୨୬।୬**



- ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମିଳିପାରେ ସେବା
- ମଝି ସିଟ୍ ଖାଲି ନ ରଖିବାକୁ କହିଲେ ସୁପ୍ରିମକୋର୍ଟ

ବର୍ତ୍ତମାନ ଯାଏ କରୋନା ସ୍ଥିତିରେ ସୁଧାର ଆସିନାହିଁ। ଘରୋଇ ବଜାରରେ ମେ ୨୫ରୁ ବିମାନ ସେବାକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ସ୍ଥିତିର ଜଟିଳତାକୁ ବିଚାରକରି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଜୁଲାଇ ୧୫ ଯାଏ ଅନ୍ତର୍ଜାତୀୟ ବିମାନ ସେବାକୁ ବାତିଲ କରିଥିବା ଜଣାପଡିଛି। ମାତ୍ର ସ୍ଥିତିକୁ ବିଚାରକରି କିଛି ନିର୍ଦ୍ଦିଷ୍ଟ କ୍ଷେତ୍ର ତଥା ରୁଟ୍‌ରେ ସେବା ଯୋଗାଣ ଲାଗି ଅନୁମତି ମିଳିପାରେ। ସୂଚନାଯୋଗ୍ୟ, କରୋନା ଯୋଗୁ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ବିମାନ ସେବା ଉପରେ ସରକାର କଟକଣା ଲଗାଇଛନ୍ତି। ବର୍ତ୍ତମାନ ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ଜୁଲାଇ ୧୫ ଯାଏ ବିଦେଶକୁ ବିମାନ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ଡିଜିସିଏର ଏକ ସର୍କୁଲାରେ କୁହାଯାଇଛି।

ବିଦେଶରୁ ଲୋକମାନଙ୍କୁ ଫେରାଇ ଆଣିବା ଲାଗି ସରକାର ହାତକୁ ନେଇଥିବା ବନ୍ଦେ ଭାରତ ମିଶନ କାର୍ଯ୍ୟକ୍ରମରେ ଏୟାର ଇଣ୍ଡିଆ ସମେତ ଅନ୍ୟ ଘରୋଇ କମ୍ପାନୀଗୁଡିକ ବିମାନ ସେବା ଯୋଗାଇ ଦେଉଛନ୍ତି। ଏହି ଯୋଜନାକୁ ମେ ୬ରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ। ୨ ମାସ ଦେଶ ମଧ୍ୟରେ ବିମାନ ସେବା ବାତିଲ ରହିବା ପରେ ମେ ୨୫ରୁ ପୁଣି ଥରେ ଏହାକୁ ଆରମ୍ଭ କରାଯାଇଥିବା ଜଣାପଡିଛି। ସେହିଭଳି ବିମାନର ମଝି ସିଟ୍ ଖାଲି ରଖିବାର କୌଣସି ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ଏ ଦିଗରେ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ବିମାନ କମ୍ପାନୀଗୁଡିକ ପର୍ଯ୍ୟାପ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶରେ କହିଛନ୍ତି। ଏହି ମାମଲା ଉପରେ ସୁପ୍ରିମକୋର୍ଟର ୨ ଜଣିଆ ଖଣ୍ଡପୀଠ ଜଷ୍ଟିସ ସଞ୍ଜୟ କିଷାନ କୌଲ ଏବଂ ଜଷ୍ଟିସ ଭୂଷଣ ଗଭାଇ ଶୁଣାଣି କରିଛନ୍ତି। ବିମାନର ମଝି ସିଟ୍ ବ୍ୟବହାର କରିବା ନେଇ ବମ୍ବେ ହାଇକୋର୍ଟ ନିଷ୍ପତ୍ତି ଶୁଣାଇଥିଲେ। ଏୟାର ଇଣ୍ଡିଆ ପାଇଲଟ ଦେବେନ କନାନି ସୁପ୍ରିମକୋର୍ଟରେ ଏହାର ଚ୍ୟାଲେଞ୍ଜ କରିଥିଲେ। ମଝି ସିଟ୍ ବିକ୍ରି କରିବା ଲାଗି ଡିଜିସିଏ ମେ ୩୧ରେ ର ନିଷ୍ପତ୍ତି ଗ୍ରହଣ କରିଥିଲା। ଏହା ବିରୋଧରେ କନାନି ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାୟର କରିଥିଲେ। ବିମାନ ପରିଚାଳନା ନେଇ ବିଶେଷଜ୍ଞ କମିଟିର ପ୍ରସ୍ତାବ ଉପରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଡିଜିସିଏ ଶୁକ୍ରବାର କହିଛି।

# ଦିଲ୍ଲୀରେ ପେଟ୍ରୋଲ ୮୦ ଟପିଲା

**ନୂଆଦିଲ୍ଲୀ,୨୬।୬:** ବର୍ତ୍ତମାନ ଦେଶ ମହାମାରୀ ଜନିତ ସମସ୍ୟାରେ ସାମ୍ନା କରୁଥିବା ବେଳେ ଏହି ସମୟରେ ଲଗାତର ତୈଳ ଦର ବୃଦ୍ଧି ଗ୍ରାହକଙ୍କ ମୁଣ୍ଡରେ ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ଗତ ୨୦ ଦିନ ହେବ ତେଲ ଦର ବଢି ଚାଲିଛି। ଶୁକ୍ରବାର ଡିଜେଲ ଲିଟର ପିଛା ୧୭ ପଇସା ଏବଂ ପେଟ୍ରୋଲ ୨୧ ପଇସା ବୃଦ୍ଧି ପାଇଛି। ଫଳରେ ସାଧାରଣ ଜନତା ଡିଜେଲ ଲିଟର ପିଛା ୧୦.୮୧ ଟଙ୍କା ଏବଂ ପେଟ୍ରୋଲ ୮.୮୭ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଶୁକ୍ରବାର ଦିଲ୍ଲୀରେ ପେଟ୍ରୋଲ ଦର ୭୯.୯୨ ଟଙ୍କାରୁ ବୃଦ୍ଧି ଘଟି ୮୦.୧୩ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ମଧ୍ୟ ୮୦.୦୨ ଟଙ୍କାରୁ ୮୦.୧୯ ଟଙ୍କାକୁ ବଢିଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ପ୍ରଥମ ଥର ପାଇଁ ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୮୦ ଟଙ୍କା ଟପିଯାଇଛି। ସେହିପରି ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮୦.୬୮ ଟଙ୍କା ଓ ଡିଜେଲ ୭୮.୩୫ ଟଙ୍କା ଛୁଇଁଛି। ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁସାରେ ଦେଶର ପ୍ରମୁଖ ୪ଟି ମେଟ୍ରୋ ସହରରେ ତେଲ ଦରରେ ପରିବର୍ତ୍ତନ ହୋଇଛି। ଏହି ସମୟରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୦.୧୩ ଟଙ୍କା ଓ ଡିଜେଲ ଲିଟର ପିଛା ୮୦.୧୯ ଟଙ୍କା ଥିବା ବେଳେ କୋଲକାତାରେ ପେଟ୍ରୋଲ ୮୧.୮୨ ଟଙ୍କା ଓ ଡିଜେଲ ୭୫.୩୪ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୬.୯୧ ଟଙ୍କା ଓ ଡିଜେଲ ୭୮.୫୧ ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୩୭ ଟଙ୍କା ଓ ଡିଜେଲ ୭୭.୪୪ଟଙ୍କା ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଉଚ୍ଚ ପରିମାଣର ଟିକସ ତେଲ ଦର ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ବୋଲି ବିପିସିଏଲ ପକ୍ଷରୁ ସୂଚନା ରହିଛି।

# ନାଲ୍‌କୋର ନିଟ୍ ଲାଭ ୧୩୮ କୋଟି

**ଭୁବନେଶ୍ୱର,୨୬।୬**

ନାଲକୋ NALCO
A Navratna CPSE

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ କମ୍ପାନୀ ନ୍ୟାସ୍‌ନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)୨୦୧୯-୨୦ ଆର୍ଥିକ ବର୍ଷର ଆର୍ଥିକ ଫଳାଫଳ ଘୋଷଣା କରିଛି। ଶୁକ୍ରବାର କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଏ ନେଇ ଘୋଷଣା କରାଯାଇଛି। କମ୍ପାନୀ ମୋଟ ୧୩୮.୨୩ କୋଟି ଟଙ୍କାର ନିଟ୍ ଲାଭ କରିଥିବା ଜଣାପଡିଛି। ଆର୍ଥିକ ବର୍ଷ ମଧ୍ୟରେ ଏହା ମୋଟ ୮୪୨୬ କୋଟି ଟଙ୍କାର ବ୍ୟବସାୟ କରିବାକୁ ସକ୍ଷମ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଧାତୁର ମୂଲ୍ୟ ହ୍ରାସ ହେବା ଯୋଗୁ ଏହାର ବ୍ୟବସାୟରେ ପ୍ରାୟ ୨୯ ଶହ କୋଟି ଟଙ୍କାର ହ୍ରାସ ଘଟିଛି। ଏହି ସମୟ ମଧ୍ୟରେ ନାଲ୍‌କୋ ୩,୫୧୧ କୋଟି ଟଙ୍କାର ରପ୍ତାନି କରିଛି। ମାନ୍ଦାବସ୍ଥା ଏବଂ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରେ ମୂଲ୍ୟ ହ୍ରାସ ସତ୍ତ୍ୱେ ସଫଳତା ଧାରା ବଜାଇ ରଖିପାରିଥିବା ନାଲ୍‌କୋ ପକ୍ଷରୁ କୁହାଯାଇଛି। କମ୍ପାନୀ ତା'ର ଉତ୍ପାଦନ, ଉତ୍ପାଦକତା ଏବଂ ବିକ୍ରି କ୍ଷେତ୍ରରେ ଉନ୍ନତ ସ୍ଥିତି ବଜାୟ ରଖିଛି। କମ୍ପାନୀ ସ୍ଥାପନା ହେବା ପରଠାରୁ କ୍ରମାଗତ ଅଭିବୃଦ୍ଧି, ପ୍ରତି ବର୍ଷ ଲାଭ ସହ ସଫଳତା ହାସଲ କରିଆସୁଥିବା ନାଲ୍‌କୋ ପକ୍ଷରୁ ସୂଚନା ରହିଛି। ଗତ ଆର୍ଥିକ ବର୍ଷରେ ଏହା ୭୩.୦୨ ଲକ୍ଷ ଟନ୍ ବକ୍ସାଇଟ ଏବଂ ଆଲୁମିନା ରିଫାଇନେରିରେ ୨୧.୬୧ଟନ୍ ଆଲୁମିନା ହାଇଡ୍ରେଟ ଉତ୍ପାଦନ ସହ ସର୍ବକାଳୀନ ରେକର୍ଡ କରିଛି। ଏହି ସମୟରେ ଉଭୟ ଖଣି ଓ ରିଫାଇନେରିରେ ଶତ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷମତା ଉପଯୋଗ ହୋଇଛି। କମ୍ପାନୀ ୪.୧୮ ଟନ ଆଲୁମିନିୟମ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଏହି ସଫଳତା ପାଇଁ କର୍ମଚାରୀମାନଙ୍କ ଦଳଗତ ପ୍ରଚେଷ୍ଟା ଏବଂ କର୍ତ୍ତବ୍ୟ ପରାୟଣତାକୁ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଶ୍ରେୟ ପ୍ରଦାନ କରିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ଲାଗି ଏସ୍‌ବିଆଇର ସ୍ୱତନ୍ତ୍ର ପଦକ୍ଷେପ



**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

**କ୍ଷୁଦ୍ର ଶିଳ୍ପକୁ ୬୪୫ କୋଟି ଟଙ୍କାର ଋଣ ଯୋଗାଣ**

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡିକ ଲାଗି କେନ୍ଦ୍ର ସରକାର ଋଣ ଗ୍ୟାରେଣ୍ଟି ଯୋଜନା ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନିଜର ଯୋଗଦାନ ଜାରି ରଖିଛି। ଏମ୍‌ଏସ୍‌ଏମ୍‌ଇଗୁଡିକୁ ସହାୟତା ଯୋଜନା ଅନ୍ତର୍ଗତ ମୋଟ ୬୪୫ କୋଟି ଟଙ୍କାର ଋଣ ଅଦ୍ୟାବଧି ଯୋଗାଇ ଦିଆଯାଇଥିବା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ ଶୁକ୍ରବାର ସୂଚନା ଦେଇଛନ୍ତି।

ବ୍ୟାଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଲାଗି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଦେ କହିଛନ୍ତି ଯେ, ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇଗୁଡିକର ବିକାଶକୁ ବ୍ୟାଙ୍କ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଏହି ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ନୂଆ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ଫୋକସ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କ୍ଷୁଦ୍ରଶିଳ୍ପ ଲାଗି ଅଧିକ ସୁବିଧା ଯୋଗାଣକୁ ଉତ୍ସାହିତ କରାଯାଉଛି। ଏଥି ଲାଗି ଜୋନ ସ୍ତରରେ ୪ ଅତିରିକ୍ତ ଏଜିଏମ୍ ସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି। ତୃଣମୂଳ ସ୍ତରରୁ ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରୋତ୍ସାହିତ କରିବା ଲାଗି ଏହି ଅଧିକାରୀମାନେ କାର୍ଯ୍ୟ କରିବେ। କ୍ଷୁଦ୍ରଶିଳ୍ପକୁ ପୁଞ୍ଜି ଯୋଗାଣ, ଆସେଟ୍ କ୍ୱାଲିଟି ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଧିକାରୀ ତଦାରଖ କରିବେ ବୋଲି ଦେ ମତବ୍ୟକ୍ତ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ଏମ୍‌ଏସ୍‌ଏମ୍‌ଇ ଯୋଜନାରେ ଋଣ ସୁବିଧାର ଲାଭ ଉଠାଇବା ଲାଗି ଗ୍ରାହକଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ପର୍କ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪୮,୧୬୮ ହିତାଧିକାରୀଙ୍କୁ ଚିଠି ଲେଖାଯାଇଛି। ଭଲ ଟ୍ରାକ୍ ରେକର୍ଡ ରହିଥିବା ଗ୍ରାହକଙ୍କୁ ପ୍ରାଥମିକତା ଦିଆଯାଉଛି। ଏହାଦ୍ୱାରା ପ୍ରାଥମିକ ପର୍ଯ୍ୟାୟରେ ୨୦,୧୮୨ ହିତାଧିକାରୀ ଲାଭବାନ ହୋଇଛନ୍ତି। ପୁଞ୍ଜି ଆବଶ୍ୟକ କରୁଥିବା ଲୋକେ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ ଯୋଜନାର ଲାଭ ଉଠାଇପାରିବେ। ସେହିଭଳି ଇ-ମୁଦ୍ରା ଯୋଜନାରେ ବ୍ୟାଙ୍କର ପରଫରମାନ୍ସ ଉନ୍ନତ ରହିଛି। ଏଥିରେ ୧୪,୬୦୩ ହିତାଧିକାରୀଙ୍କୁ ପ୍ରାୟ ୭୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ୨୭ ଜୁନରେ ଏମ୍‌ଏସ୍‌ଏମ୍‌ଇ ଦିବସ ପଡୁଥିବାରୁ ବ୍ୟାଙ୍କ ପକ୍ଷରୁ ରାଜ୍ୟରେ ୬ ଇ-ଟାଉନ ହଲ୍ ବୈଠକ ଆୟୋଜନ କରାଯାଇଛି। ଭୁବନେଶ୍ୱରରେ ୨, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ସ୍ଥାନରେ ଏହା ଅନୁଷ୍ଠିତ ହୋଇଯାଇଛି। ଋଣ ଯୋଜନା ସହ ଅନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇବା ଲାଗି ୨୧ଟି ୱେବିନାର ଶୁକ୍ରବାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୪୦୦ ଲୋକ ଭାଗନେଇଛନ୍ତି। ହିତାଧିକାରୀ ଏମ୍‌ଏସ୍‌ଏମ୍‌ଇ ଋଣର ଲାଭ ଉଠାଇ ନିଜ କାରବାରକୁ ବଢାଇବାକୁ ଦେ ଆହ୍ୱାନ ଜଣାଇଛନ୍ତି।

## ରାଜ୍ୟ

### ୨ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

**ଫିରିଙ୍ଗିଆ,୨୬।୬:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପୋଲିସ ପାହିରାଜୁ ପଞ୍ଚାୟତ ଡ୍ରେସରୁ ଗ୍ରାମରେ ଚଢାଉ କରି ୨ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଡ୍ରେସରୁର ବି. କେ. କହଁର(୨୫) ଓ ବଡଗା ଦିଗାଲ(୪୫)। ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ ଶୁକ୍ରବାର ଟାଉନ୍‌ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗୁରୁବାର ଗୋଚ୍ଛାପଡା ଥାନା ଡ୍ରେସରୁଠାରେ ଗଞ୍ଜେଇ ଚାଲାଣ ପାଇଁ ଠୁଳ ହୋଇଥିବା ସୂଚନା ମିଳିଥିଲା। ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ସେଠାରୁ ୪୧ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଓଜନ ପରେ ୨ଟନ୍ ୨୦ କେଜି ଥିବା ଜଣାପଡିଥିଲା। ଏହା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଲାଣ ପାଇଁ ରହିଥିବା ଗିରଫ ଅଭିଯୁକ୍ତମାନେ କହିଛନ୍ତି। ନଂ.୩୫/୨୦ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ପାଣ୍ଠିକୁ ଦାନ

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** ଓଡ଼ିଶା ମତ୍ସ୍ୟ ବିଭାଗ ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କୋଭିଡ୍-୧୯ର ମୁକାବିଲା ଲାଗି ୫୦ ହଜାର ଟଙ୍କା ଦାନ କରାଯାଇଛି। ବୈଷୟିକ କର୍ମଚାରୀ ସଂଘର ମୁଖ୍ୟ ସାଧାରଣ ସମ୍ପାଦକ ହରିଶଙ୍କର ମହାନ୍ତଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଶଶିକାନ୍ତ ନାୟକଙ୍କ ସମେତ ଅନ୍ୟମାନେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶ ସ୍ମିତିରଞ୍ଜନ ପ୍ରଧାନଙ୍କୁ ଭେଟି ତାଙ୍କ ଜରିଆରେ ଏହି ଚେକ୍ ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟ ଭିଜିଲାନ୍ସ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଦିନକର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଶୁକ୍ରବାର ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ରାଜ୍ୟ ଭିଜିଲାନ୍ସ ମହାନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସଂଗୃହୀତ ଦରମା ବାବଦକୁ ୧୩,୦୦,୧୩୭.୦୦ର ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ଭିଜିଲାନ୍ସ କର୍ମଚାରୀମାନେ ସ୍ୱେଚ୍ଛାକୃତଭାବେ ଏଥିରେ ସାମିଲ ହୋଇଥିବା ଦେବାଶିଷ କହିଛନ୍ତି।

# ରଦ୍ଦ ହେଲା ବିକ୍ରମ ସାହୁଙ୍କ ମଦ ଲାଇସେନ୍ସ

**ଅନୁଗୋଳ ଅଫିସ, ୨୬।୬**

ଲକ୍‌ଡାଉନ ବେଳେ ସିଲ୍ ହୋଇଥିବା ଅନୁଗୋଳ କରଡାଗାଡିଆସ୍ଥିତ ମଦ ଭାଟିରେ ଚୋରା କାରବାର ଅଭିଯୋଗରେ ଗତ ଏପ୍ରିଲ୍ ୨୩ ବିଳମ୍ବିତ ରାତିରେ ଗିରଫ ହୋଇଥିବା ସହରର ଜଣାଶୁଣା ମଦ ବ୍ୟବସାୟୀ ବିକ୍ରମ କେଶରୀ ସାହୁଙ୍କ ଲାଇସେନ୍ସ ରଦ୍ଦ ହୋଇଛି। ଚୋରା କାରବାର ଘଟଣାର ତଦନ୍ତ ରିପୋର୍ଟ ଆଧାରରେ ରାଜ୍ୟ ଅବକାରୀ କମିଶନରଙ୍କ ପକ୍ଷରୁ ସାହୁଙ୍କ ଲାଇସେନ୍ସକୁ ରଦ୍ଦ କରାଯିବା ସହ ଜିଲା ପ୍ରଶାସନକୁ ମଧ୍ୟ ଏ ନେଇ ଅବଗତ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସରକାରଙ୍କ ନିର୍ଦ୍ଦେଶନାମାକୁ ଅବମାନନା କରିଥିବା ବିକ୍ରମଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଗତ ମେ ୩୦ ତାରିଖରେ କଟକସ୍ଥିତ ଅବକାରୀ କମିଶନରଙ୍କଠାରୁ ଅନୁମତି (ଚିଠି ନଂ. ୨୭୪୯) ମଗାଯାଇଥିଲା। ଅବକାରୀ ନିୟମ ୨୦୦୮ର ୪୭(ସି), ୫୮ ଏବଂ ୬୬ ଓ କୋଭିଡ ନିୟମ ଉଲ୍ଲଂଘନ ଯୋଗୁ ଲାଇସେନ୍ସ ରଦ୍ଦ କରିହେବ ବୋଲି କମିଶନରଙ୍କ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାପରେ ଜୁନ୍ ୧୦ ତାରିଖରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଜେଲରେ ଥିବା ବିକ୍ରମଙ୍କୁ ନୋଟିସ ପଠାଯାଇଥିଲା। ଉତ୍ତର ଦେବାକୁ ୧୪ ଦିନ ସମୟ ମଧ୍ୟ ଦିଆଯାଇଥିଲା। କିନ୍ତୁ ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ବିକ୍ରମଙ୍କ ଲାଇସେନ୍ସକୁ ରଦ୍ଦ କରାଯାଇଥିବା ସୂଚନା ମିଳିଛି। ଏ ନେଇ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ବିକ୍ରମଙ୍କ ନାମରେ ଥିବା ୫ଟି ଦେଶୀ ଭାଟି ଓ ଗୋଟିଏ ଠିପି ଖୋଲା ମଦ ଦୋକାନର ଲାଇସେନ୍ସ ରଦ୍ଦ ହୋଇଛି। ଅନୁଗୋଳ ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ କହିଛନ୍ତି, ଠିପି ଖୋଲା ବିଦେଶୀ ମଦ ଦୋକାନ ସହ କରାଡ଼ାଗାଡ଼ିଆ ଭାଟି, ବଅଁରପାଳ, ଆଠମଲ୍ଲିକର ବଜ୍ରକୋଟ, ବଇଣ୍ଡା ଓ ଘୋଷରରେ ଥିବା ଦେଶୀ ମଦ ଭାଟିର ଲାଇସେନ୍ସ ରଦ୍ଦ କରାଯାଇଛି।

**ନିଲମ୍ବିତ ହେଲେ ସଦର ରେଞ୍ଜ ଅଧିକାରୀ**

**ଅନୁଗୋଳ ଅଫିସ, ୨୬।୬:** ସିଲ୍ ହୋଇଥିବା କରଡ଼ାଗାଡ଼ିଆ ଦେଶୀ ମଦ ଭାଟିରେ ଚୋରା କାରବାର ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ତତ୍କାଳୀନ ଅନୁଗୋଳ ସଦର ଅବକାରୀ ବିଭାଗର ଅଧିକାରୀ ଅରବିନ୍ଦ ରାଉତରାୟଙ୍କୁ ଅବକାରୀ କମିଶନ୍‌ର ସସ୍‌ପେଣ୍ଡ କରିଛନ୍ତି। ଏଥିସହ ସୁନ୍ଦରଗଡ଼ ଅବକାରୀ ମୁଖ୍ୟ କାର୍ଯ୍ୟାଳୟରେ ହାଜିରା ଦେବାକୁ ତାଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ମିଳିଛି।

## ୫ବର୍ଷର ଝିଅକୁ ହତ୍ୟାକଲେ ବାପା

**କେନ୍ଦୁଝର,୨୬।୬(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଟାଉନ ଥାନା ରାଙ୍କି ମୁଣ୍ଡାସାହିରେ ଘରୋଇ କଳିକୁ କେନ୍ଦ୍ରକରି ୫ବର୍ଷର ଝିଅକୁ ହତ୍ୟା କରି ବାପା ଗିରଫ ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଶିଶୁ କନ୍ୟା ପୂଜାଙ୍କ ମାମୁ ରଞ୍ଜିତ ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୧୩୮/୨୦୨୦) ରୁଜୁ କରି ଅଭିଯୁକ୍ତ ବାପା ସୋନୁ ମୁଣ୍ଡାଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ରାଙ୍କି ମୁଣ୍ଡାସାହିରେ ରହୁଥିବା ସୋନୁ ମୁଣ୍ଡା ଏବଂ ତାଙ୍କ ସ୍ତ୍ରୀ ଗୁରୁବାରୀଙ୍କ ମଧ୍ୟରେ କିଛିଦିନ ପୂର୍ବରୁ ଝଗଡ଼ା ହୋଇଥିଲା। ଫଳରେ ଗୁରୁବାରୀ ତାଙ୍କର ୩ ପିଲାଙ୍କୁ ଧରି ନିକଟସ୍ଥ ବାପ ଘରକୁ ଚାଲି ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ମଝିଆ ଝିଅ ପୂଜା ତାଙ୍କ ବାପାଙ୍କ ପାଖକୁ ଚାଲି ଆସିଥିଲା। ତେବେ ରାତିରେ ପୂଜା ମାଆଙ୍କ ପାଖକୁ ଯିବା ପାଇଁ ଜିଦ୍ ଧରିବା ସହ କାନ୍ଦିଥିଲା। ସୋନୁ ଏଥିରେ ଉତ୍କ୍ଷିପ୍ତ ହୋଇ ମାଡ଼ ମାରିବାରୁ ପୂଜାଙ୍କ ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳେ ମୃତଦେହ ଘର ବାରଣ୍ଡାରେ ପଡ଼ିଥିବା ଦେଖି ଗୁରୁବାରୀ ପୋଲିସକୁ ଖବର ଦେଇଥିଲେ। ଏସ୍‌ଡିପିଓ ପି.ଜେ.ଟପ୍ପୋ, ଟାଉନ ଥାନା ଦାୟିତ୍ୱରେ ଥିବା ଅଧିକାରୀ ଅମିତ କୁମାର ଭୂୟାଁ ସଦଳବଳେ ପହଞ୍ଚି ମୃତଦେହ ଜବତ କରିବା ସହ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ପୂଜାଙ୍କ ପାଟିରୁ ରକ୍ତ ବାହାରୁଥିବାରୁ ଅଭିଯୁକ୍ତ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ପୋଲିସ୍ ସୂଚନା ଦେଇଛି।

# ଜେଲରେ ମହିଳା କଏଦୀଙ୍କ ଆତ୍ମହତ୍ୟା

**ବଡ଼ବିଲ, ୨୬।୬(ସ୍ୱ.ପ୍ର.)**

- ଡାହାଣୀ ସନ୍ଦେହରେ ସମ୍ପର୍କୀୟ ଶାଶୁଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ
- ପୂର୍ବରୁ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ

କେନ୍ଦୁଝର ଜିଲା ବଡ଼ବିଲ ଉପକାରାଗାରରେ ଶୁକ୍ରବାର ଜଣେ ବିଚାରାଧୀନ ମହିଳା କଏଦୀ ଆତ୍ମହତ୍ୟା କରିଛନ୍ତି। ଉପକାରାଗାରର ମହିଳା ୱାର୍ଡ ପଛପଟେ ଥିବା ଏକ ଶିଶୁ ଗଛରେ ପିନ୍ଧା ଶାଢ଼ି ସାହାଯ୍ୟରେ ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ଯୋଡ଼ା ଥାନା ଲହଣ୍ଡା ମୁଣ୍ଡା ସାହି ଅଞ୍ଚଳର ସବିତା ମୁଣ୍ଡା(୨୫)। ଗତ ୧ତାରିଖରେ ମଧ୍ୟ ସେ ଜେଲରେ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବଡ଼ବିଲ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଜେଲ୍‌କୁ ଫେରିଥିବା ବେଳେ ଶୁକ୍ରବାର ଜେଲ୍ ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବଡ଼ବିଲ ସିଭିଲ୍ ଜଜ ତଥା ଜେଏମ୍‌ଏଫସି ପତିତପାବନ ପଣ୍ଡା, ତହସିଲଦାର ତଥା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କ୍ଷୀରୋଦ କୁମାର ବେହେରା, ଏସ୍‌ଡ଼ିପିଓ ସତ୍ୟ ବିକାଶ ଭୂୟାଁ, ଆଇଆଇସି ସୁଶାନ୍ତ ଦାଶ ପ୍ରମୁଖ ଜେଲ୍‌ରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନେଇ ବଡ଼ବିଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଏ ସମ୍ପର୍କରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ବେଉରାଙ୍କୁ ପଚାରିବାରୁ ପୂର୍ବରୁ ଏହି ମହିଳା କଏଦୀ ଜଣକ ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶୁକ୍ରବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡାହାଣୀ ସନ୍ଦେହରେ ସବିତା ତାଙ୍କ ସମ୍ପର୍କୀୟ ଶାଶୁ ବୁଦୁନୀ ମୁଣ୍ଡାଙ୍କୁ ଏକ ଦାଇଲି ସାହାଯ୍ୟରେ ହତ୍ୟା କରି ବଡ଼ବିଲ ଥାନା ଅଧୀନ ବଳିତା ଗାଁ ପାଖ ଜଙ୍ଗଲରେ ପୋଡ଼ି ଦେଇଥିଲେ। ବଡ଼ବିଲ ପୋଲିସ ଜଙ୍ଗଲରୁ ବୁଦୁନୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରି ସବିତାଙ୍କୁ ଗତ ମେ' ୧୩ରେ ଗିରଫ କରିଥିଲା। ଥାନାରେ ଏକ ହତ୍ୟା ମାମଲା (ନଂ. ୭୫/୨୦୨୦) ରୁଜୁ କରି ପୋଲିସ ସବିତାଙ୍କୁ କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ସେ ବଡ଼ବିଲ୍ ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହି ଆସୁଥିଲେ।

# ଲକ୍‌ଡାଉନ୍: ବଞ୍ଚିଯାଇଛି ୯ ହଜାର ଜୀବନ

**ନୂଆଦିଲ୍ଲୀ,୨୬।୬**

- କମିଛି ୬୨% ସଡ଼କ ମୃତ୍ୟୁ
- ଦୁର୍ଘଟଣା, ଆହତ ସଂଖ୍ୟା ମଧ୍ୟ ହ୍ରାସ ପାଇଛି

ଦେଶର ଅର୍ଥନୀତି ଉପରେ ଲକ୍‌ଡାଉନ ଶକ୍ତ ପ୍ରହାର ଦେଇଛି। ରୋଜଗାର ହରାଇବା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। କିନ୍ତୁ ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଲକ୍‌ଡାଉନ୍‌ର ସକାରାତ୍ମକ ପ୍ରଭାବ ପଡ଼ିଛି। ଗତ ମାର୍ଚ୍ଚ ୨୪ରୁ ମେ ୩୧ ଲକ୍‌ଡାଉନ ଅବଧି ମଧ୍ୟରେ ସଡ଼କ ମୃତ୍ୟୁ ୬୨% ହ୍ରାସ ପାଇଛି। ୨୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ସୁପ୍ରିମ୍‌କୋର୍ଟ ସଡ଼କ ସୁରକ୍ଷା କମିଟିକୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୯କୁ ତୁଳନା କଲେ ଉକ୍ତ ଅବଧି ମଧ୍ୟରେ ୮,୯୭୬ କମ୍ ମୃତ୍ୟୁ ଘଟିଥିବା ଉକ୍ତ ରାଜ୍ୟଗୁଡ଼ିକ ରିପୋର୍ଟ କରିଛନ୍ତି। ସେହିପରି ୨୫ହଜାରରୁ ଊର୍ଦ୍ଧ୍ୱ ଦୁର୍ଘଟଣା ହ୍ରାସ ପାଇଥିବାବେଳେ ପ୍ରାୟ ୨୬ହଜାର କମ୍ ଲୋକ ଆହତ ହୋଇଥିବା ନେଇ କମିଟିକୁ ତଥ୍ୟ ଦିଆଯାଇଛି।

ରାଜ୍ୟଗୁଡ଼ିକର ସଡ଼କ ମୃତ୍ୟୁସଂଖ୍ୟା ଦେଖିଲେ, ସର୍ବାଧିକ ଭାବେ ମହାରାଷ୍ଟ୍ରରେ ୧୬୩୨ଟି ହ୍ରାସ ଘଟିଛି, ଯାହାକି ଗତବର୍ଷ ତୁଳନାରେ ୬୧.୧% କମ୍। ୨୦୧୯ ମାର୍ଚ୍ଚ ୨୪ରୁ ମେ ୩୧ ମଧ୍ୟରେ ମହାରାଷ୍ଟ୍ରରେ ସଡ଼କ ଦୁର୍ଘଟଣାରେ ୨୬୫୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତବର୍ଷ ସମାନ ସମୟରେ ୧୦୩୨ଜଣଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ର ପଛକୁ ଚଳିତବର୍ଷ ରାଜସ୍ଥାନରେ ୧୧୭୧(ଗତବର୍ଷଠାରୁ ୬୮.୪% କମ୍), ଗୁଜରାଟରେ ୯୦୦(ଗତବର୍ଷଠାରୁ ୬୪.୧% କମ୍), ବିହାରରେ ୮୯୮(ଗତବର୍ଷଠାରୁ ୫୮.୫% କମ୍), ତେଲଙ୍ଗାନାରେ ୬୦୪(ଗତବର୍ଷଠାରୁ ୪୮.୧% କମ୍)ଟି କମ୍ ମୃତ୍ୟୁ ଘଟିଛି। ରାଜ୍ୟଗୁଡ଼ିକର ସଡ଼କ ମୃତ୍ୟୁହାରକୁ ତୁଳନା କଲେ ଉତ୍ତରାଖଣ୍ଡରେ ସର୍ବାଧିକ ହ୍ରାସ ୯୦% ଏବଂ ଏହାପରେ କେରଳରେ ୮୮.୭% ହ୍ରାସ ଘଟିଛି। ୪ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶ ଉପରୋକ୍ତ ସମୟର ତଥ୍ୟ ଦାଖଲ କରିନାହାନ୍ତି। ତଥ୍ୟକୁ ବିଶ୍ଳେଷଣ ପରେ ଜଣାପଡ଼ିଛି ଯେ, ଗତବର୍ଷ ମାର୍ଚ୍ଚ ୨୪ରୁ ମେ ୩୧ ମଧ୍ୟରେ ପ୍ରତି ୧୦୦ ଦୁର୍ଘଟଣାରେ ୩୯ଜଣଙ୍କ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ସମାନ ସମୟରେ ପ୍ରତି ୧୦୦ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୪୬କୁ ବୃଦ୍ଧି ପାଇଛି।

|  | ମାର୍ଚ୍ଚ୨୪ରୁ ମେ ୩୧ ୨୦୧୯ | ମାର୍ଚ୍ଚ୨୪ରୁ ମେ ୩୧ ୨୦୨୦ | ହ୍ରାସ % |
|---|---|---|---|
| ସଡ଼କ ଦୁର୍ଘଟଣା | ୩୭,୦୧୮ | ୧୧,୬୪୫ | ୬୮ |
| ମୃତ୍ୟୁ ସଂଖ୍ୟା | ୧୪,୩୮୫ | ୫,୪୦୯ | ୬୨.୪ |
| ଆହତ ସଂଖ୍ୟା | ୩୬,୪୫୩ | ୯,୬୬୭ | ୭୨.୭ |



* ସୁପ୍ରିମ୍‌କୋର୍ଟ ସଡ଼କ ସୁରକ୍ଷା କମିଟିର ତଥ୍ୟ

ଗତବର୍ଷ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ତଥ୍ୟକୁ ତୁଳନା କଲେ ଚଳିତବର୍ଷ ପ୍ରଥମ ତିନିମାସରେ ଭାରତରେ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ହ୍ରାସ ପାଇଛି। ବିଶେଷକରି ମୃତ୍ୟୁସଂଖ୍ୟା ୮% ହ୍ରାସ ଅର୍ଥାତ୍ ୩,୦୮୯ଜଣଙ୍କ କମ୍ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗ, ଗୋଆ, ତ୍ରିପୁରା, ପୁଡୁଚେରୀ ଏବଂ ଲଦାଖ ସମେତ ଅନ୍ୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସଡ଼କ ମୃତ୍ୟୁ ହ୍ରାସ ପାଇଛି। ବିଶେଷକରି ଉତ୍ତରପ୍ରଦେଶରେ ସର୍ବାଧିକ ୫୨୧ଟି ସଡ଼କ ମୃତ୍ୟୁ କମିଛି। ଏହାପଛକୁ ମହାରାଷ୍ଟ୍ର (୨୯୭), ଓଡ଼ିଶା (୨୩୪), ତାମିଲନାଡୁ (୨୨୭) ଏବଂ କେରଳରେ ଗତବର୍ଷ ତୁଳନାରେ ୨୧୫ କମ୍ ମୃତ୍ୟୁ ଘଟିଥିବା ପଞ୍ଜୀକୃତ ହୋଇଛି। ଏହି ସମୟରେ ଦିଲ୍ଲୀରେ ୨୮୫ଜଣଙ୍କ ସଡ଼କ ମୃତ୍ୟୁ ଘଟିଛି, ଯାହାକି ଗତବର୍ଷ ତୁଳନାରେ ୧୫୭ କମ୍। ସଡ଼କ ସୁରକ୍ଷା କର୍ମୀମାନେ କହିଛନ୍ତି ଯେ, ସଡ଼କ ମୃତ୍ୟୁ ରୋକାଯାଇପାରିବ ଏବଂ ଏହା ଈଶ୍ୱରଙ୍କ ଇଚ୍ଛା ନୁହେଁ। ଏହି ବାର୍ତ୍ତାକୁ ପ୍ରସାର କରିବା ପାଇଁ ଉପରୋକ୍ତ ତଥ୍ୟକୁ ଗୁରୁତ୍ୱ ଦିଆଯାଇଛି। ଇଣ୍ଟରନ୍ୟାଶନାଲ ରୋଡ୍ ଫେଡେରେଶନର ପୂର୍ବତନ ସଭାପତି କେ.କେ. କପିଳ କହିଛନ୍ତି, 'ଭାଗ୍ୟ ସହିତ ସଡ଼କ ଦୁର୍ଘଟଣାର କୌଣସି ସମ୍ପର୍କ ନାହିଁ ବୋଲି ସଡ଼କ ବ୍ୟବହାରକାରୀ, ନୀତି ନିର୍ମାତା ଏବଂ ଭିତ୍ତିଭୂମି ପ୍ରଦାନକାରୀ ନିଶ୍ଚିତ ଭାବେ ସ୍ୱୀକାର କରିବେ। ଉପରୋକ୍ତ ତଥ୍ୟରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ଶକ୍ତିଶାଳୀ ମୋଟର ଯାନ ନିୟମ ଏବଂ ଉନ୍ନତ କାର୍ଯ୍ୟକାରିତା ପ୍ରଥମ ତ୍ରିମାସିକରେ କିଛି ସକାରାତ୍ମକ ଫଳାଫଳ ଆଣିଛି।



ଅଭିନେତ୍ରୀ ଜେନେଲିୟା ଦେଶମୁଖ ସ୍ୱାମୀ ରିତେଶ୍‌ଙ୍କ ସହ ମହାରାଷ୍ଟ୍ରର ଲାଟୁରସ୍ଥିତ ତାଙ୍କ ଗାଁରେ ସମୟ ଅତିବାହିତ କରୁଛନ୍ତି। ନିକଟରେ ସେ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କ ୨ ପୁଅ ରିଆନ ଓ ସାହିଲଙ୍କ ସହ ନଜର୍ ଆସିଛନ୍ତି। ସେ ଏହି ଭିଡିଓ ଶେୟାର କରି ଲେଖିଛନ୍ତି ଯେ, ସେ ତାଙ୍କ ୨ ପୁଅକୁ ପ୍ରକୃତି ସହ ରହିବା ଶିଖାଉଛନ୍ତି। ଏକ ଗଛ ତଳେ ୨ ଭାଇଙ୍କୁ ପାଠ ପଢ଼ାଉଛନ୍ତି।



# ଭୂତଳ ଜଳ ସଞ୍ଚାଳନରୁ ଭୂକମ୍ପ

**ସାଧାରଣତଃ ଭୂକମ୍ପର ମୁଖ୍ୟ କାରଣ ଭୂଚଳନ ବୋଲି ଧରି ନିଆଯାଇଛି। ହେଲେ ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ସମୁଦ୍ରରୁ ଭୂଗର୍ଭକୁ ସଞ୍ଚାଳିତ ହେଉଥିବା ପାଣି ଭୂକମ୍ପ ଏବଂ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ ମାତ୍ରାରେ ଦାୟୀ।**



**ନୂଆଦିଲ୍ଲୀ:** ଭୂକମ୍ପ ଏବଂ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର କାରଣ ସମ୍ପର୍କରେ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଥିଲେ ମଧ୍ୟ ଗବେଷଣାଲବ୍ଧ ତଥ୍ୟ ପର୍ଯ୍ୟାପ୍ତ ନୁହେଁ। ତେବେ ନିକଟରେ ଅନ୍ତର୍ଜାତୀୟସ୍ତରରେ କରାଯାଇଥିବା ଏକ ଅଧ୍ୟୟନରୁ ଭୂଗର୍ଭରେ ଥିବା ପାଣିର ଗତିବିଧି ସୁନାମି ଏବଂ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର କାରଣ ବୋଲି ଜଣାପଡ଼ିଛି। ଟେକ୍ଟୋନିକ୍ ପ୍ଲେଟ୍ ଉପରେ ଚାଲିଥିବା ଗବେଷଣାରୁ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିଛି ବୋଲି 'ନେଚର ଜର୍ନଲ'ରେ କୁହାଯାଇଛି।

ଭୂପୃଷ୍ଠରେ ଜଳଚକ୍ର ଭଳି ପୃଥିବୀ ଆଭ୍ୟନ୍ତରରେ କାର୍ବନ ଡାଇଅକ୍ସାଇଡ୍ ଏବଂ ସଲ୍‌ଫର ଚକ୍ର ଅନବରତ ଚାଲିଛି। ସବୁଜ ଗ୍ରହର ବିକାଶରେ ଏହି ପଦାର୍ଥର ଅନେକ ଯୋଗଦାନ ରହିଛି। ମହାଦ୍ୱୀପ ନିର୍ମାଣ, ଜୀବନ ଆରମ୍ଭ, ଖଣିଜ ସୃଷ୍ଟି, ଆଗ୍ନେୟଗିରି ବିସ୍ଫୋରଣ, ଭୂମିକମ୍ପ ସହ ଏଭଳି ମୌଳିକ ପଦାର୍ଥ ପ୍ରତ୍ୟକ୍ଷ ଭାବେ ଜଡ଼ିତ।

ସବଡକ୍ସନ କ୍ଷେତ୍ର (ଯେଉଁଠି ଟେକ୍ଟୋନିକ୍ ପ୍ଲେଟ୍ ପରସ୍ପର ସହ ମିଶିଛି) ଦେଇ ଅଧିକ ମାତ୍ରାରେ ପାଣି ଭୂଗର୍ଭ ଭିତରକୁ ପ୍ରବେଶ କରିଥାଏ। ଆଗ୍ନେୟ ଉଦ୍‌ଗିରଣ ସମୟରେ ଏହି ଜଳ ବାମ୍ପ ଆକାରରେ ପୁଣି ଥରେ ବାୟୁମଣ୍ଡଳକୁ ଫେରିଥାଏ। ବେଳେବେଳେ ଦୁଇ ପ୍ଲେଟ୍ ପିଟି ହୋଇ ପରସ୍ପର ମଧ୍ୟରେ ଚଢ଼ିଯାଇଥାନ୍ତି। ବିଶେଷକରି ଆଗ୍ନେୟଗିରି ଉଦ୍‌ଗିରଣ ସମୟରେ ଏହି ପ୍ରକ୍ରିୟା ବେଶ୍ ଦ୍ରୁତ ହୋଇଥାଏ। ତେବେ ଏହି ପ୍ରକ୍ରିୟାରେ କେତେମାତ୍ରାରେ ପାଣି ପ୍ରବେଶ କରେ ସେ ସମ୍ପର୍କରେ ଠିକ୍ ସୂଚନା ମିଳିପାରିନାହିଁ।

ବ୍ରିଷ୍ଟଲ ୟୁନିଭର୍ସିଟି ଅଧୀନ ସ୍କୁଲ ଅଫ୍ ସାଇନ୍ସର ବିଶେଷଜ୍ଞ ତଥା ଏହି ଅଧ୍ୟୟନ ସହିତ ଜଡ଼ିତ ପ୍ରମୁଖ ଲେଖକ ଡ. ଜର୍ଜ କୁପର କହିଛନ୍ତି, ଡିଡକ୍ସନ ଜୋନ୍‌ରେ ସୃଷ୍ଟି ହୋଇଥିବା ଫାଟ ଦେଇ ବିପୁଳ ପରିମାଣର ସମୁଦ୍ର ପାଣି ଭୂତଳକୁ ଚାଲିଯାଏ। ଭୂଗର୍ଭର ଉଚ୍ଚ ତାପମାତ୍ରାରେ ଏହି ପାଣି ବାମ୍ପରେ ପରିଣତ ହୋଇଯାଏ। ଏହା ଉପରକୁ ଆସିବାକୁ ବାଟ ଖୋଜେ। ଟେକ୍ଟୋନିକ୍ ପ୍ଲେଟ୍‌ର ମିଳନ ବିନ୍ଦୁର ଫାଙ୍କା ରାସ୍ତା ଦେଇ ଏହା ଉପରକୁ ଉଠିବାକୁ ଚେଷ୍ଟାକରେ। ବିଶେଷକରି ଏହି ପ୍ଲେଟ୍ ସହିତ ସଂଯୁକ୍ତ ଆଗ୍ନେୟଗିରି ମୁହଁ ଦେଇ ଏହା ଭୂପୃଷ୍ଠକୁ ଉଠିଥାଏ। ଶକ୍ତିଶାଳୀ ବାମ୍ପର ଚାପ ଯୋଗୁ ପୃଥିବୀ ଭିତରେ ଥିବା ଲାଭା ବି ଆଗ୍ନେୟଗିରି ମୁହଁ ଦେଇ ବାହାରକୁ ଆସିଯାଏ। ଏହି ସମୟରେ ହେଉଥିବା ପ୍ରଚଣ୍ଡ ବିସ୍ଫୋରଣ ଭୂକମ୍ପ ଏବଂ ଏହାର ତୀବ୍ରତା ଅନୁଯାୟୀ ପ୍ରଳୟଙ୍କରୀ ସୁନାମି ସୃଷ୍ଟି କରେ ବୋଲି କୁପର ସୂଚନା ଦେଇଛନ୍ତି।

ଟେକ୍ଟୋନିକ୍ ପ୍ଲେଟ୍‌ର ବଦଳୁଥିବା ଗତିବିଧି ଉପରେ ଗବେଷଣା କରୁଥିବା ବିଶେଷଜ୍ଞ ଦଳ ଭୂଗର୍ଭରେ ଚାଲିଥିବା ପ୍ରତିକ୍ରିୟା, ଭୂକମ୍ପ ଝଟ୍‌କାର ତୀବ୍ରତା, ଚଟାଣର ରାସାୟନିକ ବିଶ୍ଳେଷଣ, ପରିସଂଖ୍ୟାନ ମଡେଲକୁ ନେଇ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଅଧ୍ୟୟନକାରୀମାନେ ଜାଣିବାକୁ ପାଇଛନ୍ତି ଯେ, ସମୁଦ୍ରର ଅତଳ ଗଭୀରରେ ଥିବା ସର୍ପେଣ୍ଟାଇନ୍ ନାମକ ଖଣିଜ ସମୁଦ୍ର ପାଣି ସହ ଭୂଗର୍ଭକୁ ଯାଉଛି। ଏହାର ସିଧାସଳଖ ସମ୍ପର୍କ ଆଗ୍ନେୟଗିରି ଉଦ୍‌ଗିରଣ ସହିତ ରହିଛି ବୋଲି ସେମାନେ ଜାଣିବାକୁ ପାଇଛନ୍ତି।

# ପରମ୍ପରା ଭାଙ୍ଗିଥିଲେ କରିସ୍ମା





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର ୪୬ ବର୍ଷରେ ପାଦ ଥାପିଛନ୍ତି। କପୁର ପରିବାରରେ ଝିଅଙ୍କୁ ଫିଲ୍ମରେ ଅଭିନୟ କରିବା ପାଇଁ ଅନୁମତି ନ ଥିଲା। ତେବେ ଏହି ପରମ୍ପରାକୁ କରିସ୍ମା କପୁର ଭାଙ୍ଗିଥିଲେ। ୧୯୯୧ରେ 'ପ୍ରେମ କୈଦୀ' ଫିଲ୍ମ ମାଧ୍ୟମରେ ସେ ମାତ୍ର ୧୭ବର୍ଷ ବୟସରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହାପରେ ତାଙ୍କର 'ଜିଗର', 'ଅନାଡ଼ି', 'କୁଲି ନମ୍ବର ୱାନ', 'ସାଜନ ଚଲେ ଶଶୁରାଲ' ଆଦି ଫିଲ୍ମ ବକ୍ସ ଅଫିସରେ ହିଟ୍ ରହିଥିଲା। ୧୯୯୬ରେ ତାଙ୍କର 'ରାଜା ହିନ୍ଦୁସ୍ତାନୀ' ଫିଲ୍ମ ସୁପରହିଟ ହୋଇଥିଲା। କରିସ୍ମା ନିଜ କ୍ୟାରିୟରରେ ସବୁ ପ୍ରକାରର ଫିଲ୍ମ କରିଥିଲେ। ତାଙ୍କ ବାପା ରଣଧୀର କପୁର ଏବଂ ବବିତା ମଧ୍ୟ ଫିଲ୍ମରେ ନାଁ କମାଇ ସାରିଛନ୍ତି। କରୀସ୍ମାଙ୍କ ପୂର୍ବରୁ ରାଜ୍ କପୁରଙ୍କ ପରିବାରର କୌଣସି ଝିଅ ଫିଲ୍ମକୁ ଆସି ନ ଥିଲେ କିନ୍ତୁ କରିସ୍ମା ସମସ୍ତ ପ୍ରକାର ବାଧା ବନ୍ଧନକୁ ଏଡ଼ାଇ ଫିଲ୍ମକୁ ଆସିଥିଲେ। ଆରମ୍ଭରୁ ତାଙ୍କୁ ସେଭଳି ଭଲ ରେସ୍‌ପନ୍ସ ମିଳି ନ ଥିଲା। ସେତେବେଳେ କରିସ୍ମା କହିଥିଲେ ଯେ, କୌଣସି ନୂଆ ଷ୍ଟାରଙ୍କ ପାଇଁ ମିଡିଆ ଏତେ କଠୋର ହୋଇ ନ ଥାଏ ଯେତେ କଠୋର ତାହା ରାଜ୍ କପୁରଙ୍କ ନାତୁଣୀଙ୍କ ପାଇଁ ହୋଇଥିଲା। ଏହା ପରେ କରିସ୍ମା ଫିଲ୍ମ 'ରାଜା ବାବୁ'ରେ କମାଲ୍ କରି ଦେଖାଇଥିଲେ। ତେବେ ରିଲ୍ ଲାଇଫ୍‌ରେ ସଫଳ ଥିବା କରିସ୍ମା ରିୟଲ ଲାଇଫ୍‌ରେ ଅସଫଳ ହୋଇଥିବା ଫ୍ୟାନ୍‌ମାନେ କହିଥାନ୍ତି। ୨୦୦୩ରେ ସେ ବିଜ୍‌ନେସ୍‌ମ୍ୟାନ ସଞ୍ଜୟ କପୁରଙ୍କୁ ବିବାହ କରିଥିଲେ ସତ କିନ୍ତୁ ତାଙ୍କ ବୈବାହିକ ଜୀବନ ୨୦୧୬ରେ ଶେଷ ହୋଇଯାଇଥିଲା। କରିସ୍ମା ସଞ୍ଜୟଙ୍କୁ ଛାଡ଼ପତ୍ର ଦେଇଥିଲେ।

# ଗୋଟିଏ ହାତରେ ତିଆରି କରୁଛନ୍ତି ମାସ୍କ

**ଭିନ୍ନକ୍ଷମ ଛାତ୍ରୀଙ୍କ ସଫଳ ପ୍ରୟାସ**

**ବେଙ୍ଗାଲୁରୁ:** କେତେଜଣ ଅଛନ୍ତି, ଯେଉଁମାନେ ନିଜ ଦୁର୍ବଳତାକୁ ଭୁଲି ଅନ୍ୟକୁ ସକ୍ଷମ କରିବା ପାଇଁ ଚେଷ୍ଟା ଚଳାଇଥାନ୍ତି। ଏମିତିଭାବେ ଭିନ୍ନ କାମ କରି ଲୋକଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି ମାତ୍ର ୧୦ ବର୍ଷର ଝିଅ ସିନ୍ଦୁରୀ।

କର୍ଣାଟକର ଉଡୁପି ଜିଲାର ଝିଅ ସିନ୍ଦୁରୀଙ୍କର ଜନ୍ମରୁ ବାମ ହାତ ନାହିଁ। କିନ୍ତୁ କୌଣସି କ୍ଷେତ୍ରରେ ବି ସେ ହାର୍ ମାନିନାହାନ୍ତି। ଗୋଟିଏ ହାତରେ ସେ ନିଜର ତ ସବୁ କାମ କରନ୍ତି ଏହା ବ୍ୟତୀତ ଅନ୍ୟମାନଙ୍କ ପାଇଁ ଏବେ ମାସ୍କ ତିଆରି କରି ମାଗଣାରେ ବାଣ୍ଟିବାରେ ଲାଗିଛନ୍ତି। ଜନ୍ମ ହେବା ବେଳରୁ ତାଙ୍କର ବାମ ହାତଟି ନ ଥିଲା। କିନ୍ତୁ ନିଜର ଏହି ଦୁର୍ବଳତାକୁ ନେଇ ସେ କେବେ ଅନୁଶୋଚନା କରିନାହାନ୍ତି। ବରଂ ନିଜ ଦୁର୍ବଳତାକୁ ଭୁଲି ସେ ନିଜର ସବୁ କାମ କରିଥାନ୍ତି ଏବଂ ଭଲ ପାଠ ବି ପଢ଼ନ୍ତି। ଏବେ କରୋନା ମହାମାରୀ ଯୋଗୁ ସ୍କୁଲ ବହୁଦିନ ଧରି ଛୁଟି ରହିଛି। ତେଣୁ ସେ ପାଠପଢ଼ା ବ୍ୟତୀତ ଏବେ ମାସ୍କ ତିଆରି କରି ଲୋକଙ୍କୁ ବାଣ୍ଟିବା ସହ ସଚେତନ କରୁଛନ୍ତି। ଗୋଟିଏ ହାତରେ ବି ସେ ଦିନକୁ ୧୫ରୁ ଅଧିକ ମାସ୍କ ତିଆରି କରି ବାଣ୍ଟୁଛନ୍ତି।

ସିନ୍ଦୁରୀ ଏବେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି ଓ କରୋନା ନେଇ ସମସ୍ତଙ୍କୁ ସଚେତନ କରୁଛନ୍ତି। ମାସ୍କ ପିନ୍ଧିବା ପାଇଁ ଲୋକଙ୍କୁ ପ୍ରେରଣା ଦେବାକୁ ସେ ବିଭିନ୍ନ ସ୍ଥାନ ବୁଲି ସଂକ୍ରମଣର ଭୟାବହତା ନେଇ କହିବାରେ ଲାଗିଛନ୍ତି।

ଏବେ ସେ ପ୍ରଥମେ ତାଙ୍କ ସ୍କୁଲର ପିଲାମାନଙ୍କୁ ମାସ୍କ ଦେଉଛନ୍ତି। ଏଭଳିଭାବେ ୧ଲକ୍ଷ ମାସ୍କ ତିଆରି କରି ବିଭିନ୍ନ ସ୍କୁଲର ପିଲାଙ୍କୁ ଦେବାପାଇଁ ସେ ଯୋଜନା କରିଥିବା କହିଛନ୍ତି। ତାଙ୍କର ଏଭଳି କାମ ପାଇଁ ଏବେ ତାଙ୍କ ପାଖକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି।



# ସୁଶାନ୍ତଙ୍କ ସ୍କେଚ୍ ତିଆରି କଲେ ଦିବ୍ୟାଙ୍ଗ ପ୍ରଶଂସକ



**ଅହମଦାବାଦ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ପ୍ରଶଂସକ ଏହାକୁ ସହଜରେ ଭୁଲି ପାରୁନାହାନ୍ତି। କାହିଁକି ବା ଭୁଲିବେ। ସୁଶାନ୍ତ ଏଭଳି ଏକ ଅଭିନେତା ଥିଲେ, ଯିଏ ସୋସିଆଲ ମିଡିଆରେ ନିଜ ପ୍ରଶଂସକଙ୍କୁ ଫଲୋ କରୁଥିଲେ। ତେଣୁ ପ୍ରଶଂସକମାନେ ମଧ୍ୟ ତାଙ୍କୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଇତିମଧ୍ୟରେ ଅହମଦାବାଦର ଜଣେ ଦିବ୍ୟାଙ୍ଗ କଳାକାର ଧଭଲ ଖତ୍ରୀ ସୁଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ତାଙ୍କର ଏକ ସ୍କେଚ୍ ତିଆରି କରିଥିବା ଦେଖିବାକୁ ମିଳିଛି। ଏହି ସ୍କେଚ କେବଳ ସୁଶାନ୍ତଙ୍କ ପାଇଁ ସେ ତିଆରି କରିଛନ୍ତି। ସୁଶାନ୍ତ ସର୍ବଦା ତାଙ୍କ ହୃଦୟରେ ରହିବେ ବୋଲି ଧଭଲ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ପୁରା ସ୍କେଚ ତିଆରି କରି ଏହାର ଭିଡିଓକୁ ଧବଲ ୟୁଟ୍ୟୁବ୍‌ରେ ଛାଡ଼ିବେ। ଜାଣିଛନ୍ତି କି, ଧବଲ ହେଉଛନ୍ତି ସେହି କଳାକାର ଯାହାଙ୍କୁ ଇନ୍‌ଷ୍ଟାଗ୍ରାମରେ ସୁଶାନ୍ତ ଫଲୋ କରୁଥିଲେ। ସୁଶାନ୍ତ ଆଜି ନାହାନ୍ତି ସତ ହେଲେ ତାଙ୍କ ଭଦ୍ର ଓ ନମ୍ର ଗୁଣ ଯୋଗୁ ସବୁଦିନ ପାଇଁ ସେ ପ୍ରଶଂସକ ହୃଦୟରେ ରହିଯାଇଛନ୍ତି। ସୂଚନା ମୁତାବକ ପୂର୍ବରୁ ଧଭଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସ୍କେଚ୍ ତିଆରି କରି ବେଶ୍ ପ୍ରଂଶସା ସାଉଟିଥିଲେ।

# ପେପର ଟ୍ରେନ୍ ତିଆରି କଲେ ବାଳକ



**ଥିରୁଭାନନ୍ତପୁରମ୍:** କଥାରେ ଅଛି ତୁଳସୀ ଦୁଇ ପତ୍ରରୁ ବାସେ। ଏହାର ଏକ ପ୍ରମାଣ ହେଉଛନ୍ତି ମାଷ୍ଟର ଆଡୱିଥ୍ କ୍ରିଷ୍ଣା। କେରଳର ତ୍ରିସୁର ଅଞ୍ଚଳର ୧୨ ବର୍ଷର ଏହି ବାଳକ ଜଣକ ଖବର କାଗଜରେ ଏକ ରେଳଗାଡ଼ିର ମଡେଲ୍ ତିଆରି କରି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିପାରିଛନ୍ତି। ଆଡୱିଥ୍‌ଙ୍କର ଏହି ଟ୍ରେନ୍ ମଡେଲ ଏବେ ସମସ୍ତଙ୍କୁ ପ୍ରଭାବିତ କରିପାରିଛି। ଏମିତି କି ରେଳ ମନ୍ତ୍ରାଳୟ ମଧ୍ୟ ଆଡୱିଥ୍‌ଙ୍କର ଏହି କାମ ପାଇଁ ତାଙ୍କୁ ପ୍ରଶଂସା କରି ଟୁଇଟରରେ ଶେୟାର କରିଛି। ରେଳ ମନ୍ତ୍ରାଳୟର ସୂଚନା ଅନୁସାରେ ଆଡୱିଥ୍ ମାତ୍ର ତିନିଦିନରେ ଏଭଳି ଏକ ରେଳ ରେପ୍ଲିକା ତିଆରି କରିପାରିଛନ୍ତି।

ଆଡୱିଥ୍ ଏବେ ସପ୍ତମ ଶ୍ରେଣୀର ଛାତ୍ର। କିନ୍ତୁ ନିଜର ବୁଦ୍ଧି ବଳରେ ସେ କାହାର ସାହାଯ୍ୟ ନ ନେଇ ଏଭଳି ଏକ ରେପ୍ଲିକା ତିଆରି କରିପାରିଛନ୍ତି। ସେଥିପାଇଁ ତାଙ୍କର ସୃଜନଶୀଳତାରେ ପ୍ରଭାବିତ ହୋଇ ରେଳ ମନ୍ତ୍ରାଳୟ ତାଙ୍କର ଦୁଇଟି ଫଟୋ ଟୁଇଟରରେ ଶେୟାର କରିଛି। ଏହା ବ୍ୟତୀତ ତାଙ୍କର ଏକ ଭିଜୁଆଲ ମଧ୍ୟ କ୍ୟାପସନ୍ ସହିତ ଶେୟାର କରିଛି। ତେବେ ଆଡୱିଥ୍‌ଙ୍କର ଏଭଳି କାମ ସମ୍ପର୍କରେ ଲୋକେ ଜାଣିବା ପରେ ସୋସିଆଲ୍ ମିଡିଆରେ ଏହି ଖବର ଭାଇରାଲ୍ ହେବାରେ ଲାଗିଛି। ହଜାର ହଜାର ସଂଖ୍ୟାରେ ଲୋକେ ଆଡୱିଥ୍‌ଙ୍କ କାମକୁ ପ୍ରଶଂସା କରିବା ସହିତ ସୁନ୍ଦର କମେଣ୍ଟମାନ ଦେଉଛନ୍ତି। ତେବେ ରେଳ ବିଭାଗ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର କାମ ଦେବାପାଇଁ ଅନେକ ମଧ୍ୟ ପ୍ରସ୍ତାବ ଦେଇଛନ୍ତି।

# ୱାର୍କ ଫ୍ରମ୍ ହୋମ୍‌ରୁ ବଢ଼ୁଛି ପରୋକ୍ଷ ଯୌନ ଉତ୍ପୀଡ଼ନ

**ନୂଆଦିଲ୍ଲୀ:** ମହାମାରୀ କରୋନା ଯୋଗୁ ଲକ୍‌ଡାଉନ୍ ଲାଗୁହେବା ପରେ ବିଭିନ୍ନ କର୍ପୋରେଟ ସେକ୍ଟରରେ କର୍ମଚାରୀମାନେ ଘରେ ରହି କାମ କରିବା(ୱାର୍କ ଫ୍ରମ୍ ହୋମ୍)କୁ ବାଧ୍ୟ ହୋଇଛନ୍ତି। ଏବେ କର୍ପୋରେଟ ଲାଇଫ୍‌ର ଏହା ଏକ ଅଙ୍ଗ ପାଲଟିଗଲାଣି। ହେଲେ ଅନେକ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ଯୋଗୁ ପରୋକ୍ଷ ଯୌନ ଉତ୍ପୀଡ଼ନ ବୃଦ୍ଧିପାଉଥିବା ଜଣାପଡ଼ିଛି। ଭର୍ଚୁଆଲ ମିଟିଂରେ ଜଣେ କର୍ମଚାରୀ ଶାର୍ଟ ନ ପିନ୍ଧି ମହିଳା ପରିଚାଳକଙ୍କ ସହ ଆଲୋଚନା କରିବା, ଜଣେ ମହିଳା ସହକର୍ମୀଙ୍କ ସହ ସ୍କ୍ରିନ୍‌ଶଟ୍ ନେବା, ଆଗୁଆ ନ ଜଣାଇ ରାତି ୧୧ଟା ପରେ ହଠାତ୍ ମୋବାଇଲ ଭିଡିଓ ଅନ୍ କରି ମିଟିଂକରିବା, ଅନିଚ୍ଛା କ୍ରମେ ଜଣେ ମହିଳା କର୍ମଚାରୀ ମାତାଲ୍ ହେବା ଭଳି ମାଲିକ କିମ୍ବା ପରିଚାଳକଙ୍କ କଥାରେ ହଁ ମାରିବା, ବରିଷ୍ଠ କର୍ମଚାରୀ ଓ ଅଧିକାରୀଙ୍କ ବିଭିନ୍ନ ଇଙ୍ଗିତ ଓ ଗାଳିଗୁଲଜକୁ ସହ୍ୟକରିବା ଭଳି ଘଟଣା ଘଟୁଛି।


ଗତ ମାର୍ଚ୍ଚରୁ କରୋନାର ଆଗମନ ପରେ ଦେଶର ଲୋକମାନେ ଏଭଳି ଇନ୍‌ଡୋର ୱାର୍କ କରିବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ କମ୍ପାନୀ ମଧ୍ୟ ୱାର୍କ ଫ୍ରମ୍ ହୋମ୍ ଲାଗି ବାଧ୍ୟ କରୁଛନ୍ତି। ଫଳରେ ଅନେକ କ୍ଷେତ୍ରରେ କର୍ମଚାରୀଙ୍କୁ ପରୋକ୍ଷ ଯୌନ ଉତ୍ପୀଡ଼ନର ଶିକାର ହେବାକୁ ପଡୁଛି ବୋଲି ଚେନ୍ନାଇର ଏକ ଏଚ୍‌ଆର୍ ଫାର୍ମ 'କେଲ୍ଲ ଏଚ୍‌ଆର୍'ର କର୍ମଚାରୀ ଭିଜି ହରି ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ପରଠାରୁ ଏଭଳି ଅନେକ ମାମଲା ହସ୍ତଗତ ହୋଇଥିବା ସେ କହିଛନ୍ତି। ଜବ୍ ସିକ୍ୟୁରିଟିକୁ ଗୁରୁତ୍ୱ ଦେଇ ଅନେକ କର୍ମଚାରୀ ଏଭଳି ଯୌନ ଉତ୍ପୀଡ଼ନ ଘଟଣାକୁ ଲୋକଲୋଚନକୁ ଆଣୁ ନ ଥିବା ଅଭିଯୋଗ ହୋଇଛି।



ଭର୍ଚୁଆଲ ମିଟିଂ ବେଳେ ଉପଯୁକ୍ତ ଡ୍ରେସ୍‌କୋଡ୍ ରଖିବା, ଅଫିସ୍ ଆୱାର୍‌ରେ କଲ୍‌କରିବା କିମ୍ବା କୌଣସି ପରାମର୍ଶ ଦେବା, କୌଣସି ଥଟ୍ଟାମଜା କିମ୍ବା ଖରାପ ଇଙ୍ଗିତ, ଗାଳିଗୁଲଜ ନ କରି କେବଳ ଅଫିସ୍ କଥା ଆଲୋଚନା କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ବିଶେଷକରି ମୋବାଇଲ, ଟ୍ୟାବ୍ କିମ୍ବା ସୋସିଆଲ ମିଡିଆ ବ୍ୟବହାର ବେଳେ ଏସବୁ ଦିଗ ପ୍ରତି ସମସ୍ତେ ଗୁରୁତ୍ୱ ଦେବା ଜରୁରୀ। ବିଶେଷ କରି ମହିଳା କର୍ମଚାରୀଙ୍କ ସହ କଥା ହେବା ବେଳେ ଶାଳିନତା ରକ୍ଷାକରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ନବନିଯୁକ୍ତ କର୍ମଚାରୀମାନେ ପ୍ରଫେସନାଲଙ୍କ ଭଳି ବ୍ୟବହାର କରି ନ ଥାନ୍ତି। ସେମାନେ ପରୋକ୍ଷ ଭାବେ ଯୌନ ଉତ୍ପୀଡ଼ନର ଶିକାର ହେବା ସ୍ୱାଭାବିକ। ଏଥିପ୍ରତି ସାବଧାନତା ଓ ସତର୍କତା ଆବଶ୍ୟକ। ବଡ଼ ବଡ଼ ଅନ୍ତର୍ଜାତୀୟ କମ୍ପାନୀ କରୁଥିବା ଭର୍ଚୁଆଲ ମିଟିଂ ସମ୍ପର୍କରେ ସମସ୍ତେ ଅବଗତ ହେବା ଉଚିତ। ସେମାନଙ୍କ ପୋଷାକ, କଥାବାର୍ତ୍ତାର ଶୈଳୀକୁ ଶିକ୍ଷାକରିବା ସହ ଜଣେ କର୍ମଚାରୀ ନିଜକୁ ଯେପରି ଅସୁରକ୍ଷିତ ନ ମଣେ କିମ୍ବା ଲଜ୍ଜାବୋଧ ନ କରେ, ସେଥିପ୍ରତି ସଜାଗ ରହିବା ଜରୁରୀ। ଯଦିଓ ୱାର୍କ ଫ୍ରମ୍ ହୋମ୍ କମ୍ପାନୀଗୁଡ଼ିକ ଲାଗି ଏକ ଚ୍ୟାଲେଞ୍ଜ ସଦୃଶ, ତଥାପି ସବୁ ପ୍ରକାର ପରିସ୍ଥିତିକୁ ନେଇ ଚାଲିବାକୁ ପଡ଼ିବ। କୌଣସି କର୍ମଚାରୀ ଯେପରି ନିଜକୁ ଅସୁରକ୍ଷିତ କିମ୍ବା ଯୌନ ଉତ୍ପୀଡ଼ନର ଶିକାର ବୋଲି ନ ଭାବନ୍ତି, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଉମାକାନ୍ତ ମହାନ୍ତି**

ଭି.ଆଇ. ପି. କଲୋନୀ, ଆଇ.ଆର୍.ସି, ଭିଲେଜ, ଭୁବନେଶ୍ୱର

ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ, ଆପଣଙ୍କ ଦିବଂଗତ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।

**-:ଶୋକସନ୍ତପ୍ତ:-**

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୭୫୮୪

**୨୫ବର୍ଷ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଚନ୍ଦ୍ରଶେଖର ପଟ୍ଟନାୟକ**

ତିରୋଧାନ: ୦୪।୦୭।୧୯୯୫ (ହେରା ପଞ୍ଚମୀ)

ଆଜି ତୁମର ୨୫ବର୍ଷ ଶ୍ରାଦ୍ଧବାର୍ଷିକ, ଠିକ୍ ଆଜିର ଦିନରେ ତୁମେ ଆମକୁ ଛାଡ଼ି ଚାଲିଗଲ, ତୁମେ ଯେଉଁଠି ବି ଥାଅ ଖୁସିରେ ଥାଅ, ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ।

**-:ଶ୍ରଦ୍ଧାଞ୍ଜଳି ସହ:-**

ତୁମର ସ୍ମୃତିରେ ଶୋକସନ୍ତପ୍ତ ତୁମ ପରିବାରବର୍ଗ- ସରୋଜ, ସନ୍ତୋଷ, ସୁଧାଂଶୁ, ମନି, ମିଟି, ନିତୁ, ଡଲି, ଲିଲି

ଧ-୬୯୪୧୪

## କ ବି ତା

### ମେଘ ବରଷଇ ଟୁପୁରୁ ଟାପୁରୁ

ମେଘ ବରଷଇ ଟୁପୁରୁ ଟାପୁର
ବିଜୁଳି ବଜାଏ ବାଜା,
ବେଙ୍ଗୁଲି ରାଣୀ ରୁଷି ବସିଛି ଲୋ
କେବେ ଆସିବ ମୋ' ବେଙ୍ଗ ରଜା।
ଝୁଲି ଝୁଲି ଆସେ ସେ ବେଙ୍ଗ ରଜା ଲୋ
ହାତେ ଫୁଲମାଳ ଧରି,
ବେଙ୍ଗୁଲି ବେକରେ ପକାଇ ଦେଇ
କଥା ଦିଏ ହସି କରି।



ବିଲେଇନାନୀ ଦିଏ ହୁଳହୁଳି
ଭାଲୁ ବଜାଏ ମହୁରି,
ବିଲୁଆ ବଜାଏ ରହି ରହି ଶଙ୍ଖ
ଆହା କି ସୁନ୍ଦର ରୋଶଣି।
ମୂଷାନାନୀ ଆସେ ପାଟଶାଢ଼ି ଧରି
ଗଧିଆ ଆଣିଛି ଭାର,
ଅଳଙ୍କାର ଆଣି କହେ ବାଘ ମାମୁ
ଭୋଜିଭାତ ଟିକେ ବେଏଗି କର।
ବଗ ଆସିଛି ଲୋ ମାଛ ଭାର ଧରି
କୋଇଲି ଗାଉଛି ଦୁଃଖରେ ଗୀତ,
କେମିତି ହୋଇବ ବାହାଘର ଲୋ
ସମସ୍ତଙ୍କ ମନ ଦୁଃଖ।
ଏ ମଣିଷ ଜାତିଟା ଏତେ ନିଷ୍ଠୁର ଲୋ
ସଫା କରି ଦେଲା ବଣବୁଦା,
କେମିତି ହୋଇବ ସତେ ବାହାଘର ଲୋ
ଭୟରେ ସଭିଏ ମାରନ୍ତି କୁଦା।

—ମୀରା ବେଉରା
ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ

### ବର୍ଷା ଆସିଛି



ଆଷାଢ଼ ଆସିଲା ମେଘ ବରଷିଲା
ବେଙ୍ଗନାନୀ ଛାଡ଼େ ରଡ଼ି।
ବେଙ୍ଗରାଜା ସହ ବାହାଘର ହେବ
ବାଣ ଫୁଟେ ଘଡ଼ି ଘଡ଼ି।
ବରଯାତ୍ରୀ ଯିବେ କେତେ ସାଙ୍ଗସାଥୀ
ଗହଳ ଚହଳ ଲାଗେ।
ବେଙ୍ଗୁଲି ନାନୀଟା ମୁହଁକୁ ଲୁଚେଇ
ମିଛେ ମିଛେ ଖାଲି କାନ୍ଦେ।
ବର୍ଷା ଆସେ ଧୀରେ ପାଦ ଚିପି ଚିପି
ରିମ୍ ଝିମ୍ ଗୀତ ଗାଇ।
ସୁନ୍ଦରୀ ବେଙ୍ଗଟା ନଳା ପାଣି ଦେଖି
ଚାଲିଗଲା ବୁଡ଼ ପାଇଁ।
ଭିଜିଗଲା ଦେହ ହଜିଗଲା ମନ
ବରଷାଟା ଅମାନିଆ।
ସଅଳ ସଅଳ ସଜେଇ ହେବ ସେ
ସାଜିବ ବେଙ୍ଗ କନିଆ।
ଝଡ଼ି ପୋକ ଦେଖି ପାଟିରୁ ବୋହିଲା
ଥପ ଥପ ଲାଳ ଧାର।
ମନଖୁସିରେ ସେ ଖାଉଥିଲା ବସି
ଭୁଲିଗଲା ବାହାଘର।
ଦେଖୁଥିଲା ବସି ଧଣ୍ଡ ଗୋଟେ ଆସି
ବେଙ୍ଗପାଖେ ପହଞ୍ଚିଲା।
ମୁନିଆ ଦାନ୍ତରେ ଅତି ସହଜରେ
ବେଙ୍ଗୁଲିକୁ ଖାଇଦେଲା।
ବାହାଘର ମଜା ଅଧା ରହିଗଲା
ବେଙ୍ଗ ରାଜା ଶିଶୁପାଳ
ଆର ବରଷକୁ ବରଷା ଆସିଲେ
ହେବ ଆମ ବାହାଘର।

—ପାର୍ବତୀ ନାୟକ
ନସଡ଼ିପୁର, କେନ୍ଦ୍ରାପଡ଼ା

## ଆଇନା



ଅନନ୍ୟା
୬ ବର୍ଷ

## କହିଲ ଦେଖି

'ଜ'ରେ ହୁଅଇ ଆରମ୍ଭ ତା'ର
'ଥ'ରେ ହୁଅଇ ଶେଷ
ଓଡ଼ିଶାର ବଡ଼ ଠାକୁର ସିଏ
ଝୁରୁଛି ତାକୁ ବିଶ୍ୱ
**ଉତ୍ତର : ଜଗନ୍ନାଥ**



ଚାରି ଦ୍ୱାର ଶୋଭିତ ମନ୍ଦିର
ତିନି ଦ୍ୱାରରେ ପଶୁ ମନୋହର
ଏକ ଦ୍ୱାରରେ ଅଶ୍ୱାରୋହୀ
ଅଛନ୍ତି ବୀର ବେଶ ବହି
ସେ ବୀର ଦୁଇ ନାମ କହି
ପାରିଲେ ମିଳିବ ମିଠା ଦହି
**ଉତ୍ତର : ଜଗାବଳିଆଙ୍କ ପାଇକବେଶ**

ଗ୍ରୀଷ୍ମର ଉତ୍ତାପ ଯେବେ ପ୍ରବଳ
ଚନ୍ଦନେ ଚର୍ଚ୍ଚିତ ହୋଇ ଗୋପାଳ
ବରଷା ଆଗମେ ନବ ନୀରଦ
ଜଳରେ ସ୍ନାନ ଯେଉଁଠି ସୁଖଦ
ସେ ସ୍ଥାନରେ ସ୍ନାନ କରମସାରି
ହାତୀ ବେଶେ ଦର୍ଶନ ଦେଇ ଯେପରି
ଭକ୍ତ ମନୋରଥ କରନ୍ତି ସାର୍ଥ
କହିଲେ ସେ ସ୍ଥାନ ହୋଇ ସମର୍ଥ
**ଉତ୍ତର : ସ୍ନାନ ମଣ୍ଡପ**

ସିଂହଦ୍ୱାର ପାଶେ ଅଛି ମଣ୍ଡପ
ବାହୁଡ଼ା ସମୟେ ବଡ଼ ବହପ
ମା' ଲକ୍ଷ୍ମୀ ସେବକଙ୍କ ତୁଣ୍ଡରୁ
ଆସେ ଭାଷା କଟୁ ବାକ୍ୟ ସ୍ୱରରୁ
ଛାଡ଼ି ଶ୍ରୀମନ୍ଦିର ଗଲ ଗୁଣ୍ଡିଚା ଘର
ଘର ଘରଣୀକୁ କରି ହତାଦର
**ଉତ୍ତର : ଚାହାଣୀ ମଣ୍ଡପ**

ଜୀବନରେ ସେ ଶେଷ ଦ୍ୱାର
ଚାରି ଅକ୍ଷରେ ନାମ ତା'ର
ଏକ ଚାରିରେ ବର୍ଣ୍ଣ ଜଣା
ଏକ ଦୁଇ ଦେବ ନିବାସ
କହିବ ନ କରି ହତାଶ
**ଉତ୍ତର : ସ୍ୱର୍ଗଦ୍ୱାର**



—ରମାକାନ୍ତ ପୁରୋହିତ
ନିରାକାରପୁର, ଖୋର୍ଦ୍ଧା



## ଖିଲିଖିଲି ହସ

■ଦୁଇ ଭାଇ ଚୁନୁ, ମୁନୁ ଗୋଟିଏ କ୍ଲାସରେ ପଢନ୍ତି
ଶିକ୍ଷକ– ତମେ ଦୁଇଜଣ ଭାଇ ବାପାଙ୍କ ନାଁ ଅଲଗା ଅଲଗା ଲେଖିଛ କାହିଁକି ?
ଚୁନୁ– ସାର୍, ନ ହେଲେ ଆମେ କପି କରିଛୁ ବୋଲି କହିଥାନ୍ତେ।

■ବ୍ୟାଙ୍କ ମ୍ୟାନେଜର– କ୍ୟାଶ୍ ସରିଯାଇଛି, କାଲି ଆସନ୍ତୁ।
କୁନୁ– ମତେ ଆଜି ମୋର ଟଙ୍କା ଦରକାର।
ମ୍ୟାନେଜର– ଦେଖନ୍ତୁ ରାଗନ୍ତୁ ନାହିଁ, ଶାନ୍ତିରେ କଥାବାର୍ତ୍ତା କରନ୍ତୁ
କୁନୁ– ଠିକ୍ ଅଛି ଶାନ୍ତିଙ୍କୁ ଡାକନ୍ତୁ, ତାଙ୍କ ସହ କଥାବାର୍ତ୍ତା କରିବି।

■ପୋଲିଓ ଟିମ୍ ଘରକୁ ଆସିବା ପରେ ଚିଣ୍ଟୁ ତା ଭାଇକୁ– ବନ୍ଧୁକ ଓ କଇଁଚି କେଉଁଠି...
ପୋଲିଓ ଟିମ୍ ଏକଥା ଶୁଣି ଦୌଡ଼ିଲେ
ଚିଣ୍ଟୁ– ରୁହନ୍ତୁ, ରୁହନ୍ତୁ ଏହା ହେଉଛି ଆମ ପିଲାଙ୍କ ନାଁ

■ଚିଣ୍ଟୁ (ପେଟ୍ରୋଲ ପମ୍ପରେ)– ଆରେ ଭାଇ ଏକ ଟଙ୍କାର ପେଟ୍ରୋଲ ଦିଅନ୍ତୁ
ସେଲ୍ସମ୍ୟାନ୍– ଭାଇ, ଏତେ ପେଟ୍ରୋଲ ପକାଇ କୁଆଡ଼େ ଯିବେ
ଚିଣ୍ଟୁ– ଆରେ ୟାର୍ କୁଆଡ଼େ ଯିବାର ନାହିଁ। ମୁଁ ଖାଲି ପଇସା ଉଡ଼ାଉଛି।

## ଭକ୍ତର ଭଗବାନ

ଜଗତର ନାଥ ଜଗନ୍ନାଥଙ୍କ ମନ୍ଦିର। ସକାଳ ଦଶଟା, ପୂଜାରୀ ଜଣକ ଭକ୍ତମାନଙ୍କୁ ଭୋଗ ଦେଉଥାନ୍ତି। ହଠାତ୍ ପୂଜାରୀଙ୍କ ନଜର ପଡ଼ିଲା ଜଣେ ବ୍ୟକ୍ତିଙ୍କ ଉପରେ। ଠାକୁରଙ୍କୁ ମୁଣ୍ଡିଆ ମାରି ଠିଆ ହୋଇ ହାତ ଯୋଡ଼ି ଆଖି ବୁଜି କ'ଣ ଦୁଇପଦ କହି ମନ୍ଦିରରୁ ବାହାରି ଗଲେ। ପରଦିନ ଠିକ୍ ସେହି ସମୟରେ ବ୍ୟକ୍ତିଜଣକ ଦର୍ଶନ ସାରି ମନ୍ଦିରରୁ ବାହାରିଗଲେ। ସବୁଦିନ ସେ ଏହିପରି ଆସି ଚାଲି ଯାଉଥିଲେ। ବ୍ୟକ୍ତିଙ୍କ ପ୍ରତି ପୂଜାରୀଙ୍କ ମନରେ ଉତ୍ସୁକତା ବଢ଼ିଲା।

ଦିନେ ଭିଡ଼ କମ୍ ଥିଲା। ପୂଜାରୀ ସେହି ବ୍ୟକ୍ତିଙ୍କୁ ଅଟକାଇଲେ। ଭାଇ ଟିକେ ରହିବେ। ବ୍ୟକ୍ତିଜଣକ ପ୍ରଶ୍ନ ଭରା ଦୃଷ୍ଟିରେ ଅନାଇ ରହିଲେ।


ଭାଇ ତୁମେ ଏହି ସହରରେ ବୋଧେ ନୂଆ ଆସିଛ। ମୁଁ କିଛିଦିନ ହେଲା ଦେଖୁଛି ତୁମେ ଠିକ୍ ଏହି ସମୟରେ ଆସୁଛ ଏବଂ ପ୍ରାୟ ଗୋଟିଏ ମିନିଟରେ ଠାକୁରଙ୍କୁ ନିଜ ଗୁହାରି ଜଣାଇ ଚାଲିଯାଉଛ। ତୁମର ପରିଚୟ ଜାଣିପାରିବି କି ?

ହଁ ମଉସା, ମୋ ନାଁ ଶଙ୍କର। ଆମ ଘର ବାଲେଶ୍ୱରର ଗୋଟେ ଛୋଟ ଗାଁରେ। ଆଗରୁ କଲିକତାରେ ଗୋଟେ ଆଇସ୍କ୍ରିମ୍ ଫ୍ୟାକ୍ଟ୍ରିରେ କାମ କରୁଥିଲି। ସେହି ଫ୍ୟାକ୍ଟ୍ରି ବନ୍ଦ ହୋଇଯିବାରୁ ଗାଁକୁ ଚାଲିଆସିଲି। ଏହି ମନ୍ଦିର ପଛ ପଟେ ଥିବା ଆଇସ୍କ୍ରିମ୍ ଫ୍ୟାକ୍ଟ୍ରିର ମାଲିକ ଆମ ଗାଁ ସରପଞ୍ଚଙ୍କ ପରିଚିତ। ତାଙ୍କ ସୁପାରିସରେ ମୁଁ କିଛିଦିନ ହେଲା ଏଠାରେ କାମ କରୁଛି। କଲିକତାରେ ଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ବିଷୟରେ ଶୁଣିଥିଲି। ଆଉ ପ୍ରଭୁଙ୍କ ଦୟାରୁ ମନ୍ଦିର ପାଖରେ କାମ କରୁଛି। ତେଣୁ ପ୍ରତିଦିନ କାମକୁ ଯିବା ପୂର୍ବରୁ ଦର୍ଶନ କରି ଯାଉଛି।

ପୂଜାରୀ କହିଲେ, ଆଚ୍ଛା ଭାଇ, ସତ କହିଲ ତମେ ଗୋଟିଏ ମିନିଟରେ ଠାକୁରଙ୍କୁ କ'ଣ ମାଗୁଛ। ଶଙ୍କର ଟିକିଏ ହସି କହିଲେ " ମୁଁ କହୁଛି ହେ ଠାକୁରେ ମୋ ଦ୍ୱାରା ଭୁଲରେ ମଧ୍ୟ କୌଣସି ପାପ ନ ହେଉ କିମ୍ବା କାହାରି ଅନିଷ୍ଟ ନ ହେଉ। ତମ ଦର୍ଶନ କରି ମତେ ବହୁତ ଶାନ୍ତି ଲାଗୁଛି। ସେଥିପାଇଁ ସବୁଦିନ ଆସୁଛି। ମତେ ମନେରଖିଥିବ।" ବାସ୍ ଏତିକି କହି ମୁଁ ମୋ କାମକୁ ଯାଉଛି।

ପୂଜାରୀ ଏହା ଶୁଣି ବହୁତ ଖୁସି ହେଲେ ଓ ଆଶୀର୍ବାଦ କଲେ। କିଛିଦିନ ପରେ ଦେଖାଗଲା ଶଙ୍କର ଆଉ ମନ୍ଦିର ଆସୁନାହାନ୍ତି। ତାଙ୍କୁ ନ ଦେଖି ପୂଜାରୀଙ୍କୁ ଭଲ ଲାଗୁ ନ ଥିଲା। ତେଣୁ ସେ ଆଇସ୍କ୍ରିମ୍ ଫ୍ୟାକ୍ଟ୍ରିକୁ ଯାଇ ବୁଝିଲେ ଶଙ୍କର ୫ ଦିନ ହେଲା ଅସୁସ୍ଥ।

ପୂଜାରୀ ୱାର୍ଡକୁ ଯାଇ ଶଙ୍କରଙ୍କୁ ଦେଖାକଲେ। ପୂଜାରୀଙ୍କୁ ଦେଖି ଶଙ୍କର ବହୁତ ଖୁସି ହେଲେ। ସେତିକିବେଳେ ନର୍ସ କହିଲେ ଆପଣଙ୍କ ରୋଗୀ ବହୁତ ଭଲ ଓ ମେଳାପି। କିନ୍ତୁ ଦୁଃଖର କଥା ଆଜି ପର୍ଯ୍ୟନ୍ତ ତାଙ୍କୁ କେହି ଦେଖା କରିବାକୁ ଆସିନାହାନ୍ତି। ନର୍ସଙ୍କ କଥା ଶୁଣି ଶଙ୍କର ପୂଜାରୀଙ୍କୁ କହିଲେ ନର୍ସ ଦିଦିଙ୍କୁ ଟିକିଏ କମ୍ ଦେଖାଯାଉଛି। ଆପଣ ବିଶ୍ୱାସ କରିବେନି ମୁଁ ଯେଉଁ ଦିନରୁ ଏଠି ଅଛି ପ୍ରତିଦିନ ଠିକ୍ ଦଶଟାରେ ଜଣେ କଳା ରଙ୍ଗର ବ୍ୟକ୍ତି ମୋ ପାଖକୁ ଆସି ମୋ ଭଲମନ୍ଦ ବୁଝୁଛନ୍ତି ଓ ଆଶ୍ୱାସନା ଦେଉଛନ୍ତି ବ୍ୟସ୍ତ ହବନି ମୁଁ ତମ ସାଥିରେ ଅଛି, ତମେ ବହୁତ ଶୀଘ୍ର ଭଲ ହୋଇଯିବ। ଆଉ ପ୍ରତିଦିନ ସେ ମୋ ପାଇଁ ମନ୍ଦିରରୁ ଗୋଟିଏ ଫୁଲ ଆଣି ଦେଉଛନ୍ତି। ସବୁ ଫୁଲ ମୁଁ ବ୍ୟାଗରେ ରଖିଛି। ଏହା କହି ସେ ବ୍ୟାଗଟିକୁ ପୂଜାରୀଙ୍କୁ ଦେଖାଇଲେ।



ଗପ

ବ୍ୟାଗରେ ଥିବା ଫୁଲ ଦେଖି ଶଙ୍କରଙ୍କ କଥା ଶୁଣି ପୂଜାରୀ ଠିକ୍ ବୁଝି ପାରିଥିଲେ ମହାପ୍ରଭୁ ଜଗନ୍ନାଥ ହିଁ ସମସ୍ତ ଭକ୍ତଙ୍କୁ କୋଳେଇ ନିଅନ୍ତି। ମାଗିବା ଲୋକକୁ ମନ ଲାଖି ବର ଦେଉଥିବାବେଳେ ନ ମାଗିବା ଲୋକଙ୍କୁ ମଧ୍ୟ ଯାଚି କରି ମନ ବାଞ୍ଛା ଫଳ ଦିଅନ୍ତି। ତାଙ୍କ ଆଖିରୁ ଲୁହ ଝରି ଆସିଲା। ସେ ବୁଝି ପାରିଲେ ଯେ ଭକ୍ତ ଯେତେବେଳେ ଭଗବାନଙ୍କ ପାଖକୁ ଯାଇପାରେ ନାହିଁ ଭଗବାନ ନିଜେ ଭକ୍ତ ପାଖକୁ ଯାଇ ଦେଖା କରନ୍ତି। ଅଜାଣତରେ ପୂଜାରୀଙ୍କ ହାତ ଯୋଡ଼ି ହୋଇଗଲା ସେହି କାଳିଆ ପାଇଁ। ଧନ୍ୟ ତୁମେ ପ୍ରଭୁ ଧନ୍ୟ ତୁମ ମହିମା। ଶଙ୍କର କିଛି ନ ବୁଝିଲା ପରି ଚାହିଁଥିଲେ।

—ନିଝାର ଅଲ୍ଲୀ ଦାମାନୀ
ଶଙ୍କର ସିନେମା ରୋଡ, ଅନୁଗୋଳ


ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଏକାଠି ନୃତ୍ୟରେ ରେକର୍ଡ



ମଞ୍ଚ ଉପରେ ନୃତ୍ୟ କରିବା ସମୟରେ ଅନେକଙ୍କୁ ପିଲାମାନେ ଦେଖିଥିବେ। କେତେବେଳେ ସୋଲୋ ଡାନ୍ସ ତ ଆଉ କେତେବେଳେ ଗ୍ରୁପ ଡ୍ୟାନ୍ସ। ତେବେ ୧୦, ୨୦ କିମ୍ବା ୫୦ ଜଣ ମିଶି ଗ୍ରୁପ ଡ୍ୟାନ୍ସ କରୁଥିବାର ପ୍ରାୟ ସମସ୍ତେ ଦେଖିଥିବେ। କିନ୍ତୁ ଏକାବେଳେ ଗୋଟିଏ ସ୍ଥାନରେ ୨୦ହଜାର ଲୋକ ନୃତ୍ୟ ପରିବେଷଣ କରୁଥିବା ହୁଏତ କେହି ଦେଖି ନ ଥିବେ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ୨୦୧୫ ମସିହା ଅକ୍ଟୋବର ମାସରେ ଆୟୋଜିତ ହିମାଚଳପ୍ରଦେଶର କୁଲ୍ଲୁ ମହୋତ୍ସବରେ। କନ୍ୟା ସନ୍ତାନର ଗୁରୁତ୍ୱକୁ ନେଇ ଏକ ସଙ୍ଗୀତରେ ପାରମ୍ପରିକ ବେଶଭୂଷାରେ ୧୦ହଜାର ମହିଳା ଓ ୧୦ ହଜାର ପୁରୁଷଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଏହି ନୃତ୍ୟ ଗିନିଜ୍ ବୁକ୍ ଅଫ୍ ରେକର୍ଡ ସ୍ଥାନ ପାଇଥିଲା।

## ତୁମ ତୂଳୀରୁ






ସୌମ୍ୟଜିତ୍ ଜେନା
କ୍ଲାସ–୩, ଡିଏଭି ପବ୍ଲିକ ସ୍କୁଲ,
ୟୁନିଟ୍–୮, ଭୁବନେଶ୍ୱର





ଲିପି ପ୍ରଧାନ
କ୍ଲାସ–୭, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବେନ୍ଦେର,
ଖପ୍ରାଖୋଲ, ବଲାଙ୍ଗୀର



ଅୟସ୍କାନ୍ତ ପତି
କ୍ଲାସ୍– ୪, ଡିଏଭି ସ୍କୁଲ,
ପୋଖରୀପୁଟ, ଭୁବନେଶ୍ୱର




## ଟଗଲା ଭୀମ୍ଣୁ



## ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଜଟଣୀ (ଡି.ଏନ୍.ଏ.): ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଜଟଣୀ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, କ୍ୟାପଟେନ ମନ୍ମଥ ରାଉତରାୟ, ଅଶୋକ ମଙ୍ଗରାଜ, କଳିଙ୍ଗ ସାହୁ, ଲ୍ୟୁସେନ ରାୟ, କାଳନ୍ଦୀ ଚରଣ ନାୟକ, ଦୀପ୍ତିରଞ୍ଜନ ସୁନ୍ଦରାୟ, ଅନନ୍ତ ବେହେରା, ଆଲୋକ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସୀତାରାମ ଛକରୁ ବାହାରି ହରିଭାଇନା ଛକ ପର୍ଯ୍ୟନ୍ତ ଯାଇଥିଲା।

# ପୁଣି ୪ ଜଣଙ୍କ ଆକାଉଣ୍ଟରୁ ନେଇଗଲେ ୧୨ଲକ୍ଷ

**ଭୁବନେଶ୍ୱର,୨୬।୬ (ବ୍ୟୁରୋ):**

**ସାବଧାନ: ମାତିଛନ୍ତି ସାଇବର ଠକ**
- ଦୁଇ ସପ୍ତାହରେ ଆଉ ୧୨ ଜଣ ହରାଇଛନ୍ତି ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ
- ଠକଙ୍କ ସୁରାକ ପାଇପାରୁନି କମିଶନରେଟ ପୋଲିସ
- ତଦନ୍ତ ନାଁରେ ଗଡୁଛି ସମୟ, ଚପି ଯାଉଛି ମାମଲା

ଲକ୍‌ଡାଉନ୍‌ଠାରୁ ବେଶ୍ ସକ୍ରିୟ ହୋଇଉଠିଛନ୍ତି ସାଇବର ଠକ। କୋଲକାତା, ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ରହି ଠକମାନେ ନାନା ଉପାୟରେ ଓଡ଼ିଶାର ଲୋକଙ୍କୁ ବୋକା ବନାଇ ବ୍ୟାଙ୍କ୍ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ରାଜ୍ୟରେ ଏ ସଂକ୍ରାନ୍ତ ଅଭିଯୋଗ ବଢ଼ି ଚାଲିଥିବାବେଳେ ଖୋଦ୍ ରାଜଧାନୀରେ ଏଭଳି ଘଟଣା ବାରମ୍ବାର ଘଟିଚାଲିଛି। ବାହାରୁ ଅପରାଧ ଘଟୁଥିବାରୁ ପୋଲିସର ତଦନ୍ତ ସେପର୍ଯ୍ୟନ୍ତ ପହଞ୍ଚିପାରୁନି। ସମୟକ୍ରମେ ଚପି ଯାଉଛି ବହୁ ସାଇବର ଠକେଇ ମାମଲା। ଗତ ଦୁଇ ସପ୍ତାହରେ ଭୁବନେଶ୍ୱରର ୧୨ଜଣ ଲୋକ ସାଇବର ଠକେଇର ଶିକାର ହୋଇ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବାବେଳେ ଏବେ ଆଉ ୪ଜଣଙ୍କ ଆକାଉଣ୍ଟରୁ ଠକମାନେ ୧୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଏୟାରପୋର୍ଟ, ଚନ୍ଦ୍ରଶେଖରପୁର ଓ ଖଣ୍ଡଗିରି ଥାନାରେ ୪ଟି ପୃଥକ ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ ଫେଜ୍-୨ରେ ରହୁଥିବା ପ୍ରଦୀପ୍ତ କୁମାର ମିଶ୍ରଙ୍କ ଆକାଉଣ୍ଟରୁ ୯ଲକ୍ଷ ଟଙ୍କା ଠକେଇ ହୋଇଛି। ଦୁଇଦିନ ତଳେ ପ୍ରଦୀପ୍ତଙ୍କ ନିକଟକୁ ଏକ ମେସେଜ ଆସିଥିଲା। ୨୪ ଘଣ୍ଟା ଭିତରେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ବନ୍ଦ ହୋଇଯିବ ବୋଲି ଉଲ୍ଲେଖ ରହିଥିବାବେଳେ ଏକ ଏକ ଫୋନ୍ ନମ୍ବର ମଧ୍ୟ ଦିଆଯାଇଥିଲା। ପ୍ରଦୀପ୍ତ ମେସେଜ ଦେଖି ତୁରନ୍ତ ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିଥିଲେ। କଲ୍ ରିସିଭର ଜଣକ ପ୍ରଦୀପ୍ତଙ୍କୁ ପେଟିଏମ୍ କାର୍ଡର କେଓ୍ୱାଇସି ଅପ୍‌ଡେଟ୍ କରିବାକୁ କହି କେତେକ ପରାମର୍ଶ ଦେଇଥିଲେ। ବ୍ୟକ୍ତି ଜଣକ କହିବା ଅନୁଯାୟୀ ପ୍ରଦୀପ୍ତ କୋଡ୍ ନମ୍ବରଗୁଡ଼ିକ ଦେବା ପରେ ଆକାଉଣ୍ଟରୁ ଟଙ୍କା କଟି ଯାଇଥିଲା। ପରେ ଉକ୍ତ ମୋବାଇଲ୍ ଫୋନ୍‌ଟି ବନ୍ଦ ହୋଇଯାଇଥିଲା। ପ୍ରଦୀପ୍ତ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ କେସ୍ ନଂ.୧୦୮/୨୦ ରୁଜୁ କରିଛି।

ଦ୍ୱିତୀୟ ଠକେଇର ଶିକାର ହୋଇଛନ୍ତି ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳର ସଞ୍ଜୀବ କୁମାର ବିଶ୍ୱାଳ। ତାଙ୍କ ମୋବାଇଲ୍ ଫୋନ୍‌କୁ ଏକ ଅଜଣା ନମ୍ବରର କଲ୍ ଆସିଥିଲା। ବ୍ୟକ୍ତି ଜଣକ ପେଟିଏମ୍ କଷ୍ଟମର କେୟାରରୁ କହୁଥିବା କହିଥିଲେ। ପେଟିଏମ୍ ଆକାଉଣ୍ଟ ବନ୍ଦ ହୋଇଯିବ, ତେଣୁ ଏହାର କେଓ୍ୱାଇସି କୋଡ୍‌କୁ ଅପ୍‌ଡେଟ୍ କରନ୍ତୁ ବୋଲି କହିଥିଲେ। ଏହାପରେ ଉକ୍ତ ବ୍ୟକ୍ତିଙ୍କ କହିବାନୁସାରେ ସଞ୍ଜୀବ ତାଙ୍କୁ କେତେକ କୋଡ୍ ନମ୍ବର ଦେବା ପରେ ତାଙ୍କ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା କଟିଯାଇଥିଲା। ଏହାପରେ ସମାନ ଭାବେ କଲ୍ କରିଥିବା ବ୍ୟକ୍ତିଙ୍କ ନମ୍ବର ସୁଇଚ୍‌ଅଫ୍ ହୋଇଯାଇଥିଲା। ସଞ୍ଜୀବ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ.୨୦୮/୨୦ ରୁଜୁ ହୋଇଛି।

ସେହିପରି ଖଣ୍ଡଗିରି ଥାନା ଅନ୍ତର୍ଗତ ଚିଦାନନ୍ଦ ବିହାରରେ ରହୁଥିବା ଶୈଳେନ୍ଦ୍ର ନାଥ ଦାଶଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଏନେଇ ଥାନାରେ କେସ୍ ନଂ.୩୫୩/୨୦ ରୁଜୁ ହୋଇଛି। ଚତୁର୍ଥ ଠକେଇର ଶିକାର ହୋଇଛନ୍ତି କୋଳଥିଆ ସତ୍ୟସାଇ ଏନ୍‌କ୍ଲେଭ୍‌ରେ ରହୁଥିବା ବିନୋଦ କୁମାର ମହାନ୍ତି। ତାଙ୍କଠାରୁ ସାଇବର ଠକ ସମାନ ଢଙ୍ଗରେ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ଖଣ୍ଡଗିରି ଥାନାରେ କେସ୍ ନଂ-୩୫୪/୨୦ ରୁଜୁ ହୋଇଛି।

# ୭ ସୁଦ୍ଧା ସରିବ ଜବରଦଖଲ ଉଚ୍ଛେଦ

## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ସମୀକ୍ଷା କଲେ ଆର୍‌ଡିସି



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ ସାମଲ ସମୀକ୍ଷା ବୈଠକରେ ଆଲୋଚନା କରୁଛନ୍ତି ।

**କଟକ ଅଫିସ,୨୬।୬**

ଏସ୍‌ସିବି ସମ୍ପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ। ମେଡିକାଲ କ୍ୟାମ୍ପସ୍ ପରିସରରେ ରହିଥିବା ଆଉ କିଛି ସରକାରୀ କ୍ୱାର୍ଟର ଖୁବଶୀଘ୍ର ଖାଲି କରାଯିବା ସହ ଜୁଲାଇ ୭ ସୁଦ୍ଧା ଜବରଦଖଲ ଉଚ୍ଛେଦ କରାଯିବ। ଏନେଇ ଶୁକ୍ରବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ ସାମଲଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ହୋଇଛି।

ବୈଠକରେ ସମସ୍ତ ବିଭାଗ ଅଧୀନରେ ଥିବା କ୍ୱାର୍ଟରଗୁଡ଼ିକ ଶୀଘ୍ର ଖାଲି କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେଉଁମାନେ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଅଫିସ ଓ କ୍ୱାର୍ଟର ଖାଲି ନ କରିବେ, ସେମାନଙ୍କୁ ପାଣି ଓ ବିଦ୍ୟୁତ୍ ଲାଇନ ବନ୍ଦ କରି ଦିଆଯିବ ବୋଲି ଆର୍‌ଡିସି କହିଛନ୍ତି। ସେହିପରି ସୁଇପର କଲୋନୀ ଓ ବେହେରା କଲୋନୀ ଅନ୍ତେବାସୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସେମାନଙ୍କୁ ପୁନର୍ବାସ ଓ ଥଇଥାନ କରାଯିବ ବୋଲି ସେ କହିଥିଲେ। ବଡ଼ ମେଡିକାଲ ସମ୍ପ୍ରସାରଣ କ୍ରମରେ ଜବରଦଖଲକାରୀଙ୍କୁ ସ୍ଥାନ ଖାଲି କରିବା ପାଇଁ ୫୦ ହଜାର ଟଙ୍କା କ୍ଷତିପୂରଣ ରାଶି ଦିଆଯାଉଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ। ଏସ୍‌ସିବି ପାଖ ଦେଇ ଯାଉଥିବା ତାଳଦଣ୍ଡା କେନାଲ ବନ୍ଧର ଉଭୟ ପାର୍ଶ୍ୱ ରାସ୍ତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ଡିଭିଜନ ନଂ ୧କୁ ନିର୍ଦ୍ଦେଶ ଦିଆଯାଇଥିବା ମଧ୍ୟ ସେ କହିଛନ୍ତି।

## ସଂକ୍ଷେପରେ

### ଖୁଣ୍ଟୁଣୀ, ଗୁରୁଡ଼ିଝାଟିଆରେ ୩ ପଜିଟିଭ

ଖୁଣ୍ଟୁଣୀ,୨୬।୬(ଡି.ଏନ୍.ଏ.): ଗୁରୁଡ଼ିଝାଟିଆ ଥାନା ଅଧୀନ ଛଅଗାଁ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଯୁବକ ୩ଦିନ ତଳେ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ଯୁବକଙ୍କ ମାଆବାପା ସଂକ୍ରମିତ ହୋଇଛନ୍ତି। ସେହିପରି ଖୁଣ୍ଟୁଣୀ ଥାନା ରାହାଙ୍ଗୋଳ ଆବାସିକ ବିଦ୍ୟାଳୟରେ ଥିବା ସଙ୍ଗରୋଧ କେନ୍ଦ୍ରରୁ ମଧ ଜଣେ ଯୁବକ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଉଭୟ ଅଞ୍ଚଳର ଉକ୍ତ ସଙ୍ଗରୋଧ କେନ୍ଦ୍ରକୁ ସାନିଟାଇଜ କରିବା ସହ ପ୍ରଶାସନ ପକ୍ଷରୁ ଚିହ୍ନଟଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଛି। ଛଅଗାଁରୁ ଚିହ୍ନଟ ୨ଜଣଙ୍କୁ କୋଭିଡ ହସ୍ପିଟାଲ ନିଆଯାଇଥିବାବେଳେ ରାହାଙ୍ଗୋଳର ଆକ୍ରାନ୍ତ ଯୁବକଙ୍କୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୋଭିଡ ଗାଡ଼ି ଆସି ନ ଥିବାରୁ ସତର୍କତା ଅବଲମ୍ବନ କରାଯାଇ ରଖାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା.ଦିଲୀପ ଦାସ କହିଛନ୍ତି।

### ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା: ମା’ପୁଅ ଗିରଫ

ଖୋର୍ଦ୍ଧା ଅଫିସ,୨୬।୬: ଖୋର୍ଦ୍ଧା ଟାଉନ(ଆଦର୍ଶ) ଥାନା ଅନ୍ତର୍ଗତ ଜରିପୁଟ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ ପରିସରସ୍ଥ କୂଅରୁ ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାରେ ଶୁକ୍ରବାର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସୌଦାମିନୀ ସୁବୁଦ୍ଧି ଓ ତାଙ୍କ ପୁଅ ଜୀବନ। ସୂଚନାଥାଉ କି, ଗତ ବୁଧବାର ଯୁବତୀଙ୍କ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ଯୁବତୀଙ୍କ ମୃତଦେହ ସ୍କୁଲ ପରିସରସ୍ଥ କୂଅରୁ ମିଳିଥିଲା। ଏହା ପରେ ମୃତାଙ୍କ ମା’ଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୬/୩୪ରେ ଏକ ମାମଲା (ନଂ.୨୧୩/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

### ଗୋରୁ ଗାଡ଼ି ଅଟକାଇ ପୋଲିସ ଜିମା ଦେଲେ ଗ୍ରାମବାସୀ

ବାଲିପାଟଣା,୨୬।୬:(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ବସନ୍ତମାଳ ଠାରେ ଗୁରୁବାର ରାତିରେ ଗ୍ରାମବାସୀ ଏକ ଗୋରୁ ଗାଡ଼ି ଅଟକାଇ ପୋଲିସ ଜିମା ଦେଇଛନ୍ତି। ପୋଲିସ ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।
ଏ ନେଇ ଥାନାରେ ଏକ ମାମଲା (ନଂ.୧୯୧/୨୦)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଗ୍ରାମବାସୀ ଏକ ଟାଟା ସୁପର ଗାଡିକୁ ଅଟକାଇବା ସହ ପାଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ପଚାରିବାରୁ ସେ ବାଛୁରୀଙ୍କୁ କିଣି ନେଉଥିବା କହିଥିଲେ। କିନ୍ତୁ ରସିଦ ଦେଖାଇ ପାରି ନ ଥିଲେ। ପରେ ପୋଲିସ ୧୫ ବାଛୁରୀଙ୍କୁ ଉଦ୍ଧାର କରି ଗୋଶାଳାକୁ ପଠାଇଥିଲା।

### ଅଳିଆ ଉଠାଇବ ବ୍ୟାଟେରିଚାଳିତ ଗାଡ଼ି

କଟକ ଅଫିସ,୨୬।୬- କଟକ ସହରକୁ ସ୍ୱଚ୍ଛ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସିଏମ୍‌ସିର ସମସ୍ତ ୱାର୍ଡରେ ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରାଯିବ। ଏଥିପାଇଁ ବ୍ୟାଟେରିଚାଳିତ ଗାଡ଼ି ବୁଲିବ। ପ୍ରଥମ ପର୍ଯ୍ୟାୟରେ ସିଏମ୍‌ସି ଅନ୍ତର୍ଗତ ୨୭, ୨୮ ଓ ୪୪ ନଂ ୱାର୍ଡରେ ୬ଟି ବ୍ୟାଟେରିଚାଳିତ ଗାଡ଼ି ବ୍ୟବହାର କରାଯିବ। ଏନେଇ ସିଏମ୍‌ସି ପକ୍ଷରୁ ବିକାଶ ଭବନଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଡେପୁଟି କମିଶନର ସଞ୍ଜୀବିତା ରାୟ ଲୋକଙ୍କୁ ସଚେତନ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଲୋକେ କିପରି ଶୁଖିଲା ଓ ତରଳ ଆବର୍ଜନାକୁ ପୃଥକ୍ କରି ରଖିବେ, ଯାହା ପରେ ସିଏମ୍‌ସି ବ୍ୟାଟେରିଚାଳିତ ଗାଡ଼ି ଘରଘର ବୁଲି ସଂଗ୍ରହ କରିବ, ସେ ସମ୍ପର୍କରେ ସଚେତନ କରାଯାଇଥିଲା।

### ବେଆଇନ ନିର୍ମାଣାଧୀନ ଘର ଉଚ୍ଛେଦ

ଜଟଣୀ,୨୬।୬:(ଡି.ଏନ୍.ଏ.): ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଭାବେ ନିର୍ମାଣ ହୋଇଥିବା ଗୋଟିଏ ଅର୍ଦ୍ଧନିର୍ମିତ ଘରକୁ ଶୁକ୍ରବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜଟଣୀ ତହସିଲ ଅନ୍ତର୍ଗତ ବୁମାପଡ଼ା ମୌଜାର ଖାତା ନଂ. ୧୭୧ ଓ ପ୍ଲଟ ନଂ. ୪୧୬ରେ ଅର୍ଦ୍ଧ ନିର୍ମିତ ଘରକୁ ଭଙ୍ଗା ଯାଇଥିଲା। ଏଠାରେ ଥିବା ପୁରୀ ଶ୍ରୀମନ୍ଦିର ତହସିଲର ସହ ପ୍ରଶାସକ ସନ୍ତୋଷ ଶତପଥୀ, ଅନିଲ ପାଣିଗ୍ରାହୀ, ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ ଓ ବିଭାଗୀୟ କର୍ମଚାରୀ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ।

# ବିଷ ପିଇ ମା’, ୨ ପୁଅଙ୍କ ଆତ୍ମହତ୍ୟା

**ବରଗଡ଼ ଅଫିସ୍,୨୬।୬:**

ବରଗଡ଼ ସଦର ଥାନା ଅନ୍ତର୍ଗତ ଖୁଣ୍ଟପାଲି ନିକଟ ଚାରପାଲି ଗ୍ରାମର ଗୋପୀନାଥ ବନଛୋରଙ୍କ ପରିବାରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହ ଯୋଗୁ ଉକ୍ତ ପରିବାରର ମା’ଙ୍କ ସମେତ ଦୁଇ ପୁଅ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ମା’ ଉତ୍ତରା ବନଛୋର, ପୁଅ ବଳିଆ ବନଛୋର ଓ ଜଗା ବନଛୋର। ଖବର ପାଇ ବରଗଡ଼ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରିଛି। ପାରିବାରିକ କଳହରୁ ସେମାନେ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ସଦର ଥାନା ଆଇଆଇସି ଦିଲୀପ କୁମାର ବେହେରା କହିଛନ୍ତି। ସୂଚନା ଅନୁସାରେ, ଶୁକ୍ରବାର କୌଣସି କାରଣରୁ ଚାରପାଲି ଗ୍ରାମର ଗୋପୀନାଥ ବନଛୋରଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ପରେ ଗୋପୀନାଥଙ୍କ ସ୍ତ୍ରୀ ଉତ୍ତରା, ପୁଅ ବଳିଆ ଓ ଜଗା ବିଷ ପିଇ ଦେଇଥିଲେ। ପରିବାର ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ପୂର୍ତ୍ତ, ତହସିଲ ଅଫିସ୍ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ନିମାପଡ଼ା,୨୬।୬(ଡି.ଏନ୍.ଏ):**

ନିମାପଡ଼ା ଚାଷୀ ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଶୁକ୍ରବାର ପ୍ରଥମେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରେ ତହସିଲ ଅଫିସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରେଞ୍ଜ ଛକଠାରୁ ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ, ଚାଷୀଙ୍କ ଜମିରେ ବେଆଇନ ବ୍ରିଜ ଓ କଲଭର୍ଟ କାର୍ଯ୍ୟ ବନ୍ଦ କରିବା, ନିମ୍ନମାନର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ, ଧାନର ଅଭାବୀକୁ ରୋକାଯିବା, ପଞ୍ଜୀକୃତ ଚାଷୀଙ୍କ ଠାରୁ ଶୀଘ୍ର ଧାନ କ୍ରୟ କରିବା, ଫନୀ କ୍ଷତିଗ୍ରସ୍ତ ଧାନ ଓ ପାନ ଚାଷୀଙ୍କୁ ସରକାରୀ ସହୟତା ଦେବା ଆଦି ପ୍ରସଙ୍ଗ ଦାବିରେ ବିକ୍ଷୋଭ ହୋଇଥିଲା। ଆନ୍ଦୋଳନ ପରେ ମଞ୍ଚ ପକ୍ଷରୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମ୍ପ୍ୟୁଟର ଆସିଷ୍ଟାଣ୍ଟ ଶୈଳଦା ମହାନ୍ତି ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଦାବିପତ୍ର ଦିଆଯାଇଥିଲା। ମଞ୍ଚ ସଭାପତି ତପନଜ୍ୟୋତି ବରିହା, ସମ୍ପାଦକ ସଞ୍ଜୟ କେତନ ମହାପାତ୍ର, ମଧୁସୂଦନ ରାଉତରାୟ, ଲିଙ୍ଗରାଜ ପ୍ରଧାନ, ଶରତଚନ୍ଦ୍ର ଦାସ, ଶରତ ମିଶ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା।



କଟକସ୍ଥିତ ଯୋବ୍ରା ଆନିକଟଠାରେ ମହାନଦୀରେ ପ୍ରବାହିତ ବର୍ଷାଜଳ ।

# ୪୦ କୁକୁର, ବିଲୁଆଙ୍କୁ ହତ୍ୟା ଘଟଣା : ଅଭିଯୋଗର ୬ ଦିନ ପରେ ମାମଲା ରୁଜୁ

**ମାହାଙ୍ଗା,୨୬।୬(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଭଉଁରିଆ ପଞ୍ଚାୟତ ନହଙ୍ଗ ଗ୍ରାମରେ ମାଂସରେ ବିଷ ଦେଇ ୩୨ କୁକୁର ଓ ୮ ବିଲୁଆଙ୍କୁ ହତ୍ୟା କରାଯାଇଥିଲା। ଏନେଇ ୨ ଜଣଙ୍କ ନାମରେ ଜୁନ୍ ୨୦ରେ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଘଟିବାର ୬ ଦିନ ପରେ ପୋଲିସ ପକ୍ଷରୁ ଶୁକ୍ରବାର ମାମଲା (ନଂ.୧୩୪/୨୦) ରୁଜୁ କରାଯାଇଛି। ତଦନ୍ତରେ ଅବହେଳା କରୁଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ମାମଲା ରୁଜୁ ପରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ପୋତା ଯାଇଥିବା କୁକୁରମାନଙ୍କ ନମୁନା ବ୍ୟବଚ୍ଛେଦ ପାଇଁ ସଂଗ୍ରହ କରିଛନ୍ତି। ଖବରପାଇ ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟର ଏକ ୪ ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ତୁରନ୍ତ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ମାହାଙ୍ଗା ଥାନାରେ ଦାବି କରିଛନ୍ତି। ଏହି ଟିମ୍‌ରେ ଟ୍ରଷ୍ଟ ଅଧକ୍ଷା ପୂର୍ବି ପାତ୍ର, ଶୁଭେନ୍ଦୁ ସ୍ୱାଇଁ, ସତ୍ୟ ପୃଷ୍ଟି, ରଞ୍ଜନ କୁମାର ଗୌଡ ପ୍ରମୁଖ ସାମିଲ ହୋଇଥିଲେ।

# ବନ୍ଧୁକରେ ପିଟି ସୁନାଚେନ୍ ଲୁଟ

**ଭୁବନେଶ୍ୱର,୨୬।୬ (ବ୍ୟୁରୋ):**

**ବୃଦ୍ଧଙ୍କୁ ମହଙ୍ଗା ପଡ଼ିଲା ଷ୍ଟଣ୍ଟ ବିରୋଧ**

ରାସ୍ତା ଉପରେ ଏକାଠି ହୋଇ ଦେଖାଉଥିଲେ ଷ୍ଟଣ୍ଟ। ଯିବା ଆସିବାରେ ସମସ୍ୟା ହେଉଥିବାରୁ ଜଣେ ବୃଦ୍ଧ ଏହାକୁ ବିରୋଧ କରିଥିଲେ। ଯୁବକମାନେ ରାଗିଯାଇ ବନ୍ଧୁକରେ ତାଙ୍କୁ ମାଡ଼ ମାରିବା ସହ ସୁନାଚେନ୍ ଲୁଟି ନେଇଯାଇଛନ୍ତି। ଏଭଳି ଘଟଣା ଏୟାରଫିଲ୍ଡ ଥାନା ଅଧୀନ ବରକୁଦା ଅଞ୍ଚଳରେ ଦେଖିବାକୁ ମିଳିଛି। ଏ ନେଇ ବୃଦ୍ଧ ବୀରବର ସ୍ୱାଇଁ ଅଭିଯୋଗ କରିବା ପରେ ପୋଲିସ ଆର୍ମ ଆକ୍ଟରେ ଏକ ମାମଲା(ନଂ.୧୦୪/୨୦) ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ବରକୁଦା ଗ୍ରାମ ମୁଣ୍ଡରେ କେତେଜଣ ଯୁବକ ବାଇକ୍‌ରେ ଷ୍ଟଣ୍ଟ କରୁଥିଲେ। ଯିବାଆସିବାରେ ଲୋକଙ୍କୁ ସମସ୍ୟା ହେବାରୁ ବୀରବର ବିରୋଧ କରିଥିଲେ। ଏଥିରେ ଯୁବକମାନେ ତାଙ୍କୁ ମାଡ଼ ମାରିବା ସହ ସନ୍ଧ୍ୟାରେ ଦେଖିଦେବୁ ବୋଲି କହି ଚାଲିଯାଇଥିଲେ। ସନ୍ଧ୍ୟାରେ ବୀରବର ଘରେ ଥିବାବେଳେ ୩ଜଣ ଯୁବକ ଆସି ମୁଣ୍ଡରେ ବନ୍ଧୁକ ଲଗାଇ ଧମକ ଦେଇଥିଲେ। ତାଙ୍କ ପୁଅ ଆସି ବିରୋଧ କରିବାରୁ ଜଣେ ଯୁବକ ବନ୍ଧୁକ ପଛରେ ତାଙ୍କ ମୁଣ୍ଡରେ ପିଟି ଦେଇ ବୃଦ୍ଧଙ୍କ ସୁନା ଚେନ୍ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବୀରବର ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଗ୍ରାହକଙ୍କ ପାଇଁ ଖୋଲିଲା କଳାଭୂମି ବିକ୍ରୟ କେନ୍ଦ୍ର

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ପୋଖରୀପୁଟସ୍ଥିତ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ‘କଳାଭୂମି’ ବନ୍ଦ ରହିଥିବାବେଳେ କେବଳ ଏହା ପରିସରରେ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ବିକ୍ରୟ କେନ୍ଦ୍ରକୁ ଖୋଲାଯାଇଛି। ସାମାଜିକ ଦୂରତ୍ୱ ସହ ସରକାରଙ୍କ ଅନ୍ୟ ସମସ୍ତ କୋଭିଡ୍ ନିୟମ ଓ ସୁରକ୍ଷା କଟକକଣାକୁ ବଜାୟ ରଖି କଳାଭୂମିକା ବିକ୍ରୟ କେନ୍ଦ୍ର ଖୋଲାଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଏହି କେନ୍ଦ୍ରରେ ରାଜ୍ୟର ସୁନାମଧନ୍ୟ ତଥା ପୁରସ୍କାରପ୍ରାପ୍ତ କାରିଗରଙ୍କ କାରିଗରୀ ତଥା ହସ୍ତଶିଳ୍ପ ଓ ହସ୍ତତନ୍ତର ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କ ନିମନ୍ତେ ଉପଲବ୍ଧ ରହିଛି। ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ କାରିଗରଙ୍କୁ ପ୍ରୋତ୍ସାହିତ କରିବା ପାଇଁ କଳାଭୂମି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଏହି ଷ୍ଟୋର୍ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ।

# ଖାଲି ପଡ଼ିଛି ୫୭୨ ଶିକ୍ଷକ ପଦବୀ

**କଟକ ଅଫିସ,୨୬।୬**

**କଟକ ଜିଲା**
- ଠିକା ଶିକ୍ଷକରେ ଚାଲିଛି ପାଠପଢ଼ା
- ମିଶନ ଜିରୋ ଏଫ୍ ଉପରେ ପ୍ରଶ୍ନବାଚୀ

କରୋନା ପାଇଁ ଯଦିଓ ସ୍କୁଲ ବନ୍ଦ ରହିଛି, କିନ୍ତୁ କଟକ ଜିଲାରେ ବିଦ୍ୟାଳୟ ଶିକ୍ଷାକୁ ନେଇ ଚିନ୍ତାରେ ରହିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ଏହି ଅଭାବ ଦୂର କରିବା ପାଇଁ ଅତିଥି ଶିକ୍ଷକ ବା ଠିକା ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଅଳ୍ପ କିଛି ବର୍ଷ ପାଇଁ ନିଯୁକ୍ତି ପାଇଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସେମାନଙ୍କ ହାତରେ ସଠିକ ଦିଗ ପାଉ ନ ଥିବା ଆଶଙ୍କା କରିଛନ୍ତି ଅଭିଭାବକ ମହଲ। ଫେଲ୍ ସଂଖ୍ୟା କମାଇବା ପାଇଁ ସରକାର ମିଶନ ଜିରୋ ‘ଏଫ୍’ର ପରିକଳ୍ପନା କରିଛନ୍ତି। କିନ୍ତୁ ଆବଶ୍ୟକ ଶିକ୍ଷକ ନ ଥାଇ ଏହି ମିଶନ କିପରି ପୂରଣ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ଜିଲାରେ ମୋଟ ୫୪୭ଟି ହାଇସ୍କୁଲ ରହିଛି। ଅଧିକାଂଶ ସ୍କୁଲରେ ଆବଶ୍ୟକତାଠାରୁ ବହୁତ କମ୍ ଶିକ୍ଷକ ରହିଛନ୍ତି। ବିଭିନ୍ନ ହାଇସ୍କୁଲରେ ୫୭୨ଟି ଶିକ୍ଷକ ପଦବୀ ଏବେ ବି ଖାଲି ପଡ଼ିଛି। ଏଥିମଧ୍ୟରୁ କ୍ରୀଡ଼ା ଶିକ୍ଷକତାରେ ୫୮, ହିନ୍ଦୀରେ ୯୭, ସଂସ୍କୃତରେ ୬୨, ଉର୍ଦ୍ଦୁରେ ୩ଟି ପଦବୀ ରହିଛି। ସେହିପରି ଟ୍ରେନ୍‌ଡ ଗ୍ରାଜୁଏଟ ଟିଚରରେ ଆର୍ଟ୍ସରେ ୧୮୦, ସିବିଜେଡରେ ୩୨ ଓ ପିସିଏମ୍‌ରେ ୩୭ଟି ପଦବୀ ଫାଙ୍କା ପଡ଼ିଛି। କିନ୍ତୁ ସରକାର ଏନେଇ ନିଯୁକ୍ତି ମଧ୍ୟ ବାହାର କରୁନାହାନ୍ତି।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ କହିବା ଅନୁଯାୟୀ, ଶିକ୍ଷକ ନ ଥିବାରୁ ପାଠପଢ଼ା ବ୍ୟାହତ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସରକାର ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଖାଲି ପଦବୀ ପୂରଣ କରାଯିବା ପାଇଁ ସେ ଦାବି କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଛନ୍ତି, ଖାଲି ପଡ଼ିଥିବା ପଦବୀରେ ଅତିଥି ଶିକ୍ଷକମାନେ ପାଠ ପଢ଼ାଉଛନ୍ତି। ଜିଲାରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଅତିଥି ଶିକ୍ଷକ ରହିଛି। ଯେଉଁ ଶିକ୍ଷକମାନେ ଅବସର ନେଇଛନ୍ତି, ସେମାନଙ୍କୁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକ ଦିଆଯାଉଛି।

# ନିଶା ନିବାରଣ ସଚେତନତା

**ପୁରୀ ଅଫିସ,୨୬।୬:**

ନିଶା ଅନେକ ଲୋକଙ୍କ ଜୀବନ ଜୀବିକାକୁ ଦୁର୍ବିସହ କରି ପକାଉଛି। ବହୁ ଲୋକଙ୍କ ସଂସାର ଉଜାଡ଼ି ଦେଉଛି। ତେଣୁ ନିଶାଠାରୁ ଦୂରେଇ ରହି ଏକ ସୁସ୍ଥ ଏବଂ ରୋଗମୁକ୍ତ ଜୀବନ ଜିଇଁବା ପାଇଁ ଜନସାଧାରଣଙ୍କୁ ସଚେତନ କରିଛି ସେଣ୍ଟ ଜନ୍ ଜଗନ୍ନାଥ ଧାନ ଆମ୍ବୁଲାନ୍ସ ଡିଭିଜନ। ଶୁକ୍ରବାର ଷ୍ଟେଶନ ବଜାର ଅଞ୍ଚଳର ସମସ୍ତ ଦୋକାନୀ, ରିକ୍ସା ଚାଳକ ଏବଂ ବସ୍ତିବାସୀଙ୍କୁ ଡିଭିଜନ ପକ୍ଷରୁ ସଚେତନ କରାଯାଇଛି। ଡିଭିଜନ କମାଣ୍ଡର ଆଇନଜୀବୀ ଲାଲା ଅନନ୍ତ କୁମାର ସିଂଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ନାରାୟଣ ଚନ୍ଦ୍ର ସିହ୍ନା, ସତ୍ୟନାରାୟଣ ପାତ୍ର, ସନ୍ଦୀପ କୁମାର ଜେନା, ଶ୍ରୀଧର ସାହୁ, ସିଦ୍ଧାନ୍ତ ନାୟକ, ବିଶ୍ୱଜିତ କର, ରବୀନ୍ଦ୍ର ପଣ୍ଡା, ବୀରକିଶୋର ମହାନ୍ତି, ମାଧବ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

# ୭ ନର୍ସିଂହୋମରୁ ଜରିମାନା ଆଦାୟ

**କଟକ ଅଫିସ,୨୬।୬**

ବେସରକାରୀ ହସ୍ପିଟାଲ ପାଇଁ ଡିଏମ୍‌ଇଟି ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। କିଛି ବେସରକାରୀ ହସ୍ପିଟାଲ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଚାଲୁଛନ୍ତି। ଏପରି ହସ୍ପିଟାଲ ଓ ନର୍ସିଂହୋମକୁ ସାବାଡ୍ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଦୁଇ ଦିନ ହେଲା ଚଢ଼ାଉ ଜାରି ରହିଛି । ଶୁକ୍ରବାର ସିଏମ୍‌ସିର ଦୁଇଟି ଟିମ୍ ୭ଟି ନର୍ସିଂହୋମ ଉପରେ ଚଢ଼ାଉ କରି ଖିଲାପକାରୀଙ୍କଠାରୁ ପ୍ରାୟ ୨୭ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

# କାନ୍ତକବି ଥିଲେ ବିସ୍ମୟ

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

**ଡିଜିଟାଲ୍ ପ୍ଲାଟଫର୍ମରେ ‘ସଂସ୍କୃତି ଚର୍ଚ୍ଚା’**

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରକୃତରେ ଥିଲେ ଏକ ବିସ୍ମୟ। ତାଙ୍କର କାବ୍ୟକ ସାଧନା ବିରାଟ କାବ୍ୟ ସୃଷ୍ଟି କରି ନାହିଁ। କ୍ଷୁଦ୍ର ବା ଅତିକ୍ଷୁଦ୍ର କବିତା ସୃଷ୍ଟି ମଧ୍ୟରେ ତାଙ୍କର ସାଧନା ସୀମିତ ରଖିଥିଲେ ହେଁ ସେସବୁ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଚିତ୍ତାକର୍ଷକ ଥିବାରୁ ତାଙ୍କୁ ଓଡ଼ିଆ ସାହିତ୍ୟରେ ଅମର କରି ରଖିଛି ବୋଲି ମତପ୍ରକାଶ ପାଇଛି। ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅନୁଷ୍ଠିତ ୪୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନରେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର ଯୋଗଦେଇ ଏହା କହିଥିଲେ। କୋଭିଡ୍-୧୯ ପାଇଁ ଏଥର ମଧ ଡିଜିଟାଲ ମାଧ୍ୟମରେ ସଂସ୍କୃତି ଚର୍ଚ୍ଚା ହୋଇଥିବା ବେଳେ ଏଥିରେ ଯୋଗଦେଇ ମହାପାତ୍ର କହିଥିଲେ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ କବିତା ବନ୍ଦେ ଉତ୍କଳ ଜନନୀ ୧୯୧୨ରେ ବିଧିବଦ୍ଧ ଭାବେ ଉତ୍କଳ ସମ୍ମିଳନୀରେ ଗାନ କରାଯାଇଥିଲା। ଭଦ୍ରକ ହାଇସ୍କୁଲରେ ୧୯୩୪ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ତାଙ୍କୁ କାନ୍ତକବି ଉପାଧି ପ୍ରଦାନ କରାଯାଇଥିଲା। ଦୀର୍ଘ ଶହେ ବର୍ଷ ପରେ ଏହି ସଙ୍ଗୀତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କାଳରେ ଉନ୍ମାଦନ ସୃଷ୍ଟି କରି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା। ଆଉ ବର୍ତ୍ତମାନ ସମୟରେ ଏହାକୁ କୋଭିଡ୍ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଗାନ କରାଯିବା ସହ ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇଛି। କାନ୍ତକବି ସାହିତ୍ୟର ସବୁ ବିଭାଗକୁ ଋଦ୍ଧିମନ୍ତ କରିଥିଲେ ବୋଲି ସମ୍ମାନର ମୁଖ୍ୟଅତିଥି ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ। ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

# ଘରୋଇ ହସ୍ପିଟାଲରେ ଡାଏଲିସିସ୍ ରୋଗୀଙ୍କୁ ଅବହେଳା

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

- କରୋନା ଟେଷ୍ଟ କରିବାକୁ କହି ଫେରାଇ ଦେଲେ
- ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ ପରେ କ୍ୟାପିଟାଲ ହସ୍ପିଟାଲରେ ହେଲା ଚିକିତ୍ସା

ମହାମାରୀ କରୋନା ପାଇଁ ଡାକ୍ତରଖାନାରେ ଅନ୍ୟ ରୋଗୀମାନେ ଚିକିତ୍ସା ଅବହେଳାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଘରୋଇ ହସ୍ପିଟାଲଗୁଡ଼ିକରେ ଅବହେଳା ଓ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣାକୁ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଜଣେ ମହିଳା ରୋଗୀ ଡାଏଲିସିସ୍ କରିବା ପାଇଁ ଯାଇଥିଲେ। କିନ୍ତୁ ବିନା କରୋନା ଟେଷ୍ଟରେ ଡାଏଲିସିସ୍ କରିବାକୁ ମନା କରିଦେଇଥିଲେ ଡାକ୍ତରଖାନା କର୍ତ୍ତୃପକ୍ଷ। ତାଙ୍କର ସପ୍ତାହକୁ ୩ଥର ଡାଏଲିସିସ୍‌ର ଜରୁରୀ ଆବଶ୍ୟକତା ଥିବାବେଳେ ପୂର୍ବରୁ ଗତ ୨ମାସ ହେବ ସେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବ୍ଲୁ ହୁଇଲ ହସ୍ପିଟାଲରେ ଡାଏଲିସିସ୍ କରୁଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ ପାଇଁ ଉକ୍ତ ହସ୍ପିଟାଲ ସିଲ୍ ହେବା ପୂର୍ବରୁ କର୍ତ୍ତୃପକ୍ଷ ସେଠାରେ ଡାଏଲିସିସ୍ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଫଳରେ ମହିଳା ଜଣକ ଡାଏଲିସିସ୍ ପାଇଁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଘରୋଇ ହସ୍ପିଟାଲକୁ ଡାଏଲିସିସ୍ ପାଇଁ ଯାଇଥିଲେ। ଶେଷ ଦୁଇଟି ଡାଏଲିସିସ୍ ମଧ୍ୟ ଉକ୍ତ ହସ୍ପିଟାଲରେ କରିଥିଲେ। ଆଉ ଗୋଟିଏ ଡାଏଲିସିସ୍ ଗୁରୁବାର କରିବାର ଥିଲା। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ମନା କରିବାରୁ ସେ ଫେରି ଆସିଥିଲେ। ଶୁକ୍ରବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପୁନର୍ବାର ଉକ୍ତ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ପୁଣି ସେହି କଥା କୁହାଯିବାରୁ ପରିବାର ଲୋକେ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ତାଙ୍କର କରୋନା ଟେଷ୍ଟ କରାଇଥିଲେ। କିନ୍ତୁ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଡାଏଲିସିସ୍ କରିବେ ନାହିଁ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇ ଚିକିତ୍ସା କରାଗଲା ନାହିଁ। ଫଳରେ ରୋଗୀ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ଗୁରୁତର ହୋଇପଡିଥିଲା। ଶେଷରେ ପରିବାର ଲୋକେ ସ୍ୱାସ୍ଥ୍ୟ ବିଭାଗର ହସ୍ତକ୍ଷେପ ଲୋଡ଼ିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଘଟଣା ସଂକ୍ରାନ୍ତରେ ଜଣାଇ ସମସ୍ୟା ସମାଧାନ ପାଇଁ ଅତିରିକ୍ତ ସଚିବ ଅଶୋକ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉକ୍ତ ରୋଗୀଙ୍କର ତୁରନ୍ତ କରୋନା ନମୁନା ପରୀକ୍ଷା ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହୋଇଥିଲା। ଏଥିସହିତ କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ଡାଏଲିସିସ୍ ହୋଇଥିଲା। ଏଥିପାଇଁ ପରିବାର ଲୋକେ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

## ଓଷକଣାର ଦୁଇ ଗାଁ ୩ ଦିନ ଶଟ୍‌ଡାଉନ

ବାଲିକୁଦା(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଧୀନ ଓଷକଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଟିଏମସିରୁ ଜଣେ ପ୍ରବାସୀ ପ୍ରାଚୀର ଡେଇଁ ଚାଲିଯିବାରୁ ସରପଞ୍ଚ ତନିଲତା ସେଠୀ ପଞ୍ଚାୟତର ଓଷକଣା ବଜାର ସମେତ ଓଷକଣା ଓ ପାଣିତିରା ଗାଁକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ନିୟମ ଶୁକ୍ରବାର ଦିନ୧୦ଟାଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ବଳବତ୍ତର ରହିବ। ଫେରାର ପ୍ରବାସୀଙ୍କ ଶୁକ୍ରବାର ଭଉଣୀ ବାହାଘର ଥିଲା। ତେଣୁ ତାଙ୍କୁ ଛାଡ଼ିବାକୁ ବାପା ସରପଞ୍ଚଙ୍କୁ କହିଥିଲେ। ସରପଞ୍ଚ ରାଜି ହୋଇ ନ ଥିଲେ। ଏ ବାବଦରେ ସରପଞ୍ଚ ସେଠୀ ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ଫେରାର ପ୍ରବାସୀ ପୁଣି ରାତିରେ ଫେରି ଆସିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଜଳିଗଲା ୧୦ ବଖରା, ଦେଢ଼ ଲକ୍ଷ ଟଙ୍କା

ବାଲିକୁଦା,୨୬।୬(ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ଓଷକଣା ପଞ୍ଚାୟତ ବଡ଼କଣ ଗାଁରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୧୦ ବଖରା ଜଳିଯାଇଛି। ଏଥିସହିତ ଝିଅ ବାହାଘର ପାଇଁ ଥିବା ଦେଢ଼ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ସମେତ ଘରର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବାଲିକୁଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ମଧାହ୍ନରେ ଉକ୍ତ ଗାଁର ଆଦିକନ୍ଦ ସ୍ୱାଇଁଙ୍କ ଘରକୁ ଯାଇଥିବା ବିଦ୍ୟୁତ୍ ସଂଯୋଗରୁ କୌଣସି ପ୍ରକାରେ ଶର୍ଟସର୍କିଟ ଘଟିଥିଲା। ସେଥିରୁ ନିଆଁ ଲାଗି ପ୍ରଥମେ ସ୍ୱାଇଁଙ୍କ ଘର ସମେତ ବ୍ରହ୍ମାନନ୍ଦ ସ୍ୱାଇଁ, ସନାତନ ସ୍ୱାଇଁ, ତପନ ସ୍ୱାଇଁ, ବିପିନ ସ୍ୱାଇଁ ଓ ନେତ୍ରାନନ୍ଦ ସ୍ୱାଇଁଙ୍କ ଘରକୁ ନିଆଁ ବ୍ୟାପିଥିଲା। ଆସନ୍ତା ୧୩ ତାରିଖରେ ଅଗ୍ନି ବିପନ୍ନ ବ୍ରହ୍ମାନନ୍ଦଙ୍କ ଝିଅ ବାହାଘର ଥିଲା। ସେଥିପାଇଁ ସେ ବ୍ୟାଙ୍କରେ ରଖିଥିବା ଦେଢ଼ ଲକ୍ଷ ଟଙ୍କା ଆଣି ଘରେ ରଖିଥିଲେ। ଝିଅ ପାଇଁ ସମସ୍ତ ସୁନାଗହଣା କିଣିଥିଲେ। ଏହି ଅଗ୍ନିକାଣ୍ଡରେ ସେସବୁ ପାଉଁଶ ହୋଇଯାଇଛି। ୬ପରିବାରଙ୍କ ବର୍ଷକ ପାଇଁ ଥିବା ଧାନ ଚାଉଳ, ମୁଗ ବିରି ଓ ଗୋ ଖାଦ୍ୟସମେତ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଆସବାବପତ୍ର ପାଉଁଶ ହୋଇଯାଇଛି।

### ଟ୍ରକ୍ ଓଲଟି ଶ୍ରମିକ ମୃତ

ଚଣ୍ଡିଖୋଲ/ଛତିଆ, ୨୬।୬ (ଡି.ଏନ୍.ଏ.): ବୈରୀ ଥାନା କାଇମାଟିଆ ପଞ୍ଚାୟତ ଅଭୟପୁର ନିକଟରେ ଶୁକ୍ରବାର ଭୋରରୁ ଏକ ବେଆଇନ ମାଙ୍କଡା ବୋଝେଇ ଟ୍ରକ (ଓଆର୍-୦୪-ଡି-୬୭୯୮) ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଥାନା ଅଧୀନ ସୋଲର ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ (୪୫)। ଗାଡିରେ ଥିବା ଅନ୍ୟ କେତେଜଣ ଶ୍ରମିକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାଯାଇଛି। ବୈରୀ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରିବା ସହିତ କେସ୍ ନଂ. ୭୨/୨୦ରେ ଏକ ମାମଲା ରୁଜୁ କରିଛି। ଶ୍ରୀକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଯାଇଛି।

### ବାଲି ଚୋରା ଚାଲାଣ, ଟ୍ରାକ୍ଟର ଜବତ

ଧର୍ମଶାଳା, ୨୬।୬ (ଡି.ଏନ୍.ଏ.): ଧର୍ମଶାଳା ତହସିଲ ଅଧୀନ ଜେନାପୁର ଓ କାଏମାଠାରେ ବେଆଇନ ଭାବେ ବାଲି ପରିବହନ କରୁଥିବା ୨ଟି ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇଛି। ବିନା ଆର୍‌ଫର୍ମରେ ବାଲି ବୋଝେଇ କରି ନେଉଥିବା ଉକ୍ତ ଦୁଇ ଟ୍ରାକ୍ଟରକୁ ଜବତ କରାଯାଇଥିବା ବେଳେ ଜରିମାନା ଆଦାୟ କରାଯାଇ ଛଡ଼ା ଯିବ ବୋଲି ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

ଆଳି,୨୬।୬(ଡି.ଏନ.ଏ): କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଗୌଡପାଟଣା ଗ୍ରାମର ପୋଖରୀରେ ବୁଡ଼ି ଯିବାରୁ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାବଗ୍ରାହୀ ପରିଡା(୪୨)। ସକାଳେ ସେ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ମଧ୍ୟରୁ ଗ୍ରାମବାସୀ ଭାବଗ୍ରାହୀଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରାକ୍ଟର ମାଲିକ ସଂଘର ଧାରଣା

ରତ୍ନଗିରି, ୨୬।୬ (ଡି.ଏନ୍.ଏ.): ଲକ୍‌ଡାଉନ୍ ଯୋଗୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବାଲି ଘାଟ ବନ୍ଦ ହେବା ସହ ଟ୍ରାକ୍ଟର ଚଳାଚଳ ଉପରେ ରୋକ ଲଗାଯାଇଥିଲା। ମାତ୍ର ଟ୍ରାକ୍ଟର ସଂଘ ତରଫରୁ ବରୀ ତହିସିଲଦାର ସରୋଜକାନ୍ତ ନାୟକଙ୍କ ସହ ଆଲୋଚନା ପରେ ସରକାରୀ ରାଜକୋଷକୁ ଟ୍ରାକ୍ଟର ସଂଘ ତରଫରୁ ୩ ଲକ୍ଷ ୭୫ ହଜାର ଟଙ୍କା ଦିଆଯାଇଥିଲା। ଟ୍ରାକ୍ଟରଗୁଡ଼ିକ ବାଲି ପରିବହନ କରିପାରିବେ ବୋଲି ତହସିଲଦାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ତହସିଲ ପକ୍ଷରୁ ଟ୍ରାକ୍ଟରଗୁଡ଼ିକୁ ଜବତ କରାଯାଇ ଜରିମାନା ଆଦାୟ କରାଯିବାକୁ ବିରୋଧ କରି ଗୁରୁବାର ଟ୍ରାକ୍ଟର ସଂଘ ସଦସ୍ୟ ତହସିଲ ଅଫିସ ଆଗରେ ଧାରଣାରେ ବସିଥିଲେ। ବରୀମାଉଣ୍ଡ ଥାନା ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ବରୀ ତହସିଲଦାର କୁହନ୍ତି, ବେଆଇନ ବାଲି ଉଠାଣକୁ କୌଣସି ପରିସ୍ଥିତିରେ ସୁଯୋଗ ଦିଆଯିବନାହିଁ।

# ଗୋଦାମରେ ଦୁଇମାସର ଚାଉଳ, ଡାଲି

**ଆତ୍ମନିର୍ଭର ଭାରତ ଯୋଜନା**

- ଆବଣ୍ଟନର ମାସେ ପରେ ପହଞ୍ଚିଲା ସାମଗ୍ରୀ
- ଅପେକ୍ଷାରେ ଯାଜପୁର ଜିଲାର ପ୍ରବାସୀ ଗରିବ
- ଉଦ୍‌ବେଗ ପ୍ରକାଶ କଲେ ଯୋଗାଣ ନିଗମ ଏମ୍‌ଡି

ଯାଜପୁର ଅଫିସ,୨୬।୬

କୋଭିଡ୍-୧୯ ପରିସ୍ଥିତିରେ ଆତ୍ମନିର୍ଭର ଭାରତ ଯୋଜନାରେ ପ୍ରବାସୀ ଗରିବ ଲୋକଙ୍କୁ ମେ, ଜୁନ ଦୁଇମାସର ଚଣା ଡାଲି ଓ ଚାଉଳ ଦେବାକୁ ଘୋଷଣା ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମେ ୧୭ରୁ ଏଥିପାଇଁ ଚାଉଳ ଓ ଚଣାଡାଲି ଆବଣ୍ଟିତ (ଆଲଟମେଣ୍ଟ)ହୋଇସାରିଛି। କିନ୍ତୁ ବିଡମ୍ବନା ଯେ, କେନ୍ଦ୍ର ଓ ରାଜ୍ୟସ୍ତରରେ ଆବଶ୍ୟକ ବ୍ୟବସ୍ଥାର ଅଭାବ ଯୋଗୁ ଯାଜପୁର ଜିଲାକୁ ଚାଉଳ ଓ ଚଣାଡାଲି ଶୁକ୍ରବାର ପହଞ୍ଚିଥିବା ଜଣାପଡିଛି। ଶନିବାରଠାରୁ ହିତାଧିକାରୀଙ୍କୁ ଚାଉଳ ଓ ଡାଲି ବଣ୍ଟନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଅନୁଗୋଳ, ଭଦ୍ରକ, ବୌଦ୍ଧ, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼ ଜିଲାରେ ବହୁ ପୂର୍ବରୁ ଚାଉଳ ଉଠାଣ ସମ୍ପୂର୍ଣ୍ଣ ହୋଇ ହିତାଧିକାରୀଙ୍କୁ ବଣ୍ଟନ ଆରମ୍ଭ ହୋଇଥିବାବେଳେ ଯାଜପୁର ଜିଲାରେ ଏଯାଏ ଗୋଦାମ ଗୃହରେ ସୀମିତ ରହିଛି। ଏହାକୁ ନେଇ ଗତ ୨୪ ତାରିଖରେ ହୋଇଥିବା ଭିଡିଓ କନଫରେନ୍ସ ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ୍ କେଶରୀ ଦାସ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଶୁକ୍ରବାର ସୁଦ୍ଧା ଏହି ଯୋଜନା ଅନ୍ତର୍ଗତ ସମସ୍ତ ଚାଉଳ ଓ ଚଣାଡାଲି ଉଠାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ଯାଜପୁର ଜିଲାକୁ ୨୧,୧୪୩ ପ୍ରବାସୀ ଫେରିଛନ୍ତି। ଆତ୍ମନିର୍ଭର ଭାରତ ଯୋଜନାରେ ଯେଉଁ ଗରିବ ପ୍ରବାସୀଙ୍କ ରାଶନକାର୍ଡ ନାହିଁ ସେମାନଙ୍କୁ ମୁଣ୍ଡପିଛା ମାସିକ ୫ କେଜି ଚାଉଳ ଓ ପରିବାର ପିଛା ମାସକୁ ୧ କେଜି ଚଣାଡାଲି ଦେବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଯାଜପୁର ଜିଲା ପାଇଁ ୪୭୮.୧୦ କୁଇଣ୍ଟାଲ ଚାଉଳ ଓ ୯୫.୬୨ କୁଇଣ୍ଟାଲ ଚଣା ଡାଲି ଆବଣ୍ଟିତ ହୋଇଛି। କିନ୍ତୁ ଶୁକ୍ରବାର ସୁଦ୍ଧା କୌଣସି ପ୍ରବାସୀ ଓଡ଼ିଆଙ୍କୁ ଏହି ଚାଉଳ କିମ୍ବା ଡାଲି ବଣ୍ଟନ ହୋଇ ପାରିନାହିଁ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ(ପିଏମ୍‌ଜିକେଏୱାଇ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ରେ ଆଗୁଆ ୩ ମାସର ଡାଲି ମାଗଣାରେ ଯୋଗାଇ ଦେବାକୁ ଘୋଷଣା କରାଯାଇଛି। ଏଥିପାଇଁ ଯାଜପୁର ଜିଲାକୁ ୧୧୭୮.୪୯୦ ମେଟ୍ରିକ ଟନ୍ ହରଡଡାଲି ଆବଣ୍ଟିତ ହୋଇଛି। ସେଥିମଧ୍ୟରୁ ଗତ ୨୩ ତାରିଖ ସୁଦ୍ଧା ୧୧୫୧.୪୧୦ ମେଟ୍ରିକଟନ ଡାଲି ଉଠାଣ ହୋଇଥିବାବେଳେ ୯୭୨.୨୯୪ ମେଟ୍ରିକ ଟନ୍ ଚାଉଳ ବଣ୍ଟନ ହୋଇଛି ବୋଲି ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଅର୍ଥାତ୍ ଏଯାଏ ସମ୍ପୂର୍ଣ୍ଣ ଡାଲି ବଣ୍ଟନ ହୋଇ ପାରି ନ ଥିବାରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ହିତାଧିକାରୀଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଆସନ୍ତା ଶନିବାର ସୁଦ୍ଧା ସମସ୍ତ ଡାଲି ଉଠାଇ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ଏମ୍‌ଡି ଦାସ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମୃତକଙ୍କ ନାଁରେ ମାଗଣା ଚାଉଳ ଓ ରିଲିଫ୍ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରାଯାଇ ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। ତେଣୁ ପ୍ରବାସୀ ଓଡ଼ିଆ ହିତାଧିକାରୀଙ୍କୁ ଚଣାଡାଲି ଓ ଚାଉଳ ବଣ୍ଟନରେ ମଧ୍ୟ ହେରାଫେରି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଜଗତ୍‌ସିଂହପୁରରେ ପୁଣି ୨୯ ସଂକ୍ରମିତ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ,୨୬।୬

ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବଢିଚାଲିଛି। ଶୁକ୍ରବାର ଜିଲାରେ ପୁଣି ୨୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ବିରିଡ଼ି ବ୍ଲକ ଅଞ୍ଚଳରୁ ୧୦ଜଣ। ସେଥିରେ ମହାରାଷ୍ଟ୍ରରୁ ୩, ଝାରଖଣ୍ଡ ୧, ତେଲେଙ୍ଗାନା ୧, ସୌଦୀ ଆରବ ୧ ଓ ତାମିଲନାଡୁରୁ ୪ ଜଣ ଫେରିଛନ୍ତି। ବାଲିକୁଦା ବ୍ଲକ ଅଞ୍ଚଳର ୫ଜଣଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଦିଲ୍ଲୀ, ଗୁଜୁରାଟ ଓ ପଞ୍ଜାବରୁ ଜଣେ ହିସାବରେ ଫେରି ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛନ୍ତି। ତିର୍ତ୍ତୋଲର ୭ଜଣଙ୍କ ମଧ୍ୟରୁ ତାମିଲନାଡୁରୁ ୧, ଓମାନରୁ ୧ ସମେତ ମହାରାଷ୍ଟ୍ର ଫେରନ୍ତା ୫ଜଣ ରହିଛନ୍ତି। ୬ ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେସନ୍‌ରେ ଥିବା ଜଣାଯାଇଛି। ରଘୁନାଥପୁରରୁ ଚିହ୍ନଟ ୫ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ର ୩, ତାମିଲନାଡୁ ୧ ଓ ଦିଲ୍ଲୀରୁ ଜଣେ ଫେରିଛନ୍ତି। କୁଜଙ୍ଗ ବ୍ଲକର ଚିହ୍ନଟ ୨ଜଣଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର ଓ ଜଣେ ତାମିଲନାଡୁ ଫେରନ୍ତା ବୋଲି ଜଣାଯାଇଛି। ଏହାକୁ ମିଶାଇଲେ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୨୬୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୫୫ ସୁସ୍ଥ ହୋଇଥିବା ବେଳେ ୧୧୩ ଜଣ ଚିକିତ୍ସାଧୀନ ଅଛନ୍ତି।

## ରାସ୍ତାରୁ ସଫାହେଲା ପେଲେଟ



ରାସ୍ତାରୁ ପେଲେଟ ସଫା କରାଯାଉଛି।

କଳିଙ୍ଗନଗର,୨୬।୬(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମାନପୁର ସାଇଡିଂରୁ ଡୁବୁରୀ ଛକ ପର୍ଯ୍ୟନ୍ତ ରାସ୍ତାକୁ ଶୁକ୍ରବାର ସଫା କରାଯାଇଛି। ଏହି ରାସ୍ତାରେ ପେଲେଟ ପଡି ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ ଯେ, ବିଆର୍‌ପିଏଲ୍ କାରଖାନାରୁ ସୁକିନ୍ଦା ରେଲୱେ ସାଇଡିଂ ଓ ପାରାଦୀପ ବନ୍ଦରରୁ ଏହି ପେଲେଟ ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଉଛି। ରପ୍ତାନି ସମୟରେ ରାସ୍ତାସାରା ପେଲେଟ ପଡ଼ି ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ହେବା ପରେ ରାସ୍ତାରୁ ପେଲେଟ ସଫେଇ ପାଇଁ ନିଯୁକ୍ତ ଠିକାସଂସ୍ଥା ଦ୍ୱାରା ରାସ୍ତା ସଫା ଆରମ୍ଭ ହୋଇଛି।

## ପଶ୍ଚିମବଙ୍ଗ ଶ୍ରମିକଙ୍କୁ ନେଇ ଉତ୍ତେଜନା

ନାଉଗାଁ,୨୬।୬(ସ୍ୱ.ପ୍ର.)

ପଶ୍ଚିମବଙ୍ଗ ଶ୍ରମିକଙ୍କୁ ନେଇ ନଉଗାଁ ବ୍ଲକ ଅଧୀନ ଗଜରାଜପୁର ପଞ୍ଚାୟତର ଡୁମ୍ଭେଶ୍ୱରରେ ଉତ୍ତେଜନା ସୃଷ୍ଟି ହୋଇଛି। କରୋନା ଭୂତାଣୁର ଦ୍ରୁତ ସଂକ୍ରମଣ ସମୟରେ ଏହି ଶ୍ରମିକମାନେ ବାହାରୁ ଆସି ଏଠାରେ କାମ କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଯେଉଁ ଶ୍ରମିକମାନେ ଏଠାରେ କାମ୍ କରୁଛନ୍ତି ସେମାନଙ୍କ ସ୍ୱାବ୍ ପରୀକ୍ଷା ହୋଇଛି କି ନାହିଁ ତାହା ଯାଞ୍ଚ କରିବାକୁ ଦାବି ହୋଇଛି।

ସୂଚନା ଅନୁସାରେ, ବ୍ଲକ ଅଧୀନ ଦେବୀନଦୀର ଡୁମ୍ଭେଶ୍ୱର ନିକଟରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ କରୁଥିବା ଏକ ଘରୋଇ କମ୍ପାନୀ ପଶ୍ଚିମବଙ୍ଗରୁ କେତେଜଣ ଶ୍ରମିକ ଆଣି ନିୟୋଜିତ କରିଛି। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଶ୍ଚିମବଙ୍ଗରୁ ଏଠାକୁ ଫେରିଥିବା ଅଧିକାଂଶ ପ୍ରବାସୀ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ତେଣୁ ପଶ୍ଚିମବଙ୍ଗରୁ ଆସୁଥିବା ଶ୍ରମିକଙ୍କଠାରେ କରୋନା ଭୂତାଣୁ ଥିବା ସନ୍ଦେହ କରାଯାଉଛି। ଜଗତ୍‌ସିଂହପୁର ଲେବର ଇନ୍ସପେକ୍ଟର ଶାନ୍ତନୁ ବ୍ରହ୍ମା କହିଛନ୍ତି, ଏବେ ଗାଡ଼ି ଚଳାଚଳ କରୁଥିବାରୁ କିଏ କେଉଁଠାରୁ ଆସୁଛନ୍ତି ଜାଣିବା ସମ୍ଭବ ହେଉନି। ଯେଉଁ ସଂସ୍ଥା କାର୍ଯ୍ୟ କରୁଛି ସେ ବାହାର ରାଜ୍ୟରୁ ଶ୍ରମିକ ଆଣିବା ପୂର୍ବରୁ ବ୍ଲକ ପ୍ରଶାସନ ସହିତ ଯୋଗାଯୋଗ କରିବା କଥା। ବ୍ଲକ ପ୍ରଶାସନ ପକ୍ଷରୁ ଅନୁମତି ପାଇବା ପରେ ଶ୍ରମିକ ଆଣି କାର୍ଯ୍ୟରେ ନିୟୋଜିତ କରିପାରିବେ। ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ଏ ବିଷୟରେ ସେ ଅବଗତ ନ ଥିଲେ। ଖୁବ୍‌ଶୀଘ୍ର ସମ୍ପୃକ୍ତ ସଂସ୍ଥା ସହ ଯୋଗାଯୋଗ କରି ସମସ୍ତ ବିଷୟରେ ଯାଞ୍ଚ କରିବେ।

## ତଦନ୍ତ କଲା ସ୍ୱତନ୍ତ୍ର କମିଟି

**ଜାତୀୟ ରାଜପଥ ସମ୍ପ୍ରସାରଣ: ମନମୁଖି କାମ କରୁଛନ୍ତି ଠିକାଦାର**

ଚଣ୍ଡିଖୋଲ, ୨୬।୬ (ଡି.ଏନ୍.ଏ.)

ଚଣ୍ଡିଖୋଲ-ଡୁବୁରୀ ୫୩ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ରାଜପଥରେ ବହୁ ଦୁର୍ଘଟଣା ବଢୁଛି। ଏ ନେଇ ସଚେତନ ନାଗରିକ ମଞ୍ଚ ତରଫରୁ ଅଭିଯୋଗ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଚଣ୍ଡିଖୋଲ ଆର୍‌ଟିଓ ଲାଲମୋହନ ସେଠୀଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର କମିଟି କ୍ଷେତ୍ର ପରିଦର୍ଶନ କରିଥିଲେ। ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ପ୍ରାୟ ୧୮ କି.ମି. ପର୍ଯ୍ୟନ୍ତ ଖୋଳା ଯାଇଥିବାରୁ ଏହା ଗାଡ଼ିମୋଟର ଚାଳକ ଓ ପଥଚାରୀଙ୍କ ପାଇଁ ବିପଦଜନକ ହୋଇଛି। ଏ ନେଇ ଜିଲାପାଳ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଠିକାସଂସ୍ଥା ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥର ଚଢ଼େଇଧରାଠାରୁ ବ୍ରାହ୍ମଣୀ ବ୍ରିଜ୍ ମଧ୍ୟରେ ରାସ୍ତା ଉଭୟ ପାର୍ଶ୍ୱରୁ ୩ରୁ ୪ ଫୁଟ୍ ଖୋଳି ଦେଇଥିବା ବେଳେ ଏ ନେଇ କୌଣସି ସୂଚନା ଫଳକ ଲଗାଇ ନାହାନ୍ତି। ଏପରିକି ରାସ୍ତା ପାର୍ଶ୍ୱରେ ସୁରକ୍ଷା ପାଇଁ କୌଣସି ବାଡ଼ ମଧ୍ୟ ଦିଆଯାଇନି। ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଅନ୍ୟପଟେ ଜାତୀୟ ରାଜପଥରୁ ବଉଳମାଳ ହାଟ ସଂଯୋଗୀକରଣ ରାସ୍ତାକୁ ଠିକାଦାର ଖେଳି ଦେଇଥିବାରୁ ସେହି ରାସ୍ତା ଦେଇ ଯା'ଆସ କରିବା ସମ୍ଭବ ହେଉନି। ଯାହାଫଳରେ ସପ୍ତାହରେ ଦୁଇ ଦିନ ବସୁଥିବା ଏହି ହାଟର ବ୍ୟବସାୟୀ ବହୁ ଅସୁବିଧା ଭୋଗୁଛନ୍ତି। ଏହାଛଡ଼ା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ କରାଯାଇ ସେହି ସ୍ଥାନରୁ ବାହାରୁଥିବା ମୋରମ ଓ ମାଟିକୁ ଅନ୍ୟତ୍ର ନିଆଯାଇଥିବା ନାଗରିକ ମଞ୍ଚ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

## କଣ୍ଡସରା ନାଳ ପୁନରୁଦ୍ଧାର ଦାବି

ରସୁଲପୁର/ଯାଜପୁର ଟାଉନ, ୨୬।୬ (ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତର କାଣ୍ଡସରା ନାଳ ପୁନରୁଦ୍ଧାର ନିମନ୍ତେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଜିଲା ପ୍ରଶାସନର ଅନୁମତି ଲୋଡାଯାଇଛି। ପ୍ରଶାସନ ଯଦି ଅନୁମତି ନ ଦିଏ ତେବେ ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କ୍ଷତିଗ୍ରସ୍ତ ହେବେ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ସ୍ଥାନୀୟ ଲୋକପ୍ରତିନିଧି ଓ ବ୍ଲକ ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଥିଲେ ବି କିଛି ସୁଫଳ ମିଳିପାରିନାହିଁ। ଫଳରେ ଉକ୍ତ ନାଳ ପ୍ରାୟ ୧୦ବର୍ଷ ହେବ ସଫା ହୋଇପାରି ନ ଥିବାରୁ ଉଭୟ ପାର୍ଶ୍ୱରେ ଥିବା ଚାଷଜମିରେ ପାଣି ମାଡ଼ିଯାଉଛି। ତେଣୁ ଚଳିତ ବର୍ଷ ବର୍ଷା ଋତୁ ପୂର୍ବରୁ ନାଳ ସଫା କରିବାକୁ ଚାଷୀମାନେ ଗୁରୁବାର ଜିଲାପାଳଙ୍କୁ ଏକ ଦରଖାସ୍ତ ଦେଇଛନ୍ତି। ନାଳ ପୁନରୁଦ୍ଧାର କରା ନ ଗଲେ କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳ ଅଫିସ୍ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

**ଆୟବ୍ୟୟ ହିସାବ ଦାବି**

ଏରସମା,୨୬।୬(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଶୁକ୍ରବାର ୱାର୍ଡ ସଭ୍ୟାସଭ୍ୟ ତାଲା ପକାଇ ଧାରଣାରେ ବସିଛନ୍ତି। ଗତ ୪ ବର୍ଷରେ ପଞ୍ଚାୟତରେ ହୋଇଥିବା ଆୟବ୍ୟୟ ହିସାବ ଦେବା ପାଇଁ ସେମାନେ ଦାବି କରିଛନ୍ତି।

ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଆୟବ୍ୟୟ ହିସାବକୁ ନେଇ ସରପଞ୍ଚ ବେବି ଗଛାୟତ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହିସାବ ନ ଦେଇ ସମୟ ଗଡ଼େଇ ଚାଲିଛନ୍ତି ବୋଲି ଅଭିଯୋଗ କରି କୃତ୍ତିବାସ ବାରିକ, ସୌଦାମିନୀ ପ୍ରଧାନ, ମନୀଷା ମହାନ୍ତି, ଶୁଭାଶିଷ ମହାନ୍ତି, ମଧୁସ୍ମିତା ମହାନ୍ତି, କଲ୍ୟାଣୀ ସାହୁ, ଅଭୟ ପରିଡା, ବୀରବର ପାଲ ପ୍ରମୁଖ ସଭା କକ୍ଷ ତ୍ୟାଗ କରିବା ସହ ସଭାଗୃହ ଓ କାର୍ଯ୍ୟାଳୟରେ ତାଲା ଦେଇ ଧାରଣାରେ ବସିଥିଲେ। ହିସାବ ପାଇଁ ଗତ ୪ ମାସ ହେବ ସେମାନେ ସରପଞ୍ଚଙ୍କ ନିକଟରେ ଦାବି କରି ଆସୁଥିବା ଅଭିଯୋଗ କରିଛନ୍ତି। ହିସାବ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଗଛାୟତ କହିଛନ୍ତି, ବାରମ୍ବାର ପିଇଓ ବଦଳି ଯାଉଥିବାରୁ ହିସାବ ଦିଆଯାଇ ପାରି ନାହିଁ। ତଥାପି ୭ ଦିନ ମଧ୍ୟରେ ପୂର୍ବତନ ପିଇଓଙ୍କ ସହ ପରାମର୍ଶ କରି ହିସାବ ଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ମାତ୍ର ସେମାନେ ନ ବୁଝି ଧାରଣାରେ ବସିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ୱାର୍ଡ ସଭ୍ୟାସଭ୍ୟ ଧାରଣା ଦେଇଛନ୍ତି।

## 'ପରିବେଶ ପ୍ରଦୂଷଣ ସମ୍ପର୍କରେ ମିଥ୍ୟା ଅଭିଯୋଗ ହେଉଛି'

କଳିଙ୍ଗନଗର,୨୬।୬(ଡି.ଏନ.ଏ.)

କଳିଙ୍ଗନଗରରେ ଗଢ଼ିଉଠିଥିବା ଭିସା ଷ୍ଟିଲ କାରଖାନାରେ ଯଖପୁରା ପଞ୍ଚାୟତ ଅଞ୍ଚଳର ବହୁ ଲୋକ କାମ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି। କାରଖାନାଟି ସୁଚାରୁରୂପେ ଚାଲୁଥିବା ସମୟରେ ପରିବେଶ ପ୍ରଦୂଷଣ ସମ୍ପର୍କରେ ବାରମ୍ବାର ମିଥ୍ୟା ଅଭିଯୋଗ ଅଣାଯାଉଛି। ଏହାଦ୍ୱାରା କମ୍ପାନୀକୁ ବନ୍ଦ କରିଦେବା ପାଇଁ ଅପଚେଷ୍ଟା କରାଯାଉଛି। ତେଣୁ ମିଥ୍ୟା ଅଭିଯୋଗକାରୀ ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭିସା ଷ୍ଟିଲ କର୍ମଚାରୀମାନେ ଯାଜପୁର ଏସ୍‌ପିଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଭିସା ଷ୍ଟିଲରେ ନିୟମ ମୁତାବକ ଜଳ ଓ ବାୟୁ ପ୍ରଦୂଷଣ ରୋକିବାକୁ ଆବଶ୍ୟକ ଯନ୍ତ୍ରପାତି ଲାଗିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଯେଉଁସବୁ ନିର୍ଦ୍ଦେଶ ଜାରି କରୁଛନ୍ତି ତାହା ମଧ୍ୟ ପାଳନ କରାଯାଉଛି। ସମସ୍ତ ପରୀକ୍ଷା ନିରୀକ୍ଷାରେ ଭିସା ଷ୍ଟିଲ ପ୍ରଦୂଷଣ ବିଭାଗର ନିୟମକୁ ପାଳନ କରୁଥିବା ପ୍ରମାଣିତ ହୋଇଛି ବୋଲି ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ସ୍ମାରକପତ୍ରରେ ସଞ୍ଜୀବ କୁମାର ସାମଲ, ଆବୁନସର ଖାନ, ଅକ୍ଷୟ କୁମାର ରାଉତ, କୈଳାସ ଝା, ପ୍ରସନ୍ନ କୁମାର ନାୟକ, ଅଜୟ କୁମାର ନାୟକ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ତାହାର ଏକକିତା ନକଲ ମୁଖ୍ୟଶାସନ ସଚିବ, ଏସ୍‌ପିସିବିର ଅଧକ୍ଷ, ୫-ଟି ସଚିବ, ଶିଳ୍ପ ବିଭାଗ ସଚିବ, ଯାଜପୁର ଜିଲାପାଳ, ଏସ୍‌ପିସିବିର ସଦସ୍ୟ ସଚିବ ପ୍ରମୁଖଙ୍କୁ ପ୍ରେରଣ କରାଯାଇଥିବା ସୂଚନା ଦିଆଯାଇଛି।

## ପ୍ରବାସୀଙ୍କ ନାମ ପଞ୍ଜୀକୃତ ନ ହେବାରୁ ଥାନାରେ ମାମଲା

ଏରସମା,୨୬।୬(ସ୍ୱ.ପ୍ର.): ଏରସମା ପଞ୍ଚାୟତରେ ପ୍ରବାସୀଙ୍କ ନାମ ପଞ୍ଜୀକୃତ କରି ନ ଥିବା ଅଭିଯୋଗରେ ସରପଞ୍ଚଙ୍କ ପ୍ରତିନିଧିଙ୍କ ନାମରେ ଥାନାରେ ଅଭଯୋଗ ହୋଇଛି। ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁଙ୍କ ପ୍ରତିନିଧି ନିରାକାର ସ୍ୱାଇଁ ପଞ୍ଚାୟତରେ କରୋନା କାର୍ଯ୍ୟ ପରିଚାଳନା କରୁଥିଲେ। ଦିଲ୍ଲୀରେ ରହୁଥିବା ଏହି ପଞ୍ଚାୟତର ଜଣେ ପ୍ରବାସୀ ଏରସମା ଫେରିବା ପରେ ନିରାକର ତାଙ୍କ ନାମ ପଞ୍ଜୀକୃତ ନ କରି ଏରସମା ହାଇସ୍କୁଲରେ ଚାଲିଥିବା ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ଗୁରୁବାର ସମ୍ପୃକ୍ତ ପ୍ରବାସୀଙ୍କ ସ୍ୱାବ୍ ରିପୋର୍ଟରୁ ପଜିଟିଭ ବାହାରିବା ପରେ ପ୍ରକୃତ ଘଟଣା ଜଣାପଡ଼ିଥିଲା। ଫଳରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ଅଗୋଚରରେ ଜଣେ ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବା ଅଭିଯୋଗରେ ଗୁରୁବାର ରାତିରେ ଏରସମା ବିଡିଓ କୈଳସ ଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୧୬/୨୦) ରୁଜୁ ହୋଇଛି ବୋଲି ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି।

## ଗୋରୁ ବୋଝେଇ ୮ ଗାଡ଼ି ଜବତ, ୨ ଗିରଫ

ଖଣ୍ଡପଡ଼ା,୨୬।୬(ସ୍ୱ.ପ୍ର.)

ଖଣ୍ଡପଡା ଥାନା ଓ କଣ୍ଟିଲୋ ଫାଣ୍ଡି ପୋଲିସ ଗୁରୁବାର ରାତିରେ ବଡବାଣପୁର ପଞ୍ଚାୟତ ବାରଖୋଲା ନିକଟରେ ଚଢାଉ କରି ଗୋରୁ ବୋଝେଇ ୭ କଣ୍ଟେନର (୧୦ଚକିଆ ଗାଡି) ଓ ଗୋଟିଏ ମହିନ୍ଦ୍ରା ପିକ୍‌ଅପ ଭ୍ୟାନ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଳକ ଏସ୍.କେ. ସୋଲେମାନ ଓ ହେଲ୍‌ପର ଅନୀଲ ପାତ୍ର। ଏମାନଙ୍କ ଘର ବେଗୁନିଆ ଅଞ୍ଚଳରେ। ଗାଡିଗୁଡିକୁ କଣ୍ଟିଲୋ ଫାଣ୍ଡିରେ ରଖାଯାଇଥିବା ବେଳେ ୮୮ ଗୋରୁଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ କିଆଝର ପଞ୍ଚାୟତର ଏକ ଗୋଶାଳାକୁ ପଠାଇ ଦିଆଯାଇଛି। ଗୋରୁଙ୍କୁ କୋଲକାତା ଚାଲାଣ କରାଯାଉଥିଲା ବୋଲି ପୋଲିସ କହିଛି। ଏ ନେଇ ଖଣ୍ଡପଡା ଥାନାରେ ଏକ ମାମଲା (ନଂ.୧୬୮/୨୦) ରୁଜୁ ହୋଇଛି। ଚଢାଉରେ ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଆଇଆଇସି ବିମଳ କୁମାର ମଲ୍ଲିକ, କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟପ୍ରକାଶ ପରିଡା ପ୍ରମୁଖ ସାମିଲ ହୋଇଥିଲେ।



ଜବତ ଗୋରୁ ବୋଝେଇ ଗାଡ଼ି।

## ନବବଧୂ ମୃତ୍ୟୁ ଘଟଣା: ଦୁଇ ନଣନ୍ଦଙ୍କୁ ଗିରଫ ଦାବି

ବାଲିଆ,୨୬।୬: ବିରିଡ଼ି ଥାନା ଦଣ୍ଡିଲୋ ଗ୍ରାମର ନବବଧୂ ଧରିତ୍ରୀ ସ୍ୱାଇଁଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଉଛି। ଶୁକ୍ରବାର ଘଟଣାରେ ସମ୍ପୃକ୍ତ ଧରିତ୍ରୀଙ୍କ ୨ ନଣନ୍ଦଙ୍କୁ ଗିରଫ ପାଇଁ ହାଜିପୁର ମହିଳା ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ବ୍ଲକ ଉପାଧକ୍ଷା ତଥା ମହିଳା ସଙ୍ଗଠିକା ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ସଙ୍ଗଠନର ବହୁ ସଦସ୍ୟା ବିରିଡି ଆଇଆଇସି ପାରାଓ ଟୁଡୁଙ୍କୁ ଭେଟି ଏହି ଦାବି କରିଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଗିରଫ କରା ନ ଯାଏ ଆଗକୁ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଅଧିକ ଯୌତୁକ ଦାବିକରି ଧରିତ୍ରୀଙ୍କୁ ଶାଶୁଘର ଲୋକ ହତ୍ୟା କରିଥିବା ତାଙ୍କ ଭାଇ ଅଭିଯୋଗ କରିଥିଲେ। ଘଟଣାରେ ସ୍ୱାମୀ ଓ ଶାଶୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ

### ଭିନ୍ନକ୍ଷମ ପରିବାରକୁ ପ୍ରଶାସନର ଅଣଦେଖା

ଖଣ୍ଡପଡ଼ା,୨୬।୬(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ ସାନଖଜୁରିଆ ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ଅନ୍ତର୍ଯାମୀ କର (୪୨)ଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ପ୍ରଶାସନିକ ଅଣଦେଖା ଯୋଗୁ ତାଙ୍କ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା ଅଭିଯୋଗ ହୋଇଛି।

ଭାଇ, ଭାଉଜ ଓ ୭୫ ବର୍ଷର ଶ୍ୱାସ ରୋଗରେ ପୀଡିତା ମାଆଙ୍କ ସହ ଏକ ଚାଳ ଛପର ଘରେ ରହୁଛନ୍ତି ଅବିବାହିତ ଯୁବକ ଅନ୍ତର୍ଯାମୀ। ୮ବର୍ଷ ତଳେ ବାଇକ୍ ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ସେ ଭିନ୍ନକ୍ଷମ ପାଲଟିଯାଇଛନ୍ତି। ପରିବାର ଲୋକେ ଧାରଉଧାର କରି ତାଙ୍କ ଚିକିତ୍ସାରେ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ହେଁ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରିବର୍ତ୍ତେ ଏବେ ଶଯ୍ୟାଶାୟୀ ଅବସ୍ଥାରେ ପଡି ରହିଛନ୍ତି। ଅନ୍ତର୍ଯାମୀ ଭତ୍ତା ପାଉ ନ ଥିବାବେଳେ ରାଶନ କାର୍ଡ ନ ଥିବାରୁ ଏହି ପରିବାର ଖାଉଟି ସାମଗ୍ରୀରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ସେମାନଙ୍କୁ ବାସଗୃହ ଖଣ୍ଡେ ମିଳିପାରିନାହିଁ। ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଭେଟି ବିଭିନ୍ନ ସମୟରେ ଦୁଃଖ ଜଣାଇଥିଲେ ହେଁ କେବଳ ପ୍ରତିଶ୍ରୁତି ମିଳିବା ସାର ହୋଇଛି ବୋଲି କହନ୍ତି ଅନ୍ତର୍ଯାମୀଙ୍କ ଭାଉଜ ବିଷ୍ଣୁପ୍ରିୟା କର। କିଆଝର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂ ଅନ୍ତର୍ଯାମୀଙ୍କ ଭତ୍ତା କରିବା ପାଇଁ ବ୍ଲକ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକଙ୍କ ପରାମର୍ଶକ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନିଶଙ୍କ କହନ୍ତି, ୧୦/୧୨ଦିନ ପୂର୍ବରୁ ସମ୍ପୃକ୍ତ ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ପାଇଁ ଆବେଦନ କରିଛନ୍ତି। ବର୍ତ୍ତମାନ ଟାର୍ଗେଟ ପୂରଣ ହୋଇଯାଇଥିବାରୁ ଆଗାମୀ ଦିନରେ ତାଙ୍କର ଭତ୍ତା ନିଶ୍ଚୟ ହେବ। ତାଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ରାଶନକାର୍ଡ ସମ୍ପର୍କରେ ସେ ଯୋଗାଣ ନିରୀକ୍ଷକଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି।



ପରିବାର ସଦସ୍ୟଙ୍କ ଗହଣରେ ଭିନ୍ନକ୍ଷମ ଅନ୍ତର୍ଯାମୀ

**ନର୍ସିଂହୋମ ଉପରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଡ଼ାଉ**

ଭଦ୍ରକ ଅଫିସ- ଭଦ୍ରକ ଜିଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଓ ଜିଲା ପ୍ରଶାସନର ଏକ ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଶୁକ୍ରବାର ସହରର ବିଭିନ୍ନ ନର୍ସିଂହୋମ୍‌ରେ ଚଡ଼ାଉ କରିଥିଲା। ବିଭିନ୍ନ ନର୍ସିଂହୋମ୍‌ରେ ମହାମାରୀ କରୋନା ଗାଇଡଲାଇନ କିଭଳି ପାଳନ କରାଯାଉଛି ତାହା ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଲି ଦେଖିଥିଲା। ଭଦ୍ରକ ମୁଖ୍ୟ ଜିଲାଧିକାରୀ ଡ. ସତ୍ୟେନ୍ଦ୍ର କୁମାର ପାତ୍ରଙ୍କ ସମେତ ଅତିରିକ୍ତ ଜିଲା ଜିଲାଧିକାରୀ ଡ. ପ୍ରଦୀପ କୁମାର ଖୁଣ୍ଟିଆ, ଡ. ଶିବାଶିଷ ମହାରଣା, ଡ. ଶ୍ରୀଲିନ ଦାସ ପ୍ରମୁଖ ଚଡ଼ାଉରେ ସାମିଲ ଥିଲେ। ଭଦ୍ରକ ତହସିଲଦାର ଜ୍ୟୋତିବିକାଶ ଦାସ, ଅତିରିକ୍ତ ତହସିଲଦାର ଦସ୍ତିରଞ୍ଜନ, ମିନାକ୍ଷୀ ଦାସ ପ୍ରମୁଖ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ତୁଲାଇଥିଲେ।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ରାଇରଙ୍ଗପୁର,୨୬।୬(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାଡଲା ପଞ୍ଚାୟତର ଖଡ଼ିଆଶୋଳ ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ସେହି ଗ୍ରାମର ସିଙ୍ଗରାୟ ସୋରେନଙ୍କ ୪ ବର୍ଷର ପୁଅ ମଙ୍ଗଳ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅପରାହ୍ନ ୪ଟା ସମୟରେ ସିଙ୍ଗରାୟ ତାଙ୍କ ପୁଅକୁ ନେଇ ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀ ତୁଠରେ ବସାଇ ସିଙ୍ଗରାୟ ଗାଧୋଉଥିବା ବେଳେ ମଙ୍ଗଳ ପାଣିରେ ବୁଡ଼ି ଯାଇଥିଲେ। ପରେ ସିଙ୍ଗରାୟ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୨୬।୬-ବାଲେଶ୍ୱର ସହରସ୍ଥିତ ଗଡ଼ଗଡ଼ିଆ ଛକରେ ନବନିର୍ମିତ ଏକ ଆଧୁନିକ ଯାତ୍ରୀ ବିଶ୍ରାମାଗାରକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହି ଯାତ୍ରୀ ବିଶ୍ରାମାଗାର ଦ୍ୱାରା ଚନ୍ଦିପୁର, ବଲରାମଗଡ଼ି, ଗୋପାଳପୁର, ଧାମରା, ରସାଲପୁର ଅଞ୍ଚଳର ଲୋକେ ଉପକୃତ ହେବେ। ଉଦ୍‌ଘାଟନୀ ସଭାରେ ପୂର୍ବତନ ଏମ୍‌ପି ଡ଼. ରବୀନ୍ଦ୍ର କୁମାର ଜେନା, ଲାୟନ୍ସ କ୍ଲବ ଜିଲା ଗଭର୍ଣ୍ଣର ପ୍ରକାଶ ଜେନା, ଗଡ଼ଗଡ଼ିଆ ଚଇନ କମିଟି ସଭାପତି ସୁଧାଂଶୁ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜନକାରୀଙ୍କ ମଧ୍ୟରେ ଲାୟନ୍ସ କ୍ଲବ ଭାଇସ ଗଭର୍ଣ୍ଣର ଏଲ୍‌ଜନ ପ୍ରଫୁଲ୍ଲ ସାମଲ, ଓ ଏସ୍. ବି. ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନୀ ଉତ୍ସବକୁ ପରିଚାଳନା କରିଥିଲେ।

### କୋଭିଡ୍-୧୯ କାର୍ଯ୍ୟରେ ଅବହେଳା: ସିଆରସିସି ନିଲମ୍ବିତ

ବନ୍ତ,୨୬।୬(ଡି.ଏନ୍.ଏ./ସ୍ୱ.ପ୍ର.): କୋଭିଡ୍-୧୯ କାର୍ଯ୍ୟରେ ଅବହେଳା ଓ ରାଜନୈତିକ କାର୍ଯ୍ୟକଳାପରେ ସଂପୃକ୍ତ ହେବା ଅଭିଯୋଗରେ ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆରସିସି)ଙ୍କୁ ଶିକ୍ଷା ବିଭାଗ ନିଲମ୍ବିତ କରିଛି। ନିଲମ୍ବିତ ସିଆରସିସି ହେଲେ ବନମାଳୀ ନାୟକ। ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ ଅନୁଯାୟୀ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା ଚିଠି ନଂ.୧୧୫୬/ତା.୨୫।୦୬।୨୦୨୦ରେ ନିଲମ୍ବନ କରିଥିବା ସୂଚନା ମିଳିଛି। କାଦବରାଙ୍କ ସିଆରସିସି ମନୋଜ କୁମାର ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନେଇ ନିଲମ୍ବିତ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସମ୍ପର୍କରେ ନିଲମ୍ବିତ ସିଆରସିସି ନାୟକଙ୍କୁ ପଚାରିବାରୁ ଈଦମସି ପରିଚାଳନା ଖର୍ଚ୍ଚ ଓ୍ୱାର୍କ ଫର୍ମାଟରେ ଦସ୍ତଖତ ନ କରିବାରୁ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ନିଲମ୍ବନ କରାଯାଇଥିବା କହିଥିଲେ।

### ନାବାଳିକା ବଳାତ୍କାର ପରେ ହତ୍ୟା ଘଟଣା ଜେଲ୍ ଗଲେ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ,୨୬।୬-ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡିରେ ଜଣେ ନାବାଳିକାକୁ ଅପହରଣ, ବଳାତ୍କାର ଓ ପରେ ହତ୍ୟା ଘଟଣାରେ ସଦର ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ମାମଲା ନଂ. ୧୭୨/୨୦ରେ ଜରଡ଼ା ଥାନା ଅନ୍ତର୍ଗତ ଖାରିଆଗୁଡ଼ାର ଆଲୋକ ମହାରଣା (୨୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଆଲୋକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ନେଇ ସଦର ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମାର୍ଚ୍ଚରେ ଆଲୋକ ଏକ ନାବାଳିକାକୁ ଅପହରଣ କରି କୁକୁଡ଼ାଖଣ୍ଡିରେ ଏକ ଘର ଭଡ଼ା ନେଇ ବଳାତ୍କାର କରି ଆସୁଥିଲେ। ଗତ ୨୦ ତାରିଖରେ ନାବାଳିକାଙ୍କ ମୃତଦେହ ପୋଲିସ ଉକ୍ତ ଘରୁ ଜବତ କରିଥିଲା।

# ଆଜିଠୁ ବ୍ରହ୍ମପୁର ୪ ଦିନ ଶଟ୍‌ଡାଉନ୍

ବ୍ରହ୍ମପୁର ଅଫିସ,୨୬।୬

କରୋନା ସଂକ୍ରମଣ ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ଶନିବାରଠାରୁ ୪ ଦିନ ବ୍ରହ୍ମପୁର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଶୁକ୍ରବାର ସକାଳୁ ପରିବା ବଜାର, ଭେଣ୍ଡି ଜୋନ୍‌ଗୁଡ଼ିକରେ ଲୋକଙ୍କର ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଶନିବାରରୁ ମଙ୍ଗଳବାର ୪ ଦିନ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ପନିପରିବା, ତେଲବାଡ଼ି ସମେତ ସମସ୍ତ ପ୍ରକାର ଦୋକାନ ବଜାର ବନ୍ଦ ରହିବ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ। କେବଳ ଔଷଧ ଦୋକାନ, ସ୍ୱାସ୍ଥ୍ୟ ସେବା ଓ କ୍ଷୀର ଯୋଗାଣ ଜାରି ରହିବ। ବଜାରରେ ପନିପରିବା ମିଳିବ ନାହିଁ ବୋଲି ଲୋକେ


ଶଟ୍‌ଡାଉନ୍ ଘୋଷଣା ପରେ ବଜାରରେ ଲୋକେ ବିଭିନ୍ନ ସାମଗ୍ରୀ ପାଇଁ ଭିଡ଼ ଜମାଉଛନ୍ତି।

**ବଜାରରେ ଅସମ୍ଭାଳ ଭିଡ଼**

ଜାଣିବାକୁ ପାଇଥିଲେ। ଏଣୁ ଶୁକ୍ରବାର ସକାଳେ ଲୋକମାନେ ସହରର ବଜାର ସମେତ ପନିପରିବା ଓ ଭେଣ୍ଡିଂ ଜୋନ୍‌ରେ ବିଭିନ୍ନ ସାମଗ୍ରୀ କିଣିବାକୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ,ଏପ୍ରିଲ ଶେଷ ସୁଦ୍ଧା ଗଞ୍ଜାମରେ କରୋନା ପଜିଟିଭ୍ ବାହାରି ନ ଥିଲା। ହେଲେ ପ୍ରବାସୀମାନେ ଫେରିବାରୁ ମେ ୨ ତାରିଖରେ ପ୍ରଥମେ ଜିଲାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

# ଗଞ୍ଜାମରେ ଆଉ ୫୦ ପଜିଟିଭ୍ ଚିହ୍ନଟ

ଛତ୍ରପୁର,୨୬।୬(ଡି.ଏନ୍.ଏ.)

**ଆକ୍ରାନ୍ତଙ୍କ ସଂଖ୍ୟା ୧୧୩୮ କୁ ବୃଦ୍ଧି**

ଗଞ୍ଜାମ ଜିଲାରେ ଶୁକ୍ରବାର ଗୋଟିଏ ଦିନରେ ୫୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ କରୋନା ଯୋଦ୍ଧା, ୪ ଜଣ ଅନ୍ୟ ରାଜ୍ୟ ଫେରନ୍ତା ଓ ପଜିଟିଭଙ୍କ ସଂସ୍ପର୍ଶରେ ଆସିବାରୁ ଜଣ ସଂକ୍ରମିତ ହୋଇଛନ୍ତି। ଫଳରେ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୧୩୮କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଜିଲାରେ ଶୁକ୍ରବାର ସୁସ୍ଥ ହୋଇଥିବା ଆଉ ୪୩ ଜଣଙ୍କୁ ମିଶାଇଲେ ବର୍ତ୍ତମାନ ସୁଦ୍ଧା ୮୧୧ ଜଣ ସୁସ୍ଥ ହେଲେଣି। ଅନ୍ୟ ୩୧୯ ଜଣ ଚିକିତ୍ସାଧୀନ ଥିବାବେଳେ ୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଶୁକ୍ରବାର ଚିହ୍ନଟ ଆକ୍ରାନ୍ତ କରୋନା ଯୋଦ୍ଧାଙ୍କ ମଧ୍ୟରେ ଆସିକାରୁ ୮ଜଣ, ବ୍ରହ୍ମପୁର ମହାନଗର ନିଗମରୁ ୩ ଜଣ, କବିସୂର୍ଯ୍ୟନଗର ଓ କୋଦଳାରୁ ଜଣେ ଲେଖାଏଁ ଅଛନ୍ତି। ସୁରଟ, ମୁମ୍ବାଇ, ପୁନେ ଓ ଗୁଜରାଟରୁ ଫେରିଥିବା ୪ ଜଣଙ୍କ ମଧ୍ୟରେ କୁକୁଡ଼ାଖଣ୍ଡିରୁ ୨ ଏବଂ ରଙ୍ଗେଇଲୁଣ୍ଡା ଓ ସୋରଡ଼ାରୁ ଜଣେ ଲେଖାଏଁ ଅଛନ୍ତି। ସେହିପରି ପଜିଟିଭଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ଆସିକା, ଖଲ୍ଲିକୋଟ, ପୁରୁଷୋତ୍ତମପୁର ଓ ସାନଖେମୁଣ୍ଡିରୁ ୨ ଜଣ ଲେଖାଏଁ, ବ୍ରହ୍ମପୁର ମହାନଗର ନିଗମରୁ ୩ ଜଣ, କବିସୂର୍ଯ୍ୟନଗରରୁ ୧୫ ଜଣ, ଛତ୍ରପୁର ଓ କୁକୁଡ଼ାଖଣ୍ଡିରୁ ଜଣେ ଲେଖାଏଁ ଏବଂ କୋଦଳାରୁ ୫ ଜଣ ଅଛନ୍ତି।

# କରୋନା ଯୋଦ୍ଧାଙ୍କ ପାଇଁ ବଢ଼ୁଛି ଚିନ୍ତା

ଛତ୍ରପୁର,୨୬।୬(ଡି.ଏନ୍.ଏ.)

**୯ ଦିନରେ ୯୪ ସଂକ୍ରମିତ, ରୋଟେସନରେ ଡ୍ୟୁଟି**

ଗଞ୍ଜାମ ଜିଲାରେ କରୋନା ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଜିଲାକୁ ଏ ପର୍ଯ୍ୟନ୍ତ ୨ ଲକ୍ଷ ୧୬ ହଜାର ୮୨୦ ପ୍ରବାସୀ ଫେରିଛନ୍ତି। ପୂର୍ବରୁ କେବଳ କ୍ୱାରେଣ୍ଟାଇନରେ ରହୁଥିବା ପ୍ରବାସୀଙ୍କ ମଧ୍ୟରୁ କରୋନା ପଜିଟିଭ୍ ଚିହ୍ନଟ ହେଉଥିଲେ। ଏବେ କିଛିଦିନ ହେଲା କରୋନା ଯୋଦ୍ଧା ଓ ସ୍ଥାନୀୟ ଲୋକ ମଧ୍ୟ ସଂକ୍ରମିତ ହେଉଥିବା ଦେଖାଯାଉଛି। କରୋନା ଯୋଦ୍ଧା ଡାକ୍ତର, ନର୍ସ, ବିଡ଼ିଓ, ତହସିଲଦାରଙ୍କଠାରୁ ଆରମ୍ଭ କରି ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପୋଲିସ ଅଧିକାରୀ ଓ କର୍ମଚାରୀ ନିଜ କର୍ତ୍ତବ୍ୟ କରିବା ସମୟରେ ସଂକ୍ରମିତ ହୋଇଛନ୍ତି। ଗତ ୯ ଦିନ ମଧ୍ୟରେ ଜିଲାରେ ୯୪ କରୋନା ଯୋଦ୍ଧା ପଜିଟିଭ ଚିହ୍ନଟ ହୋଇ ଥିବାରୁ ମହାମାରୀ ମୁକାବିଲା ପାଇଁ ପ୍ରଶାସନ ଚିନ୍ତା ବଢ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ୧୩, ୧୯ ତାରିଖରେ ୧୨, ୨୦ରେ ୬ ଜଣ, ୨୧ ତାରିଖରେ ୧୦ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି। ସେହିପରି ୨୨ ତାରିଖରେ ୨, ୨୩ ତାରିଖରେ ୬, ୨୪ ତାରିଖରେ ୧୪, ୨୫ ତାରିଖରେ ୧୮ ଏବଂ ଶୁକ୍ରବାର ୧୩ କରୋନା ଯୋଦ୍ଧା ପଜିଟିଭ ଚିହ୍ନଟ ହୋଇଛନ୍ତି। କୋଭିଡ୍ ଯୋଦ୍ଧାଙ୍କ ବିନା ମହାମାରୀ ପରିଚାଳନା ଅସମ୍ଭବ। ତେଣୁ ଗତ ବୁଧବାରଠାରୁ ୧୦ ଦିନ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଜିଲାପାଳ କଟକଣା ଲଗାଇଥିବା ବେଳେ କୋଭିଡ୍ ଯୋଦ୍ଧାମାନେ ରୋଟେସନରେ ଡ୍ୟୁଟି କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ସଂକ୍ରମିତ କରୋନା ଯୋଦ୍ଧା ସୁସ୍ଥ ହେବା ପରେ ପୁଣି କାର୍ଯ୍ୟରେ ଯୋଗ ଦେଉଛନ୍ତି।

## କୋଭିଡ୍ ନିୟମ ନ ମାନି ବାହାଘର ଭୋଜି

ବୁଗୁଡ଼ା,୨୬।୬(ଡି.ଏନ୍.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ୪ ସ୍ଥାନରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବାହାଘର ଭୋଜି ଚାଲିଥିବାବେଳେ ସେମାନଙ୍କଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋଲିଆ ଗ୍ରାମର ୩ଟି ସ୍ଥାନରେ ଗୁରୁବାର ବାହାଘର ଭୋଜି ଆୟୋଜନ ଚାଲିଥିବା ବେଳେ ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଏଏସ୍‌ଆଇ କାର୍ତ୍ତିକ ନାୟକ ସଦଳବଳେ ଚଡ଼ାଉ କରିଥିଲେ। ଭୋଜି କରୁଥିବା ୩ ଜଣଙ୍କଠାରୁ ୧୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିପରି ଶୁକ୍ରବାର ଭୋଗରା ଠାରେ ତହସିଲଦାର ଓ ପୋଲିସ ଅଧିକାରୀ ମିଳିତ ଚଡ଼ାଉ କରି ଭୋଜି ସାମଗ୍ରୀ ନଷ୍ଟ କରିବା ସହ ଭୋଜି ଆୟୋଜନ କରିଥିବା ବ୍ୟକ୍ତିଙ୍କ ଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ବୁଗୁଡ଼ା ବୁଢ଼ଖୋଲ ଛକ ଠାରେ ଥିବା ଏକ ମଦ ଦୋକାନକୁ ମଧ୍ୟ ତହସିଲଦାର ସିଲ୍ କରିଛନ୍ତି।

## ବାରାକ୍ ସାହି କଣ୍ଟେନମେଣ୍ଟ ଜୋନ୍

ଛତ୍ରପୁର,୨୬।୬(ଡି.ଏନ୍.ଏ.)

ଛତ୍ରପୁର ଏନ୍‌ଏସି ବାରାକ ସାହିରେ ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଟ୍ରେସ୍ ପାଇଁ ବାରାକ୍ ସାହିକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ଶଙ୍କରମଠ ସାହି, ରିକାପଲ୍ଲି ଛକ, ରାମକୃଷ୍ଣ ନଗର, ବିଦ୍ୟାଧରନଗରକୁ ବଫର ଜୋନ ଘୋଷଣା କରାଯାଇଛି। କଣ୍ଟେନମେଣ୍ଟ ଓ ବଫରଜୋନ ଘୋଷଣା ପାଇଁ ତହସିଲଦାର ନୀଳମାଧବ ଭୋଇଙ୍କ ପକ୍ଷରୁ ସବୁଦିନ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିଲା।

# ପୁଣି ବାହାରିଲେ ୪୪ ନାଗ

ଭଦ୍ରକ ଅଫିସ, ୨୬।୬

ଗତବର୍ଷ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ନାଗ ବାହାରିଥିବା ବେଳେ ଶୁକ୍ରବାର ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ରଙ୍ଗାରାଜପୁର ଗ୍ରାମରୁ ପୁଣି ମାଳ ମାଳ ନାଗ ଉଦ୍ଧାର ହେବା ଚହଳ ସୃଷ୍ଟି କରିଛି। ବିଜୟ ବିଶ୍ୱାଳଙ୍କ ଘରେ ଥିବା ୪୩ଟି ଛୁଆ ଓ ମା' ନାଗ ସମେତ ୫୮ଟି ଅଣ୍ଡାକୁ ସାପ ଧରାଳି ମିର୍ଜା ଆରିଫ ଉଦ୍ଧାର କରିଛନ୍ତି। ଗତ ୮ଦିନ ହେଲା ମାଟି ଘର ଭିତରେ ସାପ ବୁଲୁଥିବା ବିଶ୍ୱାଳଙ୍କ ପରିବାର ଲୋକେ ଦେଖିଥିଲେ। ସାପ ଭୟରେ ପରିବାର ଲୋକେ ୭ଦିନ ହେଲା ଅନ୍ୟଜଣଙ୍କ ଘରେ ଶୋଉଥିଲେ। ଶୁକ୍ରବାର ସକାଳୁ ସାପଧରାଳି ଆରିଫ ପହଞ୍ଚି ଦୀର୍ଘ ୬ଘଣ୍ଟା ପରିଶ୍ରମ କରି ମାଟିଘର ତଳ ଓ କାନ୍ଥ ଖୋଳିବା ପରେ ସାପଗୁଡ଼ିକୁ ଉଦ୍ଧାର କରିଥିଲେ। ଏହି ସାପଗୁଡ଼ିକୁ ହଦଗଡ଼ ଜଙ୍ଗଲରେ ଛଡ଼ାଯିବ ବୋଲି ଆରିଫ ସୂଚନା ଦେଇଛନ୍ତି। ସୂଚନାଥାଉ କି ଗତବର୍ଷ ଧାମନଗର ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ନାଗ ଆରିଫଙ୍କ ଦ୍ୱାରା ଉଦ୍ଧାର ହୋଇଥିଲା।


ଉଦ୍ଧାର ନାଗ ଛୁଆ।

# ଭଞ୍ଜନଗର ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

ଭଞ୍ଜନଗର,୨୬।୬(ଡି.ଏନ୍.ଏ.)

ଭଞ୍ଜନଗର ସହରରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଶୁକ୍ରବାର ୱାର୍ଡ ନଂ.୭ ଓ ୧୨କୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ପରିବା ମାର୍କେଟ ଛକରୁ ଭେଜିପୁଟ ଶିବ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ସଡ଼କ ରାସ୍ତା ଉକ୍ତ ଜୋନ୍‌ରେ ଆସୁଛି। ଏଥିସହ ସହରର ଅନ୍ୟ ୧୩ ୱାର୍ଡ ସମେତ ଅଗଷ୍ଟୋଳ, ବାଡ଼ଶୀଲୁଣ୍ଡି, ଗାମୁଣ୍ଡି, ଧୁମ୍ପିଝାଳ, ଜାମପଲ୍ଲୀ, ଲାଲସିଂ, ବୁଢ଼ୁଆ ବଫର ଜୋନରେ ଆସୁଛି। କଣ୍ଟେନମେଣ୍ଟ ଜୋନ ଲୋକେ ଯେପରି ବାହାରକୁ ଯାଇ ନପାରିବେ ସେଥିପାଇଁ ସମସ୍ତ ରାସ୍ତା ସିଲ୍ କରାଯାଇଛି।

ସେହିଭଳି ବଫର୍ ଜୋନ୍ ଅଞ୍ଚଳର ଲୋକେ ନିହାତି ଆବଶ୍ୟକତା ଛଡ଼ା ବାହାରକୁ ଯାଇପାରିବେ। ବୁଧବାର ଭଞ୍ଜନଗର ସହରରେ ୫ଜଣ ଚିହ୍ନଟ ହେଲେଣି। ଉପଜିଲାପାଳ


ସ୍ଥିତି ଅନୁଧ୍ୟାନ କରୁଛନ୍ତି ଉପଜିଲାପାଳ ଓ ଅନ୍ୟ ଅଧିକାରୀ।

କରୋନାରେ ଆକ୍ରାନ୍ତ ହେବାପରେ ପ୍ରଶାସନ ପକ୍ଷରୁ ଏହିଭଳି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ସହରର ଅନ୍ୟ ଏକ ୱାର୍ଡ଼ରୁ ଆଉ ଜଣେ ଚିହ୍ନଟ ହୋଇଛନ୍ତି। ଶୁକ୍ରବାର ପୁଣ ସହରରେ ସଙ୍ଗରୋଧ କେନ୍ଦ୍ର ବାହାରୁ ୭ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିଭଳି ବ୍ଲକରେ ସଙ୍ଗରୋଧ କେନ୍ଦ୍ର ବାହାରୁ ୧୦ଜଣ ଚିହ୍ନଟ ହେଲେଣି। ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତିର ସମୀକ୍ଷା କରିଛନ୍ତି।

ଅପରପକ୍ଷେ ୩୦ ତାରିଖରୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଥିବା ସଙ୍ଗରୋଧ କେନ୍ଦ୍ର ଗୁଡ଼ିକୁ ସରକାର ବନ୍ଦ କରିବାକୁ ଯାଉଛନ୍ତି। ଏହାର ବିକଳ୍ପ ଭାବେ ଭଞ୍ଜନଗର ବ୍ଲକର କୁଲାଡ ଓ ଗୁଡ଼ୁ କଲ୍ୟାଣ ମଣ୍ଡପକୁ ସଙ୍ଗରୋଧ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବାସୁଦେବପୁର, ୨୬।୬(ଡି.ଏନ୍.ଏ.)

ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତର ବଛୁଆ ଗ୍ରାମରେ ବୁଧବାର ରଶ୍ମିତା ସାହୁ(୨୦)ଙ୍କର ମୃତ୍ୟୁ ଘଟଣାରେ ପୋଲିସ ତାଙ୍କ ସ୍ୱାମୀ ସୌରଭ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ରଶ୍ମିତାଙ୍କ ତାଙ୍କ ସ୍ୱାମୀ ଓ ପରିବାର ଲୋକ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ତାଙ୍କ ପିତା ଗୁରୁରାମ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବାସୁଦେବପୁର ଥାନାରେ ମାମଲା(ନଂ. ୧୫୫/୨୦)ରୁଜୁ ହୋଇଛି। ଗୁରୁବାର ବାସୁଦେବପୁର ଆଇଆଇସି ପ୍ରଦୀପ କୁମାର ମାଝି ଓ ତହସିଲଦାରଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ ମହିଳାଙ୍କ ସ୍ୱାମୀ ଗିରଫ ହୋଇଥିବା ବେଳେ ପରିବାର ଲୋକ ଫେରାର ଅଛନ୍ତି। ତାଙ୍କର ବାପଘର ଲୋକ ଶବ ନେବାକୁ ଅମଙ୍ଗ ହେବାରୁ ଭଦ୍ରକ ପୌରପାଳିକାଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଶୁକ୍ରବାର ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଆସି ମହିଳାଙ୍କ ଶ୍ୱଶୁରଘର ବଛୁଆ ଗ୍ରାମରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଯୋଗ୍ୟ ଗିରଫ ବ୍ୟକ୍ତି ସୌରଭ ଦିଲ୍ଲୀରେ ରହୁଥିବା ବେଳେ ମଙ୍ଗଳବାର ଘରକୁ ଫେରିଥିଲେ। କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବିବାଦ ଉପୁଜିଥିବା ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

## ଜେଲ୍ ଗଲେ ଲାଞ୍ଚୁଆ ପୋଲିସ ଏସ୍‌ଆଇ

ବ୍ରହ୍ମପୁର ଅଫିସ,୨୬।୬

ଚାକିରି ଆରମ୍ଭ ନ ହେଉଣୁ ଲାଞ୍ଚ ନେଇ ଭିଜିଲାନ୍ସ ହାତ୍ୱରେ ଧରାପଡି ଗିରଫ ହୋଇଥିବା ଜଗନ୍ନାଥପ୍ରସାଦ ଥାନାରେ ତାଲିମ ନେଉଥିବା ଲାଞ୍ଚୁଆ ଏସ୍‌ଆଇ ବିଶ୍ୱାର୍ଥ କୁମାର ଗୌଡ଼ଙ୍କୁ ଶୁକ୍ରବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ବିଚାରପତି ଏହି ନିର୍ଦ୍ଦେଶ ଦେଇଥିବା ବୋଲି ଭିଜିଲାନ୍ସ ପକ୍ଷରୁ ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଏସ୍‌ଆଇ ଗୌଡ଼ ଏକ ଘରଭଡ଼ା ଗଣ୍ଡଗୋଳ ଘଟଣାର ସମାଧାନ ପାଇଁ ଉକ୍ତ ଥାନା ଅନ୍ତର୍ଗତ ଜଗନ୍ନାଥପାଟଣା ପଞ୍ଚାୟତ ରାଉତି ଗ୍ରାମର ପି.ରାଜା ସେନାପତିଙ୍କଠାରୁ ଗୁରୁବାର ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ପଡ଼ିଥିଲେ।

# ଜମି ରେଜିଷ୍ଟ୍ରେଶନର ୨ଘଣ୍ଟା ମଧ୍ୟରେ ପଟ୍ଟା ପ୍ରଦାନ

ରେମୁଣା, ୨୬।୬(ଡି.ଏନ୍.ଏ.)

ଏବେ ଜମି କିଣା ଅଥବା ରେଜିଷ୍ଟ୍ରେଶନ ହେବାର ୨ଘଣ୍ଟା ମଧ୍ୟରେ କ୍ରେତାଙ୍କୁ ଜମିର ପଟ୍ଟା ପ୍ରଦାନ କରାଯାଉଛି। ଶୁକ୍ରବାର ଜମି କିଣିଥିବା ରେମୁଣା ତହସିଲର ୨ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ତହସିଲଦାର ଚାର୍ଲସ ନାୟକ କହିଛନ୍ତି। ବଡ଼ଗାଁ ଆରଆଇ ଅଧୀନ ସୁରେଇ ମୌଜାର ସର୍ବେଶ୍ୱର ପ୍ରଧାନ ଏବଂ ନରହିପୁର ଆରଆଇ ଅଧୀନ ଗୋବିନ୍ଦପୁର ମୌଜାର ଗୌତମ ବଳଭଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଅନିମିତା ଆଚାର୍ଯ୍ୟ, ଏଆରଆଇ ରାଜେଶ କୁମାର ମୁଣ୍ଡି, ଅମିନ ରାଜେଶ କୁମାର ଦେ, ଖଗେଶ୍ୱର ରାଉତ, ଭିଓ ପଦ୍ମାବତୀ ସାହୁ ଏବଂ ପ୍ରଦୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜମାକାରୀ ଆଶ୍ୱସ୍ତ

ବାରିପଦା ଅଫିସ,୨୬।୬

**ବାରିପଦା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍**

ଦେବାଳିଆ ହୋଇ ପଡ଼ିଥିବା ମୟୂରଭଞ୍ଜ ଜିଲା ବାରିପଦା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍‌ର ପ୍ରାୟ ୭୨ ହଜାର ଜମାକାରୀ ସେମାନଙ୍କ ଟଙ୍କା ଫେରାଇବା ପାଇଁ ଗୁରୁବାର ହାଇକୋର୍ଟ ନିର୍ଦ୍ଦେଶ ଦେବାପରେ ଜମାକାରୀମାନେ ଆଶ୍ୱସ୍ତ ହୋଇଛନ୍ତି। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ବିଚାରପତି ପ୍ରମଥ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଜମାକାରୀ ସେମାନଙ୍କ ଟଙ୍କା ପାଇବା ଆଶା ଉଜ୍ଜୀବିତ ହୋଇଛି। ବାରିପଦାର ଅତିରିକ୍ତ ଜିଲାପାଳ ବର୍ତ୍ତମାନ ବ୍ୟାଙ୍କର ପରିଚାଳନା ଦାୟିତ୍ୱରେ ଥିବାରୁ ଜମାକାରୀଙ୍କ ଟଙ୍କା ଫେରାଇବା ଦିଗରେ ସେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୧୯୫୮ରେ ବାରିପଦା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ବ୍ୟାଙ୍କର ପରିଚାଳନା ପରିଷଦ ସରକାରଙ୍କ ଦ୍ୱାରା ମନୋନୀତ ପରିଚାଳନା କମିଟି ଦ୍ୱାରା ପରିଚାଳିତ ହୋଇ ଆସୁଥିଲା। ଏହି ସମୟ ଭିତରେ ପରିଚାଳନାଗତ ତ୍ରୁଟି, କର୍ମଚାରୀଙ୍କ ଅବହେଳା ଏବଂ ଋଣ ଖିଲାପକାରୀଙ୍କ ଯୋଗୁଁ ଏହା ଦେବାଳିଆ ହୋଇ ପଡ଼ିଥିଲା। ଫଳରେ ବ୍ୟାଙ୍କର ଲାଇସେନ୍ସକୁ ରିଜର୍ଭ ବ୍ୟାଙ୍କ ୨୦୧୪ରୁ ରଦ୍ଦ କରି ଦେଇଥିଲେ। ରାଜ୍ୟ ସରକାର ଅକ୍ଟୋବର ୨୦୧୫ରେ ଏହି ବ୍ୟାଙ୍କର ସମସ୍ତ ସ୍ଥାବର ସମ୍ପତ୍ତି ବିକ୍ରି କରିବା ପାଇଁ ପଦକ୍ଷେପ ନେଇଥିଲେ। ମିଳିଥିବା ସୂଚନା ଅନୁସାରେ ବ୍ୟାଙ୍କରେ ମୋଟ ୨୯୫୩ ଜଣ ଋଣୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଋଣୀ ବ୍ୟାଙ୍କକୁ ୬୭ କୋଟି ୨୧ ଲକ୍ଷ ୫୪୨ ଟଙ୍କା ଫେରସ୍ତ କରିବେ ବୋଲି ଜଣାପଡ଼ିଛି।

# ଗାନ୍ଧୀ ସ୍ମୃତି ମନ୍ଦିରର ହେବ ଉନ୍ନତୀକରଣ

ଭଦ୍ରକ ଅଫିସ, ୨୬।୬

ଭଦ୍ରକ ପୌରାଞ୍ଚଳ ଅଧୀନ ଗରଦପୁରଠାରେ ଥିବା ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ଅବସ୍ଥିତ ଗାନ୍ଧୀଙ୍କ ସ୍ମୃତି ମନ୍ଦିରର ଉନ୍ନତୀକରଣ କରାଯିବ। ମହାତ୍ମାଗାନ୍ଧୀଙ୍କ ପିନ୍ଧାବସ୍ତ୍ର, ଅରଟ, ଜିଭଛେଲା, ଶୟନ ସାମଗ୍ରୀ ଥିବା ସ୍ମୃତି ମନ୍ଦିରର ସ୍ଥିତିକ୍ଷା ପାଇଁ ଉନ୍ନତୀକରଣ କରାଯିବ। ମହାତ୍ମା ଗାନ୍ଧୀ ଏଠାକୁ ତିନିଥର ଆସି ନିଜର କିଛି ସାମଗ୍ରୀ ଛାଡ଼ିଯାଇଥିଲେ। ଏଣୁ ତାଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକ ସଂରକ୍ଷଣ ପାଇଁ ସେଠାରେ ବିଭିନ୍ନ ବ୍ୟବସ୍ଥା କରାଯିବ ବୋଲି ଏମ୍‌ପି ମଞ୍ଜୁଲତା ମଣ୍ଡଳ ସୂଚନା


ଗାନ୍ଧୀ ବାଳାଶ୍ରମରେ ଏମ୍‌ପି ଓ ବିଧାୟକ ମାସ୍କ ଓ ସାମଗ୍ରୀ ବଣ୍ଟନ କରୁଛନ୍ତି।

ଦେଇଛନ୍ତି। ଶୁକ୍ରବାର ମଣ୍ଡଳଙ୍କ ୪୪ତମ ଜନ୍ମ ଦିବସ ଉପଲକ୍ଷେ ସେ ଗାନ୍ଧୀ ବାଳାଶ୍ରମକୁ ଯାଇଥିଲେ। ସେଠାରେ ସେ ଅନ୍ତେବାସୀଙ୍କ ସହ ଜନ୍ମୋତ୍ସବ ପାଳିଥିଲେ। ଅନାଥ ପିଲାଙ୍କୁ କରୋନା ମୁକାବିଲା ପାଇଁ ମାସ୍କ, ସାନିଟାଇଜର ବଣ୍ଟନ କରିବା ସହ ମିଠା ବଣ୍ଟନ କରି ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଅନ୍ତେବାସୀଙ୍କ ସହ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ପୂର୍ବତନ ବିଧାୟକ ପ୍ରଶାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ିଚାଲିଛି ସଂକ୍ରମିତଙ୍କ ସଂଖ୍ୟା

ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/ବାରିପଦା ଅଫିସ/କେନ୍ଦୁଝର, ୨୬।୬(ସ୍ୱ.ପ୍ର./ଡି.ଏନ୍.ଏ.)

ଉତ୍ତରଓଡ଼ିଶାରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଗୋଟିଏ ଦିନରେ ୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଭଦ୍ରକରେ ୨୫, ବାଲେଶ୍ୱରରେ ୭, କେନ୍ଦୁଝରରେ ୨ ଓ ମୟୂରଭଞ୍ଜରେ ୯। ଭଦ୍ରକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨୭ ହୋଇଥିବା ବେଳେ ବାଲେଶ୍ୱର ୩୩୨, କେନ୍ଦୁଝର ୧୦୭ ଓ ମୟୂରଭଞ୍ଜ ଜିଲାରେ ୧୮୧କୁ ବୃଦ୍ଧିପାଇଛି।

**ଉତ୍ତର ଓଡ଼ିଶା**
- ଗୋଟିଏ ଦିନରେ ୪୩ ଚିହ୍ନଟ
- ଭଦ୍ରକ ୨୫, ବାଲେଶ୍ୱର ୭, କେନ୍ଦୁଝର ୨, ମୟୂରଭଞ୍ଜ ୯

ଭଦ୍ରକରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ଜଣ ସଙ୍ଗରୋଧ କେନ୍ଦ୍ର ଓ ୨ ଜଣ ଘରୋଇ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧ଜଣ ମହାରାଷ୍ଟ୍ର, ୫ ତେଲେଙ୍ଗାନା, ୫ ଗୁଜୁରାଟ, ଜଣେ ତାମିଲନାଡୁ, ଜଣେ ହରିଆନା, ଜଣେ ପଶ୍ଚିମବଙ୍ଗ ଓ ଆଉ ଜଣେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡ଼ିଛି। ବାଲେଶ୍ୱରର ୭ଆକ୍ରାନ୍ତଙ୍କ ମଧ୍ୟରୁ ବାହାନଗାର ୨, ବସ୍ତାର ୨ ଓ ମାଣିଖମ ଡାଉନ ଅଞ୍ଚଳକୁ ୩ଜଣ ଚିହ୍ନଟ ହୋଇଛନ୍ତି। ବାହାନଗା ଓ ବସ୍ତା ଅଞ୍ଚଳର ୪ ଆକ୍ରାନ୍ତ କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିବା ବେଳେ ମାଣିଖମ ଡାଉନ ଅଞ୍ଚଳର ସଂକ୍ରମିତ ହୋମ କ୍ୱାରାଣ୍ଟାଇନରେ ଥିଲେ। କେନ୍ଦୁଝର ଜିଲାର ୨ ଆକ୍ରାନ୍ତ ଘସିପୁରା ବ୍ଲକ ଅଞ୍ଚଳର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେମାନଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଓ ଅନ୍ୟ ଜଣେ ମହାରାଷ୍ଟ୍ରରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ କେନ୍ଦୁଝର କୋଭିଡ୍ -୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୟୂରଭଞ୍ଜ ଜିଲାରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୭ ଜଣ ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଥିବା ବେଳେ ୨ଟି ଲୋକାଲ କେସ୍। ସାରସକଣା, କୁଲିଆଣା, କରଞ୍ଜିଆ, ଯଶିପୁର, ବିଶୋଇ ଓ ବଡ଼ସାହି ବ୍ଲକରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ଶୁଳିଆପଦା ବ୍ଲକରୁ ୩ ଜଣ ଚିହ୍ନଟ ହୋଇଛନ୍ତି।

**୬୦୨ ସୁସ୍ଥ**
- ଭଦ୍ରକ–୧୮୭
- ବାଲେଶ୍ୱର–୨୧୯
- କେନ୍ଦୁଝର–୭୬
- ମୟୂରଭଞ୍ଜ–୧୨୦

# ଶହୀଦ ଚନ୍ଦ୍ରକାନ୍ତଙ୍କ ପରିବାରକୁ ଏସ୍‌ବିଆଇ ଦେଲା ୩୦ ଲକ୍ଷ

ରାଉରକେଲା, ୨୬।୬(ଡି.ଏନ୍.ଏ.)

ଚୀନ ସୈନିକଙ୍କ ସହ ସଂଘର୍ଷରେ ଶହୀଦ କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଞ୍ଜା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପରିବାରକୁ ଶୁକ୍ରବାର ଏସ୍‌ବିଆଇ ତରଫରୁ ୩୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଚନ୍ଦ୍ରକାନ୍ତଙ୍କ ପରିବାର ବର୍ଗ ଉପସ୍ଥିତ ଥାଇ ମା' ବିଳାସିନୀ ପ୍ରଧାନଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। ଫୁଲବାଣୀ ଆଞ୍ଚଳିକ ପ୍ରବନ୍ଧକ ବି. କେ. ମାଝୀଙ୍କ ଏବଂ ପାବୁରିଆ ଷ୍ଟେଟ ବ୍ୟାଙ୍କ ଶାଖା କର୍ମଚାରୀ ଶହୀଦଙ୍କ ପରିବାରଙ୍କୁ ଭେଟି ଆଶ୍ୱାସନା ଦେବା ସହ ଚେକ୍ ପ୍ରଦାନ କରିଥିଲେ।


ଚେକ୍ ପ୍ରଦାନ କରୁଛନ୍ତି ବି.କେ. ମାଝୀ।

**ମଦକୁ ମହିଳାଙ୍କ ବିରୋଧ**

ବରଗଡ଼ ଅଫିସ୍,୨୬।୬ : ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମକୁ ମଦମୁକ୍ତ କରିବା ପାଇଁ ଗ୍ରାମର ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି। ଗୁରୁବାର ସ୍ଥାନୀୟ ସରପଞ୍ଚ ବାସନ୍ତୀ ଭୋଇଙ୍କ ନେତୃତ୍ୱରେ ମହିଳାମାନେ ଚାଲିଥିବା ମଦ କାରବାର ଆଡ୍ଡାକୁ ଯାଇ ମଦ ଜବତ କରିଥିଲେ ଏବଂ ତାକୁ ଧରି ଜିଲାପାଳ ଅଫିସକୁ ଆସିଥିଲେ। ଏହାପରେ ସେମାନେ ଅବକାରୀ ଅଫିସକୁ ଆସି ଜବତ ମଦକୁ ସେଠାରେ ଫିଙ୍ଗିଥିଲେ। ଗ୍ରାମରେ ଚାଲିଥିବା ଚୋରାମଦ କାରବାରକୁ ବନ୍ଦ କରିବାକୁ ମହିଳାମାନେ ଦାବି କରିଛନ୍ତି ।

# ଗୋଟିଏ ପ୍ରକଳ୍ପ, ଦୁଇଟି ଯୋଜନା

**ସୋନପୁର,୨୬।୬(ନି.ପ୍ର.)**


ମେଶିନ ଦ୍ୱାରା ଏମ୍‌ଜିଏନଆରଇଜିଏସ୍‌ରେ କାମ କରାଯାଉଛି ।

■ସୂଚନା ଫଳକ ନାହିଁ, ମେଶିନ କରୁଛି କାମ
■ଅଭିଯୋଗ ହେଲେ ସିଏଫ୍‌ସି, ନହେଲେ ଏମ୍‌ଜିଏନ୍‌ଆରଇଜିଏସ୍

କରୋନା ପାଇଁ ଅନେକ ରୋଜଗାର ହରାଇଥିବା ବେଳେ ଶ୍ରମିକ ଶ୍ରେଣୀର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲାର ୧୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ କର୍ମସଂସ୍ଥାନ ହରାଇ ଶୂନ୍ୟହସ୍ତରେ ଘରକୁ ଫେରିଛନ୍ତି। ଶିଳ୍ପ ବିହୀନ ଏହି ଜିଲାରେ ଶ୍ରମିକ ଓ ଗରିବ ଲୋକଙ୍କୁ ରୋଜଗାର ଯୋଗାଇବା ପ୍ରଶାସନ ପାଇଁ ଏକ ବଡ ଆହ୍ୱାନ। ଏଭଳି ସ୍ଥିତିରେ ପ୍ରବାସୀଙ୍କୁ କାମ ଧନ୍ଦା ଯୋଗାଇବା ପାଇଁ ଶ୍ରମଭିତ୍ତିକ ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍) ଏକମାତ୍ର ସାହା। ଯୋଜନାରେ ଦୈନିକ ମଜୁରି ବଢିଛି। ମଜୁରି ଦିନକୁ ୧୮୨ ଟଙ୍କାରୁ ୨୦୭ ଟଙ୍କାକୁ ସରକାର ବୃଦ୍ଧି କରିଛନ୍ତି । ପ୍ରବାସୀ ଶ୍ରମିକ ଜିଲାକୁ ପହଞ୍ଚିବା ପୂର୍ବରୁ ଲକ୍‌ଡାଉନ୍‌ର ପ୍ରଥମ ପର୍ଯ୍ୟାୟ ପରେ ସରକାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକ କାମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଜିଲାରେ ୧ ଲକ୍ଷ ୨୩ ହଜାର ୭୨୯ଟି ଜବ୍‌କାର୍ଡ ଅଛି । ଏହି ଯୋଜନାରେ କିଭଳି ଶ୍ରମିକ ମାନେ ଅଧିକ ସଂଖ୍ୟାରେ କାମ ପାଇବେ ସେ ଦିଗରେ ଦୃଷ୍ଟି ଦେବାକୁ ସରକାର ସମସ୍ତ ବିଭାଗକୁ ଚିଠି କରିଥିଲେ। ତଦନୁଯାୟୀ ସୁବର୍ଣ୍ଣପୁର ଜିଲାରେ ଏହାକୁ କଡାକଡି ଭାବେ ପାଳନ କରାଯିବାକୁ ଜିଲାପାଳ ମୋନିଷା ବାନାର୍ଜୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ପୋଖରୀ ଖୋଳା, ରାସ୍ତା କାମ, ବନୀକରଣ, ଡ୍ରେନ୍ କାମ, ଚାଷଜମି ଉନ୍ନତୀକରଣ, ମୃତ୍ତିକା ସଂରକ୍ଷଣ ଓ ଖେଳପଡିଆ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଥିଲା । ବ୍ଲକ, ବନବିଭାଗ, ଉଦ୍ୟାନ କୃଷି, ଜଳଛାୟା ମିଶନ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ବିଭାଗ ଅଧିନରେ ଶ୍ରମ ଦିବସ ସୃଷ୍ଟି ପାଇଁ ଉଦ୍ୟମ ହୋଇଥିଲା। ଯୋଜନା ପ୍ରସ୍ତୁତ ହୋଇ ଲୋକଙ୍କୁ କାମ ଯୋଗାଇବା ପାଇଁ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକରେ ପ୍ରକଳ୍ପଗୁଡିକୁ ମଞ୍ଜୁରି ମିଳିଥିଲା । ମାତ୍ର ତଳସ୍ତରରେ ଯୋଜନାର କ୍ରୀୟାନ୍ୱୟନ ସମୟରେ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ପରିଲକ୍ଷିତ ହେଉଛି। ବନବିଭାଗ ବ୍ୟତୀତ ଯେତେ ସବୁ କାମ ହେଉଛି ସେ ସବୁର ସୂଚନା ଫଳକ ଲଗାଯାଉନି। ଯୋଜନାର ନାମ, ପ୍ରକଳ୍ପର ଅଟକଳ ମୂଲ୍ୟ ଓ ଶ୍ରମିକ ମଜୁରି ବିଷୟରେ ଗ୍ରାମବାସୀଙ୍କୁ ଜଣାଯାଉନି। ଏମ୍‌ଜିଏନଆରଇଜିଏସ୍ ଶ୍ରମିକ ମାନଙ୍କ ପାଇଁ। ଏଥିରେ ମେଶିନ ଲାଗି ପାରିବ ନାହିଁ ବୋଲି କଡାକଡି ନିୟମ ରହିଛି। ମାତ୍ର ଜିଲାର ୬ଟି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାମ ମେଶିନ ଦ୍ୱାରା କରାଯାଉଛି । ପରବର୍ତ୍ତୀ ସମୟରେ ମଷ୍ଟରରୋଲ କରି ଏମ୍‌ଜିଏନଆରଇଜିଏସ୍ କାମ ଦର୍ଶାଯାଉଛି ଓ ସୂଚନା ଫଳକ ଲାଗୁଛି। ଅନ୍ୟପକ୍ଷରେ ଯଦି କୌଣସି କାମରେ ଅଭିଯୋଗ ଆସୁଛି, ବିଭାଗୀୟ ତଦନ୍ତ ସମୟରେ ମେଶିନରେ କରା ଯାଇଥିବା କାମକୁ ଅସ୍ୱୀକାର କରାଯାଉଛି। ନଚେତ୍ ଏମ୍‌ଜିଏନଆରଇଜିଏସ୍‌ରେ ନୁହେଁ ବରଂ କେନ୍ଦ୍ର ଅର୍ଥ କମିଶନ(ସିଏଫସି) ନ ହେଲେ ବିଜୁ କେବିକେ ଯୋଜନାର କାମ ଏକ ସଙ୍ଗରେ ହେଉଛି ବୋଲି ଦର୍ଶାଯାଉଛି।ମେଶିନ ଦ୍ୱାରା କାମ କରିବା ପାଇଁ ଗୋଟିଏ ପ୍ରକଳ୍ପକୁ ଏକ ସମୟରେ ବେଆଇନ ଭାବେ ଦୁଇଟି ଯୋଜନାରେ କରାଯାଉଛି । ଜୁନ୍ ୧୫ ତାରିଖ ପରେ ପୋଖରୀ, ବନ୍ଧରେ ମାଟି କାମ କରିବା କ୍ଷେତ୍ରରେ କଟକଣା ରହିଥିବା ବେଳେ କେତେକ ସ୍ଥାନରେ ବେଆଇନ ଭାବେ ତାହା ହେଉଛି । ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏପରି ଅନିୟମିତତା ହେଉଛି । କାମ ମେଶିନରେ ହେଉଥିବା ବେଳେ ମିଥ୍ୟା ମଷ୍ଟରରୋଲ କରି ବିଲ କରାଯାଉଛି । ପ୍ରକୃତ ଶ୍ରମିକଙ୍କୁ କାମ ମିଳୁ ନ ଥିବାରୁ ସେମାନେ ପରିବାର ପ୍ରତିପୋଷଣ ପାଇଁ ହୀନସ୍ତା ହେଉଛନ୍ତି। ଯୋଜନାରେ ଶ୍ରମିକଙ୍କ ମଜୁରି ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ବିନିକା ବ୍ଲକ ସେଲେଡି ପଞ୍ଚାୟତ ଡୁଲୁଣ୍ଡିପାଲି ଗ୍ରାମର ଧାମକଟା ବନ୍ଧ ପୁନରୁଦ୍ଧାର କାମ ଏମଜିଏନଆରଇଜିଏସ୍‌ରେ ହୋଇଥିଲା। ୮୦ର ଊର୍ଦ୍ଧ୍ୱ ଶ୍ରମିକ ମାଟି ଖୋଳିଥିଲେ। ଦେଢମାସ ହେଲା ଏହି ଶ୍ରମିକମାନଙ୍କୁ ମଜୁରି ମିଳିନି। ଅନ୍ୟପକ୍ଷେ କାମ କରି ନଥିବା ଶ୍ରମିକଙ୍କ ଆକାଉଣ୍ଟରେ ମଜୁରି ପଡିଛି। ଏ ପର୍ଯ୍ୟନ୍ତ ଏଠାରେ ସୂଚନା ଫଳକ ଲାଗିନି। ଶ୍ରମିକମାନେ ଶୁକ୍ରବାର ଜିଲା ପରିଷଦ ଅଧକ୍ଷା ଉଷା କୁମାରୀଙ୍କ ନିକଟରେ ଅଭିଯାଗ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ପିଡି ନୀତିରଞ୍ଜନ ସେନଙ୍କୁ ପଚାରିବାରୁ ସେଲେଡି ପଞ୍ଚାୟତର ଶ୍ରମିକ କାମ କରି ଦେଢମାସ ହେଲା ମୁରି ପାଇ ନଥିବା ଅଭିଯୋଗ ତାଙ୍କ ନିକଟକୁ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ ହେବ। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍ କାମ ମେଶିନ ଦ୍ୱାରା ହେଉଥିଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବ୍ୟାଙ୍କ ଋଣ ସହାୟତା ଉପରେ ଗୁରୁତ୍ୱ


ବ୍ୟାଙ୍କ ଋଣ ସହାୟତା ପ୍ରଦାନ ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ।

**ବରଗଡ଼ ଅଫିସ୍,୨୬।୬**

କରୋନା (କୋଭିଡ୍-୧୯) ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ ହୋଇଛି । ଏଥିରେ ଅନେକ ଲୋକ ବେରୋଜଗାର ହୋଇ ପଡ଼ିଛନ୍ତି। ଠେଲା ଦୋକାନୀ, ମତ୍ସ୍ୟଚାଷୀ ତଥା ଦୁଗ୍ଧଚାଷୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଫଳରେ ସେମାନଙ୍କୁ ରୋଜଗାରକ୍ଷମ କରିବା ସକାଶେ ବ୍ୟାଙ୍କଋଣ ଯୋଗାଇ ଦେବାକୁ ନେଇ ଶୁକ୍ରବାର ଏକ ବୈଠକ ବସିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ନାବାର୍ଡ଼ର ଏଜିଏମ ସରୋଜ କୁମାର ଜେନା, ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପଣ୍ଡାଙ୍କ ସମେତ ଓମଫେଡ୍‌ର ଅଧିକାରୀ ତଥା ସ୍ଥାନୀୟ ବ୍ୟାଙ୍କର ମୁଖ୍ୟମାନେ ଉପସ୍ଥିତ ଥିଲେ । ମତ୍ସ୍ୟ ଓ ଦୁଗ୍ଧଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ କିଷାନ କ୍ରେଡ଼ିଡ୍ କାର୍ଡ଼ ଯୋଜନାରେ ଋଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ପୌର ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ଠେଲା ଦୋକାନୀମାନଙ୍କୁ ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ ଭେଣ୍ଡର ସ୍କିମ୍ ମାଧ୍ୟମରେ ୧୦ହଜାର ଟଙ୍କା ଲେଖାଏଁ ଋଣ ଯୋଗାଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

## ସଙ୍ଗରୋଧ କେନ୍ଦ୍ରରୁ ଖସି ପଳାଇଲେ ଯୁବତୀ

**ଟିଟିଲାଗଡ଼, ୨୬।୬ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ମନିଗାଁ ପଞ୍ଚାୟତ ଅଧୀନ ସିଟି ସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଯୁବତୀ ଫେରାର ହୋଇ ଯାଇଥିବା ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ମୁନିରାମ ଖର୍ସେଲ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାମତେ ବିଭିନ୍ନ ଅଞ୍ଚଳର ଝିଅଙ୍କ ସହ ଯୁବତୀ ଜଣକ ତାମିଲନାଡୁ ରାଜ୍ୟ ତ୍ରିଚୁର ଅଞ୍ଚଳରେ ସିଲାଇ କାର୍ଯ୍ୟରେ ନିୟୋଜିତ ଥିଲେ। ଗତ ୧୮ ତାରିଖରେ ସେ ଫେରିଥିବା ନେଇ ସିଟି ସ୍କୁଲ ଟିଏମସିରେ ସଙ୍ଗରୋଧ ହୋଇଥିଲେ। ତେବେ ଶୁକ୍ରବାର ଅପରାହ୍ନ ୪ଟା ସମୟରେ ଜଳଖିଆ ଦେବା ପାଇଁ ପଞ୍ଚାୟତ କର୍ମଚାରୀ ଯାଇଥିବା ବେଳେ ସେ ଫେରାର ଥିବା ଜଣାଡିଥିଲା। ମୁଖ୍ୟଗେଟରେ ସୁରକ୍ଷା ବ୍ୟବସ୍ଥା ଥିବା ବେଳେ ପଛପଟ ପାଚେରି ଡେଇଁ ଯୁବତୀ ଜଣକ ଫେରାର ହୋଇଥିବା ଅନୁମାନ କରାଯାଉଛି। ତେବେ ସଙ୍ଗରୋଧ କେନ୍ଦ୍ରରୁ ଯୁବତୀ ଜଣକ ଘରକୁ ଯାଇ ନ ଥିବା ତାଙ୍କ ମା ବାପାମା କହିଛନ୍ତି। ଏ ନେଇ ସରପଞ୍ଚ ଖର୍ସେଲ ଶୁକ୍ରବାର ଟିଟିଲାଗଡ ଥାନା ଏବଂ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ସଇଁତଲା, ୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଡ଼ମାଳ ଫାଣ୍ଡି ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ଶୁକ୍ରବାର ସକାଳେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନବୀନ ସାହୁ (୨୬) । ସକାଳେ ଗ୍ରାମ ନିକଟ ପୋଖରୀକୁ ସେ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀରେ ନବୀନଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ କାକା ପ୍ରକାଶ ସାହୁ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପାଣିରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଇଛି ବୋଲି ଫାଣ୍ଡି ଅଧିକାରୀ କୁନୁ ସାହୁ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୦) ରୁଜୁ ହୋଇଛି।

## ସ୍କୁଲ ତାଲା ଭାଙ୍ଗି ୧୬ବସ୍ତା ଚାଉଳ ଚୋରି

**କଣ୍ଟାବାଞ୍ଜି, ୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ତଥା କଣ୍ଟାବାଞ୍ଜି ଥାନା ହିଆଁଲ ସରକାରୀ ହାଇସ୍କୁଲ ଷ୍ଟୋରରୁମରୁ ୧୬ବସ୍ତା ଚାଉଳ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗ୍ରୀଷ୍ମ ଅବକାଶ ଓ କୋଭିଡ-୧୯ ପାଇଁ ସ୍କୁଲ ଏବେ ଛୁଟି ରହିଛି। ଏହାର ସୁଯୋଗ ନେଇ କେହି ଗତ ୨୪ତାରିଖ ରାତିରେ ଷ୍ଟୋରରୁମ ତାଲା ଭାଙ୍ଗି ପିଲାଙ୍କ ମଧ୍ୟାହ୍ନଭୋଜନ ଲାଗି ରଖାଯାଇଥିବା ୧୬ବସ୍ତା ଚାଉଳ ଚୋରି କରି ନେଇଛନ୍ତି। ଏହା ଜାଣିଲା ପରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଶୁଭକର ବେହେରା, ଚମ୍ପେଶ୍ୱର ସିପକା, ସତ୍ୟନାରାୟଣ ମାଝି, ଐଶ୍ୱର୍ଯ୍ୟ ଗଡତିଆ, ପ୍ରଧାନଶିକ୍ଷକ ଶମ୍ଭୁ ପ୍ରସାଦ ବିଶି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ହୋଟେଲରେ ଗେଟ୍ ଟୁଗେଦର ପାର୍ଟି

**ସମ୍ବଲପୁର,୨୬।୬(ବ୍ୟୁରୋ)**

-ସରକାରୀ କରୋନା କଟକଣାକୁ ବେଖାତିର
-ସଙ୍ଗରୋଧ କେନ୍ଦ୍ର ଥିବାରୁ ଆଳ କରୁଛନ୍ତି

କରୋନା କଟକଣା ଓ ଲକ୍ ଡାଉନରେ ସମୟରେ ହୋଟେଲ ବ୍ୟବସାୟ ପାଇଁ ସରକାର ନିୟମରେ କୋହଳ କରିଥିଲେ। ଏପରିକି ହୋଟେଲ ଗୁଡିକରେ ଦେୟଯୁକ୍ତ ସଙ୍ଗରୋଧ କେନ୍ଦ୍ର ଖୋଲିବା ପାଇଁ ଅନୁମତି ଦେଇଥିଲେ। ଏହାର ସୁଯୋଗ ନେଇ ସମ୍ବଲପୁର ସହର ଭିତରେ ଥିବା କେତୋଟି ପ୍ରତିଷ୍ଠିତ ହୋଟେଲ କଟକଣା ପାଳନ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ସେମାନେ ଗେଟ୍ ଟୁଗେଦର ପାର୍ଟି, ବିଭିନ୍ନ କମ୍ପାନୀର ବୈଠକ, ଅନୁଷ୍ଠାନ ଗୁଡିକର ବୈଠକ ଆୟୋଜନ କରୁଛନ୍ତି । ସମାଜିକ ଦୂରତା ରକ୍ଷା କରିବା ପାଇଁ ନିୟମ ରହିଥିଲେ ମଧ ଉକ୍ତ କାର୍ଯ୍ୟକ୍ରମ ଗୁଡିକରେ ଅନୁମତିରୁ ଅଧିକ ଲୋକ ଯୋଗଦାନ କରୁଥିବା ଦେଖିବାକୁ ମିଳୁଛି। କିଛିଦିନ ତଳେ ସହରରେ ଏକ ପ୍ରତିଷ୍ଠିତ ହୋଟେଲରେ ୬୦ଜଣଙ୍କ ପାଇଁ ଗେଟ୍ ଟୁଗେଦର ପାର୍ଟି କରାଯାଇଥିବା ଜଣାପଡିଛି। ଏଥିରେ ସମସ୍ତଙ୍କ ପାଇଁ ଶାକାହାରୀ ବ୍ୟଞ୍ଜନ ସହ ସାଉଣ୍ଡ ସିଷ୍ଟମ, ବସିବା ସୁବିଧା ଯୋଗାଇ ଦେବାକୁ ତାଲିକା ହୋଇଥିଲା। ସମୟ ଅପରାହ୍ନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ଏହି ହୋଟେଲକୁ ବୁକିଙ୍ଗ କରାଯାଇଥିଲା। ତେବେ ଏହି ବୈଠକରେ ୬୦ ଜଣଙ୍କୁ କିଭଳି ଅନୁମତି ଦିଆଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ବିବାହ, ଶ୍ରାଦ୍ଧ, ବ୍ରତ ଭଳି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟ ପାଇଁ ନିୟମ କୋହଳ କରିଛନ୍ତି । ବିବାହ, ବ୍ରତ ୫୦ରୁ କମ୍ ଲୋକଙ୍କୁ ନେଇ କରାଯାଇପାରିବ ବୋଲି ନିୟମ ରହିଛି। ଶ୍ରାଦ୍ଧ କାର୍ଯ୍ୟ ପାଇଁ ୨୦ ଜଣଙ୍କୁ ଅନୁମତି ରହିଛି । ହେଲେ ଅନେକ ସ୍ଥାନରେ ଏହି ନିୟମ ପାଳନ କରାଯାଉନାହିଁ। ଏହି ହୋଟେଲ ସହିତ ଅନ୍ୟ ୪ଟି ବଡ ହୋଟେଲରେ ଏଭଳି କାର୍ଯ୍ୟ ଚାଲିଛି। ଜିଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ଏହାର ଯାଞ୍ଚ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ । ଯେଉଁ ହୋଟେଲ ଗୁଡିକରେ ସଙ୍ଗରୋଧ କେନ୍ଦ୍ର ଖୋଲିବା ପାଇଁ ଅନୁମତି ଦିଆଯାଇଛି ସେଗୁଡିକ ଏଭଳି କରୁଥିବା ଅଭିଯୋଗ ହେଉଛି । ସଙ୍ଗରୋଧ କେନ୍ଦ୍ରର ଆଳ କରି ନିୟମିତ ଗ୍ରାହକ ମାନଙ୍କୁ ହୋଟେଲ ଓ ବାର୍ ଗୁଡିକରେ ରହିବା ଖାଇବା ବ୍ୟବସ୍ଥା କରାଯାଉଛି। ଏ ସମ୍ପର୍କରେ ସଦର ତହସିଲଦାର ଲକ୍ଷ୍ମଣ ଅମାତ କହିଛନ୍ତି, ତହସିଲ ପକ୍ଷରୁ କେବଳ ବିବାହ ଓ ବ୍ରତ କିମ୍ବା ଶ୍ରାଦ୍ଧ କାମ ପାଇଁ ଅନୁମତି ଦିଆଯାଉଛି। ସେମାନେ କଟକଣା ପାଳନ କରି ତାଙ୍କ ଘରେ କରିବା କଥା । ହୋଟେଲ ଓ କଲ୍ୟାଣ ମଣ୍ଡପ ପାଇଁ ତହସିଲ ପକ୍ଷରୁ ଅନୁମତି ପ୍ରଦାନ କରାଯାଉନାହିଁ । ଅନ୍ୟପଟେ ମହାନଗର ନିଗମ କମିସନର ଯୁଗଳେଶ୍ୱରୀ ଦାସ କହିଛନ୍ତି, ବିବାହ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ ତହସିଲଦାର ଅନୁମତି ଦିଅନ୍ତି । ହେଲେ ମହାନଗର ନିଗମ ଅଧୀନରେ କୌଣସି ହୋଟେଲରେ ଏଭଳି ଚାଲୁଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ନିଶାଦ୍ରବ୍ୟ ସେବନ ବିରୋଧରେ ସଚେତନତା

**ଦେବଗଡ,୨୬।୬(ଡି.ଏନ.ଏ.)**

ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ନିଶାଦ୍ରବ୍ୟର ଅବାଧ କାରବାର ଓ ଅପବ୍ୟବହାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଜିଲା ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାରାୟଣ ପଟେଲଙ୍କ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରରେ ସହରରେପ୍ରଚାରକରାଯାଇଥିଲା।ସହରରପ୍ରମୁଖସ୍ଥାନମାନଙ୍କରେ ଏ ସମ୍ବନ୍ଧୀୟ ବ୍ୟାନର, ଲିଫଲେଟ୍ ଏବଂ ବିଭିନ୍ନ ସ୍ଲୋଗାନ ମାଧମରେ ଜନସାଧାରଣଙ୍କୁ ନିଶାଦ୍ରବ୍ୟଠାରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା ।

## ଫସଲବୀମା ଦାବିରେ ତହସିଲ ଅଫିସ ଘେରାଉ

**ବରଗଡ଼ ଅଫିସ୍,୨୬।୬**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ଚାଷୀ ଗତ ୨୦୧୯-୨୦ ଫସଲକ୍ଷତି ବାବଦକୁ ବୀମା କ୍ଷତିପୂରଣ ଏପର୍ଯ୍ୟନ୍ତ ପାଇନାହାନ୍ତି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଭାଜପା ପକ୍ଷରୁ ଗାଇସିଲେଟ୍ ତହସିଲ ଅଫିସ ଘେରାଉ କରାଯାଇଥିଲା । ଭାଜପା ଜିଲା ଉପସଭାପତି ପ୍ରବୀଣ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଦଳୀୟ କର୍ମୀମାନେ ସାମାଜିକ ଦୂରତ୍ୱ ରକ୍ଷା କରି ତହସିଲ ଅଫିସକୁ ଘେରାଉ କରିଥିଲେ। ପରେ ସେମାନେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତହସିଲଦାର ପୁଷ୍ପକ ପ୍ରଧାନଙ୍କ ଅନୁପସ୍ଥିତିରେ ବିଡ଼ିଓ ନିରଞ୍ଜନ ସା ସ୍ମାରକପତ୍ର ଗ୍ରହଣ କରିଥିଲେ।

**ଫଟୋରେ ଖବର..**


ହୀରାକୁଦ ଡ୍ୟାମରୁ ଶୁକ୍ରବାର ବନ୍ୟାଜଳ ନିଷ୍କାସନ ପରେ ସମ୍ବଲପୁର ମହାନଦୀ ମଝିରେ ଥିବା ପଥର ଉପରେ ଜଣେ ବ୍ୟକ୍ତି ଛିଡା ହୋଇଛନ୍ତି ।

## ଗୋଟିଏ ଦିନରେ ୨୧ କ୍ରେତାଙ୍କୁ ମିଳିଲା ଜମି ପଟ୍ଟା


ତହସିଲଦାର କ୍ରେତାମାନଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

**ଜୁନାଗଡ଼,୨୬।୬(ଡି.ଏନ୍.ଏ.)**

ଓଡ଼ିଶା ମ୍ୟୁଟେଶନ ମାନୁଆଲ ସଂଶୋଧନ ହେଲା ପରେ ରାଜ୍ୟର ବିଭିନ୍ନ ତହସିଲରେ ଜମି କ୍ରୟର ୫ରୁ ୭ ଘଣ୍ଟା ମଧ୍ୟରେ କ୍ରେତାମାନେ ପଟ୍ଟା ପାଇ ପାରୁଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ତହସିଲରେ ଗୁରୁବାର ୨୧ଜଣ କ୍ରେତା ଜମି କିଣିଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ସେମାନଙ୍କୁ କିଣିଥିବା ଜମିର ପଟ୍ଟା ତହସିଲ ପକ୍ଷରୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ସରକାରଙ୍କ ସମସ୍ତ ଲୋକସେବାକୁ ଆହୁରି ତ୍ୱରାନିତ କରାଯିବ ବୋଲି ତହସିଲଦାର ଉପେନ୍ଦ୍ର ଲୁହା ପ୍ରକାଶ କରିଛନ୍ତି।

## ହାଇୱା-ଟିପ୍ପର ମୁହାଁମୁହିଁ ଧକ୍କା: ହାଇୱା ଚାଳକ ମୃତ

**ଲହୁଣୀପଡ଼ା, ୨୬।୬ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲହୁଣୀପଡ଼ା-କଲେଇପୋଷ ରାଜ୍ୟ ରାଜପଥ ୧୦(କ) ରାସ୍ତା କେନ୍ଦୁଡିହି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଟିପ୍ପର ଏବଂ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ରାଜ୍ୟ ରେପୁରା ଟୋଲାର ଜିତେନ୍ଦ୍ର ଯାଦବ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁସାରେ ବରସୁଆରୁ ଲହୁଣୀପଡା ପଟକୁ ଆସୁଥିବା ହାଇୱା ନଂ. ଓଡି ୧୪ ୟୁ- ୬୮୯୩ ସହ ବିପରୀତ ଦିଗରୁ ଆସୁଥିବା ଟିପ୍ପର ଓଆର୍ ୧୪ ଆର- ୮୦୫୨ର ମୁହାଁମୁହିଁ ଧକ୍କା ହୋଇଥିଲା। ଟିପ୍ପର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲହୁଣୀପଡା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଷ୍ଟିୟରିଂରେ ଚାପି ହୋଇ ରହିଥିବା ମୃତ ହାଇୱା ଚାଳକଙ୍କୁ ଶୁକ୍ରବାର ସକାଳେ ବାହାର କରିଥିଲେ। ଅପରପକ୍ଷେ ଧକ୍କା ଏତେ ଜୋର ହୋଇଥିଲା ଯେ, ଟିପ୍ପରଟି ଦୁଇ ଖଣ୍ଡ ହୋଇ ରାସ୍ତାପାର୍ଶ୍ୱ ଏକ ଆମ୍ବ ବଗିଚା ଭିତରେ ପଶି ଯାଇଥିଲା ।

## ବୌଦ୍ଧ: ଆଉ ଜଣେ କରୋନା ପଜିଟିଭ ଚିହ୍ନଟ

ବୌଦ୍ଧ,୨୬।୬(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେ ଗତ ୧୨ ତାରିଖରୁ ମନମୁଣ୍ଡା କ୍ୱାରାଣ୍ଟାଇନ୍‌ରେ ରହିଆସିଥିବା ବେଳେ ଗୁଜୁରାଟର ଅହମ୍ମଦାବାଦ ଫେରନ୍ତା ବୋଲି ଜଣାପଡିଛି। ତାଙ୍କୁ ବୌଦ୍ଧ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି। ଏହାମଧ୍ୟରେ ଆକ୍ରାନ୍ତଙ୍କ ମଧ୍ୟରୁ ୩୮ ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅଙ୍କ ବିରୋଧରେ ଥାନାକୁ ଗଲା କଂଗ୍ରେସ

**ଝାରସୁଗୁଡ଼ା ଅଫିସ,୨୬।୬**

■କୋଭିଡ୍-୧୯ କଟକଣା ଉଲ୍ଲଂଘନ ଅଭିଯୋଗ
■ରାଜନୈତିକ ଚାପରେ ଜିଲା ପ୍ରଶାସନ

ଝାରସୁଗୁଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ଗତ ୨୨ ତାରିଖରେ ନରସିଂହ ବିଷ୍ଣୁପ୍ରିୟା ଟ୍ରଷ୍ଟ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାକୁ ନେଇ ବର୍ତ୍ତମାନ ଜିଲା ରାଜନୀତି ସରଗରମ ହୋଇଛି । କାରଣ ଏହି ବୈଠକ ଆୟୋଜନ କରିଥିବା ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କ ନାମରେ କୋଭିଡ୍-୧୯ କଟକଣା ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି ଜିଲା କଂଗ୍ରେସ । ଶୁକ୍ରବାର ଜିଲା କଂଗ୍ରେସ ସଭାପତି ମହେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଝାରସୁଗୁଡ଼ା ଥାନାକୁ ଯାଇ ଲିଖିତ ଭାବେ ଦୀପାଳିଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଏଥିସହିତ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ ।

ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କ ମା'ବାପାଙ୍କ ନାମରେ ଗଠିତ ଏହି ଟ୍ରଷ୍ଟ ପକ୍ଷରୁ କରୋନା ମୁକାବିଲାରେ ନିୟୋଜିତ କେତେକ ସଂସ୍ଥାର କାର୍ଯ୍ୟକର୍ତ୍ତାଙ୍କୁ କୋଭିଡ ଯୋଦ୍ଧା ଭାବେ ସମ୍ବର୍ଦ୍ଧିତ କରିବା ନେଇ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ମଧ୍ୟ ସେମାନେ ସାମାଜିକ ଦୂରତ୍ୱ ଅବଲମ୍ବନ କରି ନ ଥିଲେ। ସମସ୍ତେ ମାସ୍କ ପିନ୍ଧି ନ ଥିଲେ । ଅନ୍ୟପକ୍ଷେ ଏହି ଟ୍ରଷ୍ଟ ଏକ ବେସରକାରୀ ସଂସ୍ଥା ହୋଇଥିଲେ ବି ସରକାରୀ ସଭାଗୃହରେ କି ଭଳି ଏପରି ସଭା ଆୟୋଜନ କରିଥିଲା ତାହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।

ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି କହିଛନ୍ତି, ଉକ୍ତ ଟ୍ରଷ୍ଟକୁ କରୋନା କଟକଣା ମାନିବାକୁ କୁହାଯାଇଥିଲା । କମ୍ ସଂଖ୍ୟକ ଲୋକ ଉପସ୍ଥିତ ରହିବେ, ସମସ୍ତେ ମାସ୍କ ପିନ୍ଧିବେ ଓ ସାମାଜିକ ଦୂରତ୍ୱ ଅବଲମ୍ବନ କରିବେ ବୋଲି ପରାମର୍ଶ ଦିଆଯିବା ପରେ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯାଇଥିଲା । ତେବେ ଏକ ବେସରକାରୀ ସଂସ୍ଥାକୁ ସରକାରୀ ସଭାଗୃହରେ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେବା ଏହା ପ୍ରଥମ ଘଟଣା । ଜିଲା ପ୍ରଶାସନ ରାଜନୈତିକ ଚାପରେ ଏପରି କରିଛି ବୋଲି କଂଗ୍ରେସ ସଭାପତି ନାଏକ ସମାଲୋଚନା କରିଛନ୍ତି । ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାଏକ ଦାବି କରିଛନ୍ତି। ଏନେଇ ଦୀପାଳି କହିଛନ୍ତି, କଂଗ୍ରେସ ମୋ ବିରୋଧରେ ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ମୁଁ ଜାଣି ନାହିଁ । ଏ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ଦେବାକୁ ସେ ମନା କରିଦେଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଜୁନ୍ ୨୭/୨୦୨୦ Saturday, June 27/2020

## ସଂକ୍ଷେପରେ

### ଗେରୀ ପେଟନ୍ ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍

**ଭୁବନେଶ୍ୱର, ୨୬।୬ (ସ୍ପୋର୍ଟ୍ସ ବ୍ୟୁରୋ):** ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୭ମ ସଂସ୍କରଣ ପାଇଁ ୬୪ ବର୍ଷୀୟ ଗେରୀ ପେଟନ୍‌ଙ୍କୁ ଓଡ଼ିଶା ଏଫ୍‌ସି ଫୁଟ୍‌ବଲ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶୁକ୍ରବାର ଉଭୟଙ୍କ ମଧ୍ୟରେ ଦୁଇ ବର୍ଷିଆ ଚୁକ୍ତି ହୋଇଛି। ପେଟନ୍ କ୍ୟାରିୟରରେ ବହୁ ନାମୀ ଫୁଟ୍‌ବଲ କ୍ଲବ ତରଫରୁ ଖେଳିଛନ୍ତି।



ସେଗୁଡ଼ିକ ହେଲା ୱେଷ୍ଟହାମ୍ ୟୁନାଇଟେଡ୍, ଏଭର୍ଟନ, ଫୁଲହାମ୍ ଏବଂ ଚେଲ୍‌ସି। ଓଡ଼ିଶା ଏଫ୍‌ସି ପୂର୍ବରୁ ସେ ଆର୍ସେନାଲ ଓ ଫୁଲହାମ୍ କ୍ଲବ କୋଚିଂ ଟିମ୍‌ର ଅନ୍ୟତମ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଆୟର୍ଲାଣ୍ଡ ଦଳର ପୂର୍ବତନ ଗୋଲକିପର ଜାପାନିଜ୍ କ୍ଲବ ଶିମିଜୁ ଏସ୍-ପ୍ଲସ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟକରିଛନ୍ତି। ନୂଆ ସହକାରୀ କୋଚ୍‌ଙ୍କୁ ସ୍ୱାଗତ ଜଣାଇ ଓଏଫ୍‌ସି ସଭାପତି ରୋହନ ଶର୍ମା କହିଛନ୍ତି ଗେରୀଙ୍କ ଭଳି ଦକ୍ଷ ବ୍ୟକ୍ତି ପାଇ ମୁଁ ରୋମାଞ୍ଚିତ।

# ସନରାଇଜର୍ସ ଭୁବିଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ

**ନୂଆଦିଲ୍ଲୀ, ୨୬।୬ (ପି.ଟି.)**




ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ସନରାଇଜର୍ସ ହାଇଦ୍ରାବାଦ୍ ତରଫରୁ ଖେଳିବା ସୁଯୋଗ ଭାରତୀୟ ପେସ୍ ବୋଲର ଭୁବନେଶ୍ୱର କୁମାର (ଭୁବି)ଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ବୋଲି ସେ ନିଜେ କହିଛନ୍ତି। ଡେଥ୍ ଓଭରରେ ବୋଲିଂ ଏବଂ ଚାପକୁ ହାତେଇବାର କୌଶଳ ଏହି ଦଳରୁ ଖେଳିବା ଦ୍ୱାରା ସେ ହାସଲ କରିପାରିଛନ୍ତି। ଭାରତର ପେସ୍ ବାହିନୀକୁ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଭାବେ ବିବେଚନା କରାଯାଉଛି। ଏହି ବାହିନୀର ମୁଖ୍ୟ ସଦସ୍ୟ ହେଉଛନ୍ତି ଭୁବନେଶ୍ୱର। ଅନ୍ୟମାନେ ହେଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି ଓ ଉମେଶ ଯାଦବ। ଭୁବନେଶ୍ୱର କହିଛନ୍ତି ସେ ସବୁ ସମୟରେ ୟର୍କର ବଲ୍ ପକାଇ ପାରନ୍ତି। ହେଲେ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ବଲ୍ ପକାଇବା ଶିକ୍ଷା ସେ ୨୦୧୪ରେ ସନରାଇଜର୍ସ ହାଇଦ୍ରାବାଦରେ ଯୋଗ ଦେବାପରେ ହାସଲ କରିଥିଲେ। ଆଇପିଏଲ୍‌ର ଏହି ସଂସ୍କରଣରେ ସେ ୧୪ଟି ମ୍ୟାଚ ଖେଳିଥିଲେ। ଦଳ ତାଙ୍କୁ ଇନିଂସର ଆରମ୍ଭ ଏବଂ ଶେଷ ଭାଗରେ ବୋଲିଂରେ ନିୟୋଜିତ କରିଥିଲା। ଡେଥ୍ ଓଭର ବୋଲିଂ ବେଳେ ଚାପକୁ କପରି ହାତେଇବାକୁ ହୁଏ ତାହା ମଧ୍ୟ ସେ ଶିକ୍ଷା କରିପାରିଥିଲେ, ଯାହାକୁ ତାଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ବୋଲି ସେ ମନେକରନ୍ତି। କ୍ରିକେଟବାଜି ଶୋ ଶୀର୍ଷକ କାର୍ଯ୍ୟକ୍ରମରେ ଭାଗନେଇ ଦୀପ ଦାସଗୁପ୍ତାଙ୍କୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ଭାରତୀୟ ପେସ୍ ବୋଲର ଏକଥା ପ୍ରକାଶ କରିଛନ୍ତି। ଇତିମଧ୍ୟରେ ୧୩୨ ଅନ୍ତର୍ଜାତୀୟ ଦିନିକିଆ ଏବଂ ୬୩ ଟେଷ୍ଟ ଉଇକେଟ ହାସଲ କରିଥିବା ଭୁବନେଶ୍ୱର କହିଛନ୍ତି, ଯେତେବେଳେ ପୂର୍ବତନ ଭାରତ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଫଳାଫଳକୁ ଆଶା ନ କରି ନିଜ ବୋଲିଂ ଲାଇନ୍ ଉପରେ ଧ୍ୟାନ ଦେବା ଆରମ୍ଭ କଲି ଓ ମୁଁ ଲକ୍ଷ୍ୟ ହାସଲ କରିବାରେ ଲାଗିଲି। କୋଭିଡ୍-୧୯ ମହାମାରୀ ଯୋଗୁ ସେ ଲକ୍‌ଡାଉନ୍ ସମୟକୁ କିପରି ଅତିବାହିତ କରୁଛନ୍ତି ବୋଲି ପଚରାଯିବାରେ ଭୁବନେଶ୍ୱର କହିଛନ୍ତି, ପ୍ରଥମ ୧୫ ଦିନ ମୋ ମନରେ ଉତ୍ସାହ ଜାଗ୍ରତ ହୋଇଥିଲା। ହେଲେ ଏହା କେତେଦିନ ଧରି ଚାଲିବ ତାହା ଅସ୍ପଷ୍ଟ ହେବାରୁ ମୁଁ ବିବ୍ରତ ହୋଇପଡ଼ିଥିଲି। ଘରେ କୌଣସି ସରଞ୍ଜାମ ନ ଥିବାରୁ କେମିତି ବ୍ୟାୟାମ କରିବି ତାହା ଚିନ୍ତା କରିଥିଲି। ଭାବୁଛି କିଛି ମାସ ମଧ୍ୟରେ ପରିସ୍ଥିତିରେ ସୁଧାର ଆସିଯିବ।

# ୧ରୁ ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ କ୍ୟାମ୍ପ ଯୋଜନା

**ନୂଆଦିଲ୍ଲୀ,୨୬।୬ (ପି.ଟି.):** ଜୁଲାଇ ୧ ତାରିଖରୁ ହାଇଦ୍ରାବାଦ୍‌ରେ ଏକ ନ୍ୟାଶନାଲ କ୍ୟାମ୍ପ ଆରମ୍ଭ କରିବାକୁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ଯୋଜନା କରିଛି। ତେବେ ଏଥିପାଇଁ ତେଲେଙ୍ଗାନା ସରକାରଙ୍କ ଅନୁମିତ ଆବଶ୍ୟକ। ଯଦି ସବୁକିଛି ଠିକ୍‌ଠାକ ଚାଲେ ତା'ହେଲେ ଅଲିମ୍ପିକ୍ ରୌପ୍ୟପଦକ ବିଜୟିନୀ ପି.ଭି. ସିନ୍ଧୁ ଦୀର୍ଘ ୪ ମାସ ପରେ କୋର୍ଟରେ ଅଭ୍ୟାସ କରିବାର ସୁଯୋଗ ପାଇବେ। ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ଏକାଡେମୀ (ପିପିବିଏ)ରେ କେତେକ ଖେଳାଳି ଅଭ୍ୟାସ ଆରମ୍ଭ କରିସାରିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ନୂଆ ନିର୍ଦ୍ଦେଶନାମା ଜାରି କରିବା ପରେ ଗତ ମାସରୁ ଟ୍ରେନିଂ ଆରମ୍ଭ କରାଯାଇଛି। କିନ୍ତୁ ହାଇଦ୍ରାବାଦ୍‌ରେ ରହୁଥିବା ଖେଳାଳିମାନେ ଏପର୍ଯ୍ୟନ୍ତ ଟ୍ରେନିଂରୁ ବଞ୍ଚିତ ହୋଇଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ତେଲଙ୍ଗାନା ସରକାର ଲକ୍‌ଡାଉନ୍ ଅବଧିକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଖେଳାଳିମାନଙ୍କ ଟ୍ରେନିଂ ଆହୁରି ବିଳମ୍ବିତ ହୋଇଛି। ସରକାର ଅନୁମତି ଦେଲେ ଆମେ ୧ ତାରିଖରୁ ହାଇଦ୍ରାବାଦ୍‌ରେ ଟ୍ରେନିଂ ଆରମ୍ଭ କରିବୁ ବୋଲି ବିଏଆଇ ସମ୍ପାଦକ ଅଜୟ ସିଙ୍ଘାଣିଆ କହିଛନ୍ତି। ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଘରୋଇ ଟୁର୍ନାମେଣ୍ଟ ଆୟୋଜନ ହେବନାହିଁ ବୋଲି ବିଏଆଇ ତରଫରୁ ସ୍ପଷ୍ଟ କରାଯାଇଛି। ସବୁରାଜ୍ୟର ସମ୍ପାଦକମାନଙ୍କ ସହ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚରେ ସିନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌କୁ ମହମାରୀ କାରଣରୁ ସ୍ଥଗିତ ରଖାଯାଇଥିଲା। ସେପ୍ଟେମ୍ବରରେ ମହାମାରୀ ନେଇ ତର୍ଜମା କରାଯିବ। ଫେବୃୟାରୀରେ ବିଏଆଇ ଏକାଧିକ ବର୍ଗର ଘରୋଇ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଘୋଷଣା କରିଥିଲା।

# ଇଭାନିସେଭିଚ୍ କୋଭିଡ୍-୧୯ ପଜିଟିଭ୍

**ଜାଗ୍ରେବ୍, ୨୬।୬ (ଏପି):** ମହାନ୍ ଟେନିସ ଖେଳାଳି ଗୋରାନ ଇଭାନିସେଭିଚ୍‌ଙ୍କର ହୋଇଥିବା କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଆସିଛି। ପୂର୍ବତନ ୱିମ୍ବେଲଡନ ଚାମ୍ପିୟନ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ନୋଭାକ୍ ଜୋକୋଭିଚ୍‌ଙ୍କ କୋଚ୍ ଅଛନ୍ତି। ନିକଟରେ ସର୍ବିଆ ଓ କ୍ରୋଏସିଆରେ ଅନୁଷ୍ଠିତ ଆଡ୍ରିଆ ଟୁର୍ ଏକ୍‌ଜିବିଶନ ସିରିଜରେ ସେ ସମ୍ପୃକ୍ତ ଥିଲେ। ଏହି ଇଭେଣ୍ଟରେ ଖେଳିବା ପରେ ଜୋକୋଭିଚ୍ ଓ ଅନ୍ୟ ୩ଜଣ ଖେଳାଳି କରୋନା ଭାଇରସ୍‌ରେ ସଂକ୍ରମିତ ହୋଇ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଗ୍ରିଗୋର ଦିମିତ୍ରିଭ, ବୋର୍ନା କୋରିକ୍ ଓ ଭିକ୍ଟର ଟ୍ରୋଇକି। ଇଭାନିସେଭିଚ୍ ୨୦୦୧ରେ ୱିମ୍ବେଲଡନ ଟାଇଟଲ ଜିତିଥିଲେ। ଗତ ୧୦ଦିନ ମଧ୍ୟରେ ତାଙ୍କର ଦୁଇ ଥର ଟେଷ୍ଟ ହୋଇଥିଲା ଏବଂ ଫଳାଫଳ ନେଗେଟିଭ୍ ଆସିଥିଲା। ବର୍ତ୍ତମାନ କିନ୍ତୁ ପଜିଟିଭ୍ ଆସିଛି। ଇଭାନିସେଭିଚ୍ କହିଛନ୍ତି ମୋ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନଦେବା ଉଚିତ୍। କ୍ରୋଏସିଆର ଏହି ପୂର୍ବତନ ଟେନିସ ଖେଳାଳି କହିଛନ୍ତି ତାଙ୍କ ନିକଟରେ ଯଦିଓ କୌଣସି ଲକ୍ଷଣ ଦେଖାଯାଉ ନାହିଁ, ସେ କିନ୍ତୁ ସେଲ୍‌ଫ ଆଇସୋଲେଶନରେ ରହିବେ।



# ପୂର୍ବତନ ବକ୍ସିଂ ଚାମ୍ପିୟନଙ୍କୁ କରୋନା

**ପାନାମା ସିଟି, ୨୬।୬ (ଏପି):** ପୂର୍ବତନ ବିଶ୍ୱ ବକ୍ସିଂ ଚାମ୍ପିୟନ ରବର୍ଟୋ ଡୁରାନ୍‌ଙ୍କ କରୋନା ଭାଇରସ୍‌ରେ ପୀଡ଼ିତ ହୋଇଛନ୍ତି। ପାନାମାର ଏହି କିମ୍ବଦନ୍ତୀ ବକ୍ସର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ତାଙ୍କ କ୍ୟାରିୟରରେ ୪ଟି ଓଜନ ଶ୍ରେଣୀରେ ବିଶ୍ୱ ଟାଇଟଲ ବିଜୟୀ ହୋଇପାରିଥିଲେ। ତାଙ୍କୁ ଏବେ ୬୯ବର୍ଷ ବୟସ। ଥଣ୍ଡା ଲକ୍ଷଣ ଦେଖା ଦେବା ପରେ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେଠାରେ ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା ଏବଂ ଫଳାଫଳ ପଜିଟିଭ ଆସିଥିଲା। ୨୦୦୧ରେ ଆର୍ଜେଣ୍ଟିନାରେ ଏକ କାର୍ ଦୁର୍ଘଟଣା ପରେ ରବର୍ଟୋଙ୍କୁ ଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖା ଦେଇଥିଲା। ସେ ବକ୍ସିଂରୁ ଅବସର ନେବାକୁ ବାଧ୍ୟ ହୋଇଥିଲେ। ରବର୍ଟୋ 'ହ୍ୟାଣ୍ଡ୍ସ ଅଫ୍ ଷ୍ଟୋନ୍' ନାମରେ ପରିଚିତ ଥିଲେ। ତାଙ୍କର ବକ୍ସିଂ କ୍ୟାରିୟର ୧୯୬୮ରୁ ୨୦୦୧ ପର୍ଯ୍ୟନ୍ତ ଥିଲା। ୪ଟି ଚାମ୍ପିୟନଶିପ୍ ବେଲ୍ଟ ହାସଲ କରିବା ପରେ ସେ ପାନାମା ଓ ଲାଟିନ ଆମେରିକାର ସ୍ପୋର୍ଟ୍ସ ଆଇକନ ପାଲଟିଯାଇଥିଲେ। ୧୯୮୦ରେ ମଣ୍ଟ୍ରିଲଠାରେ ଆମେରିକାନ ବକ୍ସିଂ ଆଇଡଲ ସୁଗାର ରେ ଲିଓନାର୍ଡଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ପାଇଁ ସେ ସ୍ମରଣୀୟ ହୋଇ ରହିବେ।




# ଏଟିକେ-ମୋହନ ବାଗାନ ସହ କ୍ରିଷ୍ଣାଙ୍କ ଚୁକ୍ତି ମିଆଦ ବୃଦ୍ଧି

**ନୂଆଦିଲ୍ଲୀ,୨୬।୬ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦଳ ଏଟିକେ ସହ ଫିଜିର ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ତାଙ୍କର ଚୁକ୍ତି ଆଉ ଏକ ବର୍ଷ ବୃଦ୍ଧି କରିଛନ୍ତି। ଫଳରେ ସେ ଆସନ୍ତାବର୍ଷ ପର୍ଯ୍ୟନ୍ତ ଏଟିକେ ତରଫରୁ ପ୍ରତିନିଧିତ୍ୱ କରିବେ। ଆଇ- ଲିଗ୍ ଚାମ୍ପିୟନ ମୋହନ ବାଗାନ ଓ ଆଇଏସ୍ଏଲ୍ ଚାମ୍ପିୟନ ଏଟିକେ ବିଲୟ ହୋଇଛି। ଫଳରେ ଏଟିକେ ଏଥର ଏଟିକେ-ମୋହନ ବାଗାନ ହିସାବରେ ଆଗାମୀ ସେସନ ଖେଳିବ।

୨୦୧୯-୨୦ ସେସନ୍‌ରେ ୩୨ବର୍ଷୀୟ କ୍ରିଷ୍ଣା ଜବରଦସ୍ତ ଫର୍ମରେ ଥିଲେ। ସେ ୧୫ଟି ଗୋଲ ସ୍କୋର କରିଥିବା ବେଳେ ୬ଟି ଆସିଷ୍ଟ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଏଟିକେ ତୃତୀୟ ଟାଇଟଲ ହାସଲ କରିଥିଲା। ଏଟିକେ ସହ ଚୁକ୍ତି ବୃଦ୍ଧି କରି ବେଶ୍ ଆନନ୍ଦିତ ଓ ଏହି ଚାମ୍ପିୟନ ଦଳ ସହ ଆଗକୁ ଜଡିତ ରହିବାକୁ ଚାହେଁ ବୋଲି କ୍ରିଷ୍ଣା କହିଛନ୍ତି। ମୋହନ ବାଗାନ ସହ ଏଟିକେର ବିଲୟ ହେବା ଏକ ନିର୍ଣ୍ଣାୟକ ପଦକ୍ଷେପ ଓ ନୂଆ ଦଳ ତରଫରୁ ଖେଳିବା ପାଇଁ ବେଶ୍ ଉତ୍ସାହିତ ରହିଛି। ଭାରତ ଯାଇ କୋଚ୍ ଆଣ୍ଟୋନିଓ ହାବାସଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ଆରମ୍ଭ କରିବାକୁ ବ୍ୟଗ୍ର ଅଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଫିଜି ପାଇଁ କ୍ରିଷ୍ଣା ୪୦ଟି ମ୍ୟାଚ୍ ଖେଳିଛନ୍ତି। ୨୦୦୭ରେ ସେ ପଦାର୍ପଣ କରିଥିଲେ। ଗତ ସଂସ୍କରଣରେ ଲିଗ୍ ପର୍ଯ୍ୟାୟରେ ୩୩ ଗୋଲ ସ୍କୋର କରି ଏଟିକେ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେବେ ଫାଇନାଲରେ ଚେନ୍ନାଇନ୍ ଏଫ୍‌ସିକୁ ୩-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏଏଫ୍‌ସି କପ୍‌ରେ କ୍ରିଷ୍ଣା ଏଟିକେ-ମୋହନ ବାଗାନ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ସେକେଣ୍ଡ ଟାୟର କଣ୍ଟିନେଣ୍ଟାଲ କ୍ଲବ୍ ପ୍ରତିଯୋଗିତାରେ ଏଟିକେ-ମୋହନବାଗାନ ସିଧାସଳଖ ଗ୍ରୁପ୍ ପର୍ଯ୍ୟାୟରେ ସ୍ଥାନିତ ହୋଇଛନ୍ତି।



# ଦିନିକିଆରେ ସୁପର ଓଭରର ଆବଶ୍ୟକତା ନାହିଁ

**ନୂଆଦିଲ୍ଲୀ,୨୬।୬(ପି.ଟି.)**

ଦିନିକିଆ ଫର୍ମାଟ୍‌ରେ ସୁପର ଓଭରର ଆବଶ୍ୟକତା ନାହିଁ ବୋଲି ନ୍ୟୁଜିଲାଣ୍ଡ ସିନିୟର ବ୍ୟାଟ୍ସମ୍ୟାନ ରସ୍ ଟେଲର କହିଛନ୍ତି। ଯଦି ମ୍ୟାଚ୍ ଟାଇ ହୁଏ ତା'ହେଲେ ଦୁଇ ଫାଇନାଲିଷ୍ଟଙ୍କୁ ଯୁଗ୍ମ ବିଜେତା ଘୋଷିତ ଉଚିତ ବୋଲି ସେ ମତ ଦେଇଛନ୍ତି। ଇଂଲଣ୍ଡରେ ଅନୁଷ୍ଠିତ ୨୦୧୯ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍ ଟାଇ ରହିବା ପରେ ସୁପର ଓଭରର ସହାୟତା ନିଆଯାଇଥିଲା। ତେବେ ସୁପର ଓଭର ଟାଇ ରହିବା ପରେ ବାଉଣ୍ଡରି ସଂଖ୍ୟାକୁ ଦୃଷ୍ଟିରେ ରଖି ଇଂଲଣ୍ଡ ଚାମ୍ପିୟନ ଘୋଷିତ ହୋଇଥିଲା। ଯଦି ଦୁଇଦଳକୁ ଚାମ୍ପିୟନ ଘୋଷିତ କରାଯାଇଥାନ୍ତା ତା'ହେଲେ ଭଲ ହୋଇଥାନ୍ତା ବୋଲି ଟେଲର କହିଛନ୍ତି।

ବିଶ୍ୱକପ୍‌ରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରିବା ପରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଭିନ୍ନ ମହଲରୁ କଡ଼ା ସମାଲୋଚନାର ଶିକାର ହୋଇଥିଲା। ଫଳରେ ଆଇସିସି ସୁପର ଓଭର ନିୟମରେ ପରିବର୍ତ୍ତନ ଆଣିଥିଲା। ନୂଆ ନିୟମ ଅନୁସାରେ ମ୍ୟାଚ୍ ଟାଇ ହେଲେ ବିଜେତା ନିରୂପଣ ନ ହେବା ପର୍ଯ୍ୟନ୍ତ ସୁଭର ଓଭର ବାରମ୍ବାର ଖେଳାଯିବ ଓ ଏ ନେଇ ଆଇସିସି ନିୟମରେ ସଂଶୋଧନ କରିଛି। ତେବେ ଦୁଇ ଦଳ ଯଦି ଟ୍ରଫି ଭାଗ କରିବେ ତାହାର ପ୍ରାସଙ୍ଗିଗତା ଅଧିକ ବୋଲି ଟେଲର କହିଛନ୍ତି। ଦିନିକିଆ ୫୦ ଓଭର ବିଶିଷ୍ଟ ଖେଳ ହୋଇଥିବାରୁ ମ୍ୟାଚ୍ ଟାଇ ହେବା ମଧ୍ୟ ଗୋଟିଏ ଭଲ ପରିଣାମ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ସୁପର ଓଭରରେ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୮ଟି ସୁପର ଓଭର ଖେଳି ନ୍ୟୁଜିଲାଣ୍ଡ ୭ଟିରେ ପରାଜୟ ବରଣ କରିଛି।


ରସ୍ ଟେଲର












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ